# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨/୨୦୧୮ (୨୦ ପୃଷ୍ଠା) Bhubaneswar, Tuesday, October 2 / 2018 ★★★★

୪୪ଶ ଭାଗ ୩୦୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




**ସଂକ୍ଷେପରେ**

## ବଡ଼ହାଟରେ ବଚସାରୁ ଉତ୍ତେଜନା

**କେନ୍ଦ୍ରାପଡା ଅଫିସ, ୧।୧୦:** ଟାଉନ ଥାନା ଅଧୀନ ସହରର ବଡହାଟଠାରେ ଏକ ବାଇକ୍ ରଖିବାକୁ କେନ୍ଦ୍ର କରି ସୋମାବର ଦୁଇ ବ୍ୟବସାୟୀଙ୍କ ମଧରେ ବଚସା ହୋଇଥିଲା। ପରେ ଏ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବାରୁ ଜିଲା ପୋଲିସର ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ପରିସ୍ଥିତି ଏବେ ଆୟତ୍ତାଧୀନ ଥିବା ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା ସୂଚନା ଦେଇଛନ୍ତି। ପୂର୍ବାହ୍ନରେ ଜନୈକ ଗରାଖ ଗୋଟିଏ ଦୋକାନ ସମ୍ମୁଖରେ ବାଇକ ରଖି ପାଖ ଦୋକାନରୁ ସାମଗ୍ରୀ କିଣିବା ପାଇଁ ଯାଇଥିଲେ। ଏହାକୁ ନେଇ ବାଇକ ରହିଥିବା ସମ୍ମୁଖ ଦୋକାନୀ ବାଇକ ହଟାଇବାକୁ ଚେଷ୍ଟା କରିବାରୁ ଉଭୟ ଦୋକାନୀଙ୍କ ମଧରେ ବଚସା ଆରମ୍ଭ ହୋଇଥିଲା। ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତି ଆୟତ୍ତାଧୀନ କରିଥିଲା। ତେବେ ଆସନ୍ତା ମଙ୍ଗଳବାର ଉଭୟ ପକ୍ଷଙ୍କ ମଧରେ ଆପୋଷ ବୁଝାମଣା କରାଯିବ ବୋଲି ଏସଡିପିଓ ପଣ୍ଡା ସୂଚନା ଦେଇଛନ୍ତି।

## ପୂର୍ବ ଶତ୍ରୁତାରୁ ବୃଦ୍ଧଙ୍କୁ ହତ୍ୟା

**କେନ୍ଦ୍ରାପଡ଼ା ଅଫିସ, ୧।୧୦:** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସଦର ଥାନା ଅଧୀନ କଂସାର ଗ୍ରାମର ପୀତାମ୍ବର ସେଠୀ (୬୭)ଙ୍କୁ ସାମବାର ହତ୍ୟା କରାଯାଇଛି। ପୀତାମ୍ବରଙ୍କ ପୁଅ ସୁଧାଂଶୁ ଏ ନେଇ ସନ୍ଧ୍ୟାରେ ଥାନାରେ ଅଭିଯୋଗ ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଇଲେକ୍ଟ୍ରିକ ଲାଇନକୁ କେନ୍ଦ୍ର କରି ପୀତାମ୍ବରଙ୍କ ସହିତ ପଡ଼ୋଶୀ ୨ପୁଅ ଓ ତାଙ୍କ ମା'ଙ୍କ ସହିତ ସୋମବାର ଅପରାହ୍ନରେ ସାମାନ୍ୟ ବଚସା ହୋଇଥିଲା। ପରେ ଏହି ୩ ଜଣ ମାଡ଼ ମାରିବା ସହିତ ନିକଟରେ ଥିବା ଗ୍ରାମର ଏକ ପୋଖରୀରେ ପୀତାମ୍ବରଙ୍କୁ ବୁଡାଇ ମାରି ଦେଇଥିଲେ। ଥାନା ଅଧିକାରୀ କାବୁଲି ବାରିକ କହିଛନ୍ତି ଯେ, ଏବେ ଅଭିଯୋଗ ପତ୍ର ମିଳିଛି। ଶବ ଜବତ ହେବା ସହ ପ୍ରାଥମିକ ଅନୁସନ୍ଧାନ ଆରମ୍ଭ ହୋଇଛି।

# ଚାଷୀଙ୍କ ହକ୍ ପାଇଁ ଲଢ଼େଇ ଜାରି ରଖିବ କଂଗ୍ରେସ

**ରାଜନଗର, ୧।୧୦(ଡି.ଏନ୍.ଏ.)**

ରାଜନଗର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସୋମବାର ଏକ ଚାଷୀ ସମାବେଶ ରାଜନଗର ତହସିଲ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚାଷୀମାନଙ୍କୁ ପ୍ରଧାନମନ୍ତ୍ରୀ ଫସଲବୀମା ପ୍ରଦାନରେ ପାତରଅନ୍ତର, କୃଷିଋଣ ଛାଡ, ଘରଭଙ୍ଗା ସାହାଯ୍ୟ ପ୍ରଦାନ, କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ଯୋଗାଣ ଆଦି ଦାବି ନେଇ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇଛି। ସମାବେଶରେ ବହୁ ଚାଷୀ ସାମିଲ ହୋଇଥିଲେ। ପ୍ରଶାସନର ସ୍ଥାଣୁତା, ସରକାରୀ ସହାୟତା କ୍ଷେତ୍ରରେ ପାତରଅନ୍ତର ନୀତିକୁ ବରଦାସ୍ତ କରାଯିବାହିଁ ବୋଲି ବ୍ଲକ କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ସମାବେଶରେ ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ଯୋଗଦେଇ ସରକାର ଓ ସ୍ଥାନୀୟ ପ୍ରଶାସନ ଉପରେ ଗର୍ଜିଛନ୍ତି। ଗତମାସରେ ଲଗାଣ ବର୍ଷାରେ ରାଜନଗର ବ୍ଲକରେ ବହୁ ଘର ଭାଙ୍ଗିବା ସହ ଫସଲ କ୍ଷୟକ୍ଷତି ହୋଇଛି। ମାତ୍ର ବିପନ୍ନ ଲୋକଙ୍କୁ ପଲିଥିନ ଦିଆଯାଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଚାଷୀଙ୍କ ହକ୍ ପାଇଁ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ମହାନ୍ତି କହିଛନ୍ତି। ଏହି ଅବସରରେ ରାଜନଗର ବ୍ଲକ କଂଗ୍ରେସ କାର୍ଯ୍ୟାଳୟରୁ ଚାଷୀମାନେ ଶୋଭାଯାତ୍ରାରେ ବାହାରି ରାଜନଗର ବଜାର ପରିକ୍ରମା କରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ରାଜନଗର ପଞ୍ଚାୟତ ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସମାବେଶରେ ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ଜିଲା କଂଗ୍ରେସ ସଭାପତି ଚିନ୍ମୟ ପ୍ରସାଦ ବେଉରା, ବରିଷ୍ଠ କଂଗ୍ରେସ ନେତା ଅରୁଣ କୁମାର ରାଉତ, ସନ୍ତୋଷ କୁମାର ମହାନ୍ତି, ରଞ୍ଜନ କୁମାର ମହାନ୍ତି ଓ କାହ୍ନୁ ଚରଣ ପରିଡା ପ୍ରମୁଖ ସାମିଲ ହୋଇଥିଲେ।


ଚାଷୀ ସମାବେଶରେ ଯୋଗଦେଇଥିବା କଂଗ୍ରେସ କର୍ମୀ।

■ ପଲିଟେକ୍‌ନିକ୍ କଲେଜ ପରିସରରୁ ବେଆଇନ ଗଛ କଟା ମାମଲା

# ଜିଲାପାଳଙ୍କୁ ଭେଟିଲେ ସ୍ଥାନୀୟ ବାସିନ୍ଦା

**ଡେରାବିଶ,୧।୧୦ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଛତାସ୍ଥିତ କେନ୍ଦ୍ରାପଡ଼ା ପଲିଟେକ୍‌ନିକ କଲେଜ ପରିସରରୁ ୩ ମୂଲ୍ୟବାନ ଗଛ କଟାଯିବା ନେଇ କେତେଜଣ ବୁଦ୍ଧିଜୀବୀ ତହସିଲଦାର ଓ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ ପାଇଁ ସୋମବାର ଚାଟରାଚକଡ଼ାର ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ସ୍ଥାନୀୟ କେତେଜଣ ଅଧିବାସୀ ସୋମବାର ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ଏହି ଘଟଣାର ତଦନ୍ତ ପାଇଁ ଜିଲାପାଳ ଦାଶରଥି ଶତପଥୀ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କୁ ଭେଟିଥିବା ପ୍ରତିନିଧି ଦଳରେ ପୂର୍ବତନ ସମିତିସଭ୍ୟ ଯଶୋବନ୍ତ ପ୍ରଧାନ, ଚାଟରାଚକଡ଼ା ପଞ୍ଚାୟତ ବିଜେଡି ସଭାପତି ଶରତ ମଲ୍ଲିକ, ସମ୍ପାଦକ ସୁଶାନ୍ତ ମିଶ୍ର ଓ ଲକ୍ଷ୍ମୀକାନ୍ତ ମହାନ୍ତି ପ୍ରମୁଖ ସାମିଲ ଥିଲେ। ସୂଚନା ଅନୁଯାୟୀ, କଲେଜ ପରିସରରେ ଥିବା ବର, ଚାଖୁଣ୍ଡା ଓ ଲିମ୍ବ ତିନୋଟି ଗଛକୁ କଲେଜ କର୍ତ୍ତୃପକ୍ଷ କାଟି ଦେଇଥିଲେ। ଖବରପାଇ ତହସିଲଦାର କାହ୍ନୁଚରଣ ଲେଙ୍କା କଟାଯାଇଥିବା ଗଛ ଜବତ କରିଥିଲେ। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷା ତନୁଜା ଦାସଙ୍କ ପ୍ରତିକ୍ରିୟା ଜାଣିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବପର ହୋଇପାରି ନଥିଲା।

## ସାପ କାମୁଡ଼ାରେ ମହିଳା ମୃତ

**ମାର୍ଶାଘାଇ, ୧।୧୦ (ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ ରବିବାର ବିଳମ୍ବିତ ରାତିରେ ସାପ କାମୁଡ଼ାରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଉତ୍ସବ ରାଉତଙ୍କ ସ୍ତ୍ରୀ ସୁକାନ୍ତୀ(୩୬)। ରବିବାର ରାତିରେ ସୁକାନ୍ତୀଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କଟକ ନେବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଛି।

## କଂଗ୍ରେସ କର୍ମୀଙ୍କ ତହସିଲ କାର୍ଯ୍ୟାଳୟ ଘେରାଉ

**ରାଜକନିକା,୧।୧୦(ଡି.ଏନ୍.ଏ.)**

ରାଜକନିକା ବ୍ଲକ କଂଗ୍ରେସ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଏହି ଅବସରରେ ୧୧ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କନିକା ତହସିଲଦାର ଶୁକଦେବ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ବାବୁରାମ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ମେଳଣ ପଡିଆରୁ ଏକ ବାଇକ୍ ରାଲି ବାହାରି ଚନ୍ଦନ ପୋଖରୀଛକ, ଷ୍ଟ୍ରକଚର ଛକ, କଣ୍ଟାପଡା, ସେବାସାହି, ଥାନାଛକ ଓ ଅଶୋକବଜାର ଦେଇ ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଘେରାଉରେ ଆଳି ବିଧାୟକ ଦେବେନ୍ଦ୍ର ନାଥ ଶର୍ମା, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଦାସ, ବିଦ୍ୟାଧର ବରଜ, ଅଜୟ ଦାସ, ମଙ୍ଗୁଳି ଚରଣ ବେହେରା, ବିକ୍ରମ ଦାସ, ସୁବାସ ଚନ୍ଦ୍ର ପରିଡା ଓ କୈଳାସ ତରାଇ ପ୍ରମୁଖ ଯୋଗଦେଇଥିଲେ।

# ଭିତରକନିକାରୁ ବୋଟ ଜବତ, ୮ ମତ୍ସ୍ୟଜୀବୀ ଗିରଫ


ବନବିଭାଗ କର୍ମଚାରୀଙ୍କ ସହ ଗିରଫ ମତ୍ସ୍ୟଜୀବୀ ।

**ରାଜନଗର, ୧।୧୦(ଡି.ଏନ୍.ଏ.)**

ରାଜନଗର ବ୍ଲକ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ପାଟଶାଳା ନଦୀରୁ ବେଆଇନ ଭାବେ ମାଛ ମାରୁଥିବା ବେଳେ ସୋମବାର ୮ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ୧୯୭୨ ବନ୍ୟପ୍ରାଣୀ ଆଇନ ଅନୁଯାୟୀ ମାମଲା (ନଂ-୧୬୫/୧୮) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ଗୋଟିଏ ବୋଟ ଜବତ କରାଯାଇଛି। ରାଜନଗର ବନବିଭାଗ ପାଟ୍ରୋଲିଂ ଟିମ ପକ୍ଷରୁ ଏହି ଚଢ଼ାଉ କରାଯାଇଛି। ଅଭିଯୁକ୍ତମାନେ ହେଲେ ଶମ୍ଭୁ ପ୍ରଧାନ, ଗଣେଶ ପ୍ରଧାନ, ବନମାଳୀ ଦଳାଇ, ପ୍ରହ୍ଲାଦ ପାତ୍ର, ଅଜୟ ପାତ୍ର, ବାପି ପ୍ରଧାନ, ନକୁଳ ମଲ୍ଲିକ ଓ ଗୁରୁପଦ ଜେନା। ଚଢ଼ାଉବେଳେ ପାଟ୍ରୋଲିଂ ଟିମ୍ ପକ୍ଷରୁ ଗୁପ୍ତି ଫରେଷ୍ଟର ପ୍ରଦୀପ କୁମାର ସ୍ୱାଇଁ, ପ୍ରଫୁଲ୍ଲ ମାଝି ଓ ଫରେଷ୍ଟଗାର୍ଡ ଅଭିରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## କାକଟ-ଏନ୍ଏଚ୍ ରାସ୍ତା କଂକ୍ରିଟ ପାଇଁ ଦାବି

**କେନ୍ଦ୍ରାପଡା ଅଫିସ, ୧।୧୦**

ସହରର କାକଟସ୍ଥ ମୀରପାଟଣାଠାରୁ ୫ ନଂ. (କ) ଜାତୀୟ ରାଜପଥର ଶ୍ୟାମସୁନ୍ଦରପୁର ଗଡ଼ା ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଦାବି ହୋଇଛି। ପୂର୍ବତନ ପୌରାଧକ୍ଷ ଧୀରେନ କୁମାର ସାହୁଙ୍କ ନେତୃତ୍ୱରେ ଏ ନେଇ ଜିଲାପାଳଙ୍କୁ ଶନିବାର ଏକ ଦାବିପତ୍ର ପ୍ରଦାନ କରାଯିବା ସହିତ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ ଏହାର ନକଲ ଦିଆଯାଇଛି। ଏ ସମ୍ପର୍କରେ ସାହୁ ସୂଚନା ଦେଇଛନ୍ତି ଯେ, ପୌରାଞ୍ଚଳର ମୀରପାଟଣାଠାରୁ ଏନଏଚ ପାର୍ଶ୍ୱକୁ ଥିବା ରାସ୍ତାର ନବୀକରଣ ହେଉଛି। ତେବେ ଅଳ୍ପ କେତେ ମିଟର କଂକ୍ରିଟ ରାସ୍ତା ନିର୍ମାଣ ପରେ ଅବଶିଷ୍ଟ ପିଚୁ ରାସ୍ତା କରିବା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଯୋଜନା ରହିଛି। ତେବେ ବର୍ଷାଦିନେ ଏହି ରାସ୍ତା ଦେଇ ସହରର ଉଦ୍‌ବୃତ୍ତ ଜଳ ନିଷ୍କାସିତ ହେଉଥିବାରୁ ପିଚୁରାସ୍ତାର ସ୍ଥାୟିତ୍ୱ ରହିବ ନାହିଁ। କଂକ୍ରିଟ ରାସ୍ତା ସହିତ ଜଳ ନିଷ୍କାସନ ପାଇଁ ସାଇଫନ ବ୍ୟବସ୍ଥା କରିବାକୁ ଏଥିରେ ଦାବି କରାଯାଇଥିବା ସେ ସୂଚନା ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସ୍ଥାନୀୟ ଅଞ୍ଚଳର ପ୍ରଦୀପ କୁମାର ଦାସ, ବନମାଳି ସାହୁ, ଗୌରାଙ୍ଗ ମହାରଣା, ପ୍ରଶାନ୍ତ ଦାସ ପ୍ରମୁଖ ସାମିଲ ହୋଇଥିଲେ।



DSPL-181

Skilled in ODISHA

India skills

ODISHA SKILL DEVELOPMENT AUTHORITY



# ଅଜେୟ ହେବ ଦକ୍ଷ ଓଡ଼ିଆ ଓଡ଼ିଶାର ହେବ ଜୟ ।

ୱାର୍ଲ୍ଡ ସ୍କିଲ୍ କମ୍ପିଟିସନ୍ ହେଲା ଦକ୍ଷତା ଏବଂ କୌଶଳ ବିକାଶ ଦୁନିଆର ଅଲିମ୍ପିକ । 2019 ରେ ରୁଷିଆରେ ଅନୁଷ୍ଠିତ ହେବ ଏହି ପ୍ରତିଯୋଗିତା, ଯେଉଁଥିରେ ଭାଗନେବା ପାଇଁ ବଛାହେବେ ଭାରତର ଶ୍ରେଷ୍ଠ କୁଶଳୀ । ଆସନ୍ତା ଅକ୍ଟୋବର 3 ରୁ 5 ମଧ୍ୟରେ ଦିଲ୍ଲୀରେ ହେବ ସର୍ବ–ଭାରତୀୟ ସ୍ତରରେ ଚୟନ । ଏଥିଲାଗି ଓଡ଼ିଶାର 33 ଜଣିଆ ସ୍କ୍ୱାଡ ଯାଉଛି ଦିଲ୍ଲୀ । ହାତରେ ଅସୀମ ଦକ୍ଷତା, ମନରେ ଗୋଟିଏ ଲକ୍ଷ୍ୟ। **ମିସନ୍: 123** - ଭାରତ ପାଇଁ ଓଡ଼ିଶା ଆଣିବ ଗୋଟିଏ ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ତିନୋଟି କାଂସ୍ୟ ପଦକ ।

## ଆସନ୍ତୁ ଶୁଭ ମନାସିବା, ଉତ୍ସାହିତ କରିବା ଟିମ୍ ଓଡ଼ିଶାକୁ ।



43005/13/0002/1819

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................


ଆୟୁଶ
ପରିବାରବର୍ଗ


ଆଶୁତୋଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା


(ସୋମ)

**ଅଙ୍କିତ ଗୋଛାୟତ**

ଆଜି ତୁମର ପବିତ୍ର ଜନ୍ମଦିବସରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କର ପାଖରେ ଏତିକି ପ୍ରାର୍ଥନା, ସେ ତୁମର ଚଲାପଥକୁ କୁସୁମିତ କରନ୍ତୁ ତଥା ତୁମକୁ ଦୀର୍ଘାୟୁ, ସୁସ୍ଥ ଓ ଯଶସ୍ୱୀ କରନ୍ତୁ। **ଶୁଭେଚ୍ଛା ସହ: ଜେଜେମା, ଅଜା, ଆଈ, ମାମୁ, ମାଇଁ, ବଡବାପା, ବଡବୋଉ, ପିଇସା, ପିଇସୀ, ବାବା, ମାମା, ଭାଇ ଓ ଭଉଣୀ।** ଧ-୮୬୭୪

# classified



## SALE

Lingaraj Stationରୁ 5km. ଦୂରତାରେ right side gharabari plot ମିଳୁଛି। 9090963952. D-64320

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

Core house completed 2BHK/ 3BHK flat at Kalinga Vihar, Bhubaneswar. Price: 37/ 47 lakh onwards. Contact: 7381087905. D-64182

Mornigsun Residency simplex near Hanspal-28,00,000/- (Handover within 1months) 8908015464, 9853347909. D-64331

**Homestead land for sale at Baripada plot near Brahma Mandir genuine buyer. No broker. 8249309299, 9437086837.** D-64601

3 storied building having 3BHK 1400 sqft. in each floor, floorwise sale and registration facility near Bigbazaar, Patia. 7894139010. D-8634

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 900 ମିଟର 1200କୁ 1,60,000/- ପ୍ରତାପ ନଗରୀ, ଧାକୁଲେଇପିଠ NH-5ରୁ ଅଳ୍ପ ଦୂରତାରେ 1200କୁ 2,10,000/- outrightରେ plot ମିଳୁଅଛି। 9938177361, 9776934361. D-64323

One duplex plots sale near Patrapada and farm house land near CISF Munduli Cuttack. 9583651717, 9438567803. D-8677

4355 sqft. (66X66) ଘରବାଡି ପ୍ଲଟ୍ immediate sale. At-Padmabati Vihar near Damana Chhaka. 9937645829. D-8676

1500 sqft. gharabari residential yellow zone plot at Patia, Bhubaneswar Rs. 36,75,000/-. Contact: 7504392698. D-64191

Book a 3BHK duplex house Jagamara, Bhubaneswar having land area 1260 sqft. and 1900 construction area price 77 lakh Bank finance available. 9078151122.D-64192

**1500 sqft. gharabari boundary plot at Chakeisiani, Bhubaneswar. 9124232466. 9437460564.** D-64171

Gharabari individual plots 2000X2 at Jharpada, 1750X2 at Pahal, 2300 at Satya Vihar ready for immediate construction with Bank loan facility details. 7008304833. (ଲକ୍ଷ୍ମୀଧର) D-8681

Ready to Move 3BHK, 2BHK flat BJB Nagar/ GGP Canal road, Bhubaneswar. 9437018423. D-64606

କେଶୁରା Puri bypass road NHକୁ ଲାଗି ବରଗଡ଼ ମୌଜାର ୨ଗୁଣ୍ଠ ୪ ଡିସିମିଲି plot ପଟା ଥାଇ ବିକ୍ରିହେବ। 8018496964.D-64607



Ground floor 2 bedroom, 2 toilet, kitchen, dining, drawing, puja in sweet complex Ganga Nagar, BBSR. Contact: 9438629114. D-50203

3BR house, dining, drawing Jagannath Ashram, Tankapani road, Bhubaneswar. 9777662687. D-63917



Fully refreshed/ relaxed body massage by expert therapist, Shastrinagar. 7377984773. D-64190

Rejuvenate and Ayurvedic full body massage by smart therapist. 9114402304. D-64188

Pamper yourself this Mansoon professional massage. Contact Purple Orchid. 9776598888.D-64189

Physiotherapy and herbal massage by trained ladies/ gents therapist. 7008773793. D-65009

Saishree ayurvedic full body massage ladies & gents. Contact: 7438896074. D-64602

Ayurvedic full body massage ladies / gents smart expert therapist. 9114697517. D-64603

Newly open herbal full body massage with refreshment well trained therapist. 7381239385.D-64604

New open herbal full body massage ladies/ gents. Contact: 8117033493.D-64605

All type of massage and good therapy full body massage Sai herbal spa. 7609005923. D-64205

Opening newly ayurvedic full body massage ladies, gents. 7438851534, 7609923705. D-38535

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ୧୧ତମ ଜନ୍ମଦିନ ଶୁଭେଚ୍ଛା


(ବୁବୁଲୁ)

**ଶୃତିଶ୍ରୀ ସିହ୍ନା**
ପୋଡାପଡା, ବୌଦ୍ଧ

ତୁମର ୧୧ତମ ଜନ୍ମବାର୍ଷିକ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀଗୋପୀନାଥ ଓ ଶ୍ରୀରାଧା ରାଣୀଙ୍କ ନିକଟରେ ତୋର ଶୁଭ ମନାସୀ, ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ। ଶୁଭେଚ୍ଛା ସହ: ଅଜା, ଆଈ, ବାପା, ମା, ଗୁଗୁଲୁ, ତୁତୁଲୁ (ଭଉଣୀ) ପରିବାର ଓ ସାଙ୍ଗସାଥୀ। ଧ-୩୪୮୭

### ତୃତୀୟ ଜନ୍ମବାର୍ଷିକ ଶୁଭେଚ୍ଛା


(ଆୟୁଷ)

**ଓମ୍ ବିଘ୍ନେଶ ଆର୍ଯ୍ୟନ**
ଡେଶୁଅଁ, ନିମାପଡା, ପୁରୀ

ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରିବା ସହ ନୀରୋଗ ଓ ଦୀର୍ଘାୟୁ କରନ୍ତୁ। **ଶୁଭେଚ୍ଛା ସହ: ବାବା-ଅନ୍ତର୍ଯ୍ୟାମୀ, ମାମା-ରଶ୍ମିତା, ମାଆ, ଅଜା, ଆଈ, ମାମୁ, ବଡବାବା, ବଡମାମା, ଭାଇ, ବନ୍ଧୁ ଓ ପରିବାରବର୍ଗ।** ଧ-୮୫୪୦

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା


(ଶ୍ରେୟା)

**ଅଶିଂକା**

ପ୍ରଥମ ଜନ୍ମବାର୍ଷିକୀରେ ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଚଲାପଥ କୁସୁମିତ କରନ୍ତୁ ଏବଂ ତୁମକୁ ନୀରୋଗ ଓ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ଜେଜେବାପାମାନେ, ଜେଜେମାମାନେ, ଅଜା, ଆଈ, ପାପା, ମାମା, କାକାମାନେ, ମାମୁଁ, ବନ୍ଧୁ ଓ ପରିବାରବର୍ଗ। ଧ-୬୪୬୦୭

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା


(ଶ୍ରିୟା)

**ଅନ୍ୱିକା**

ପ୍ରଥମ ଜନ୍ମବାର୍ଷିକୀରେ ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଚଲାପଥ କୁସୁମିତ କରନ୍ତୁ ଏବଂ ତୁମକୁ ନୀରୋଗ ଓ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ଜେଜେବାପାମାନେ, ଜେଜେମାମାନେ, ଅଜା, ଆଈ, ପାପା, ମାମା, କାକାମାନେ, ମାମୁଁ, ବନ୍ଧୁ ଓ ପରିବାରବର୍ଗ। ଧ-୬୪୬୦୮

### ୧୮ତମ ଜନ୍ମଦିନ ଶୁଭେଚ୍ଛା


(Sony)

**Arpita Priyadarsini**
ଗଡଇଟାପୋଖରୀ, ନିମାପଡା, ପୁରୀ

ଅଠରତମ ଜନ୍ମବାର୍ଷିକ ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ। ତୋର ବାବା, ମାମା, ମାଉସୀ, ମଉସା, ରୋନି, ବବୁଲୁ, ଚିକୁନୁ ଓ ପରିବାରବର୍ଗ। ଧ-୮୬୬୯

### Happy Birthday


**Raja**

Wish you a many many happy returns of the day. May God bless you with health, wealth and prosperity in your life.
**Best Wishes from: Rajiv**
D-8686

## ମନେ ପଡ଼ନ୍ତି

### ନବମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଇଂ ଚିତ୍ତରଞ୍ଜନ ମହାଖୁଡ (ଗୁନା)**
ମ୍ୟୁନିସିପାଲିଟି ରୋଡ, ଢେଙ୍କାନାଳ
ଆବିର୍ଭାବ: ୩୦।୦୬।୧୯୮୨
ତିରୋଧାନ: ୧୨।୦୯।୨୦୦୯
ତୋର ପବିତ୍ର ଅମରାତ୍ମାର ସଦ୍‌ଗତି ନିମିତ୍ତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୬୨୦୪୩

### ଷଷ୍ଠ ଶ୍ରାଦ୍ଧବାର୍ଷିକୀ

ତା.୦୨.୦୯.୨୦୧୮



**ସମରେନ୍ଦ୍ର କୁମାର ଦାସ**
**ଆବିର୍ଭାବ: ତା. ୩.୧୨.୧୯୬୧**
**ତିରୋଧାନ : ତା.୮.୧୦.୨୦୧୨**
**ଆପଣଙ୍କ ଆଦର୍ଶ, ସ୍ୱାଭିମାନ, ତ୍ୟାଗ, ସ୍ନେହ, କର୍ତ୍ତବ୍ୟନିଷ୍ଠା ଓ ଉତ୍ସର୍ଗୀକୃତ ଜୀବନ ଆମ୍ଭମାନଙ୍କୁ ଦିଗ୍‌ଦର୍ଶନ ଦେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।**
**ଶୋକସନ୍ତପ୍ତ-**
ପତ୍ନୀ-ସ୍ନେହଲତା, ଝିଅ-ପୂଜା, ଭାଇ-ଭଉଣୀ, ଭାଇ- ଭାଉଜ, ଭାଇବୋହୂ, ଶାଳୀ, ଶଳା-ଶଳାଭାଉଜ, ଶଶୁ, ଦେଢ଼ଶାଶୁ, ପୁତୁରା, ଝିଆରୀ, ଭଉଣୀ- ଭିଣୋଇ, ଭଣଜା, ଭାଣିଜୀ। ଧ-୬୫୦୧୦

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ ଜୟନ୍ତ କୁମାର ପାଣିଗ୍ରାହୀ**
ଲାଞ୍ଜିପଲ୍ଲି, ମ୍ୟୁନିସିପାଲିଟି କଲୋନୀ, ରାମନଗର, ବ୍ରହ୍ମପୁର-୮
ଆବିର୍ଭାବ: ୦୯।୧୨।୧୯୫୭
ତିରୋଧାନ: ୨୧।୦୯।୨୦୧୮
ଆପଣଙ୍କର ଅନାବିଳ ସ୍ନେହ, ପରୋପକାରିତା, ସମସ୍ତଙ୍କ ଖୁସିରେ ସାମିଲ ହେବା ଗୁଣ, ସମସ୍ତଙ୍କୁ ସାହାଯ୍ୟ କରିବା ଗୁଣ ଆମର ସବୁଦିନ ମନେ ରହିବ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା। ଆପଣଙ୍କ ସ୍ତ୍ରୀ-ସୁନନ୍ଦା, ପୁତ୍ର-ବିଶ୍ୱଜିତ ଓ ଅଭିଷେକ, ଭ୍ରାତା-କେଶବ, ରବୀନ୍ଦ୍ର, ଯଶୋବନ୍ତ, ଅନନ୍ତ। ଧ-୪୯୨୮୦

### ଏକାଦଶ ଶ୍ରାଦ୍ଧବାର୍ଷିକୀ
### ମୂଳାଷ୍ଟମୀ



**ଡଃ: ପ୍ରସନ୍ନ କୁମାର ଦାଶ**
ତୁମ ଯିବାର ହେଲା
ବରଷ ଏକାଦଶ
ସଦାବେଳେ ଚାହୁଁ
ତୁମରି ଆଶିଷ
ପ୍ରଭୁ ଶ୍ରୀଜଗନ୍ନାଥଙ୍କ
କୃପା ହେଉ।
ତୁମରି ଆତ୍ମା ସଦା ଶାନ୍ତି ପାଉ।
ଶୋକସନ୍ତପ୍ତ: ସମସ୍ତ ପରିବାରବର୍ଗ। ଧ-୬୨୮୦୦


■ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ

# ଆବଶ୍ୟକଠାରୁ ଅଭାବ ରହୁଛି ରକ୍ତ

**ଭୁବନେଶ୍ୱର, ୧।୧୦ (ବ୍ୟୁରୋ)**

ଆମ ରାଜ୍ୟ ପାଇଁ ବାର୍ଷିକ ୪.୫ ଲକ୍ଷ ୟୁନିଟ୍ ରକ୍ତ ଆବଶ୍ୟକ ରହିଛି। ହେଲେ ଗତବର୍ଷ ଆବଶ୍ୟକ ରକ୍ତଠାରୁ ୨୩,୦୦୦ ୟୁନିଟ୍ ରକ୍ତର ଅଭାବ ଥିଲା। ଆବଶ୍ୟକ ରକ୍ତ ସଂଗ୍ରହ କରିବାକୁ ହେଲେ ଆହୁରି ଅଧିକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିବାକୁ ପଡିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ଅକ୍ଟୋବର ୧କୁ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ଜୟଦେବ ଭବନଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଶିବିରରେ ମନ୍ତ୍ରୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

ମନ୍ତ୍ରୀ ଜେନା କହିଛନ୍ତି, ଓଡ଼ିଶାର ବାର୍ଷିକ ପ୍ରାୟ ୪.୫ ଲକ୍ଷ ୟୁନିଟ୍ ରକ୍ତ ଆବଶ୍ୟକ। ଗତବର୍ଷ ୪,୨୭,୦୦୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ପାରିଛି। ସେଥିରୁ ୩୨୦୪ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମାଧ୍ୟମରେ ୧,୮୫,୯୫୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏଣୁ ଅଧିକ ସ୍ୱେଚ୍ଛାକୃତ ରକ୍ତ ସଂଗ୍ରହ କରିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଜେନା କହିଛନ୍ତି। ରାଜ୍ୟରେ ୧୪ ରକ୍ତ ଉପାଦାନ ପୃଥକୀକରଣ ୟୁନିଟ୍ ରହିଛି। ଖୁବ୍‌ଶୀଘ୍ର ବାଲେଶ୍ୱର, ବାରିପଦା, କେନ୍ଦୁଝର, କୋରାପୁଟ, ବରଗଡ, ବଲାଙ୍ଗୀର ଏବଂ ରାଉରକେଲାରେ ଏହି ୟୁନିଟ୍ ପ୍ରତିଷ୍ଠା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ସମ୍ମାନିତ ଅତିଥି ଭାବେ କଟକ ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ କହିଛନ୍ତି, ରକ୍ତଦାନ କ୍ଷେତ୍ରରେ ଏକ ବିପ୍ଳବ ଆଣି ରକ୍ତ ବହୁମୂଲ୍ୟ ଜୀବନ ବଞ୍ଚାଇବାରେ ସହାୟକ ହେବ। ସେହିପରି ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଭାଗୀୟ କମିଶନର ତଥା ଶାସନ ସଚିବ ପ୍ରମୋଦ ମେହେର୍ଦ୍ଧା କୁହନ୍ତି, ସିକିଲସେଲ ଏବଂ ଥାଲାସେମିଆ ରୋଗର ନିୟନ୍ତ୍ରଣ ପାଇଁ ସିଏମ୍‌ସି ଭେଲୋର ସହ ବୁଝାମଣା ହୋଇଛି। ବୁଝାମଣା ଅନୁଯାୟୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ ଏବଂ କଟକରେ ପରୀକ୍ଷାମୂଳକ ଭାବେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏଥିସହିତ ଥାଲାସେମିଆ, ସିକିଲସେଲ, ଆନିମିଆ ଏବଂ ହେମୋଫିଲିଆରେ ଆକ୍ରାନ୍ତ ରୋଗୀଙ୍କୁ ଯାତାୟାତ ଖର୍ଚ୍ଚ ବାବଦରେ ୫୦୦ ଟଙ୍କା ଏବଂ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କ ଖାଦ୍ୟପେୟ ପାଇଁ ୬୦ ଟଙ୍କା ଲେଖାଏ ପ୍ରଦାନ କରାଯାଉଛି ବୋଲି ସଚିବ କହିଛନ୍ତି। ସ୍ୱତନ୍ତ୍ର ସଚିବ ଡା. ବି.କେ. ବ୍ରହ୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ରକ୍ତସଞ୍ଚରଣ ପରିଷଦ ନିର୍ଦ୍ଦେଶକ ଡା. ଦୀପକ ଦାସମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସୁଶାନ୍ତ ହେଲେ ପାଟଣାଗଡ଼ ବିଜେଡି ପର୍ଯ୍ୟବେକ୍ଷକ

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

ବଲାଙ୍ଗୀର ଜିଲା ପାଟଣାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସୁଶାନ୍ତ ସିଂଙ୍କୁ ବିଜେଡି ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରିଛି। ମହିଧର ରଣାଙ୍କୁ ଉକ୍ତ ନିର୍ବାଚନ ମଣ୍ଡଳୀ ପାଇଁ ସହପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ପାଇଁ ଦେବାଶିଷ ମଲିକଙ୍କୁ ସହପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ବିଶ୍ୱଜିତ୍ ଦାସଙ୍କୁ ବିଜୁ ଛାତ୍ର ଜନତା ଦଳର ଉପଦେଷ୍ଟା ଭାବେ ନୂଆ ନିଯୁକ୍ତି ମିଳିଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ସୋମବାର ନୂଆ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସମ୍ପାଦକ ବିଜୟ ନାୟକ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

■ ସରିଲା ଅପରେଶନ ପରୀ-୨

# ୫୫୦ ନାବାଳିକାଙ୍କ ସମେତ ୨୮୯୫ ଶିଶୁ ଉଦ୍ଧାର

## ୧୫୦ ଜଣଙ୍କୁ ଅପହରଣ କରାଯାଇଥିଲା

**କଟକ ଅଫିସ, ୧।୧୦**

ନିଖୋଜ ପିଲାମାନଙ୍କୁ ଖୋଜିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇଥିବା ଅପରେଶନ୍ ପରୀ-୨ କାର୍ଯ୍ୟକ୍ରମ ଗତ ରବିବାର ଶେଷ ହୋଇଛି। ଏହି ଅପରେଶନରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ମୋଟ ୨୮୯୫ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୨୩୪୫ ନାବାଳକ ଏବଂ ୫୫୦ ନାବାଳିକା ଅଛନ୍ତି। ତେବେ ରାଜ୍ୟ ଭିତରୁ ୨୭୮୯ ଓ ରାଜ୍ୟ ବାହାରୁ ୧୦୬ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ମୋଟ ପିଲାଙ୍କ ମଧ୍ୟରୁ ୧୫୦ ଜଣଙ୍କୁ ଅପହରଣ କରି ନିଆଯାଇ ବିଭିନ୍ନ କାର୍ଯ୍ୟରେ ଲଗାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍ଧାର ପିଲାମାନଙ୍କୁ ବିଭିନ୍ନ ଶିଶୁ କଲ୍ୟାଣ ସମିତିରେ ଛଡାଯାଇଥିବାବେଳେ ସେମାନଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ମିଳିଛି।

ରାଜ୍ୟ ଭିତରୁ ଉଦ୍ଧାର କରାଯାଇଥିବା ୨୭୮୯ ପିଲାଙ୍କ ମଧ୍ୟରେ ୨୨୮୪ ନାବାଳକ ଏବଂ ୫୦୫ ନାବାଳିକା ଅଛନ୍ତି। ଗଞ୍ଜାମ ଜିଲାରୁ ସର୍ବାଧିକ ୩୧୮ ଜଣ ପିଲାଙ୍କୁ ଉଦ୍ଧାର କରାଯାଇଥିବାବେଳେ ବ୍ରହ୍ମପୁର ପୋଲିସ ଜିଲାରୁ ୧୮୫, କୋରାପୁଟ ଜିଲାରୁ ୧୫୨, ବଲାଙ୍ଗିର ଜିଲାରୁ ୮୦, ଭଦ୍ରକ ଜିଲାରୁ ୭୬, ସୁନ୍ଦରଗଡ ଜିଲାରୁ ୫୧, ଯାଜପୁର ଜିଲାରୁ ୫୪, ବୌଦ୍ଧ ଜିଲାରୁ ୪୬, କଳାହାଣ୍ଡି ଜିଲାରୁ ୫୯, ଜିଆରପି କଟକରୁ ୪୮, ନୟାଗଡ ଜିଲାରୁ ୪୬, ଗଜପତି ଜିଲାରୁ ୪୪, ରାୟଗଡା ଜିଲାରୁ ୪୭, ଢେଙ୍କାନାଳ ଜିଲାରୁ ୪୯, ଭୁବନେଶ୍ୱରରୁ ୩୭ ଓ କଟକରୁ ୩୩ଜଣଙ୍କୁ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ସେହିପରି ରାଜ୍ୟ ବାହାରୁ ଉଦ୍ଧାର କରାଯାଇଥିବା ୧୦୬ ପିଲାଙ୍କ ମଧ୍ୟରୁ ୬୧ ଜଣ ନାବାଳକ ଏବଂ ୪୫ ଜଣ ନାବାଳିକା ଅଛନ୍ତି। ଉଦ୍ଧାର ଶିଶୁମାନଙ୍କ ମଧ୍ୟରେ ଆନ୍ଧ୍ର ପ୍ରଦେଶରୁ ସର୍ବାଧିକ ୪୯, ପଶ୍ଚିମବଙ୍ଗରୁ ୧୯, ମହାରାଷ୍ଟ୍ରରୁ ୧୧, ତାମିଲନାଡୁରୁ ଜଣେ, ଦିଲ୍ଲୀ, ଝାଡ଼ଖଣ୍ଡ, ଛତିଶଗଡରୁ ୮ ଲେଖାଏଁ ଶିଶୁ ରହିଥିବା କ୍ରାଇମବ୍ରାଞ୍ଚ ସୂଚନା ଦେଇଛି।

ସୂଚନାଯୋଗ୍ୟ, ନିଖୋଜ ପିଲାମାନଙ୍କୁ ଖୋଜିବା ପାଇଁ ସେପ୍ଟେମ୍ବର ୧ ତାରିଖରୁ ଅପରେଶନ୍ ପରୀ-୨ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେପ୍ଟେମ୍ବର ୧ରୁ ୧୫ ତାରିଖ ଏବଂ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ପିଲାମାନଙ୍କୁ ଖୋଜିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ଭିତରୁ ଓ ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟ ବାହାରେ ଥିବା ପିଲାମାନଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୫ ତାରିଖରୁ ଶେଷ ହୋଇଥିଲେ ମଧ୍ୟ ତାହା ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଭାଗ୍ୟସ୍ଥାନକୁ ଚନ୍ଦ୍ର ଦେଖୁଥିବାରୁ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ସମ୍ମାନିତ ହେବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାର ଅନୁକୂଳ ବାତାବରଣ ସୃଷ୍ଟି ହେବ। ନିକଟ ସମ୍ପର୍କୀୟଙ୍କ ସହାୟତାରେ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ସଭାସମିତି, ରାଜନୀତି, କଳା, ସାହିତ୍ୟ, ସଂଗଠନ କ୍ଷେତ୍ରରେ ସୁଫଳ ପାଇବେ।

**ବୃଷ** ଶୁଭସ୍ଥାନରେ ରବି ଯୋଗୁ ବନ୍ଧୁମାନଙ୍କ ନିକଟରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ମଧ୍ୟାହ୍ନରେ ଟେନସନ୍ ଦୂର ହେବ ଏବଂ କଳ୍ପନା କିମ୍ବା ଆଶା କରି ନ ଥିବା ଜିନିଷ ଲାଭ କରି ଖୁସୀ ହୋଇଯିବେ। କଳା, ସାହିତ୍ୟ,ସଙ୍ଗୀତ କ୍ଷେତ୍ରରୁ ସୁଫଳ ମିଳିବ। କୃତିକା ନକ୍ଷତ୍ରର କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ।

**ମିଥୁନ** ବଳବାନ୍ ବୁଧ ସ୍ୱଗୃହୀ ହେତୁ ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ ଶନିଙ୍କ ଦୃଷ୍ଟିରୁ କ୍ରମଶଃ ବଢିପାରେ। ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ସୂଚନା ରହିଛି। ସାମାଜିକ କ୍ଷେତ୍ର କିମ୍ବା ସଭାସମିତିରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବାକୁ ପଡିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ବଳବତ୍ତର ହେବ।

**କର୍କଟ** ଶନି ଦୃଷ୍ଟ ଚନ୍ଦ୍ର ଯୋଗୁ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। ପୁଷ୍ୟା ନକ୍ଷତ୍ରର ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିପାରନ୍ତି। ଗତକାଲି ଠାରୁ ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ସଭାସମିତିରେ ସଫଳତା ହାସଲ କରିବେ । ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**ସିଂହ** ଶୁକ୍ରଙ୍କ ଅଷ୍ଟମାଧିପତିଙ୍କ ସହ ସମ୍ବନ୍ଧ କାରଣରୁ ସମସ୍ୟା ଲାଗି ରହିବ। ଆତ୍ମୀୟମାନଙ୍କ ପରୋକ୍ଷ ଶତ୍ରୁତା ହେତୁ ମାନସିକ ଶାନ୍ତି ବ୍ୟାହତ ହେବାର ସୂଚନା ରହିଛି। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାରେ ହେଳା କଲେ ପରେ ଅନୁତାପ କରିବାକୁ ପଡିପାରେ। ପରିବହନରେ କିମ୍ବା ପରିବାରରେ ଝଗଡାର ସୂଚନା ରହିଛି। ଆକସ୍ମିକ ଦୂରଯାତ୍ରା କରିପାରନ୍ତି।

**କନ୍ୟା** ସ୍ୱାସ୍ଥ୍ୟ ଭଲ ରହିବା ସହ ନୂଆଁ କାମଟିଏ କରିବା ପାଇଁ ଆଗ୍ରହ ପ୍ରକାଶ କରିବେ। ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ, ବରଂ ବିଶ୍ୱାସ କରି ଉପକୃତ ହୋଇପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ବନ୍ଧୁମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ଅର୍ଥ ସଂକଟ ହେତୁ କାମ ଗୁଡିକ ସମ୍ପନ୍ନ ଦିଗରେ ସମସ୍ୟା ସୃଷ୍ଟି ହୋଇପାରେ।

**ତୁଳା** ବୁଧଙ୍କ ସବଳତାରୁ ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତି ବୁଦ୍ଧି ପ୍ରୟୋଗ କରି କାମ ହାସଲ କରିବେ ବାଣିଜ୍ୟ,ବ୍ୟବସାୟ, ପରିବହନ, ରପ୍ତାନୀ ବାଣିଜ୍ୟ, ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବେ। ସରକାରୀ ସ୍ତରରୁ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଅପରାହ୍ନରେ ଖୁସୀ ଖବର ପାଇବେ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ପ୍ରତ୍ୟୁତ୍ପନ୍ନମତିତା ଏବଂ ପ୍ରୟୋଗାତ୍ମକ କୌଶଳ କାରଣରୁ ଅସାଧ କାମ ଗୁଡ଼ିକୁ ସାଧନ କରିପାରିବେ। ଆପୋଷ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସମାଧାନ ହୋଇଯିବ। କୌଣସି ବନ୍ଧୁଙ୍କ ସହାୟତାରେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର କ୍ଷୀଣ ଆଶା ରହିଛି।

**ଧନୁ** ଶନିଙ୍କ କୁପ୍ରଭାବରୁ ନିଜ ଲୋକ ମାନଙ୍କ ନିକଟରୁ କ୍ରମଶଃ ଦୂରେଇ ଯାଇ ପାରନ୍ତି। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦରେ ପଡିବେ କିନ୍ତୁ କୌଣସି କାମ ଅଟକିବ ନାହିଁ। ଉତ୍ତରାଷାଢ଼ା ନକ୍ଷତ୍ର ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଇଚ୍ଛା ନ ଥିଲେ ମଧ ବନ୍ଧୁଙ୍କ ଆମନ୍ତ୍ରଣକୁ ଉପେକ୍ଷା କରି ପାରିବେ ନାହିଁ।

**ମକର** ରାହୁଙ୍କ ପ୍ରଭାବରେ ଭୁଲ୍‌ବୁଝାମଣା ଜନିତ ହଠାତ୍‌ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ହେତୁ ଦୁଃଶ୍ଚିନ୍ତା ବଢିଯାଇପାରେ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବା ଆଶାରେ ସହକର୍ମୀଙ୍କୁ ବିଭିନ୍ନ ପ୍ରକାର ବିନୟପୂର୍ଣ୍ଣ କଥା କହିପାରନ୍ତି। ଆଜି ଶ୍ରବଣା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ଶେଷ ସମୟରେ ଆପଣଙ୍କ ପାଇଁ ବିଚାର ବଦଳି ଯାଇପାରେ।

**କୁମ୍ଭ** ଉଚ୍ଚସ୍ଥ ମଙ୍ଗଳ ପ୍ରଭାବରେ କର୍ମକ୍ଷେତ୍ରରେ କାମ ହାସଲ କରିବା ସକାଶେ ପରିବାରର ସମର୍ଥନ ଆବଶ୍ୟକ ମନେକରିବେ। ଜମା ଭଲ ପଡୁ ନ ଥିବା ଅନ୍ୟମାନଙ୍କ ମନଗଢା କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହ। ରାଜନୀତି କ୍ଷେତ୍ରରେ କିମ୍ବା ଆଲୋଚନା କାଳରେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ନିକଟ ସମ୍ପର୍କୀୟଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ।

**ମୀନ** ବୁଧ ରାଶିରେ ଚନ୍ଦ୍ର ହେତୁ ଅଯଥା ଭାବପ୍ରବଣତାରେ ଭାସିଯାଇ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ପରିବାରରେ ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଯାତ୍ରା କାଳରେ ଦୁରଭିସନ୍ଧି ରଖି ଅଜଣା ବ୍ୟକ୍ତି ମିତ୍ରଭାବ ପୋଷଣ କରିପାରନ୍ତି।

ଆଜି ଜାତିର ଜନକ ମହାମାନବ ମହାତ୍ମାଗାନ୍ଧୀ ଏବଂ ସ୍ୱାଧୀନ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ, ଅକ୍ଟୋବର ୨ ତାରିଖ, ଅନ୍ତର୍ଜାତୀୟ ଅହିଂସା ଦିବସ, ଆଶ୍ୱିନ କୃଷ୍ଣପକ୍ଷର ମୂଳାଷ୍ଟମୀ ମଙ୍ଗଳବାର, ପୀଠଦେବୀଙ୍କର ଷୋଡଶଦିନାତ୍ମକ ଦୁର୍ଗାପୂଜାରମ୍ଭ, ସାଂୟକାଳେ ଘଟସ୍ଥାପନ, ଦ୍ୱିତୀବାହନ ଓଷା, ପୁଅ ଜିଉନ୍ତିଆ, ରାଶି ନକ୍ଷତ୍ର- ଆରଦ୍ରା/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଅଷ୍ଟମୀର ଶ୍ରାଦ୍ଧ, ଦିବା ଘ୮।୪୭ମି. ଗତେ ଘ୧୦।୨୧ମି. ମଧ୍ୟେ, ଅମୃତ ବେଳା। ଦିବା ଘ୧୦।୨୦ମି. ଗତେ ଘ୧୧।୫୪ମି. ମଧ୍ୟେ ମାହେନ୍ଦ୍ର ବେଳା।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨/୨୦୧୮ | Bhubaneswar, Tuesday, October 2 / 2018 | ପୃଷ୍ଠା-୧




**ତନୁଶ୍ରୀ ପ୍ରସଙ୍ଗରେ ମୁହଁ ଖୋଲିଲେ ଡେଜି**

୨୦୦୯ରେ 'ହର୍ନ ଓକେ ପ୍ଲିଜ୍' ଶୁଟିଂ ସମୟରେ ତନୁଶ୍ରୀଙ୍କ ପ୍ରତି କ'ଣ ଘଟିଥିଲା ମୋତେ ଜଣା ନ ଥିଲା। ମୁଁ କେବଳ ସହକାରୀ କୋରିଓଗ୍ରାଫର ଭାବରେ କାର୍ଯ୍ୟ କରୁଥିଲି।

୧୦

୧୪

**ଲକ୍ଷ୍ମୀମଣି ଜୁନିୟର ଷ୍ଟ୍ରଙ୍ଗ୍ ଓମ୍ୟାନ ଅଫ୍ ଇଣ୍ଡିଆ**

ଲକ୍ଷ୍ନୌରେ ଅନୁଷ୍ଠିତ ଜାତୀୟ କ୍ଲାସିକ୍ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ଲକ୍ଷ୍ମୀମଣି ସିଂ ଜୁନିୟର ଷ୍ଟ୍ରଙ୍ଗ୍ ଓମ୍ୟାନ ଅଫ୍ ଇଣ୍ଡିଆ ବିବେଚିତ ହୋଇଛନ୍ତି।






PLEDGE 'PLASTIC-FREE' ODISHA

Anubhav Mohanty
Actor

#PlasticFreeOdisha

ଧରିତ୍ରୀ DHARITRI

TEAM






ମହାମାନବ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀର ଶ୍ରଦ୍ଧାଞ୍ଜଳି।

## କର୍କଟ ଚିକିତ୍ସାରେ ବୈପ୍ଳବିକ ଗବେଷଣା
# ଆଲିସନ୍, ହୋଞ୍ଜୋଙ୍କୁ ମେଡିସିନ୍‌ରେ ନୋବେଲ

**ଷ୍ଟକ୍‌ହୋମ୍,୧।୧୦(ପି.ଟି.)**

କର୍କଟ ଚିକିତ୍ସା କ୍ଷେତ୍ରରେ ବୈପ୍ଳବିକ ଆବିଷ୍କାର ପାଇଁ ଦୁଇ ରୋଗ ପ୍ରତିରୋଧ ବିଶାରଦ (ଇମ୍ୟୁନୋଲୋଜିଷ୍ଟ) ଚଳିତବର୍ଷର ନୋବେଲ ମେଡିସିନ୍ ପୁରସ୍କାର ବିଜୟୀ ହୋଇଛନ୍ତି। ପାରମ୍ପରିକ ଚିକିତ୍ସା ପଦ୍ଧତି ପରିବର୍ତ୍ତେ ଶରୀରର ପ୍ରତିରୋଧକ ଶକ୍ତି ବା ଇମ୍ୟୁନ୍ ସିଷ୍ଟମ୍ ବ୍ୟବହାର କରି କିଭଳି ଭାବେ କର୍କଟ ରୋଗରୁ ନିଦାନ ମିଳିପାରିବ, ତାହାର ବାଟ ଦେଖାଇଥିବା ଯୋଗୁ ଆମେରିକୀୟ ବିଶେଷଜ୍ଞ ଜେମ୍ସ ଆଲିସନ୍ ଏବଂ ଜାପାନ ବିଶେଷଜ୍ଞ ତସୁକୁ ହୋଞ୍ଜୋଙ୍କୁ ବର୍ଷ-୨୦୧୮ର ନୋବେଲ ପୁରସ୍କାର ପାଇଁ ବିଜୟୀ ଘୋଷଣା କରାଯାଇଛି। ପ୍ରକାଶ ଯେ, ଏହି ଘାତକ ରୋଗର ଚିକିତ୍ସା ବେଳେ ସିଧାସଳଖ ରୋଗୀ ଶରୀରର କର୍କଟ କୋଷକୁ ଟାର୍ଗେଟ୍ କରାଯାଇଥାଏ। କିନ୍ତୁ ପାରମ୍ପରିକ ପଦ୍ଧତି ବାଦ୍ ଇମ୍ୟୁନ୍ ସିଷ୍ଟମ୍ କୋଷରୁ ଜାତ ପ୍ରୋଟିନ୍ ଜରିଆରେ କର୍କଟ କୋଷକୁ ନଷ୍ଟ କରିବା ପାଇଁ ନିଜ ଗବେଷଣାରେ ସଫଳତା ହାସଲ କରିଛନ୍ତି। ଆଲିସନ୍ ଏବଂ ହୋଞ୍ଜୋଙ୍କ ଗବେଷଣା କ୍ୟାନ୍‌ସର ରୋଗ ନିଦାନ ଦିଗରେ ଚିକିତ୍ସା ପଦ୍ଧତିର ମୌଳିକ ଦୃଷ୍ଟିଭଙ୍ଗୀକୁ ପରିବର୍ତ୍ତନ କରିଦେଇଛି ବୋଲି ପୁରସ୍କାର ଘୋଷଣା ବେଳେ ଷ୍ଟକ୍‌ହୋମ୍‌ଠାରେ ନୋବେଲ ବିଚାରକମଣ୍ଡଳୀ ପକ୍ଷରୁ ପ୍ରକାଶ କରାଯାଇଛି। ୧୦୦ରୁ ଊର୍ଦ୍ଧ୍ୱ ବର୍ଷ ହେଲା ବୈଜ୍ଞାନିକମାନେ ଶରୀରର ପ୍ରତିରୋଧକ ଶକ୍ତି ବଳରେ କର୍କଟ ☞ପୃଷ୍ଠା-୬



ଜେମ୍ସ ଆଲିସନ୍



ତସୁକୁ ହୋଞ୍ଜୋ

## ନୀରବ ମୋଦିଙ୍କ ୬୩୭ କୋଟିର ସମ୍ପତ୍ତି ଜବତ

**ନୂଆଦିଲ୍ଲୀ,୧।୧୦**

ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ(ପିଏନ୍‌ବି)ରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର ଋଣ ଜାଲିଆତି କରି ଲଣ୍ଡନ ପଳାଇଥିବା ହୀରା ବ୍ୟବସାୟୀ ନୀରବ ମୋଦି ଓ ତାଙ୍କ ପରିବାରର ୬୩୭ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଜବତ କରିଛି। ୫ଟି ଦେଶରେ ନୀରବଙ୍କ ଏହି ସମ୍ପତ୍ତି ରହିଛି। ଇଡି ପକ୍ଷରୁ କୁହାଯାଇଛି ଯେ, ଭାରତ ସମେତ ବ୍ରିଟେନ, ଆମେରିକା ଓ ଅନ୍ୟ ଦୁଇଟି ଦେଶରେ ନୀରବ ଓ ତାଙ୍କ ପରିବାରର ଜମି, ଫ୍ଲାଟ୍, ଗହଣା ଆଦିକୁ ଜବତ କରାଯାଇଛି। ଜଣେ ଇଡି ଅଧିକାରୀ କହିଛନ୍ତି ଯେ, ଆମେରିକାର ନ୍ୟୁୟର୍କରେ ଥିବା ନୀରବଙ୍କ ଦୁଇଟି ସମ୍ପତ୍ତିର ପରିମାଣ ପ୍ରାୟ ୨୧୬ କୋଟି ଟଙ୍କା ହେବ। ସେହିପରି ବିଦେଶରେ ଥିବା ୫ଟି ବ୍ୟାଙ୍କ ଆକାଉଣ୍ଟରେ ତାଙ୍କର ୨୭୮ କୋଟି ଟଙ୍କା ଜମା ରହିଛି। ଅନୁରୂପ ଭାବେ ଦକ୍ଷିଣ ମୁମ୍ବାଇରେ ଏକ ଫ୍ଲାଟ ରହିଛି,ଯାହାର ମୂଲ୍ୟ ୧୯.୫୦ କୋଟି ଟଙ୍କା ବୋଲି ଆକଳନ କରାଯାଇଛି। ଏହାବାଦ୍ ୨୨.୬୯ କୋଟି ଟଙ୍କାର ହୀରା ଗହଣାକୁ ଜବତ କରାଯାଇ ହଂକଂରୁ ଭାରତ ଅଣାଯାଇଛି। ଉଲ୍ଲେଖଥାଉ କି, କୌଣସି ଆପରାଧିକ ମାମଲାରେ ବିଦେଶରେ ଇଡି ପକ୍ଷରୁ ସମ୍ପତ୍ତି ଜବତ କରିବା ପ୍ରାୟ ନାହିଁ କହିଲେ ଚଳେ।

## ■ ଆଜିଠାରୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା
# ସାମିଲ ହେବେ ୧୮ ଲକ୍ଷ

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

■ ରାଜ୍ୟସ୍ତରରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ,

■ ଜିଲାରେ ମନ୍ତ୍ରୀ, ରାଜ୍ୟ ସଭା ସଦସ୍ୟ



କେନ୍ଦ୍ର ସରକାରଙ୍କ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଭଳି ରାଜ୍ୟ ସରକାର ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସଏଫ୍‌ଏସ୍‌ଏସ୍) କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୩୦ଟି ଜିଲାରେ ୧୮ ଲକ୍ଷ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ୧ ଟଙ୍କାରେ ମୁଣ୍ଡ ପିଛା ୫ କିଲୋ ହିସାବରେ ଚାଉଳ ଯୋଗାଇ ଦିଆଯିବ। ଏଥିପାଇଁ ୨୦୧୮-୧୯ ଆର୍ଥିକ ବର୍ଷର ଅତିରିକ୍ତ ବଜେଟରେ ୮୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡିଥିବା ପ୍ରାୟ ୨୫ ଲକ୍ଷ ଲୋକଙ୍କୁ ଏଥିରେ ସାମିଲ କରାଯିବ।

ସଚିବାଳୟଠାରେ ମଙ୍ଗଳବାର ଅପରାହ୍ନ ସାଢ଼େ ୪ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନୂତନ ଯୋଜନାର ଶୁଭାରମ୍ଭ କରିବେ। ମୁଖ୍ୟମନ୍ତ୍ରୀ ୪ଟି ଜିଲାର ଲୋକଙ୍କ ସହିତ ସିଧାସଳଖ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା କରିବେ। ବାଲେଶ୍ୱର ଜିଲାର ଜଳେଶ୍ୱର, ମୟୂରଭଞ୍ଜର ଖୁଣ୍ଟା, ସୁନ୍ଦରଗଡ଼ର ରାଜଗାଙ୍ଗପୁର ଏବଂ ବଲାଙ୍ଗୀର ଜିଲାର କଣ୍ଟାବାଞ୍ଜିଠାରେ ଏ ନେଇ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସେଠାରେ ସ୍ଥାନୀୟ ଜନପ୍ରତିନିଧି, ଜିଲାପାଳ ଏବଂ ଏହି ଯୋଜନା ସହ ଜଡ଼ିତ ବିଭିନ୍ନ ସଂଗଠନର ପ୍ରତିନିଧି ଓ ହିତାଧିକାରୀ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ସହ ସିଧାସଳଖ କଥା ହେବେ। ରାଜ୍ୟସ୍ତରୀୟ ଉଦ୍‌ଘାଟନୀ ଉତ୍ସବ ପରେ ଜିଲାସ୍ତରରେ ଏହି ଉଦ୍‌ଘାଟନୀ ପର୍ବ ଆରମ୍ଭ କରାଯିବ। ୩୦ ଜିଲାରେ ମନ୍ତ୍ରୀ, ଏମପିମାନେ ଏହି ଯୋଜନାର ଶୁଭାରମ୍ଭ କରିବେ। କେଉଁ ଜିଲାରେ କେଉଁମାନେ ଏହି ନୂତନ ଯୋଜନାର ଶୁଭାରମ୍ଭ କରିବେ ସେ ନେଇ ମଧ୍ୟ ତାଲିକା ପ୍ରସ୍ତୁତ କରାଯାଇଛି। ସୁରୁଖୁରୁରେ ସମସ୍ତ କାର୍ଯ୍ୟ ତଦାରଖ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ଚିଠି ମାଧ୍ୟମରେ ଏ ନେଇ ଅବଗତ କରାଯାଇଛି।

ଏଥିସହିତ ଅକ୍ଟୋବର ୩ରୁ ୧୦ତାରିଖ ମଧ୍ୟରେ ବ୍ଲକ ସ୍ତରରେ ଏସ୍‌ଏଫ୍‌ଏସ୍‌ଏସ୍‌ର ଶୁଭାରମ୍ଭ କାର୍ଯ୍ୟକ୍ରମ କରାଯିବ। ସେଠାରେ ବ୍ଲକ ଓ ଜିଲା ଜନପ୍ରତିନିଧିମାନେ ଉପସ୍ଥିତ ରହି ନୂତନ ରାଶନ କାର୍ଡ ବଣ୍ଟନ କରିବା ସହିତ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲିଖିତ ଚିଠି ମଧ୍ୟ ପ୍ରଦାନ ☞ପୃଷ୍ଠା-୬

# ଶିକ୍ଷୟିତ୍ରୀଙ୍କୁ ହତ୍ୟା

**ଭୁବନେଶ୍ୱର,(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର, ୧।୧୦ (ଡି.ଏନ୍.ଏ.)**

■ କାର୍ ଭିତରୁ ମିଳିଲା ମୃତଦେହ

■ ପୁଅ ନିଖୋଜ, ସ୍ୱାମୀ ଫେରାର

ଲିଙ୍ଗରାଜ ଥାନା ଅନ୍ତର୍ଗତ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ସାମନ୍ତରାପୁର ନିକଟ ଶ୍ରୀରାମ ବଜାରରେ ସୋମବାର ଏକ କାର୍ ଭିତରୁ ଜଣେ ମହିଳାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତଦେହଟି ସନ୍ଦେହଜନକ ଅବସ୍ଥାରେ ପଡ଼ି ରହିଥିଲା। ତାଙ୍କ ପାଟି ଓ ନାକରୁ ରକ୍ତ ବାହାରୁଥିଲା। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ମୃତ ମହିଳା ଜଣକ ହେଲେ ତନୁଜା ଆଇଚି (୩୨)। ସେ ସାମନ୍ତରାପୁରସ୍ଥିତ ଏକ ଘରୋଇ ସ୍କୁଲ୍‌ର ଶିକ୍ଷୟିତ୍ରୀ ବୋଲି ଜଣାପଡିଛି। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପାରିପାର୍ଶ୍ୱିକ ସ୍ଥିତି ଓ ପ୍ରାଥମିକ ତଦନ୍ତରୁ ତାଙ୍କୁ ତଣ୍ଟିଚିପି ହତ୍ୟା କରାଯାଇଥିବା ପୋଲିସ କହିଛି। ଅନ୍ୟପକ୍ଷରେ ତାଙ୍କ ୬ବର୍ଷୀୟା ପୁଅର ପତ୍ତା ମିଳୁନି। ସ୍ୱାମୀ ନିଖୋଜ ଥିବାରୁ ତାଙ୍କ ଉପରେ ପୋଲିସର ସନ୍ଦେହ ଦୃଢ଼ୀଭୂତ ହୋଇଛି। କମିଶନରେଟ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍ ଅଭିଯୁକ୍ତଙ୍କୁ ଠାବ କରିବା ସହ ନିଖୋଜ ପୁଅକୁ ଉଦ୍ଧାର କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଥିବା ଡିସିପି ଅନୁପ କୁମାର ସାହୁ କହିଛନ୍ତି।

ତନୁଜାଙ୍କ ବାପଘର ଯାଜପୁର ଜିଲା ମଙ୍ଗଳପୁର ଅଞ୍ଚଳରେ। ସେ ଗତ ୯ବର୍ଷ ତଳେ ଢେଙ୍କାନାଳର ସଂଗ୍ରାମଙ୍କୁ ବିବାହ କରିଥିଲେ। କିଛି ବର୍ଷ ହେବ ସେ ସ୍ୱାମୀ ସଂଗ୍ରାମ ଓ ଶିଶୁପୁତ୍ରଙ୍କ ସହ ଧଉଳି ଥାନା ଅନ୍ତର୍ଗତ ନୂଆଗାଁ ଆନନ୍ଦ ☞ପୃଷ୍ଠା-୬

# ଧାଡ଼ିଦର୍ଶନ ଆରମ୍ଭରୁ ବିଭ୍ରାଟ

**ପୁରୀ ଅଫିସ, ୧।୧୦**

■ ବ୍ୟାରିକେଡ ଭାଙ୍ଗି ଧସେଇ ପଶିଲେ

■ ଯାଞ୍ଚ ହେବ ସିସିଟିଭି ଫୁଟେଜ

■ ବିଶୃଙ୍ଖଳାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

■ ନାଟମଣ୍ଡପରୁ ପ୍ରଶାସନ ହଟାଇଲା ବ୍ୟାରିକେଡ

■ ଶ୍ରୀମନ୍ଦିର ନୀତିରେ ବିଳମ୍ବ

ଶ୍ରୀମନ୍ଦିରରେ ପ୍ରଥମଥର ପାଇଁ ଆରମ୍ଭ ହୋଇଛି ଧାଡ଼ିଦର୍ଶନ ବ୍ୟବସ୍ଥା। ପ୍ରଥମ ଦିନରୁ ସୃଷ୍ଟି ହୋଇଛି ବିଭ୍ରାଟ। ଶ୍ରୀମନ୍ଦିର ଦ୍ୱାର ଫିଟିବା କ୍ଷଣି କେତେଜଣ ଶ୍ରଦ୍ଧାଳୁ ଧାଡ଼ିଦର୍ଶନକୁ ବିରୋଧ କରି ବ୍ୟାରିକେଡ ଭଙ୍ଗାରୁଜା କରିଛନ୍ତି। ଏଥିଯୋଗୁ ଦର୍ଶନ ବ୍ୟବସ୍ଥା ସାମୟିକ ବାଧାପ୍ରାପ୍ତ ହୋଇଥିବା ବେଳେ ମହାପ୍ରଭୁଙ୍କ ନୀତିରେ ବି ବିଳମ୍ବ ଘଟିଛି। ବ୍ରାହ୍ମ ମୁହୂର୍ତ୍ତରେ ହେବାକୁ ଥିବା ମଙ୍ଗଳ ଆଳତି ସକାଳ ପ୍ରାୟ ୭ଟା ୪୫ରେ ହୋଇଛି। ଏହା ସତ୍ତ୍ୱେ ବି ପ୍ରଥମ ଦିନର ଧାଡ଼ିଦର୍ଶନ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଲାଗି ଉଦ୍ୟମ ☞ପୃଷ୍ଠା-୬

# ଆଜିଠୁ ୫ ମହାନଗର, ପୁରୀରେ ପଲିଥିନ ମନା

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**




ପଲିଥିନ ଓ ପ୍ଲାଷ୍ଟିକ ତିଆରି ଜିନିଷ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଏହାର ଭୟାବହତା ବେଳକୁ ବେଳ ଅସମ୍ଭାଳ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଶାକୁ ପଲିଥିନ ମୁକ୍ତ କରିବାକୁ ପଦକ୍ଷେପ ଆରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ସହରାଞ୍ଚଳରୁ ଏହି ପଦକ୍ଷେପ ନିଆଯାଉଛି।

ମଙ୍ଗଳବାର ଗାନ୍ଧୀ ଜୟନ୍ତୀଠାରୁ ପ୍ରଥମ ପର୍ଯ୍ୟାୟରେ ୫ଟି ମହାନଗର ନିଗମ ସହିତ ପୁରୀ ସହରରେ ପଲିଥିନ ବ୍ୟବହାରକୁ ନିଷେଧ କରାଯାଇଛି। କଟକଣା ଜାରି ହେବା ପରେ କୌଣସି ବ୍ୟକ୍ତି ନିଜେ କିମ୍ବା ଅନ୍ୟ କାହା ଦ୍ୱାରା ଜାଣିକରି ହେଉ କିମ୍ବା ଅନ୍ୟ ମାଧ୍ୟମରେ ପଲିଥିନ ବିକ୍ରି, ବ୍ୟବସାୟ, ଉତ୍ପାଦନ, ଆମଦାନୀ, ଗଚ୍ଛିତ, ବ୍ୟବହାର କିମ୍ବା ବଣ୍ଟନ କରିପାରିବେ ନାହିଁ। କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଏବଂ ପୁରୀ ସହରରେ ଏହି କଟକଣା ଲାଗୁ କରାଯାଇଛି।

୫୦ ମାଇକ୍ରନ୍‌ରୁ କମ୍ ମୋଟେଇ ପଲିଥିନ, ୨୦୦ ମିଲିଲିଟରରୁ କମ୍ ପାଣିବୋତଲ, ଥର୍ମୋକୁଲ, ପ୍ଲାଷ୍ଟିକ ଚାମଚ, କପ, ପ୍ଲେଟ, ଗ୍ଲାସ, ଥାଳିଆ, ପାଣି ପାଉଚ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯାଇଛି। କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ପଲିଥିନ ବ୍ୟବହାର କରିପାରିବେ ନାହିଁ। ସେଥିପାଇଁ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ପୂଜାସ୍ଥଳ, ହୋଟେଲ, ରେଷ୍ଟୁରାଣ୍ଟ, କାଫେ, ବିବାହ ପାର୍ଟି, ଅଫିସ, ଆଉଟଡୋର କ୍ୟାଟରିଂ ଆଦି ସ୍ଥାନରେ ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ମହାନଗର ନିଗମ କମିଶନର ଓ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପଲିଥିନ ବନ୍ଦକୁ ସଫଳ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ସେହି ଅଧିକାରୀମାନେ ପରିବେଶ (ସୁରକ୍ଷା) ଆଇନ, ୧୯୮୬ ଅନୁଯାୟୀ ☞ପୃଷ୍ଠା-୬

## ପେଟ୍ରୋଲ ପମ୍ପରୁ ବ୍ୟାଙ୍କକୁ ଯାଉଥିଲା ଟଙ୍କା
# ୧୫.୫ ଲକ୍ଷ ଲୁଟିନେଲେ

**ଖୋର୍ଦ୍ଧା ଅଫିସ,୧।୧୦:**

ସୋମବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ କୋଲକତା-ଚେନ୍ନାଇ ୧୬ ନଂ. ଜାତୀୟ ରାଜପଥର ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଛତ୍ରମା ଛକ ନିକଟରେ ଭୁଜାଲିରେ ଆକ୍ରମଣ କରି ୧୫ ଲକ୍ଷ ୫୦ ହଜାର ଟଙ୍କା ସହ ବାଇକ୍ ଲୁଟ୍ ହୋଇଛି। ବାଇକ୍ ଯୋଗେ ୩ ଜଣ ଲୁଟେରା ଆସି ଏହି ଲୁଟ୍ କରି ଜଙ୍କିଆ ରାସ୍ତାରେ ପଳାଇଛନ୍ତି। ଭୈରବୀ ପେଟ୍ରୋଲ ପମ୍ପ ଗୋଡିପଡାର ମ୍ୟାନେଜର ଲଡୁ କିଶୋର ନାଟୁଆ ପ୍ରତିଦିନ ୬ରୁ ୮ ଲକ୍ଷ ଟଙ୍କା ଖୋର୍ଦ୍ଧାର ୟୁକୋ ବ୍ୟାଙ୍କରେ ଡିପୋଜିଟ୍ କରନ୍ତି। ଦୀର୍ଘ ୧୫ ବର୍ଷ ଧରି ସେ ଟଙ୍କା ଡିପୋଜିଟ୍ କରି ଆସୁଛନ୍ତି। ହେଲେ ଶନିବାର ଓ ରବିବାର ☞ପୃଷ୍ଠା-୬

# ନୀଳଗିରି କଲେଜରେ ଛାତ୍ର ସଂସଦ ନିର୍ବାଚନ ବାତିଲ

**ସଜନାଗଡ଼, ୧।୧୦(ଡି.ଏନ.ଏ.)**

## ବୋମାମାଡ଼ ପରେ ସାଇନ-ଏ-ଡାଏ ଘୋଷଣା

ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ବାଲେଶ୍ୱର ଜିଲା ନୀଳଗିରି କଲେଜ ପରିସର ସୋମବାର ରଣକ୍ଷେତ୍ର ପାଲଟିଯାଇଛି। କୌଣସି ଏକ ଛାତ୍ରଗୋଷ୍ଠୀ ପକ୍ଷରୁ ବୋମାମାଡ, ଭଙ୍ଗାରୁଜା ଭଳି ଘଟଣା ଘଟାଇବା ପରେ ସ୍ଥିତି ଅଣାୟତ୍ତ ହୋଇପଡିଥିଲା। ଖବରପାଇ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ପାଇଖାନା ମଧ୍ୟରେ ଖଞ୍ଜାଯାଇଥିବା ଗୋଟିଏ ଅଫୁଟା ବୋମା ଉଦ୍ଧାର କରିଛି। ପ୍ରାକ୍ ନିର୍ବାଚନୀ ହିଂସାକୁ ଦୃଷ୍ଟିରେ ରଖି କଲେଜ କର୍ତ୍ତୃପକ୍ଷ ଶାନ୍ତି ଶୃଙ୍ଖଳା ଫେରିବା ପର୍ଯ୍ୟନ୍ତ ସାଇନ-ଏ-ଡାଏ ଘୋଷଣା କରିଛନ୍ତି। ଏହାସହ ଛାତ୍ର ସଂସଦ ନିର୍ବାଚନକୁ ମଧ୍ୟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବାତିଲ କରିଦିଆଯାଇଛି।

ସୋମବାର ପୂର୍ବାହ୍ନ ୧୦ଟା ବେଳେ ଛାତ୍ର ସଂସଦ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କଲେଜ ଶାନ୍ତିଶୃଙ୍ଖଳାରେ ଚାଲିଥିଲା। ଏହାପରେ ହଠାତ୍ କଲେଜ ପରିସରରେ ଛାତ୍ରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏହି ଅସନ୍ତୋଷ ଉଗ୍ରରୂପ ଧାରଣ କରିଥିଲା। କୌଣସି ଛାତ୍ରଗୋଷ୍ଠୀ ହଠାତ୍ ବୋମାମାଡ କରିବାରୁ କଲେଜ ପରିସର ଧୂଆଁମୟ ହୋଇଯାଇଥିଲା। ଛାତ୍ରୀଛାତ୍ରମାନେ ପ୍ରାଣ ବିକଳରେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ଏହି ସମୟରେ ଅନ୍ୟ ଏକ ଛାତ୍ରଗୋଷ୍ଠୀ ଟେକାପଥର ମାରି କମନରୁମ୍‌ର ଝରକା, କବାଟ ଭାଙ୍ଗି ଦେଇଥିଲେ। ପରିସ୍ଥିତି ଅଣାୟତ୍ତ ହେଉଥିବା ଦେଖି ଅଧ୍ୟକ୍ଷ ମନୋରଞ୍ଜନ ପଣ୍ଡା ସଙ୍ଗେ ସଙ୍ଗେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିବା ସହ କଲେଜ ପରିସରକୁ ତନ୍ନ ତନ୍ନ କରି ଯାଞ୍ଚ ଆରମ୍ଭ କରିଥିଲା। ଯାଞ୍ଚ ସମୟରେ ୟୁଜିସି ☞ପୃଷ୍ଠା-୬

**ଆଜିର ସମ୍ପାଦକୀୟ**

**ଉତ୍ତରଦାୟିତ୍ୱ ଲୋଡ଼ା**

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ଜୁନ୍ ତ୍ରୈମାସରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ୩୬,୫୫୧ କୋଟି ଟଙ୍କାର ଏନ୍‌ପିଏ ଅସୁଲି କରିଛନ୍ତି। ଏହା ୨୦୧୭-୧୮ ଆର୍ଥିକ ବର୍ଷରେ ୭୪,୫୬୨ କୋଟି ଟଙ୍କା ରହିଥିଲା।

-ଅର୍ଥ ମନ୍ତ୍ରଣାଳୟ

**ଆଜିର ମନ୍ତବ୍ୟ**

" ନ୍ୟାୟର ମାନବୀୟ ଚେହେରା ରହିବା ଜରୁରୀ।

-ଜଷ୍ଟିସ୍ ଦୀପକ ମିଶ୍ର, ପ୍ରଧାନ ବିଚାରପତି


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,400/- 10gm.
Gold 22 CT - ₹ 30,300/- 10gm.
Silver Rate - ₹ 370/- /10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE 01.10.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 58 | 103 | 113 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 60 | 106 | 116 |

*Conditions Apply
Eggs Retail Price- 48/-Dozen
Issued in the Interest of Consumers

## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, କଟକ
## ଗାଡି ମାଲିକମାନଙ୍କ ନିମନ୍ତେ ବିଶେଷ ସୂଚନା

ସମ୍ବାଦ, ସମାଜ ଏବଂ ଧରିତ୍ରୀ ଖବରକାଗଜରେ ତା ୧୩.୦୯.୨୦୧୮ରିଖରେ ପ୍ରକାଶିତ ହୋଇଥିବା ବିଜ୍ଞାପନ ଅନୁଯାୟୀ ନୂତନ ପରମିଟ୍ ପ୍ରାପ୍ତି ନିମନ୍ତେ ଦାଖଲ ହୋଇଥିବା ଦରଖାସ୍ତଗୁଡିକୁ ତା ୨୭.୦୯.୨୦୧୮, ୨୮.୦୯.୨୦୧୮, ୦୩.୧୦.୨୦୧୮, ୦୪.୧୦.୨୦୧୮ ଏବଂ ୦୫.୧୦.୨୦୧୮ ରିଖ ଦିନ ଶୁଣାଣି ହେବାକୁ ଧାର୍ଯ୍ୟ ହୋଇଥିଲା। ଅନିବାର୍ଯ୍ୟ କାରଣବଶତଃ ପରମିଟ୍ କମିଟି ବୈଠକ ଉପରୋକ୍ତ ତାରିଖ ପରିବର୍ତ୍ତେ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ । ଆବେଦନକାରୀ ଗାଡି ମାଲିକ ତଥା ପ୍ରତିପକ୍ଷ ଦରଖାସ୍ତକାରୀମାନେ ଉକ୍ତ ତାରିଖ ଓ ସମୟରେ ନିଜେ କିମ୍ବା ପ୍ରାଧିକୃତ ବ୍ୟକ୍ତିଙ୍କ ଜରିଆରେ ହାଜର ହୋଇ ଆବଶ୍ୟକ କାଗଜାତ ଦାଖଲ କରି ନିଜର ପକ୍ଷ ରଖିପାରିବେ।

| କ୍ରମିକ ସଂଖ୍ୟା | ପୂର୍ବ ତାରିଖ | ପରିବର୍ତ୍ତିତ ତାରିଖ | ସମୟ |
|---|---|---|---|
| ୧ ରୁ ୬୦ | ୨୭.୦୯.୨୦୧୮ | ୨୨.୧୦.୨୦୧୮ | ପୂର୍ବାହ୍ନ ୧୧ ଘଟିକା |
| ୬୧ ରୁ ୧୨୦ | ୨୮.୦୯.୨୦୧୮ | ୨୩.୧୦.୨୦୧୮ | |
| ୧୨୧ ରୁ ୧୮୦ | ୦୩.୧୦.୨୦୧୮ | ୨୫.୧୦.୨୦୧୮ | |
| ୧୮୧ ରୁ ୨୪୦ | ୦୪.୧୦.୨୦୧୮ | ୨୬.୧୦.୨୦୧୮ | |
| ୨୪୧ ରୁ ୨୮୫ | ୦୫.୧୦.୨୦୧୮ | ୨୭.୧୦.୨୦୧୮ | |

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡିଶା, କଟକ

ଧରିତ୍ରୀ
DHARITRI
ମଙ୍ଗଳବାର, ୨ ଅକ୍ଟୋବର, ୨୦୧୮



କୌଣସି କାର୍ଯ୍ୟ ଭଲ ନୁହଁ କି ମନ୍ଦ ନୁହଁ। କିନ୍ତୁ ତୁମେ କେଉଁ ମନୋଭାବ ବା ପ୍ରେରଣା ନେଇ ସେ କାମଟି କରୁଛ– ତାରି ଉପରେ ଇ ସବୁ ଭଲମନ୍ଦ ନିର୍ଭର କରେ। –ଶ୍ରୀମା

# ଉତ୍ତରଦାୟିତ୍ୱ ଲୋଡ଼ା

ପରିଚାଳନାଗତ ତ୍ରୁଟି ଯୋଗୁ ଭାରତରେ ଅନେକ ସରକାରୀ ସଂସ୍ଥା ବାରମ୍ବାର କ୍ଷତି ସହୁଥିବା ଓ ସ୍ଥଳବିଶେଷରେ ବନ୍ଦ ହୋଇଯାଇଥିବା ଦେଖିବାକୁ ମିଳିଛି। ସେଥିମଧ୍ୟରୁ କ୍ଷତି ସହିବାରେ ଏୟାର ଇଣ୍ଡିଆ ଅନ୍ୟତମ। ବର୍ତ୍ତମାନ ସରକାରୀ ପରିଚାଳିତ ଏହି ସଂସ୍ଥାର ଋଣ ଭାର ୫୨,୦୦୦ କୋଟି ଟଙ୍କାରୁ ଅଧିକ ରହିଛି। ପ୍ରତ୍ୟେକ ଦିନ ଏହା ୧୫ କୋଟିରୁ ଅଧିକ କ୍ଷତି କରିଚାଲିଛି। ଇତିମଧ୍ୟରେ କେନ୍ଦ୍ର ସରକାର ଏହାର ୭୬ ପ୍ରତିଶତ ଅଂଶଧନ ବିକିବାକୁ ଚାହିଁଥିଲେ ମଧ୍ୟ ଉପଯୁକ୍ତ କ୍ରେତା ମିଳିପାରି ନାହାନ୍ତି। ବାକି ଅଂଶଧନ ସରକାର ନିଜ ପାଖରେ ରଖି ପରିଚାଳନା କର୍ତ୍ତୃତ୍ୱ ଜାବୁଡ଼ି ଧରିବାକୁ ଚାହୁଁଥିବାରୁ ଏୟାର ଇଣ୍ଡିଆକୁ କିଣିବାକୁ କେହି ରାଜି ହେଉନାହାନ୍ତି ବୋଲି କୁହାଯାଉଛି। ସଂସ୍ଥା ଋଣଭାରରେ ବୁଡ଼ି ରହିଥିବା ବେଳେ ଭିଭିଆଇପିମାନେ ଏହାର ବିମାନରେ ଗସ୍ତ କରି ଭଡ଼ା ବକେୟା ରଖୁଥିବାରୁ ଦୁଃଖ ବଢ଼ିଚାଲିଛି। ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ସରକାରୀ ଭିଭିଆଇପିଙ୍କ ଉଡ଼ାଣ ବାବଦରେ ୧୧୪୬.୮୬ କୋଟି ଟଙ୍କା ଏୟାର ଇଣ୍ଡିଆ ସରକାରଙ୍କଠାରୁ ପାଇବାକୁ ବାକି ରହିଛି। ବହୁ ବିଲ୍ ଗତ ଏକ ଦଶନ୍ଧି ଧରି ପଡ଼ି ରହିଥିବା ବେଳେ ଗତ ବର୍ଷକ ଭିତରେ ଅର୍ଥାତ୍ ୧ ଏପ୍ରିଲ ୨୦୧୭ରୁ ୩୧ ମାର୍ଚ୍ଚ ୨୦୧୮ ମଧ୍ୟରେ ବକେୟା ପରିମାଣ ତିନିଗୁଣା ବୃଦ୍ଧି ପାଇଛି। ଯଦି ସରକାର ନିଜ କର୍ତ୍ତବ୍ୟରେ ଅବହେଳା କରୁଛନ୍ତି, ତାହାହେଲେ ଏହି ସଂସ୍ଥା ତିଷ୍ଠିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଦେଖାଯାଉଛି କର୍ପୋରେଟ ସଂସ୍ଥାଗୁଡ଼ିକ ଉତ୍ତମ ପରିଚାଳନା କରି ଲାଭ କରୁଛନ୍ତି। ଏହାର ମୁଖ୍ୟ କାରଣ ହେଲା ସଂସ୍ଥା ପ୍ରତି ଅଧିକାରୀ ଓ କର୍ମଚାରୀଙ୍କ ଉତ୍ତରଦାୟିତ୍ୱ ରହୁଛି। କେଉଁ ଦିଗରେ କିଭଳି ଖର୍ଚ୍ଚ କରାଯାଉଛି ତାହାର ଠିକ୍ ହିସାବ ରଖାଯାଉଛି। କିନ୍ତୁ ସରକାରୀ ବା ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରୁ ଅନେକେ ଲୁଟିବାକୁ ଚେଷ୍ଟା କରୁଛନ୍ତି। ଗୋଟିଏ ଧାରଣା ରହିଛି ଯେ, ସରକାରଙ୍କ ରାଜକୋଷରେ ବିପୁଳ ଅର୍ଥ ଥିବାରୁ ସେଥିରୁ କିଛି ଚାଲିଗଲେ ଫରକ ପଡ଼ିବ ନାହିଁ। ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ଅତିବିଶିଷ୍ଟ ବ୍ୟକ୍ତି ସରକାରୀ କାର୍ଯ୍ୟରେ ନିୟୋଜିତ ହୋଇଥିଲେ ମଧ୍ୟ କେଉଁ ବାବଦକୁ କିଭଳି ଖର୍ଚ୍ଚ କରାଯାଉଛି ତାହା ଦର୍ଶାଯିବା ଉଚିତ। ସେହି ଦୃଷ୍ଟିରୁ ଦେଖିଲେ ଏୟାର ଇଣ୍ଡିଆର ବକେୟା ଅର୍ଥ ପଇଠ କରାଯିବାର ବ୍ୟବସ୍ଥା ରହିଛି। ହୁଏତ ସରକାରୀ କର୍ମଚାରୀଙ୍କ ଅବହେଳା ଯୋଗୁ ହେଉ ବା ରାଷ୍ଟ୍ରାୟତ୍ତ ସଂସ୍ଥା ଭାବି ଏହା ଦିଆଯାଇ ନ ଥିବାରୁ ଏୟାର ଇଣ୍ଡିଆର ଦୁଃଖ ବଢ଼ିଯାଇଛି। ଅବଶ୍ୟ ସରକାର ସଂସ୍ଥାକୁ ବଞ୍ଚାଇ ରଖିବା ପାଇଁ ମଝିରେ ମଝିରେ ଆର୍ଥିକ ପ୍ୟାକେଜ ଦେଉଛନ୍ତି। ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ ସାମୟିକ ଆର୍ଥିକ ସାହାଯ୍ୟକୁ ବକେୟା ଭଡ଼ା ସହ ଯୋଡ଼ାଯାଇ ନ ପାରେ। ଏହି ପରିପ୍ରେକ୍ଷୀରେ ସ୍ୱଚ୍ଛତା ବଜାୟ ରହିବା ଉଚିତ।

ଭାରତରେ ସରକାରୀ ସଂସ୍ଥାଗୁଡ଼ିକରେ ପ୍ରିୟାପ୍ରୀତିତୋଷଣ, ଅର୍ଥ ବାଟମାରଣା, କାର୍ଯ୍ୟ କ୍ଷେତ୍ରରେ ଠକେଇ ଭଳି ବିଭିନ୍ନ ପ୍ରକାର ନକାରାତ୍ମକ କାର୍ଯ୍ୟ ଦେଖିବାକୁ ମିଳୁଛି। ଫଳରେ ଏହା ଘରୋଇ ସଂସ୍ଥା ସହ ପ୍ରତିଦ୍ୱନ୍ଦ୍ୱିତା କରି ନ ପାରି ପଛରେ ପଡ଼ିଯାଉଛି। ପରିଚାଳନାଗତ ତ୍ରୁଟି ଯୋଗୁ ସରକାରୀ ସଂସ୍ଥା ଥରେ କ୍ଷତି ସହିବା ଆରମ୍ଭ କରିବା ମାତ୍ରେ ତାହା ବଢ଼ିବଢ଼ି ଚାଲୁଛି। କେତେକ କ୍ଷେତ୍ରରେ ଦେଖାଯାଉଛି, ସଂସ୍ଥା ବୁଡ଼ିବା ସ୍ଥିତିକୁ ଆସିଯିବା ଦେଖିଲେ କର୍ମଚାରୀ ଯାହା କିଛି ପାଉଛନ୍ତି ସେଥିରୁ ଲୁଟି ଚାଲୁଛନ୍ତି। ଏକ ଜନମଙ୍ଗଳ ରାଷ୍ଟ୍ରରେ ସରକାରୀ ସଂସ୍ଥାରୁ ଜନସାଧାରଣ ଅନେକ ପ୍ରକାର ସାହାଯ୍ୟ ଓ ସହଯୋଗ ପାଇଥାଆନ୍ତି। ଘରୋଇ ସଂସ୍ଥା ଅତ୍ୟନ୍ତ ଲାଭ କରୁଥିବା ବେଳେ ସରକାରୀ ସଂସ୍ଥା ଯଦି ନିଜେ ତିଷ୍ଠିବା ପାଇଁ ସକ୍ଷମ ନ ହୁଏ, ତାହା ହେଲେ ସେଗୁଡ଼ିକ ବୁଡ଼ିଯିବା ଥୟ। ତେଣୁ ଏୟାର ଇଣ୍ଡିଆ ଭଳି ସଂସ୍ଥାକୁ ବଞ୍ଚାଇ ରଖିବାକୁ ହେଲେ ସରକାର ଏବଂ ସଂସ୍ଥା ସହ ଜଡ଼ିତ ଅଧିକାରୀ ଓ କର୍ମଚାରୀଙ୍କ ଉତ୍ତରଦାୟିତ୍ୱ ରହିବା ଆବଶ୍ୟକ।

## ଚିରନ୍ତନୀ

ଧୀରେ ଧରା ଲଭଇ ଚେତନା
ବହେ କାହୁଁ ମନ୍ଦ ମଳୟ
ଜୀବନର ଗଉରବ ଗୀତ
ହରିଥିଲା କାଲି ଜଡ଼ ଶୀତ
ଆଜି ଆଣେ ପରାଣେ ପ୍ରଳୟ
ପଉଷର ମନ୍ଦ ମଳୟ !
(ପୌଷ–ମଳୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୨ ଅକ୍ଟୋବର ୧୯୯୩**

- ଦକ୍ଷିଣ ଆଫ୍ରିକା ଉପରୁ ନିଜର ବାସନ୍ଦ ବ୍ୟବସ୍ଥା ପ୍ରତ୍ୟାହାର କରିନେବା ପାଇଁ ଆଫ୍ରିକୀୟ ଏକତା ସଙ୍ଗଠନ ସଦସ୍ୟ ରାଷ୍ଟ୍ରମାନଙ୍କ ନିଷ୍ପତ୍ତି।
- କାରାକସରେ ଗ୍ୟାସ୍‌ବାହୀ ପାଇପ୍ ଫାଟିଯିବା ଫଳରେ ୭୦ ଜଣଙ୍କ ମୃତ୍ୟୁ।
- କେନ୍ଦ୍ର ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଆଉ ଦୁଇଜଣ ନିର୍ବାଚନ କମିଶନରଙ୍କୁ ନିଯୁକ୍ତ କରିଛନ୍ତି। ଫଳତଃ ନିର୍ବାଚନ କମିଶନ ବର୍ତ୍ତମାନ ଏକ ତିନିସଦସ୍ୟ ବିଶିଷ୍ଟ କମିଶନରେ ପରିଣତ ହୋଇଛି।

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | C | 2 | D | | | | | | | | | 1 | |
| | | | | | | | | 1 | | | | E | B | 4 |
| | | | | | 0 | 5 | E | | | 8 | | 2 | 7 | |
| | | 0 | E | | 6 | 4 | 8 | | | | | D | | |
| | 5 | | | 4 | | | B | | | C | | | | |
| | | 5 | | | 8 | 7 | | | | | 9 | | | |
| | | | | | | | | | 1 | A | 3 | C | | D |
| | 6 | | B | 7 | C | A | 0 | | | | | | | |
| | C | | | | E | D | 6 | | 7 | | | | 4 | 9 |
| 4 | | | 5 | 6 | | | | 9 | | B | | 0 | | |
| 2 | | 4 | | | 7 | C | | | D | | | | E | |
| | | | | 9 | | | 7 | | 0 | 1 | | | | |
| | | | | A | | 9 | | | 5 | 2 | | | | B |
| 6 | | 7 | | | 1 | | D | B | 3 | | | 8 | | C |
| A | | | 6 | 0 | | | | | | | C | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 4 | 6 | 8 | 7 | 0 | 2 | E | 5 | A | 1 | 9 | 3 | B | C |
| A | C | 3 | 1 | 2 | 6 | B | D | 9 | 8 | 5 | E | 7 | 4 | 0 |
| 9 | 1 | 2 | C | A | E | 4 | 3 | 6 | B | 7 | 0 | 8 | 5 | D |
| 0 | B | 8 | 9 | D | 5 | A | C | 7 | 4 | 3 | 2 | E | 1 | 6 |
| 7 | 5 | E | B | 4 | 3 | 1 | 8 | 0 | 6 | D | C | 2 | 9 | A |
| 3 | 6 | 4 | A | 8 | 1 | D | 7 | C | 2 | 9 | B | 5 | 0 | E |
| 1 | 7 | 9 | 2 | E | D | 5 | 4 | 8 | C | 0 | 6 | A | 3 | B |
| 2 | 0 | B | 5 | 9 | C | 3 | 6 | E | 7 | A | 8 | 4 | D | 1 |
| E | A | C | 6 | 3 | B | 0 | 2 | 1 | 5 | 4 | D | 9 | 8 | 7 |
| 8 | D | 5 | 4 | 0 | 7 | 9 | A | B | 3 | E | 1 | 6 | C | 2 |
| B | E | D | 3 | 6 | 9 | 7 | 0 | A | 1 | 8 | 5 | C | 2 | 4 |
| 6 | 9 | 7 | 0 | B | 2 | 8 | 1 | 4 | E | C | 3 | D | A | 5 |
| 4 | 2 | 0 | E | 1 | 8 | C | 5 | 3 | D | 6 | A | B | 7 | 9 |
| 5 | 8 | 1 | 7 | C | A | E | B | D | 9 | 2 | 4 | 0 | 6 | 3 |
| C | 3 | A | D | 5 | 4 | 6 | 9 | 2 | 0 | B | 7 | 1 | E | 8 |

ଗତକାଲିର ଉତ୍ତର

# ବାପୁଙ୍କ ସ୍ୱପ୍ନ ସାକାର କରିବା



ନରେନ୍ଦ୍ର ମୋଦି

ଆଜି ଆମେ ପ୍ରିୟ ବାପୁଜୀଙ୍କର ୧୫୦ତମ ଜୟନ୍ତୀ ପାଳନର ଶୁଭାରମ୍ଭ କରୁଛେ। ବାପୁ ଆଜି ବି ବିଶ୍ୱର ଲକ୍ଷ କୋଟି ଲୋକଙ୍କ ପାଇଁ ଆଶାର କିରଣ, ଯେଉଁମାନେ ସମାନତା, ସମ୍ମାନ, ସମାବେଶ ଓ ସଶକ୍ତୀକରଣ ଦ୍ୱାରା ଭରପୂର ଜୀବନ ଜିଇଁବାକୁ ଚାହାନ୍ତି। ଏପରି କ୍ୱଚିତ୍ ମଣିଷ ଥିବେ ଯେଉଁମାନେ ମାନବ ସମାଜ ଉପରେ ବାପୁଙ୍କ ପରି ଗଭୀର ପ୍ରଭାବ ଛାଡିଯାଇଛନ୍ତି।

ମହାତ୍ମା ଗାନ୍ଧୀ ଭାରତକୁ ଯଥାର୍ଥରେ ନିଜର ସିଦ୍ଧାନ୍ତ ଓ ବ୍ୟବହାର ଦ୍ୱାରା ଯୋଡିଥିଲେ। ସର୍ଦ୍ଦାର ପଟେଲ କହିଥିଲେ ଯେ, ଭାରତ ବିବିଧତାରେ ପରିପୂର୍ଣ୍ଣ ଏପରି ଏକ ଦେଶ, ଯାହା ପୃଥିବୀରେ ଅନ୍ୟତ୍ର ଦେଖିବାକୁ ମିଳେନାହିଁ। ଏପରି ଏକ ଦେଶରେ ନାନା ମତଭେଦ ଥିବା ସତ୍ତ୍ୱେ ମହାତ୍ମା ଗାନ୍ଧୀ ହିଁ ସବୁବର୍ଗର ଲୋକଙ୍କୁ ଉପନିବେଶବାଦ ବିରୋଧରେ ଲଢିବାକୁ ଏକଜୁଟ କରିପାରିଥିଲେ। ସେ ଏହାର ପ୍ରାରମ୍ଭ ଭାରତରୁ ନୁହେଁ, ବରଂ ଦକ୍ଷିଣ ଆଫ୍ରିକାରୁ ହିଁ ଆରମ୍ଭ କରିଥିଲେ। ବାପୁଜୀ ଭବିଷ୍ୟତର ଆକଳନ କରିଥିଲେ ଏବଂ ପରିସ୍ଥିତିକୁ ଭଲଭାବେ ବୁଝିଥିଲେ। ସେ ନିଜ ସିଦ୍ଧାନ୍ତଗୁଡିକ ପ୍ରତି ନିଜର ଅନ୍ତିମ ଶ୍ୱାସ ଥିବା ପର୍ଯ୍ୟନ୍ତ ପ୍ରତିବଦ୍ଧ ରହିଥିଲେ।

ମହାତ୍ମା ଗାନ୍ଧୀଙ୍କ ବିଚାର ଏପରି ପ୍ରାସଙ୍ଗିକ ଯେ, ତାହାଦ୍ୱାରା ସେ ଅନେକ ସମୟରେ ଅନେକ ସମସ୍ୟାର ସମାଧାନ କରିପାରୁଥିଲେ। ଆଜିବି ବିଶ୍ୱ ସେହିସବୁ ସମସ୍ୟାର ସାମ୍ନା କରୁଛି। ବର୍ତ୍ତମାନ ସାରା ବିଶ୍ୱରେ ଆତଙ୍କବାଦ, ଉଗ୍ରବାଦ, ବିଚ୍ଛିନ୍ନତାବାଦ ଆଦି ଯେଉଁସବୁ ସମସ୍ୟା ଦେଖିବାକୁ ମିଳୁଛି, ସେସବୁ ମହାତ୍ମା ଗାନ୍ଧୀଙ୍କ ଶାନ୍ତି ଓ ଅହିଂସା ଦ୍ୱାରା ସମାଧାନ ହୋଇପାରିବ। ବର୍ତ୍ତମାନ ଯୁଗରେ ସର୍ବତ୍ର ଯେଉଁ ଅସମାନତା ଦେଖିବାକୁ ମିଳୁଛି ତାହା ବାପୁଙ୍କ ସମାନତା ଓ ସମାବେଶୀ ବିକାଶର ପଥରେ ଚାଲିଲେ ସମାଧାନ ହେବା ସହ ସମୃଦ୍ଧିର ନୂଆଯୁଗର ସୂତ୍ରପାତ ହୋଇପାରିବ।

ଆଜି ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା ବିଷୟ ସର୍ବତ୍ର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି। ଏହି ସମୟରେ ସାରା ବିଶ୍ୱକୁ ଗାନ୍ଧିଜୀଙ୍କ ବିଚାରର ସାହାଯ୍ୟ ନେବାକୁ ପଡିବ। ସେ ଶତାଧିକ ବର୍ଷ ତଳୁ ୧୯୦୯ ମସିହାରେ ମନୁଷ୍ୟର ଆବଶ୍ୟକତା ଓ ତା'ର ଲୋଭ ମଧ୍ୟରେ ଥିବା ପାର୍ଥକ୍ୟକୁ ସ୍ପଷ୍ଟ କରିଥିଲେ। ସେ ପ୍ରାକୃତିକ ସମ୍ପଦର ଉପଯୋଗ କରିବା ସମୟରେ ସଂଯମ ଓ କରୁଣା ଦୁଇଟିର ପାଳନ କରିବାକୁ ପରାମର୍ଶ ଦେଇଥିଲେ। ସେ ନିଜେ ମଧ୍ୟ ଏହାର ପରିପାଳନ କରୁଥିଲେ। ସେ ନିଜର ଶୌଚାଳୟ ନିଜେ ସଫା କରୁଥିଲେ ଏବଂ ଆଖପାଖର ବାତାବରଣକୁ ସ୍ୱଚ୍ଛ ରଖୁଥିଲେ। ପାଣି ଯେତେ କମ୍ ନଷ୍ଟ ହେବ ତାହା ଦେଖିବା ସହ ଅହମଦାବାଦରେ ସେ ଏହା ଉପରେ ବିଶେଷ ଧ୍ୟାନ ଦେଇଥିଲେ। ଯେପରି ଦୂଷିତ ଜଳ ସାବରମତୀର ଜଳ ସହ ମିଶି ନ ଯାଏ, ସେଥିପ୍ରତି ସେ ଦୃଷ୍ଟି ଦେଇଥିଲେ।

ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଲିଖିତ ଏକ ସାରଗର୍ଭକ, ସମଗ୍ର ଓ ସଂକ୍ଷିପ୍ତ ଲେଖା ପ୍ରତି ନିକଟରେ ମୋର ଧ୍ୟାନ ଆକୃଷ୍ଟ ହୋଇଥିଲା। ୧୯୪୧ ମସିହାରେ ବାପୁ 'ରଚନାତ୍ମକ କାର୍ଯ୍ୟକ୍ରମ: ତାହାର ଅର୍ଥ ଓ ସ୍ଥାନ' ନାମରେ ଏକ ଲେଖା ଲେଖିଥିଲେ। ଏହି ଲେଖାରେ ବାପୁ ବିଭିନ୍ନ ବିଷୟରେ ଚର୍ଚ୍ଚା କରିଥିଲେ, ଯେଉଁଥିରେ ଗ୍ରାମୀଣ ବିକାଶ, କୃଷିକୁ ସଶକ୍ତ କରିବା, ସଫେଇ କାର୍ଯ୍ୟକୁ ବୃଦ୍ଧି କରିବା, ଖଦୀକୁ ପ୍ରୋତ୍ସାହନ ଦେବା, ମହିଳା ସଶକ୍ତୀକରଣ ଏବଂ ଆର୍ଥିକ ସମାନତା ସହିତ ଅନେକ ବିଷୟ ସାମିଲ ଥିଲା।

ମୁଁ ମୋର ପ୍ରିୟ ଭାରତବାସୀମାନଙ୍କୁ ଅନୁରୋଧ କରିବି ଯେ, ସେମାନେ ଗାନ୍ଧିଜୀଙ୍କ 'ରଚନାତ୍ମକ କାର୍ଯ୍ୟକ୍ରମ'କୁ ପଢନ୍ତୁ। ଏହାର ମୁଦ୍ରିତ ସଂସ୍କରଣ ଅଛି, ତା' ସହ ଏହା ଇଣ୍ଟରନେଟ୍‌ରେ ବି ଉପଲବ୍ଧ। ଆମେ କିପରି ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ଗଢିପାରିବା– ଉକ୍ତ ଲେଖା ଏ ଦିଗରେ ଆମକୁ ପଥ ପ୍ରଦର୍ଶନ କରିବ। 'ରଚନାତ୍ମକ କାର୍ଯ୍ୟକ୍ରମ'ର ଅନେକ ବିଷୟ ଆଜିବି ପ୍ରାସଙ୍ଗିକ ରହିଛି, ଯାହାର ଚର୍ଚ୍ଚା ପୂଜ୍ୟ ବାପୁ ସାତ ଦଶନ୍ଧି ତଳେ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ତାହା ପୂରା ହୋଇପାରିନି।

ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱର ସବୁଠୁ ବଳିଷ୍ଠ ଦିଗ ମଧ୍ୟରୁ ଗୋଟିଏ ହେଉଛି, ସେ ପ୍ରତ୍ୟେକ ଭାରତୀୟଙ୍କୁ ସ୍ୱାଧୀନତା ଲାଗି କାମ କରିବାର ଅନୁଭବ ଦେଇଥିଲେ। ସେ ଅଧ୍ୟାପକ, ଓକିଲ, ଡାକ୍ତର, କୃଷକ, ଶ୍ରମିକ, ଉଦ୍ୟୋଗପତି ସମସ୍ତଙ୍କ ମଧ୍ୟରେ ଅନୁଭବ ଭରିଦେଇଥିଲେ ଯେ ସେମାନେ ଯାହାକିଛି ବି କରୁଛନ୍ତି ତାହା ମାଧ୍ୟମରେ ସେମାନେ ଭାରତର ସ୍ୱାଧୀନତା ସଂଗ୍ରାମ ଚଳାଇ ରଖିଛନ୍ତି। ଏ ପରିପ୍ରେକ୍ଷୀରେ ଆସନ୍ତୁ ଆଜି ଆମେ ସେହି କାମଗୁଡିକୁ ଆପଣାଇବା ଯେଉଁଥିପାଇଁ ଆମକୁ ଲାଗିବ ଯେ, ଗାନ୍ଧିଜୀଙ୍କ ସ୍ୱପ୍ନକୁ ପୂରା କରିବା ପାଇଁ ଆମେ ସେସବୁ କରୁଛୁ। ଭୋଜନ ନଷ୍ଟ କରିବାକୁ ପୂରା ବନ୍ଦ କରିବା ପରି ସାଧାରଣ ଜିନିଷଠାରୁ ଆରମ୍ଭ କରି ଅହିଂସା ଓ ଆପଣାପଣର ଭାବନାକୁ ଆପଣାଇ ତାହା ଆରମ୍ଭ କରାଯାଇପାରେ।

ଆସନ୍ତୁ ବିଚାର କରିବା ଯେ, କିପରି ଆମର କାର୍ଯ୍ୟକଳାପ ଭବିଷ୍ୟତ ପିଢ଼ି ପାଇଁ ଏକ ସ୍ୱଚ୍ଛ ଓ ସବୁଜ ବାତାବରଣ ତିଆରି କରିବାରେ ସାହାଯ୍ୟ କରିପାରେ। ପ୍ରାୟ ୮ ଦଶନ୍ଧି ପୂର୍ବେ ଯେତେବେଳେ ପ୍ରଦୂଷଣର ବିପଦ ଏତେ ଭୟାନକ ହୋଇ ନ ଥିଲା, ସେତେବେଳେ ମହାତ୍ମା ଗାନ୍ଧୀ ସାଇକେଲ ଚଲାଇବା ଆରମ୍ଭ କରିଥିଲେ। ଯେଉଁ ଲୋକ ସେତେବେଳେ ଅହମଦାବାଦରେ ଥିଲେ ସେମାନେ ଏ କଥାକୁ ମନେପକାଇ ପାରିବେ ଯେ, ମହାତ୍ମା ଗାନ୍ଧୀ କିପରି ଗୁଜରାଟ ବିଦ୍ୟାପୀଠରୁ ସାବରମତି ଆଶ୍ରମକୁ ସାଇକେଲରେ ଯାଉଥିଲେ। ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀ ସେହି ଆଇନର ବିରୋଧ କରିଥିଲେ, ଯାହା ଲୋକଙ୍କୁ ସାଇକେଲ ଚଲାଇବାକୁ ବାରଣ କରିଥିଲା। ଜୋହାନ୍ସବର୍ଗରେ ଯିବାଆସିବା ପାଇଁ ଗାନ୍ଧିଜୀ ସାଇକେଲର ଉପଯୋଗ କରୁଥିଲେ। କୁହାଯାଏ ଥରେ ଜୋହାନ୍ସବର୍ଗରେ ପ୍ଲେଗ୍ ବ୍ୟାପିଥିଲା। ସେତେବେଳେ ଗାନ୍ଧିଜୀ ଗୋଟିଏ ସଇକେଲ ଦ୍ୱାରା ସବୁଠୁ ଅଧିକ ପ୍ରଭାବିତ ସ୍ଥାନରେ ପହଞ୍ଚି ସେବା କାର୍ଯ୍ୟରେ ଲାଗିଯାଇଥିଲେ। ଆଜି ବି କ'ଣ ଆମେ ସେହି ଭାବନାକୁ ଆପଣେଇ ପାରିବା ?

ଏହା ହେଉଛି ପାର୍ବଣର ସମୟ ଏବଂ ସାରା ଦେଶରେ ଲୋକମାନେ ନୂଆ ଲୁଗା ଉପହାର, ଖାଇବା ଜିନିଷ ଓ ଅନ୍ୟ ପଦାର୍ଥ କିଣିବେ। ଏହା କିଣିବା ସମୟରେ ଆମେ ଗାନ୍ଧିଜୀଙ୍କର ଗୋଟିଏ କଥା ଉପରେ ଧ୍ୟାନ ରଖିବା ଦରକାର– ଆମର କାର୍ଯ୍ୟକଳାପ ଯେପରି ଅନ୍ୟ ଭାରତୀୟମାନଙ୍କ ଜୀବନରେ ସମୃଦ୍ଧିର ଦୀପ ଜଳାଇପାରେ। ତାହା ଖଦୀବସ୍ତ୍ର ହେଉ ବା ଉପହାର ବସ୍ତୁ ହେଉ ବା ଖାଇବା ପିଇବା ଜିନିଷ, ଯେଉଁ ଜିନିଷକୁ ସେମାନେ ଉତ୍ପାଦନ କରୁଛନ୍ତି, ସେଗୁଡିକୁ କିଣି ଏକ ଉନ୍ନତତର ଜୀବନ ଜିଇଁବାରେ ଆମେ ଆମର ସାଥୀ ଭାରତୀୟମାନଙ୍କୁ ସାହାଯ୍ୟ କରିବା।

ବିଗତ ଚାରିବର୍ଷରେ 'ସ୍ୱଚ୍ଛ ଭାରତ ଅଭିଯାନ' ଦ୍ୱାରା ୧୩୦ କୋଟି ଭାରତୀୟ ମହାତ୍ମା ଗାନ୍ଧୀଙ୍କ ପ୍ରତି ନିଜର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ପ୍ରତ୍ୟେକ ଭାରତୀୟଙ୍କ କଠୋର ପରିଶ୍ରମ ଯୋଗୁ ଏହି ଅଭିଯାନ ଆଜି ଏକ ଜୀବନ୍ତ ଜନ ଆନ୍ଦୋଳନର ରୂପ ନେଇଛି। ସାଢେ ୮ କୋଟିରୁ ଅଧିକ ପରିବାର ପାଖରେ ପ୍ରଥମଥର ପାଇଁ ଶୌଚାଳୟର ସୁବିଧା ପହଞ୍ଚିପାରିଛି। ୪୦ କୋଟିରୁ ଅଧିକ ଭାରତୀୟଙ୍କୁ ଏବେ ଖୋଲାରେ ଶୌଚ ପାଇଁ ଯିବାକୁ ପଡୁନାହିଁ। ୪ ବର୍ଷ ପରି ସ୍ୱଳ୍ପ ଅବଧି ଭିତରେ ସ୍ୱଚ୍ଛତା ୩୯ ପ୍ରତିଶତରୁ ବୃଦ୍ଧିପାଇ ୯୫ ପ୍ରତିଶତରେ ପହଞ୍ଚିପାରିଛି। ୨୧ଟି ରାଜ୍ୟ ଓ ସ୍ୱୟଂଶାସିତ ଅଞ୍ଚଳ ଏବଂ ସାଢେ ୪ ଲକ୍ଷ ଗାଁ ଏବେ ଖୋଲାରେ ଶୌଚ ହେବାରୁ ମୁକ୍ତ ହୋଇପାରିଛି। 'ସ୍ୱଚ୍ଛ ଭାରତ ଅଭିଯାନ'ର ଆତ୍ମସମ୍ମାନ ଓ ଉନ୍ନତ ଭବିଷ୍ୟତ ସହ ସମ୍ବନ୍ଧ ରହିଛି। ଏହା ଉକ୍ତ କୋଟି କୋଟି ମହିଳାଙ୍କ ପାଇଁ ହିତକାରୀ ହୋଇଛି, ଯେଉଁମାନେ ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ହିଁ ନିତ୍ୟକର୍ମ କରିବା ପାଇଁ ମୁହଁ ଲୁଚାଇ ବାହାରକୁ ଯିବାକୁ ବାଧ୍ୟ ହେଉଥିଲେ। ସଫାସୁତୁରା ଅଭାବରୁ ଯେଉଁ ପିଲାମାନଙ୍କୁ ରୋଗ ହେଉଥିଲା, ଶୌଚାଳୟ ସେମାନଙ୍କ ପାଇଁ ବରଦାନ ସଦୃଶ ହୋଇଛି।

କିଛିଦିନ ପୂର୍ବେ ଜଣେ ଦିବ୍ୟାଙ୍ଗ ଭାଇ ମୋର 'ମନ କୀ ବାତ୍' କାର୍ଯ୍ୟକ୍ରମ ଅବସରରେ ମୋତେ ଫୋନ କରି କହିଲେ ଯେ, ସେ ଦୁଇ ଆଖିରେ ଦେଖିପାରୁ ନାହାନ୍ତି। କିନ୍ତୁ ଯେତେବେଳେ ନିଜ ଘରେ ଶୌଚାଳୟ ହେଲା ତାଙ୍କ ଜୀବନରେ ଖୁବ୍‌ବଡ ସକାରାତ୍ମକ ପରିବର୍ତ୍ତନ ଆସିପାରିଛି। ତାଙ୍କ ପରି ଅନେକ ଦିବ୍ୟାଙ୍ଗ ଭାଇ ଓ ଭଉଣୀ ଅଛନ୍ତି, ଯେଉଁମାନେ ସାର୍ବଜନିକ ସ୍ଥଳ ଓ ଖୋଲାରେ ଶୌଚ ପାଇଁ ଯିବାଜନିତ ଅସୁବିଧାରୁ ମୁକ୍ତ ହୋଇପାରିଛନ୍ତି। ସେମାନେ ମୋତେ ଯେଉଁ ଆଶୀର୍ବାଦ ଦେଇଛନ୍ତି ତାହା ମୋର ସବୁଦିନ ପାଇଁ ମନେରହିବ। ଆଜି ଅନେକ ଭାରତୀୟ ଅଛନ୍ତି, ଯେଉଁମାନଙ୍କୁ ସ୍ୱାଧୀନତା ସଂଗ୍ରାମରେ ଭାଗନେବାର ସୌଭାଗ୍ୟ ମିଳି ନ ଥିଲା। କିନ୍ତୁ ଏବେ ସେମାନଙ୍କ ପାଇଁ ଗାନ୍ଧିଜୀଙ୍କ ଆଦର୍ଶରେ ଦେଶସେବା କରିବାର ପୂର୍ଣ୍ଣ ଅବସର ରହିଛି। ଆଜି ଗାନ୍ଧିଜୀଙ୍କ ସ୍ୱପ୍ନ ପୂରା କରିବାର ଏକ ବୃହତ୍ ଅବସର ଆମ ପାଖରେ ରହିଛି। ଆମେ ଅନେକ କିଛି କରିଛୁ ଏବଂ ମୋର ପୂରା ବିଶ୍ୱାସ ଅଛି ଯେ ଆଗାମୀ ଦିନରେ ମଧ୍ୟ ଅନେକ କିଛି କିରବାରେ ସଫଳ ହୋଇପାରିବା।

'ବୈଷ୍ଣବ ଜନ ତୋ ତେନେ କହିୟେ, ଜେ ପୀର ପରାୟୀ ଜାନେ ରେ', ଏହା ହେଉଛି ବାପୁଜୀଙ୍କର ସବୁଠାରୁ ପ୍ରିୟ ପଂକ୍ତି ମଧ୍ୟରୁ ଅନ୍ୟତମ। ଏହାର ଅର୍ଥ ହେଉଛି ଯେ, ଭଲ ଆତ୍ମା ତାକୁ ହିଁ କୁହାଯାଏ ଯିଏ ଅନ୍ୟର ଦୁଃଖ ଅନୁଭବ କରିପାରେ। ଏହା ସେହି ଭାବନା ଥିଲା ଯାହାଦ୍ୱାରା ଗାନ୍ଧିଜୀ ଅନ୍ୟମାନଙ୍କ ପାଇଁ ଜୀବନ ଜିଇଁବା ଲାଗି ଆମକୁ ପ୍ରେରିତ କରୁଥିଲେ। ଆମେ ୧୩୦ କୋଟି ଭାରତୀୟ ଆଜି ତାଙ୍କର ସେହି ସ୍ୱପ୍ନକୁ ପୂରା କରିବା ପାଇଁ ମିଳିମିଶି କାମ କରିବାକୁ ପ୍ରତିବଦ୍ଧ ହେବା, ଯାହା ବାପୁ ଦେଶ ପାଇଁ ଦେଖିଥିଲେ ଏବଂ ଯାହା ପାଇଁ ସେ ନିଜ ଜୀବନର ବଳିଦାନ ଦେଇଥିଲେ।

ପ୍ରଧାନମନ୍ତ୍ରୀ, ଭାରତ

# ପରିବର୍ତ୍ତନର ସ୍ୱର



ସୌମ୍ୟା ପରିଡ଼ା

ନିଜେ ବଞ୍ଚିଲେ ବାପର ନାଁ। ଏ କଥାଟାକୁ ଆମେ ଏବେ ଅକ୍ଷରେ ଅକ୍ଷରେ ପାଳନ କରୁଛେ। ମୁଁ, ମୋ ପରିବାର। ଆଉ କେବେ କେବେ ମୋ ପରିବାରରେ ମୋ ମାଆବାପା ବି ଗଣା ନୁହନ୍ତି। ମୁଁ କେମିତି ଭଲ ଖାଇବି, ବଡ଼ ଗାଡ଼ି ଚଢ଼ିବି, ବଡ଼ ବଙ୍ଗଳାରେ ରହିବି, ସେଇ ଚିନ୍ତା। ଏବେ ଦେଶର ବିଭିନ୍ନ ସ୍ଥାନ ପରି ଆମ ରାଜ୍ୟର ଅନେକ ସହର ବର୍ଷାଦିନେ ପାଣିରେ ବୁଡ଼ି ରହୁଛି। ଏଥିପାଇଁ ସରକାରୀ ଯୋଜନା ଓ ମ୍ୟୁନିସିପାଲିଟି ଯେତିକି ଦାୟୀ ତା'ଠୁ ଅଧିକ ଦାୟୀ ସାଧାରଣ ଲୋକେ।

ନିର୍ବାଚନ ପାଖେଇ ଆସିଲେ ଆଜି ଅମୁକ ଜାଗାରେ ଶିଳାନ୍ୟାସ, କାଲି ସମୁକ ଜାଗାରେ କମ୍ବଳ ବଣ୍ଟା, ତା' ପରଦିନ ଗଛଲଗା, ତହିଁଆର ଦିନ ସ୍ୱାସ୍ଥ୍ୟ ଶିବିର ଏମିତି କଥା ସବୁ ଚାଲେ। କୁଜି ନେତାଙ୍କଠୁ ଆରମ୍ଭ କରି ବଡ଼ ଯାଏ ସମସ୍ତେ ହଠାତ୍ ତତ୍ପର ହୋଇଉଠନ୍ତି। ସଭାସମିତିକୁ ଯିବାକୁ ଆମକୁ ଡକରା ଆସେ। ଆମ ମଧ୍ୟରୁ ଅଧିକାଂଶ ଆଗ ଆମର ଫାଇଦା ଦେଖୁ। ମାଗଣା ଗାଡ଼ିଘୋଡ଼ାର ବ୍ୟବସ୍ଥା ହୋଇଛି ନା ନାହିଁ, ମଦ–ମାଂସର ଆୟୋଜନ ଅଛି ନା ନାହିଁ– ଏମିତି ଅନେକ କଥା। ମାଗଣା ଗାଡ଼ି ଆଉ ମାଗଣା ଖାଇବାରେ ସଭାସମିତିକୁ ଯାଇ ଆମେ କେବଳ ଦର୍ଶକ ସାଜିପାରିବା, ହେଲେ ନିଜ ହକ୍ ପାଇଁ ଦି'ପଦ କହିବାର ସୁଯୋଗକୁ ହାତଛଡ଼ା କରିବା। ସେଇଥିପାଇଁ ହିଁ ଆମକୁ ନେତା–ମନ୍ତ୍ରୀଏ ଖାତିର କରନ୍ତି ନାହିଁ। ବାର୍ଥ ସାର୍ଟିଫିକେଟ୍, ଡେଥ୍ ସାର୍ଟିଫିକେଟ୍, ଡ୍ରାଇଭିଙ୍ଗ୍ ଲାଇସେନ୍ସ ସବୁଥିରେ ହାତଗୁଞ୍ଜା। ଜାଗା କିଣ କି ବିକ୍ରି କର, ଘର କିଣ କି ବିକ୍ରି କର, ଚାକିରି କର କି ଚାକିରି ପରେ ପେନ୍‌ସନ ପାଇବାର ବ୍ୟବସ୍ଥା କର, ସବୁଥିରେ ଟଙ୍କା ଦେଣ–ନେଣ ଚାଲେ। କେବେ ଖୋଲାଖୋଲି ତ କେବେ ହାତଗୁଞ୍ଜା। ଆଉ ସବୁଥିରେ ଦିଏ ଜଣେ ସାଧାରଣ ଲୋକ, ନିଏ ବି ଜଣେ ସାଧାରଣ ଲୋକ। ଆମ ନିଜକୁ ଆମେ ଶୋଷଣ କରୁ। ଯୋଉଠି ଆମ ଭିତରେ ବଳ କଷାକଷି, ସେଠି ତୃତୀୟ ଲୋକ ତ ଫାଇଦା ନବ ହିଁ ନବ।

ଏବେ ଅଧିକାଂଶ ଜାଗାରେ ଗାଁ କମିଟି ନାହିଁ। ଆଉ ଯେଉଁଠି ବି ଅଛି ତାକୁ ରାଜନୀତି ଗ୍ରାସ କରିଛି। ଦଳମତ ନିର୍ବିଶେଷରେ ସବୁ ଗାଁ, କଲୋନୀ ଓ ବସ୍ତିରେ ବୟୋଜ୍ୟେଷ୍ଠ, ଯୁବଗୋଷ୍ଠୀ ଓ ସ୍କୁଲ ପିଲାଙ୍କୁ ନେଇ କମିଟି ରହିବା କଥା। ଫଳରେ ପରସ୍ପର ପରସ୍ପରକୁ ବୁଝିବେ, ନିଜ ହକ୍ ପାଇଁ ଲଢ଼ିବେ। ବୟୋଜ୍ୟେଷ୍ଠ ଲୋକଙ୍କ ପାଖେ ସମୟ ଓ ଅଭିଜ୍ଞତା ଅଛି। ତେଣୁ ଭଲମନ୍ଦ କଥାର ବିଚାର ସେମାନେ କରିପାରିବେ। ଲୋକଙ୍କ ଭିତରେ ମନୋମାଳିନ୍ୟ ହେଲେ ତା'ର ସମାଧାନ କେମିତି ହେବ ସେସବୁ ତାଙ୍କୁ ବେଶ୍ ଜଣା। ଏମିତି କି ଥିଲାବାଲା, ନଥିବାବାଲାର ବିଭିନ୍ନ ସରକାରୀ ଯୋଜନା ହଡ଼ପ କଲେ, ତାକୁ ବି ସେମାନେ ଅଙ୍ଗୁଳି ଦେଖାଇପାରିବେ। ସହର ଓ ଗାଁ ଗଣ୍ଡାରେ ଥିବା ଯୋର, ନଈ, କାଡ଼ାନାଳ ସବୁ ଅଳିଆ ଆବର୍ଜନାରେ ପୋତିହେଲାଣି। ସବୁଜ ଜଙ୍ଗଲ ଅପେକ୍ଷା କଂକ୍ରିଟ୍ ଜଙ୍ଗଲ ଅଧିକ ହେଲାଣି। ମୁଁ, ମୋ ପରିବାର, ତା'ର ଭବିଷ୍ୟତ ଏସବୁ ଭିତରେ ଆମେ ଜୀବନର ଅନ୍ୟ ସବୁ କଥାକୁ ଜଳାଞ୍ଜଳି ଦେଉଛେ। ଆମ ପିଲା ପାଇଁ ଆମେ କେବଳ ଧନ ସଞ୍ଚୁଛେ। ହେଲେ ୟା ଭିତରେ ଭୁଲିଯାଉଛେ ଯେ ଜୀବନ ଜିଇବାକୁ ହେଲେ ଭଲ ବାୟୁ, ଜଳ, ଜଙ୍ଗଲ, ଜମି ଦରକାର। ତଥାପି ବି ଆମେ 'ଆଜି'ରେ ବ୍ୟସ୍ତ, 'କାଲି' ପାଇଁ କାହାର ସମୟ ନାହିଁ। ମୁଁ ବଦଳିଲେ ମୋ ପରିବାର ବଦଳିବ। ମୋ ପରିବାରକୁ ଦେଖି ଆଉ କିଏ, ପୁଣି ତାକୁ ଦେଖି ଆଉ କିଏ ବି ବଦଳିବାକୁ ଚେଷ୍ଟା କରିବ। ତଳସ୍ତରରୁ ହିଁ ପରିବର୍ତ୍ତନର ସ୍ୱର ଉଠିଲେ ଧୀରେ ଧୀରେ ଉପରମୁଣ୍ଡ ବି ପରିଷ୍କାର ହେବ। ହେଲେ ଏ ସବୁ ପାଇଁ ଆମକୁ ଆମର ଖାଇବା ଓ ଖୁଆଇବା ନୀତିକୁ ଛାଡ଼ିବାକୁ ପଡ଼ିବ।

ମୋ– ୯୩୩୮୫୬୬୫୮୭, saumya.consultant@gmail.com

## ଏଇ ଭାରତରେ

ଭାରତୀୟ ଚକ୍ଷୁବିଜ୍ଞାନ ବିଶେଷଜ୍ଞ ଡକ୍ଟର ଗୋବିନ୍ଦପ୍ପା ଭେଙ୍କଟସ୍ୱାମୀଙ୍କ ୧୦୦ତମ ଜନ୍ମବାର୍ଷିକୀରେ ଗୁଗଲ ସୋମବାର ଡୁଡଲ୍ ମାଧ୍ୟମରେ ସମ୍ମାନିତ କରିଛି। ଏହା ଆମ ଦେଶ ପାଇଁ ସମ୍ମାନର ବିଷୟ। ଭେଙ୍କଟସ୍ୱାମୀ ହେଉଛନ୍ତି ମଦୁରାଇସ୍ଥିତ ଅରବିନ୍ଦ ଆଇ ହସ୍ପିଟାଲ୍‌ର ପ୍ରତିଷ୍ଠାତା। ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ଏହି ହସ୍ପିଟାଲ୍‌ର ପ୍ରସିଦ୍ଧି ବିଶ୍ୱବିଦିତ। ଯୋଗକୁ ଗୁଗଲ୍ ସିଇଓ ସୁନ୍ଦର ପିଚାଇ ମଧ୍ୟ ମଦୁରାଇର ବାସିନ୍ଦା। ଏହି ନଗରୀରେ ଅରବିନ୍ଦ ଆଇ ହସ୍ପିଟାଲ୍ ପ୍ରଥମକରି ପ୍ରତିଷ୍ଠା ହୋଇଥିଲା। ଉକ୍ତ ହସ୍ପିଟାଲ୍‌ରେ ୫୫ ନିୟୁତ ଚକ୍ଷୁରୋଗୀଙ୍କ ଚିକିତ୍ସା କରାଯିବା ସହିତ ୬.୮ ନିୟୁତ ରୋଗୀଙ୍କର ଚକ୍ଷୁରେ ଅସ୍ତ୍ରୋପଚାର କରାଯାଇଛି। ଦେଶରେ କାଟାରାକ୍ଟ ସମ୍ବନ୍ଧିତ ଅନ୍ଧତ୍ୱ ଦୂରୀକରଣରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଗୁଗଲ୍ ବ୍ଲଗପୋଷ୍ଟ ସୂଚନା ଅନୁଯାୟୀ, ଭେଙ୍କଟସ୍ୱାମୀ ତାଙ୍କ ସହକର୍ମୀ ଏବଂ ରୋଗୀଙ୍କ ପାଇଁ ଡକ୍ଟର ଭି. ନାମରେ ପରିଚିତ ଥିଲେ। ୧୯୧୮ ଅକ୍ଟୋବର ୧ରେ ତାମିଲନାଡୁର ଭଦମଲପୁରମ୍‌ଠାରେ ଜନ୍ମଗ୍ରହଣ କରିଥିଲେ। ୩୦ବର୍ଷ ବୟସରେ ସେ ଆଣ୍ଠୁଗଣ୍ଠି ବାତରେ ପୀଡିତ ହେଲେ। ସ୍ୱାସ୍ଥ୍ୟ ସମସ୍ୟା ସତ୍ତ୍ୱେ ଅନ୍ଧତ୍ୱର ମୁଖ୍ୟ କାରଣ କୁହାଯାଉଥିବା କାଟାରାକ୍ଟ ଅସ୍ତ୍ରୋପଚାର ପାଇଁ ଶିକ୍ଷାଲାଭ କଲେ। ଡକ୍ଟର ଭି. ଦିନକୁ ୧୦୦ ରୋଗୀଙ୍କ ଚକ୍ଷୁରେ ଅସ୍ତ୍ରୋପଚାର କରିପାରୁଥିଲେ। ୧୯୭୩ରେ ତାଙ୍କୁ ପଦ୍ମଶ୍ରୀ ଉପାଧି ପ୍ରଦାନ କରାଯାଇଥିଲା। ୨୦୦୬ ଜୁଲାଇ ୭ରେ ୮୭ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା। ବାସ୍ତବରେ ଏଭଳି ଜଣେ ଦେବଦୂତଙ୍କ ନିମନ୍ତେ ଗୁଗଲ୍‌ର ସମ୍ମାନ ଆମ ଦେଶବାସୀଙ୍କ ପାଇଁ ଗୌରବର ବିଷୟ।

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ୟଭିଚାର ବଢ଼ିବ

ମହାଶୟ,

ପରକୀୟା ପ୍ରୀତି ଓ ସମଲିଙ୍ଗୀ ସମ୍ପର୍କକୁ ଆଇନାନୁମୋଦିତ କରି ସହମତିରେ ଅବାଧ ମିଳାମିଶା ଲାଗି ମାନ୍ୟବର ସୁପ୍ରିମ୍‌କୋର୍ଟ ବାଟ ଖୋଲି ଦେଇଛନ୍ତି। ଏହାଦ୍ୱାରା ବ୍ୟଭିଚାର ବଢ଼ିବ, ନୈତିକତାର ଅଧଃପତନ ଘଟିବ, ସଂସ୍କାର ଓ ସଂସ୍କୃତି ଲୋପ ପାଇବ ଏବଂ ଦେଶ ଜାରଜ ସନ୍ତାନଙ୍କ ଦେଶରେ ପରିଣତ ହେବ, ଏଥିରେ ସନ୍ଦେହ ନାହିଁ। ସମାଜରେ ପ୍ରତ୍ୟେକଙ୍କ ସମାନ ଅଧିକାର ଓ ସ୍ୱାଧୀନତାକୁ ଯଦି ପ୍ରାଧାନ୍ୟ ଦିଆଯାଏ, ତେବେ ବେଶ୍ୟାଳୟଗୁଡ଼ିକରେ ଦେହଜୀବୀମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ସହିତ ସମାଜରେ ସମ୍ମାନର ସହ ବଞ୍ଚିବା ଲାଗି ଅଧିକାର ଦେବାରେ ଅସୁବିଧା କେଉଁଠି ?

ଅଶୋକ କୁମାର ଆଢ୍ୟ, ସଭାପତି, ଆର୍ତ୍ତତ୍ରାଣ ସେବା ସଂସଦ, ପୁରୀ

### ମଶା ପ୍ରାଦୁର୍ଭାବ

ଏବେ ରାଜ୍ୟର ବିଭିନ୍ନ ସ୍ଥାନରେ ଡେଙ୍ଗୁ ଓ ମ୍ୟାଲେରିଆ ବ୍ୟାପୁଥିବାର ଦେଖାଯାଉଛି। ଏହାର ମୂଳ କାରଣ ମଶା। ମଶାରି ବ୍ୟବହାର କଲେ ମଶାଠାରୁ ଆମେ ସୁରକ୍ଷିତ ରହିବା। ତା'ଛଡା ପରିବେଶକୁ ସଫାସୁତରା ରଖିଲେ ମଶା ପ୍ରାଦୁର୍ଭାବ ହ୍ରାସ ପାଇବ।

ସାରଥି ମଲ୍ଲିକ, ଅମରପାଲି, ବୀରମହାରାଜପୁର, ସୋନପୁର,

### ଜିଡିପି ବଢୁଛି, ଗରିବୀ କମୁନି

ଧରିତ୍ରୀରେ ପ୍ରକାଶିତ ସହଦେବ ସାହୁଙ୍କ 'ଜିଡିପି ବଢୁଛି, ଗରିବୀ କମୁନାହିଁ' ଲେଖାଟି ଭଲ ହେଇଛି। ଗ୍ରନ୍ଥାଗାର ବିଜ୍ଞାନରେ ଅର୍ଥଶାସ୍ତ୍ରକୁ ସମାଜଶାସ୍ତ୍ର ଅଧୀନରେ ରଖାଯାଇଥାଏ। ବିଖ୍ୟାତ ସମାଜଶାସ୍ତ୍ରୀ ଅଗଷ୍ଟ କଙ୍ଗଟ ସମାଜଶାସ୍ତ୍ରରେ ଗଣିତର ବ୍ୟବହାରକୁ ଅନୁମୋଦନ କରିଥିଲେ। ଅର୍ଥଶାସ୍ତ୍ର ଗଣିତର ଫାଇଦା ନେଇଥାଏ, ମାତ୍ର ଏହି ଫାଇଦା ନେବାରେ କେତେକ କଟକଣା ରହିଥାଏ। ଗଣିତରେ ଗୋଟିଏ ଅଜଣା ରାଶି ଏକ୍ସର ଯେମିତି ଠିକ୍ ଅର୍ଥ ରହିଥାଏ, ଅର୍ଥଶାସ୍ତ୍ରରେ ଜିଡିପିର ସେମିତି ଠିକ୍ ଅର୍ଥ ରହି ନ ଥାଏ। ଭୁବନେଶ୍ୱର ଉପକଣ୍ଠରେ ଜମିର ଦର ବଢ଼ିଲା ମାତ୍ର ତାହା ଦ୍ୱାରା ଜିଡିପି ବଢିବ ନାହିଁ। କେବଳ କ୍ରେତା ହାତରୁ ବିକ୍ରେତା ହାତକୁ ଟଙ୍କା ଯିବ। ତେବେ ଏହା ସ୍ୱୀକାର କରିବାକୁ ପଡିବ ଯେ, ଆମ ସମାଜରେ ଗୋଷ୍ଠୀର ଭୂମିକା ଧୀରେ ଧୀରେ କମିଯାଉଛି। ମାନବ ଜାତି ଏକ ହେଲେ ମଧ୍ୟ ରାଷ୍ଟ୍ର, ପ୍ରଦେଶ ଓ ଗୋଷ୍ଠୀ ବ୍ୟକ୍ତିର ସ୍ୱାଧୀନତାକୁ ନିୟନ୍ତ୍ରଣ କରିଥାଆନ୍ତି ଓ ଗୋଷ୍ଠୀଗତ ଜୀବନ ଲୋପ ପାଇଯିବା ବୃହତ୍ତର ସମାଜ ପାଇଁ ହିତକର ନୁହେଁ।

ପ୍ରଦ୍ୟୋତ ମହାପାତ୍ର, ୭୮୪–ବମିଖାଲ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପାଇକ ବିଦ୍ରୋହ ସ୍ମାରକୀ ନିର୍ମାଣ ପାଇଁ ୫୦ ଏକର ଆବଶ୍ୟକ

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୧।୧୦(ବ୍ୟୁରୋ):** ପାଇକ ବିଦ୍ରୋହ ସ୍ମୃତିରେ ବରୁଣେଇ ପାହାଡ଼ର ପାଦଦେଶରେ ପ୍ରସ୍ତାବିତ ସ୍ମାରକୀ ନିର୍ମାଣ କରିଯିବ। ଏଥିପାଇଁ ୫୦ଏକର ଜାଗା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ରାଜ୍ୟର ସାଂସ୍କୃତିକ ପରିଦୃଶ୍ୟରେ ଏହି ପ୍ରକଳ୍ପ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଥିବାରୁ ଏହି ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତରେ କରିବା ଠିକ୍ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। କେନ୍ଦ୍ରମନ୍ତ୍ରୀ ସୋମବାର ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ପାଇକ ବିଦ୍ରୋହର ଦୁଇଶହ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଲ୍ଲୀ ଓ ଅନ୍ୟ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପାଇକ ବିଦ୍ରୋହକୁ ନେଇ ଏକ ଡାକ ଟିକେଟ ଓ ମୁଦ୍ରା ଜାରୀ କରିବା ପାଇଁ ଯୋଜନା ରହିଛି। ତେଣୁ ଏହି ସ୍ମୃତିରେ ବରୁଣେଇ ପାହାଡର ଦ୍ୱାର ଦେଶରେ ଏକ ସ୍ମାରକୀ ନିର୍ମାଣ କରିବାକୁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ୫୦ଏକର ସ୍ଥାନ ଉପଲବ୍ଧ କରାଇବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଶ୍ରଦ୍ଧାଞ୍ଜଳୀ ସ୍ମୃତିସଭା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କୁ ବ୍ୟକ୍ତିଗତ ଭାବେ ଜମି ଯୋଗାଇଦେବା ଲାଗି ସେ ମଧ୍ୟ ଅନୁରୋଧ କରିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି। ପାଇକ ବିଦ୍ରୋହର ଏହି ଆନ୍ଦୋଳନ ଓଡିଶାର ଗର୍ବ ଓ ଗୌରବର ଏକ ଆବିଚ୍ଛେଦ୍ୟ ଅଙ୍ଗ ହୋଇଥିବାରୁ ଏହି ସ୍ଥାୟୀସ୍ମୃତି ଆକର୍ଷଣର କେନ୍ଦ୍ର ହେବ ଏବଂ ଆଗାମୀ ପିଢୀ ପାଇଁ ପ୍ରେରଣାର ଉତ୍ସ ହେବ। ଏହି ସ୍ଥାନରେ ପାଇକ ବିଦ୍ରୋହର ନାୟକ ଓ ଅନ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କର ସଂଗ୍ରାହଳୟ ଓ ଅଡିଓ ଭିଜୁଆଲ ସ୍ମାରକ ରହିବ, ଯାହା ସାଧାରଣ ଲୋକମାନଙ୍କୁ ବିଶେଷ ଆକର୍ଷଣ କରିବ। କେନ୍ଦ୍ର ସରକାର ଏବଂ ଇଣ୍ଡିଆନ ଅଏଲ ଫାଉଣ୍ଡେସନ ପକ୍ଷରୁ ଏଥିପାଇଁ ଆବସ୍ୟକ ବ୍ୟବସ୍ଥା କରିଥିବା ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି।

### ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର

# ସ୍କୁଲରେ ତାଲା ପକାଇଲେ ଅଭିଭାବକ

**ରାୟଗଡ଼ା ଅଫିସ, ୧।୧୦:** ରାୟଗଡ଼ା ବ୍ଲକ୍ ଗୁମ୍ମା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଏକ ଅଭାବନୀୟ ଘଟଣା ଘଟିଛି। କେତେକ ଛାତ୍ରୀଙ୍କୁ ଛାତ୍ରମାନେ ଏକ କୋଠରିରେ ଦୀର୍ଘ ସମୟ ରଖିବା ସହ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସୋମବାର ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇବା ସହ ଧାରଣାରେ ବସିଥିଲେ। ଫଳରେ ଦୀର୍ଘ ସମୟ ଧରି ଉତ୍ତେଜନା ଦେଖା ଦେଇଥିଲା। ଗତ ସୋମବାର ଉକ୍ତ ବିଦ୍ୟାଳୟର ୫ଜଣ ଛାତ୍ରୀଙ୍କୁ କେତେକ ଛାତ୍ର ଏକ କୋଠରିରେ ରଖି ଭିତରପଟୁ କବାଟ ବନ୍ଦ କରି ଦେଇଥିଲେ । ସେମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହି ଘଟଣା ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କଠାରୁ ଆରମ୍ଭ କରି ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଜାଣିବାକୁ ପାଇଥିଲେ । ହେଲେ କୌଣସି ପଦକ୍ଷେପ ନେଇ ନ ଥିଲେ । ଏଭଳି ଘଟଣା ସମ୍ପର୍କରେ ବାହାରେ ପ୍ରଘଟ ନ କରିବାକୁ ଛାତ୍ରୀମାନଙ୍କୁ ତାଗିଦ କରିଥିଲେ । ଛାତ୍ରୀମାନେ ଏହାପରେ ଆଉ ବିଦ୍ୟାଳୟକୁ ଯାଇ ନ ଥିଲେ । ଏନେଇ ପରିବାରବର୍ଗ ପଚରା ଉଚୁରା କରିବାରୁ ଗତ ଶୁକ୍ରବାର ଛାତ୍ରୀମାନେ ସମସ୍ତ ଘଟଣା ସମ୍ପର୍କରେ କହିଥିଲେ। ଶନିବାର ଅଭିଭାବକମାନେ ଉତ୍ୟକ୍ତ ହୋଇ ଘଟଣା ସମ୍ପର୍କରେ ପଚାରିବା ପାଇଁ ବିଦ୍ୟାଳୟକୁ ଆସିଥିଲେ । ହେଲେ ପ୍ରଧାନଶିକ୍ଷକ ଅନୁପସ୍ଥିତ ଥିବାରୁ ଫେରି ଯାଇଥିଲେ । ପୁଣି ସୋମବାର ପୂର୍ବାହ୍ନ ୧୦ଟାରେ ବିଦ୍ୟାଳୟକୁ ଆସିଥିଲେ । କିନ୍ତୁ ୧୧ଟା ପର୍ଯ୍ୟନ୍ତ ସ୍କୁଲକୁ ପ୍ରଧାନଶିକ୍ଷକଙ୍କଠାରୁ ଆରମ୍ଭକରି ଅନ୍ୟ କୌଣସି ଶିକ୍ଷୟିତ୍ରୀଶିକ୍ଷକ ପହଞ୍ଚି ନ ଥିଲେ । ଏହାର ପ୍ରତିବାଦ କରି ଅଭିଭାବକମାନେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସି ରହିଥିଲେ । ସେମାନଙ୍କ ସହ ଛାତ୍ରୀଛାତ୍ର ମଧ୍ୟ ସାମିଲ ହୋଇଥିଲେ । ଖବରପାଇ ଗୋଷ୍ଠୀ ଶିକ୍ଷାଧିକାରୀ ରଜନୀକାନ୍ତ ସାମନ୍ତରାୟ ଏବଂ ରାୟଗଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକମାନଙ୍କୁ ବୁଝାଶୁଝା କରିଥିଲେ । ଅଭିଭାବକମାନେ ପ୍ରଧାନଶିକ୍ଷକ କୃପାଳିନୀ ମିଣିଆକା ଓ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅନ୍ୟତ୍ର ବଦଳି ଦାବି କରିଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀ ୩ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରେ ଅଭିଭାବକ ଧାରଣାରୁ ଓହରିଥିଲେ।




### ୫୯୦ ପଡ଼ା ରାଜସ୍ୱ ଗ୍ରାମ ଘୋଷିତ

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

ରାଜ୍ୟର ୫୯୦ଟି ପଡାକୁ ରାଜସ୍ୱ ଗ୍ରାମରେ ପରିଣତ କରାଯିବ। ସେହିପରି ବିଭିନ୍ନ ଜିଲାରେ ୪୦୪୬ ପ୍ରସ୍ତାବ ଜିଲାପାଳଙ୍କ କାର୍ଯ୍ୟାଳୟରେ ବିଚାରାଧୀନ ରହିଛି। ଏହାକୁ ତୁରନ୍ତ ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ ମାର୍ଗଦର୍ଶିକାକୁ କୋହଳ କରାଯିବା ଲାଗି ରାଜସ୍ୱ ବିଭାଗରେ ବିଚାରବିମର୍ଶ ଚାଲିଥିବା ଜଣାପଡିଛି। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ସୋମବାର ଏହି ସୂଚନା ଦେଇଛନ୍ତି। ଅଧିକ ସଂଖ୍ୟକ ପ୍ରସ୍ତାବ ଥିବା ୧୦ ଜିଲାକୁ ଲ୍ୟାଣ୍ଡ ରେକର୍ଡ ସର୍ଭେ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଓ ଅଧିକାରୀମାନେ ଗସ୍ତ କରିବା ସହ ସମୀକ୍ଷା ସାରି ମାସକ ମଧ୍ୟରେ ରିପୋର୍ଟ ପ୍ରଦାନ କରିବେ। ଉକ୍ତ ଜିଲାଗୁଡିକ ହେଉଛି– କଟକ, ଯାଜପୁର, ପୁରୀ, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ ଏବଂ ମାଲକାନଗିରି।

### ତୈଳ ଓ ରନ୍ଧନ ଗ୍ୟାସ୍ ଦରବୃଦ୍ଧି ପ୍ରସଙ୍ଗ

# ଆନ୍ଦୋଳନକୁ ଓହ୍ଲାଇଲା ବିଜେଡି



ରାଜଭବନରେ ସୋମବାର ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଇ ବିଜେଡି ନେତୃବୃନ୍ଦ ଫେରୁଛନ୍ତି।

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

- ୪ ବର୍ଷରେ ୧୪ଥର ବୃଦ୍ଧି: ସଞ୍ଜୟ
- ରାଜ୍ୟ କର ହ୍ରାସ କରୁ: ଗୋଲକ
- ସାଧାରଣ ଜନତା ଠିକଣା ଜବାବ ଦେବେ: ଜ୍ୟୋତି ପ୍ରକାଶ

ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛି ବିଜୁ ଜନତା ଦଳ। ଦଳର ପ୍ରମୁଖ ଛାମୁଆ ସଙ୍ଗଠନ–ଛାତ୍ର, ଯୁବ ଏବଂ ମହିଳା ମୋର୍ଚ୍ଚା ତରଫରୁ ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଜେଡିର ଏକ ପ୍ରତିନିଧି ଦଳ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ୍‌ଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଧାୟକ ସଞ୍ଜୟ ଦାସବର୍ମା, ପ୍ରଣବ ପ୍ରକାଶ ଦାସ, ମେୟର ଅନନ୍ତ ନାରାୟଣ ଜେନା, ରାଜ୍ୟ ସମ୍ପାଦକ ବିଜୟ ନାୟକ, ଯୁବ ବିଜେଡି ନେତା ଅମରେଶ ପତ୍ରି, ଛାତ୍ର ଉପଦେଷ୍ଟା ଚିନ୍ମୟ ସାହୁ ଏବଂ ରାଣାପ୍ରତାପ ପାତ୍ର ପ୍ରମୁଖ ରାଜ୍ୟପାଳଙ୍କୁ ଭେଟିଛନ୍ତି।

ଦଳ ପକ୍ଷରୁ ଆୟୋଜିତ ହୋଇଥିବା ତୈଳଦର ବୃଦ୍ଧି ପ୍ରତିବାଦ ସଭା ପୂର୍ବରୁ ଦଳର କର୍ମୀମାନେ ପାୱାର ହାଉସ୍ ଛକ ନିକଟରେ ଏକାଠି ହୋଇଥିଲେ। ସେଠାରୁ କେନ୍ଦ୍ର ବିରୋଧୀ ସ୍ଲୋଗାନ ଦେବା ସହ ସର୍କିଟ ହାଉସ୍ ନିକଟସ୍ଥ ସଭାରେ ଯୋଗଦେଇଥିଲେ। ସେଠାରେ ବକ୍ତବ୍ୟ ଦେଇ ଦଳର ସାଧାରଣ ସମ୍ପାଦକ ଦାସବର୍ମା କହିଛନ୍ତି ଯେ, ୪ ବର୍ଷରେ ୧୪ଥର ତୈଳଦର ବୃଦ୍ଧି ହୋଇଛି। ଅଶୋଧିତ ତୈଳଦର ହ୍ରାସ ପାଇବା ସମୟରେ କେନ୍ଦ୍ର ସରକାର ତାହା ହ୍ରାସ କରି ନ ଥିଲେ। କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ୨୦୧୪ରେ ପେଟ୍ରୋଲ ଲିଟର ପିଛା ୯.୨୦ ଟଙ୍କା ଥିଲା। ବର୍ତ୍ତମାନ ତାହା ୧୯.୪୮ ଟଙ୍କାରେ ପହଞ୍ଚିଛି। ସେହିପରି ଡିଜେଲ ଦର ୨୦୧୪ରେ ଲିଟର ପିଛା ଉତ୍ପାଦ ଶୁଳ୍କ ୩.୪୬ ଟଙ୍କା ଥିବା ବେଳେ ବର୍ତ୍ତମାନ ତାହା ୧୫.୩୩ ଟଙ୍କାକୁ ବୃଦ୍ଧି ହୋଇଛି। ଜୁଲାଇ ୨୦୧୭ରେ ୧୪.୨ କିଗ୍ରା ଏଲ୍‌ପିଜି ଦର ୭୮୦ ଟଙ୍କା ଥିବା ବେଳେ ବର୍ତ୍ତମାନ ତାହା ୮୭୪ ଟଙ୍କା ବୋଲି ସଞ୍ଜୟ କହିଛନ୍ତି।

ସେହିପରି ଛାତ୍ର ବିଜେଡି ଉପଦେଷ୍ଟା ଚିନ୍ମୟ ସାହୁ କହିଛନ୍ତି ଯେ, ତୈଳଦର ବୃଦ୍ଧି କାରଣରୁ ପରିବହନ ବ୍ୟୟବହୁଳ ହୋଇଛି। ଏକାଧିକ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର ଅହେତୁକ ବୃଦ୍ଧି ପାଇଛି। ବିଶେଷକରି ପେଟ୍ରୋଲ ଦର ବୃଦ୍ଧି କଲେଜ ଯାଉଥିବା ଛାତ୍ରୀଛାତ୍ରଙ୍କ ପକେଟ୍ ମନି ଉପରେ ସିଧା ଆକ୍ରମଣ ସଦୃଶ ହୋଇଛି। ଆଗାମୀ ଦିନରେ ତୈଳ ଏବଂ ରନ୍ଧନ ଗ୍ୟାସ୍‌ର ଦର ହ୍ରାସ କରା ନ ଗଲେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଚିନ୍ମୟ କହିଛନ୍ତି। ଏହି ବିକ୍ଷୋଭ ଏବଂ ପ୍ରତିବାଦ ସଭାରେ ଉପକୂଳ ଓଡ଼ିଶାର ବିଭିନ୍ନ ନିର୍ବାଚନମଣ୍ଡଳୀର ସଂଖ୍ୟାଧିକ ଦଳୀୟ କର୍ମୀ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଉମାକାନ୍ତ ସାମନ୍ତରାୟ, ବ୍ୟୋମକେଶ ରାୟ, ପ୍ରଶାନ୍ତ ଜଗଦ୍ଦେବ ଏବଂ ଯୁବ ବିଜେଡି ଉପସଭାପତି ଦୁର୍ଗା ସାମନ୍ତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ଅପରପକ୍ଷରେ ବିଜେଡି ପକ୍ଷରୁ କରାଯାଇଥିବା ଏହି ପ୍ରତିବାଦକୁ ରାଜନୀତି ବୋଲି ଅଭିହିତ କରିଛି ଭାଜପା। ଦଳର ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ରାଜ୍ୟ ନିଜେ ବସାଉଥିବା କର ହ୍ରାସ କରୁନାହିଁ। ଓଲଟି ତୈଳଦର ବୃଦ୍ଧି ବାବଦରେ ଅଧିକ ରାଜସ୍ୱ ପାଉଛି। ଅନ୍ୟ ମୌଳିକ ପ୍ରସଙ୍ଗରୁ ନଜର ହଟାଇବା ପାଇଁ ତୈଳଦର ବୃଦ୍ଧି ନେଇ ଆନ୍ଦୋଳନ କରୁଛି। ରାଜସ୍ଥାନ ଭଳି ରାଜ୍ୟ କର ହ୍ରାସ କରିଛି। ରାଜ୍ୟ ସରକାର ଅନୁରୂପ ପଦକ୍ଷେପ ନେବା ଉଚିତ ବୋଲି ଗୋଲକ କହିଛନ୍ତି। ସେହିପରି କଂଗ୍ରେସ ଉଭୟ ବିଜେଡି–ଭାଜପାକୁ ସମାଲୋଚନା କରିଛି। ଯୁବ କଂଗ୍ରେସ ମୁଖପାତ୍ର ଜ୍ୟୋତିପ୍ରକାଶ ଆଚାର୍ଯ୍ୟ କହିଛନ୍ତି ଯେ, ୟୁପିଏ ସରକାର ସମୟରେ ଥିବା ଦାମ୍ ଅପେକ୍ଷା ପେଟ୍ରୋଲ, ଡିଜେଲ ୨୦ ଟଙ୍କା ଅଧିକରେ ମିଳୁଛି। କେନ୍ଦ୍ର–ରାଜ୍ୟ ଉପରକୁ ରାଜନୈତିକ ଦେଖାଣିଆ ଆରୋପ–ପ୍ରତ୍ୟାରୋପ କରୁଛନ୍ତି। ହେଲେ କେନ୍ଦ୍ର କିମ୍ବା ରାଜ୍ୟ ଏଯାବତ୍ ଟଙ୍କାଟିଏ ଉତ୍ପାଦ ଶୁଳ୍କ ଏବଂ ଭାଟ୍ ହ୍ରାସ କରୁନାହାନ୍ତି। ସାଧାରଣ ଜନତା ଭକୁଆ ନୁହନ୍ତି। ଉଚିତ ସମୟରେ ଉଭୟ ଦଳକୁ ଠିକଣା ଜବାବ ଦେବେ।

# ପିଇସିରେ ଛିଣ୍ଡିଲାନି ଅଙ୍କ

- ସ୍ଥିର ହୋଇପାରିଲାନି କଂଗ୍ରେସର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା
- ସବୁ ବିଧାୟକଙ୍କୁ ମିଳିବନି ଦଳୀୟ ଟିକେଟ
- ଦଶହରା ପରେ ପୁଣି ବସିବ ପିଇସି




**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

ସାଧାରଣ ନିର୍ବାଚନର ଯଥେଷ୍ଟ ପୂର୍ବରୁ କଂଗ୍ରେସ ନିଜର ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରିଛି। ପ୍ରାଥମିକ ଭାବେ ୪୪ ବିଧାନସଭା ଆସନ ପାଇଁ ପ୍ରାର୍ଥୀମାନଙ୍କ ସମ୍ପର୍କରେ ସୋମବାର ଦଳୀୟ କାର୍ଯ୍ୟାଳୟଠାରେ ବସିଥିବା ପ୍ରଦେଶ ଇଲେକ୍ସନ କମିଟି(ପିଇସି) ବୈଠକରେ ଆଲୋଚନା କରାଯାଇଛି। ବୈଠକରେ ସ୍କ୍ରିନିଂ କମିଟି ଅଧ୍ୟକ୍ଷ ଭି.ଡି. ସାଥେସାନ୍‌ଙ୍କ ସମେତ ଅନ୍ୟ ଦୁଇ ସଦସ୍ୟ ଯୋଗଦେଇ କମିଟି ପ୍ରସ୍ତୁତ କରିଥିବା ପ୍ରାର୍ଥୀ ତାଲିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ତେବେ ଏନେଇ ଅଙ୍କ ଅଛିଣ୍ଡା ରହିଥିବାରୁ ପ୍ରାର୍ଥୀ ତାଲିକା ସମ୍ପର୍କରେ ଦଶହରା ପରେ ପୁନର୍ବାର ଆଲୋଚନା କରାଯିବ ବୋଲି ଜଣାପଡିଛି। ୪୪ ନିର୍ବାଚନମଣ୍ଡଳୀର ବ୍ଲକ, ଜିଲା ଓ କାର୍ଯ୍ୟକାରୀ ସଭାପତିଙ୍କ ଦ୍ୱାରା ସୁପାରିଶ ହୋଇ ଆସିଥିବା ନାମକୁ ପିଇସିରେ ବିଚାର କରାଯାଇଛି ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ମାତ୍ର ଉକ୍ତ ଚୂଡାନ୍ତ ତାଲିକା କେବେ ଘୋଷଣା କରାଯିବ ସେନେଇ ନିରଞ୍ଜନ କୌଣସି ସ୍ପଷ୍ଟ ସୂଚନା ଦେଇପାରି ନାହାନ୍ତି। ଅନ୍ୟପଟେ ପୂର୍ବରୁ ସେପ୍ଟେମ୍ବରରେ ୫୦ପ୍ରାର୍ଥୀ ତାଲିକା ଘୋଷଣା କରାଯିବ ବୋଲି ନିରଞ୍ଜନ କହିଥିଲେ। ମାତ୍ର ଏହା ସମ୍ଭବ ହୋଇପାରି ନ ଥିଲା। ଅନ୍ୟପଟେ ପିସିସି ସଭାପତି ଏବେ ଯେଉଁ ପ୍ରାର୍ଥୀ ତାଲିକା ଚୂଡାନ୍ତ ହୋଇଛି ବୋଲି କହିଛନ୍ତି, ସେଥିରେ କୌଣସି ସତ୍ୟତା ନ ଥିବା ଦଳର ଜଣେ ଆଗ ଧାଡିର ନେତା ମତ ରଖିଛନ୍ତି।

ପିସିସି ଦାୟିତ୍ୱ ଗ୍ରହଣ କରିବା ପରେ ନିରଞ୍ଜନ ଖୁବ୍‌ଶୀଘ୍ର ୫୦ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରାଯିବ ବୋଲି ମତ ରଖିଥିଲେ। କିନ୍ତୁ ତାଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ମଧ୍ୟରେ ଏହା ପୂରଣ ହୋଇପାରିଲା ନାହିଁ। ତଥାପି ଯଥାଶୀଘ୍ର ସମ୍ଭବ ଏହା ସମ୍ପୂର୍ଣ୍ଣ ହେବ ବୋଲି କହି ସେ ବାରମ୍ବାର ସମୟ ଗଡାଇ ଚାଲିଲେ। ପୂର୍ବରୁ ହୋଇଥିବା ପିଇସି ବୈଠକରେ ଏନେଇ ଆଲୋଚନା କରାଯାଇଥିଲା। ଏହାପରେ ସୋମବାର ଦଳୀୟ କାର୍ଯ୍ୟାଳୟଠାରେ ବସିଥିବା ପିଇସି କମିଟି ବୈଠକରେ ସ୍କ୍ରିନିଂ କମିଟି ଅଧ୍ୟକ୍ଷ ଏବଂ ସଦସ୍ୟ ଯୋଗଦେଇଥିଲେ। ପ୍ରଥମ ଥର ସ୍କ୍ରିନିଂ କମିଟି ଦିଲ୍ଲୀ ବଦଳରେ ଓଡ଼ିଶାରେ ବସୁଥିବାରୁ ଲାଗୁଥିଲା ଉକ୍ତ ବୈଠକ ପରେ ତାଲିକା ଘୋଷଣା ହୋଇପାରେ। ମାତ୍ର ବୈଠକ ଶେଷରେ ପିସିସି ସଭାପତି ନିରଞ୍ଜନ କହିଛନ୍ତି ଯେ, ୪୪ ନିର୍ବାଚନମଣ୍ଡଳୀର ପ୍ରାର୍ଥୀଙ୍କ ନାମ ଚୂଡାନ୍ତ ହୋଇଛି। ପୂର୍ବରୁ ଆମେ ୫୦ପ୍ରାର୍ଥୀଙ୍କ ନାମ ଚୂଡାନ୍ତ କରିବୁ କହିଥିଲୁ, ତାହା ହୋଇପାରିଲା ନାହିଁ। ଆସନ୍ତା ମାସରେ ଆଉ କେତେଜଣ ପ୍ରାର୍ଥୀଙ୍କ ନାମ ଚୂଡାନ୍ତ କରାଯିବ। ବିଜୟ ସମ୍ଭାବନା ଥିବା ପ୍ରାର୍ଥୀ ଏବଂ ଯୁବ ବର୍ଗଙ୍କୁ ତାଲିକାରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଚୂଡାନ୍ତ ପ୍ରାର୍ଥୀ ତାଲିକା କେବେ ଘୋଷଣା କରାଯିବ ସେନେଇ ସ୍ଥିର ହୋଇ ନ ଥିବା ସେ କହିଛନ୍ତି। ତେବେ ଚୂଡାନ୍ତ ହୋଇଥିବା ତାଲିକାକୁ ସ୍କ୍ରିନିଂ କମିଟି ଅନୁମୋଦନ ଦେବା ପରେ ତାହା ସେଣ୍ଟ୍ରାଲ ଇଲେକ୍ସନ କମିଟି(ସିଇସି)କୁ ପଠାଯିବ। ସେଠାରେ ଉକ୍ତ ତାଲିକାକୁ ସିଇସି ମୋହର ମାରିବା ପରେ ତାହା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନିକଟକୁ ଯିବ। ମାତ୍ର ଏତେସବୁ ମଧ୍ୟରେ ଦଳୀୟ କାର୍ଯ୍ୟାଳୟଠାରେ ବସିଥିବା ପିଇସିରେ କୌଣସି ପ୍ରକାର ପ୍ରାର୍ଥୀ ତାଲିକା ଚୂଡାନ୍ତ ହୋଇ ନ ଥିବା ପଶ୍ଚିମ ଓଡ଼ିଶାର ଜଣେ ନେତା କହିଛନ୍ତି। ତାଙ୍କ କହିବା କଥା ପିସିସି ପକ୍ଷରୁ ଚୂଡାନ୍ତ କରାଯାଇଥିବା ତାଲିକା ଉପରେ ଆଲୋଚନା ହେବା ସମୟରେ ଜଣେ ବରିଷ୍ଠ ନେତା ଏନେଇ ପ୍ରଶ୍ନ ଉଠାଇଥିଲେ। ୧୫ ବିଧାୟକଙ୍କୁ ଛାଡିଦେଲେ କେଉଁ ଆଧାରରେ ବାକି ପ୍ରାର୍ଥୀ ତାଲିକା ପ୍ରସ୍ତୁତ ହୋଇଛି ବୋଲି ସେ ପ୍ରଶ୍ନ କରିଥିଲେ। ଉକ୍ତ ପ୍ରାର୍ଥୀମାନଙ୍କ ପାଇଁ କେଉଁମାନେ ସୁପାରିସ କରିଛନ୍ତି ବୋଲି ବୈଠକରେ ପ୍ରଶ୍ନ ଉଠିବା ପରେ ଆସନ୍ତା ଦଶହରା ପୂଜା ପରେ ଏନେଇ ପୁନର୍ବାର ନିଷ୍ପତ୍ତି ହେବ ବୋଲି ସ୍ଥିର ହୋଇଥିବା ସେ ସୂଚନା ଦେଇଛନ୍ତି। ମାତ୍ର ଦଳର ଶୁଭ ଦୃଷ୍ଟିରୁ ଏନେଇ ଖବର ପ୍ରସାର ନ କରିବାକୁ ବୈଠକରେ ସଭାପତି କହିବା ପରେ ୪୪ପ୍ରାର୍ଥୀଙ୍କ ନାମ ଚୂଡାନ୍ତ ହୋଇଥିବା କଥା କୁହାଯାଇଥିବା ଜଣାପଡିଛି।

ପିସିସି ପ୍ରଭାରୀ ଜିତେନ୍ଦ୍ର ସିଂ କହିଛନ୍ତି ଯେ, କେତେକ ନିର୍ବାଚନମଣ୍ଡଳୀର ପ୍ରାର୍ଥୀଙ୍କ ନାମ ଚୂଡାନ୍ତ ହୋଇଛି। ଆଗାମୀ ଦିନରେ ବଳକା ପ୍ରାର୍ଥୀ ତାଲିକା ଚୂଡାନ୍ତ କରାଯିବ। ଏଥିପାଇଁ ତଳସ୍ତରରୁ ଆରମ୍ଭକରି ଦଳର ବରିଷ୍ଠ ନେତାମାନେ ପ୍ରାର୍ଥୀଙ୍କ ନାମ ସୁପାରିସ କରିବାକୁ ଅନୁରୋଧ କରାଯାଇଥିବା ସେ କହିଛନ୍ତି।

ମାତ୍ର ନିରଞ୍ଜନ ୪୪ ପ୍ରାର୍ଥୀଙ୍କ ନାମ ଚୂଡାନ୍ତ ହୋଇଥିବା କହୁଥିବା ବେଳେ ଏହାର କେତେ ସତ୍ୟତା ଅଛି ବୋଲି ପିସିସିର ଜଣେ ନେତାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବାହାରେ ଯାହା ଚର୍ଚ୍ଚା ହେଉଛି ତାହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। ଦଳର ସବୁ ବିଧାୟକଙ୍କୁ ଟିକେଟ ମିଳିବ ନାହିଁ। କାରଣ କେତେଜଣ ବିଧାୟକଙ୍କ ଜିତିବା ସମ୍ଭାବନା ନ ଥିବାବେଳେ ଆଉ ୨ଜଣ ବିଧାୟକ ଦଳୀୟ ଟିକେଟରେ ଲଢିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଅନ୍ୟପଟେ କମ୍ ଭୋଟ୍ ବ୍ୟବଧାନରେ ହାରିଥିବା ସବୁ ନେତାଙ୍କୁ ମଧ୍ୟ ଟିକେଟ ମିଳିବ ନାହିଁ। ସୋମବାର ବସିଥିବା ବୈଠକରେ ପ୍ରାର୍ଥୀ ତାଲିକାକୁ ନେଇ କେତେଜଣ ପ୍ରଶ୍ନ ଉଠାଇଥିଲେ। ଏହାକୁ ଜିତେନ୍ଦ୍ର ସିଂ ଗ୍ରହଣ କରିବା ପରେ ଏନେଇ ପୁନର୍ବାର ବୈଠକ ବସିବ ବୋଲି ସ୍ଥିର ହେଲା। ଏଥିପାଇଁ ପିସିସି ସଭାପତି ଦଶହରା ପରେ ସମୟ ଦେଇଥିବା ନେତା ଜଣଙ୍କ କହିଛନ୍ତି।

# ୬ କଲେଜ, ୨ ବିଶ୍ୱବିଦ୍ୟାଳୟରେ ନିର୍ବାଚନ ବାତିଲ

**ଭୁବନେଶ୍ୱର, ୧।୧୦ (ବ୍ୟୁରୋ)**

### ଛାତ୍ର ସଂସଦ ନିର୍ବାଚନ

- ନୋଟିସ୍ ବୋର୍ଡରେ ପ୍ରକାଶ ପାଇଲା ବିଜ୍ଞପ୍ତି

ଅକ୍ଟୋବର ୧୧ରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ହେବାକୁ ଥିବା କଲେଜ ଏବଂ ବିଶ୍ୱବିଦ୍ୟାଳୟର ନୋଟିସ୍ ବୋର୍ଡରେ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାସହିତ ଲିଙ୍ଗଡୋ କମିଶନଙ୍କ ନିୟମକୁ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ଲାଗୁ କରାଯାଇଛି। ପୂର୍ବାହ୍ନ ୧୧ଟାରୁ କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡିକରେ ବିଜ୍ଞପ୍ତି ପ୍ରକାଶ ପାଇଥିବା ଜଣାପଡିଛି। ୨ କଲେଜରେ ଛାତ୍ର ଅଶାନ୍ତି ଦେଖାଦେଇଛି। ଏଥିସହିତ ୪ କଲେଜରେ ପରିବେଶ ଏବଂ ଛାତ୍ର ଅଶାନ୍ତିକୁ ଲକ୍ଷ୍ୟକରି ମୋଟ ୬ କଲେଜରେ ନିର୍ବାଚନକୁ ବାତିଲ କରାଯାଇଛି। ଅପରପକ୍ଷରେ ରେଭେନ୍‌ଶା ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ମଧ୍ୟ ବାତିଲ କରାଯାଇଛି। ନିର୍ବାଚନ ଦାବିକୁ ନେଇ କ୍ୟାମ୍ପସ୍‌ରେ ଅଶାନ୍ତି ହେବାରୁ କର୍ତ୍ତୃପକ୍ଷ ନିର୍ବାଚନକୁ ବାତିଲ କରିଛନ୍ତି।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ପ୍ରତ୍ୟକ୍ଷ ନିର୍ବାଚନ ପାଇଁ ଦାବି କରିଥିଲେ। ଏହାକୁ ନେଇ କର୍ତ୍ତୃପକ୍ଷ କୌଣସି ନିଷ୍ପତ୍ତି ନେଇ ପାରି ନ ଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନେ ନିର୍ବାଚନ ଦାବିରେ କ୍ୟାମ୍ପସ୍ ଭିତରେ ପଶି ହୋ ହାଲା କରିଥିଲେ। ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତିକୁ ଲକ୍ଷ୍ୟ କରି କର୍ତ୍ତୃପକ୍ଷ ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନକୁ ବାତିଲ ଘୋଷଣା କରିଛନ୍ତି। ସେହିପରି ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଅଶାନ୍ତ ପରିବେଶ ଯୋଗୁ ନିର୍ବାଚନକୁ ବାତିଲ କରାଯାଇଛି। ଚଳିତ ବର୍ଷ ନିର୍ବାଚନ ନ କରିବା ପାଇଁ ସମସ୍ତ ବିଭାଗ ପକ୍ଷରୁ କୁଳପତିକୁ ସୁପାରିସ କରାଯାଇଥିଲା। ଏହାକୁ ନେଇ ସୋମବାର ପିଜି କାଉନସିଲ ବୈଠକ ବସିଥିଲା। ଆଲୋଚନା କରାଯାଇ ନିର୍ବାଚନ ବାତିଲ ନିଷ୍ପତ୍ତି ନିଆଯାଇଛି ବୋଲି ପିଜି କାଉନସିଲ ଅଧ୍ୟକ୍ଷା ପଦ୍ମାବତୀ ଗହଣା କହିଛନ୍ତି। ବିଶ୍ୱବିଦ୍ୟାଳୟର ଏଭଳି ନିଷ୍ପତ୍ତିକୁ ନେଇ ଛାତ୍ର ବିଜେଡି ବୁର୍ଲା ରାସ୍ତାକୁ ଅବରୋଧ କରି ପ୍ରତିବାଦ କରିଥିଲେ। ଏବିଭିପି ଛାତ୍ରୀଛାତ୍ରମାନେ ପିଜି କାଉନସିଲ ଅଧ୍ୟକ୍ଷାଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ଆଇନ ଶୃଙ୍ଖଳା ପାଇଁ ବିଶ୍ୱବିଦ୍ୟାଳୟରେ ୨ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି।

ବାଲେଶ୍ୱର ଜିଲା ନୀଳଗିରି କଲେଜରେ ନିର୍ବାଚନକୁ ନେଇ ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ବିଶୃଙ୍ଖଳା ହୋଇଛି। ଗୋଟିଏ ଗୋଷ୍ଠୀ କ୍ୟାମ୍ପସ୍ ଭିତରକୁ ବୋମାମାଡ କରିଥିଲା। କଲେଜ ପରିସର ଧୂଆଁମୟ ହୋଇ ଯାଇଥିଲା। ଛାତ୍ରୀଛାତ୍ରମାନେ ଉତ୍ୟକ୍ତ ହୋଇ କମ୍‌ନରୁମ୍ ଭିତରକୁ ପଶି ଝରକାବକାଟକୁ ବାଡେଇ ଭାଙ୍ଗି ଦେଇଥିଲେ। ଛାତ୍ର ଅଶାନ୍ତିକୁ ନେଇ କଲେଜ କର୍ତ୍ତୃପକ୍ଷ ନିର୍ବାଚନ ବାତିଲ କରିବା ସହିତ ସାଇନ–ଏ–ଡାଏ ଘୋଷଣା କରିଛନ୍ତି। ସେହିପରି ଭଦ୍ରକ ଜିଲା ଧାମନଗର କଲେଜରେ ଛାତ୍ର ଅଶାନ୍ତି ଯୋଗୁ ବୋମାମାଡ ହୋଇଛି। କଲେଜ କର୍ତ୍ତୃପକ୍ଷ ନିର୍ବାଚନକୁ ବାତିଲ କରିଛନ୍ତି। ପୁରୀ ଜିଲା କାକଟପୁର ମଙ୍ଗଳା କଲେଜରେ କାଉନ୍‌ସିଲ ବୈଠକ ବସି ଚଳିତ ବର୍ଷ ନିର୍ବାଚନକୁ କଲେଜ କର୍ତ୍ତୃପକ୍ଷ ବାତିଲ ଘୋଷଣା କରିଛନ୍ତି। ପୂର୍ବବର୍ଷ କଲେଜରେ ଛାତ୍ର ଅଶାନ୍ତି ଯୋଗୁ କର୍ତ୍ତୃପକ୍ଷ ନିର୍ବାଚନକୁ ବାତିଲ କରିଥିଲେ। ପୂର୍ବବର୍ଷର ସ୍ଥିତିକୁ ଲକ୍ଷ୍ୟ କରି ଚଳିତବର୍ଷ ନିର୍ବାଚନକୁ ବାତିଲ କରାଯାଇଛି ବୋଲି କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରି ପ୍ରମୁଖ ଛାତ୍ର ସଙ୍ଗଠନଗୁଡିକ କଲେଜରେ ବିକ୍ଷୋଭ କରିଛନ୍ତି। କଟକ ମଧୁସୂଦନ ଲ' କଲେଜରେ ମଧ୍ୟ ନିର୍ବାଚନକୁ ବାତିଲ କରାଯାଇଛି। ସେହିପରି କେନ୍ଦୁଝର ଘସିପୁରା ବ୍ଲକସ୍ଥିତ କୁଶଳେଶ୍ୱର ଆଞ୍ଚଳିକ କଲେଜ ଏବଂ ଆଳି କଲେଜରେ ମଧ୍ୟ ଛାତ୍ର ଅଶାନ୍ତିକୁ ଲକ୍ଷ୍ୟ କରି କଲେଜ କର୍ତ୍ତୃପକ୍ଷ ନିର୍ବାଚନକୁ ବାତିଲ କରିଛନ୍ତି।



## ସଂକ୍ଷେପରେ

### ଦୁର୍ଘଟଣାରେ ୨ ଗୁରୁତର

**କୋରେଇ,୧।୧୦(ସ୍ୱ.ପ୍ର.):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ଷଠିପୁର ଛକଠାରେ ସୋମବାର ବାଇକ ଦୁର୍ଘଟଣାରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ମାଳଆନନ୍ଦପୁର ପଞ୍ଚାୟତ ବ୍ରଜନଗର ଗ୍ରାମର ମଦନ ଧଳ ଓ ବଳରାମ ଧଳ। ସ୍ଥାନୀୟ ଲୋକେ ସେମାନଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ପଠାଯାଇଛି। ପ୍ରକାଶ ଯେ, ଉଭୟ ବାଇକ୍ ଯୋଗେ(ଓଡି-୨୨-ଜେ-୧୬୪୫) ରାସ୍ତା ପାର ହେଉଥିବାବେଳେ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇ ଯାଇଥିଲେ।

### ଖବରଦାତାଙ୍କ ଉପରେ ଆକ୍ରମଣକୁ ନିନ୍ଦା

**ସିଂହପୁର,୧।୧୦(ଡି.ଏନ୍.ଏ):** ବିଭିନ୍ନ ସ୍ଥାନରେ ଖବରଦାତାଙ୍କ ଉପରେ ଆକ୍ରମଣ ଘଟଣାକୁ ସୋମବାର ବିଞ୍ଝାରପୁର ସାମ୍ବାଦିକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଏଭଳି ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଖବରଦାତାମାନେ ପୋଲିସ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଖବରଦାତା ଅନିରୁଦ୍ଧ ବେଉରିଆ, ରାମକୃଷ୍ଣ ଦାସ, ସେକ ସନୱାର, ଗୋପାଳ ସୂତାର, ଦେବପ୍ରସାଦ ସାହୁ, ସତ୍ୟ ମଲିକଙ୍କ ସମେତ ବୁଦ୍ଧିଜୀବୀମାନେ ଏଭଳି କାର୍ଯ୍ୟକୁ ନିନ୍ଦା କରିଛନ୍ତି।

### ଯୋଗଦେଲେ ୩ କନିଷ୍ଠ ଯନ୍ତ୍ରୀ, ଜିପିଓଙ୍କ ବଦଳି

**କୋରେଇ,୧।୧୦(ସ୍ୱ.ପ୍ର.):** କୋରେଇ ବ୍ଲକରେ ସୋମବାର ୩ କନିଷ୍ଠ ଯନ୍ତ୍ରୀ ଯୋଗ ଦେଇଛନ୍ତି। ସେମାନେ ହେଲେ ଭଦ୍ରକରୁ ଅକ୍ଷୟ କୁମାର ଘଡାଇ, ଦାନଗଦିରୁ ବନିତା ଜେନା ଓ ଯାଜପୁର ବ୍ଲକରୁ ପୂର୍ଣ୍ଣଚନ୍ଦ୍ର ପାତ୍ର। ଦୀର୍ଘଦିନ ଧରି ଯନ୍ତ୍ରୀଙ୍କ ଅଭାବ ଯୋଗୁ କୋରେଇ ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ଉପୁଜୁଥିଲା। ପୂର୍ବରୁ ୩ କନିଷ୍ଠ ଯନ୍ତ୍ରୀ ଓ ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କୁ ୨୮ ପଞ୍ଚାୟତର ଦାୟିତ୍ୱ ଦିଆଯାଇଥିଲା। ଅପରପକ୍ଷରେ ଜିପିଓ ଦେବୀ ପ୍ରସାଦ ଜେନାଙ୍କ ଧର୍ମଶାଳାକୁ ବଦଳି କରାଯାଇଛି।

■ ଏନ୍‌ସି କଲେଜରେ ଛାତ୍ର ଅଶାନ୍ତି

# ନିର୍ବାଚନ ପୂର୍ବରୁ ପରୀକ୍ଷାଫଳ ପ୍ରକାଶକୁ ବିରୋଧ

**ବିରଜାକ୍ଷେତ୍ର,୧।୧୦(ଡି.ଏନ୍.ଏ)**

ଯାଜପୁରର ସର୍ବପୁରାତନ ତଥା ଐତିହ୍ୟ ବହନ କରୁଥିବା ନରସିଂହ ଚୌଧୁରୀ (ଏନ୍‌ସି) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦିନକୁ ଦିନ ଛାତ୍ର ଅଶାନ୍ତି ବଢ଼ିବାରେ ଲାଗିଛି। ନିର୍ବାଚନ ପୂର୍ବରୁ ଯୁକ୍ତ ୩ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶ ପାଇବାର ସମ୍ଭାବନା ଥିବାରୁ ସୋମବାର ଛାତ୍ରୀଛାତ୍ର ଏହାକୁ ତୀବ୍ର ବିରୋଧ କରିଛନ୍ତି। ଏ ନେଇ ଛାତ୍ରୀଛାତ୍ରମାନେ କଲେଜର ମୁଖ୍ୟ ଫାଟକ ବନ୍ଦ କରିବା ସହ କଲେଜ ସମ୍ମୁଖରେ ଟାୟାର ଜାଳି ପ୍ରତିବାଦ କରିଥିଲେ। ପ୍ରକାଶ ଯେ, ଯୁକ୍ତ ୩ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଯଦି ନିର୍ବାଚନରେ ଭାଗ ନେବାକୁ ଥିବା ଛାତ୍ରୀଛାତ୍ରଙ୍କ ଫଳ ଖରାପ ହୋଇଥିବ (ବ୍ୟାକ୍) ସେ ନିର୍ବାଚନରେ ଭାଗ ନେଇ ପାରିବେ ନାହିଁ ବୋଲି ନିୟମ ରହିଛି। ତେଣୁ ନିର୍ବାଚନ ଆରମ୍ଭ ହେବାକୁ ଯାଉଥିବା ବେଳେ ଯୁକ୍ତ ୩ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶ ନ କରିବାକୁ ଛାତ୍ରୀଛାତ୍ର ଅଡ଼ି ବସିଥିଲେ। ସୋମବାର କଲେଜ ପକ୍ଷରୁ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଏହିଦିନ ଯୁକ୍ତ ୩ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶ ପାଇବାର ଥିଲା। ମାତ୍ର ଏହାକୁ ଛାତ୍ରୀଛାତ୍ର ତୀବ୍ର ବିରୋଧ କରି ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ କଲେଜ ମୁଖ୍ୟ ଫାଟକ ବନ୍ଦ କରିଦେବା ସହ କଲେଜ ସମ୍ମୁଖରେ ଟାୟାର ଜାଳି ପ୍ରତିବାଦ କରିଥିଲେ। ଦୀର୍ଘ କିଛିଦିନ ହେବ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଭିନ୍ନ କାରଣକୁ ନେଇ ଛାତ୍ର ଅଶାନ୍ତି ଲାଗି ରହିଛି। ସ୍ୱୟଂଶାସିତ ମାନ୍ୟତା ହରାଇବାକୁ ନେଇ ଛାତ୍ରୀଛାତ୍ର ପ୍ରତିବାଦ କରିବା ସହ ଜିଲାପାଳ ଓ ସ୍ଥାନୀୟ ବିଧାୟକଙ୍କୁ ଏକ ଦାବିପତ୍ର ଦେଇଥିଲେ। ମହାବିଦ୍ୟାଳୟରେ ଅଧ୍ୟାପକ, ଅଧ୍ୟାପିକା ଅଭାବ ଯୋଗୁ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେବା ସହ ସାଇକେଲ ଷ୍ଟାଣ୍ଡ ଓ ପାନୀୟ ଜଳ ସମସ୍ୟାକୁ ନେଇ ଛାତ୍ର ଅଶାନ୍ତି ଲାଗି ରହିଥିବା ଦେଖିବାକୁ ମିଳିଛି। ସ୍ୱୟଂଶାସିତ ମାନ୍ୟତା ଖୁବ୍ ଶୀଘ୍ର ଫେରି ପାଇବା ପାଇଁ କଲେଜ କର୍ତ୍ତୃପକ୍ଷ ଜୋରଦାର ଉଦ୍ୟମ କରୁଛନ୍ତି ବୋଲି ଅଧ୍ୟକ୍ଷ ଫକୀର ମୋହନ ମଲ୍ଲିକ ସଫେଇ ଦେଇଥିବା ବେଳେ ସୋମବାର ଛାତ୍ରଙ୍କ ପ୍ରତିବାଦ ଯୋଗୁ ଯୁକ୍ତ ୩ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶ କରାଯାଇ ନାହିଁ। ଯୁକ୍ତ ୩ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶ ପାଇଁ କାର୍ଯ୍ୟ ଚାଲିଛି ବୋଲି କଲେଜ ଅଧ୍ୟକ୍ଷ ଫକୀର ମୋହନ ମଲ୍ଲିକ ସୂଚନା ଦେଇଛନ୍ତି। ଯୁକ୍ତ ୩ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶ ପାଇ ନ ଥିବା ବେଳେ ଛାତ୍ରୀଛାତ୍ରଙ୍କ ଏପରି ପ୍ରତିବାଦ ଦୁର୍ଭାଗ୍ୟଜନକ ବୋଲି ଅଧ୍ୟକ୍ଷ ମଲ୍ଲିକ କହିଛନ୍ତି। ମହାବିଦ୍ୟାଳୟର ଛାତ୍ର ଆନ୍ଦୋଳନକୁ ରାଜନୈତିକ ଜନପ୍ରତିନିଧିମାନେ ପ୍ରୋତ୍ସାହନ ଦେଉଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରିବା ପାଇଁ ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳ ଚକ୍ରାନ୍ତ କରୁଥିବା ଶୁଣିବାକୁ ମିଳିଛି। ଯଦି ଏପରି ଛାତ୍ର ଅଶାନ୍ତି ଲାଗି ରହେ ତେବେ ଗତବର୍ଷ ଭଳି ଚଳିତବର୍ଷ ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରାଯିବାକୁ ସମ୍ଭାବନା ଦେଖାଦେଇଛି।



■ କଲେଜ ମୁଖ୍ୟ ଫାଟକ ବନ୍ଦ କରି ଟାୟାର ଜାଳି ଛାତ୍ରଙ୍କ ପ୍ରତିବାଦ

■ ବିରୋଧ ଯୋଗୁ ବାହାରିଲାନି ପରୀକ୍ଷାଫଳ

# ନିଶାଗ୍ରସ୍ତ ଅବସ୍ଥାରେ ମଦ ବିରୋଧୀ ନେତାଙ୍କ ଉତ୍ପାତ

## ଛେଚିଲା ପୋଲିସ

**ବିଞ୍ଝାରପୁର,୧।୧୦(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକର ଜଣେ ସମିତିସଭ୍ୟ ବିଭିନ୍ନ ମଦ ବିରୋଧୀ ଆନ୍ଦୋଳନରେ ସାମିଲ ହେବା ସହ ବେଆଇନ ମଦ କାରବାରରେ ଅଙ୍କୁଶ ଲଗାଇବାକୁ ଦାବି କରି ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା ସାଉଁଟି ଥିଲେ। ମାତ୍ର ରବିବାର ରାତିରେ ସେ ନିଜେ ମଦ୍ୟପାନ କରି ନିଶାଗ୍ରସ୍ତ ଅବସ୍ଥାରେ ଉତ୍ପାତ କରୁଥିବା ବେଳେ ପୋଲିସ ହାବୁଡ଼ରେ ପଡ଼ି ନିର୍ଘୁମ ଛେଚା ଖାଇଥିବା ଜଣାପଡ଼ିଛି। ଏହି ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ବିଞ୍ଝାରପୁର ବ୍ଲକର ଜଣେ ସମିତିସଭ୍ୟ ତାଙ୍କ ପଞ୍ଚାୟତରେ ବେଆଇନ ମଦ କାରବାର ବିରୋଧରେ ବାରମ୍ବାର ପୋଲିସ ନିକଟରେ ଅଭିଯୋଗ କରିବା ସହ ଗତ ସପ୍ତାହରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏଭଳି କାର୍ଯ୍ୟ କରି ସେ ପଞ୍ଚାୟତରେ ବାହା ବାହା ସାଉଁଟିଥିବା ବେଳେ ରବିବାର ରାତିରେ ନିଜେ ମଦ୍ୟପାନ କରି ଉତ୍ପାତ କରୁଥିଲେ। ଏହି ସମୟରେ ପାଟ୍ରୋଲିଂରେ ଥିବା ପୋଲିସ ରାତିରେ ଅସାମାଜିକ ଯୁବକଙ୍କୁ ଗୋଡାଉ ଥିବା ବେଳେ ଏହି ସମିତିସଭ୍ୟ ଜଣଙ୍କ ନିଶାଶକ୍ତ ଅବସ୍ଥାରେ ଉତ୍ପାତ ଚଳାଇଥିବା ବେଳେ ପୋଲିସର ହାବୁଡରେ ପଡିଥିଲେ। ପୋଲିସ ତାଙ୍କୁ ନିର୍ଘୁମ ଛେଚିବା ପରେ ଅଟକ ରଖିବାକୁ ଯାଉଥିଲା। ମାତ୍ର ସମିତିସଭ୍ୟ ଜଣକ ନିଜ ପରିଚୟ ଦେଇ କାକୁତି ମିନତି ହୋଇ ପୋଲିସଠାରୁ ଛାଡ ପାଇଥିଲେ। ପୋଲିସ ସେହିସ୍ଥାନରୁ ୨ଟି ବାଇକ ଜବତ କରିଥିବା ଜଣାପଡିଛି। ଏହି ଘଟଣା ଜଣାପଡ଼ିବା ପରେ ସାଧାରଣରେ ବେଶ୍ ଆଲୋଚ୍ୟର ବିଷୟ ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୂରକୁ ସୁନ୍ଦର ପରବତ ଲୋ**
**ସ୍ତ୍ରୀକୁ ସୁନ୍ଦର ପତି**
**ବୃକ୍ଷକୁ ସୁନ୍ଦର ଗହଳ ପତର**
**ଗୁମ୍ଫାକୁ ସୁନ୍ଦର ଜତି।**

ଦୂରରେ ଥିବା ବ୍ୟକ୍ତି ବା ବସ୍ତୁ ଯେତେ ଖରାପ ହୋଇଥିଲେ ମଧ୍ୟ ଆଖିକୁ ତାହା ସୁନ୍ଦର ଦିଶିଥାଏ। ପତି ପାଖରେ ଥିଲେ ସ୍ତ୍ରୀ ନିଜକୁ ସୌଭାଗ୍ୟବତୀ ମନେକରିଥାଏ। ବୃକ୍ଷରେ ଅଧିକ ପତ୍ର ରହିଥିଲେ ତା'ର ଶୋଭାରାଜି ବଢ଼ିଯାଇଥାଏ। ସେହିପରି ସନ୍ନ୍ୟାସୀ ବା ଋଷି ଗୁମ୍ଫାରେ ଅବସ୍ଥାନ କରୁଥିଲେ ଗୁମ୍ଫାର ମହତ୍ତ୍ୱ ତଥା ବିଶେଷତ୍ୱ ଦ୍ୱିଗୁଣିତ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଦେ' କଉଡ଼ି ଖା' ପିତା**
**ଏଥିପାଇଁ କିଆଁ ଦାନ୍ତ ନିକୁଟା।**

ସୁସ୍ୱାସ୍ଥ୍ୟ ପାଇଁ ପିତା ଖାଇବା ନିହାତି ଆବଶ୍ୟକ। ପିତା ଦେହ ପକ୍ଷେ ହିତକର ହୋଇଥିବା ଦୃଷ୍ଟିରୁ ଏହାକୁ ଖାଇବା ପାଇଁ ମନରେ ଆଗ୍ରହ ସୃଷ୍ଟିକରିବା ଉଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ମେସ୍କୋ ଷ୍ଟିଲ କାରଖାନାରେ ନିର୍ବାଚନୀ ଉଷ୍ମତା

**କଳିଙ୍ଗନଗର, ୧।୧୦(ଡି.ଏନ୍.ଏ.)**




କଳିଙ୍ଗନଗରସ୍ଥିତ ମେସ୍କୋ ଷ୍ଟିଲ କାରଖାନାରେ ଶ୍ରମିକ ସଂଘ ନିର୍ବାଚନକୁ ନେଇ କର୍ମଚାରୀଙ୍କ ମଧ୍ୟରେ ନିର୍ବାଚନୀ ଉଷ୍ମତା ଦେଖିବାକୁ ମିଳୁଛି। ଅକ୍ଟୋବର ୩ରେ ଅନୁଷ୍ଠିତ ହେବାକୁଥିବା ନିର୍ବାଚନରେ କାରଖାନାର ୩୦୮ ଜଣ କର୍ମଚାରୀ ଭାଗ ନେବେ ବୋଲି କାରଖାନା ତରଫରୁ ପ୍ରକାଶ କରାଯାଇଛି। ଚଳିତ ବର୍ଷ ତିନୋଟି ସଂଘ ମଧ୍ୟରୁ କଳିଙ୍ଗନଗର ଶ୍ରମିକ ସଂଘ ନିର୍ବାଚନରେ ଭାଗ ନେଉନାହାନ୍ତି। ତେଣୁ କଳିଙ୍ଗନଗର ମଜଦୁର ସଂଘ ଓ ମେସ୍କୋ ଷ୍ଟିଲ ଶ୍ରମିକ ସଂଘ ମଧ୍ୟରେ ଦ୍ୱିମୁଖୀ ଲଢେଇ ହେବାକୁ ଯାଉଛି। ମେସ୍କୋ ଷ୍ଟିଲ ୱାର୍କର ସଭାପତି ଗଣେଶ ଚନ୍ଦ୍ର ନାୟକ ଓ ସମ୍ପାଦକ ସେକ୍ ସାବୀର ନିଜ ସପକ୍ଷରେ ଶ୍ରମିକଙ୍କୁ ନେବାକୁ ଜୋର୍‌ଦାର ପ୍ରୟାସ କରୁଥିବା ଜଣାପଡିଛି। ଅପରପକ୍ଷରେ କଳିଙ୍ଗନଗର ମଜଦୁର ସଂଘର ମେସ୍କୋ ଷ୍ଟିଲ ଶାଖା ସଭାପତି ମହମ୍ମଦ ଜାହେଦ ଓ ସମ୍ପାଦକ ନରେନ୍ଦ୍ର ସାମଲ, କେନ୍ଦ୍ରୀୟ କମିଟି ସମ୍ପାଦକ ଆଜାର ଅହମ୍ମଦ ସଭାପତି ତଥା ସ୍ଥାନୀୟ ବିଧାୟକ ପ୍ରୀତିରଞ୍ଜନ ଘଡେଇ ଓ ଉପଦେଷ୍ଟା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲଚନ୍ଦ୍ର ଘଡାଇ ମଧ୍ୟ ନିର୍ବାଚନ ଜିତିବା ପାଇଁ ଜୋର୍‌ଦାର ପ୍ରୟସ କରୁଥିବା ଚର୍ଚ୍ଚା ଧରିଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor
Cell: 7873239883

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
ସେଶାଲିଷ୍ଟ: ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

SMS JOB
Send SMS. Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ। (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

ଭାରତର ନଂ.1 କମ୍ପାନୀ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଦେଉଛି ବେରୋଜଗାର ଭାଇମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ ମାତ୍ର 2 ଘଣ୍ଟାରେ ପ୍ରାପ୍ତ କରନ୍ତୁ
ମା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି
1% ସୁଧ, 50% ରିହାତି
6388753739
6399376206
Add : - 41/14, Sec-1 Pushp Vihar, Delhi

Free GOLD COIN Free
A 2 Z FINANCE Ltd.
ଦିପାବଳୀ ଧମାକା
3 ଲକ୍ଷରୁ 5 କୋଟି
ଆଧାରକାର୍ଡ, ମାର୍କଶିଟ ପ୍ରପର୍ଟି, ସମସ୍ତ ଋଣ ଘରେ ବସି
ସୁଧ 0% ରୁ 6%
9506060250
Add : - 41/14, Sec-1 Pushp Vihar, Delhi

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. 0di577407) ଖାଲି ଜମି ଉପରେ ଡିଜିଟାଲ୍ ଟାୱାର ଲାଗନ୍ତୁ। ଅଗ୍ରିମ ୨୦,୦୦୦,୦୦, ଭଡ଼ା 70,000, 60,000ର ଅନ୍ୟାନ୍ୟ ସୁବିଧା + ଏକ ବାଇକ୍ + 1 ଲାପଟପ୍ ଫ୍ରି। ନୋଟ୍- (ଇଚ୍ଛୁକ ବ୍ୟକ୍ତି ନାମ, document Gmail/ଫୋନ୍ କରନ୍ତୁ।)
7302090964
2/2250, Rambagh Colony, Ramghat Road, Gali No.4 Tehsil- Koil, Dist- Aligarh

FINANCE
No File Charge No Guarantor
KMB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ। 0% ସୁଧ 50% ଛାଡ। ଘରେ ବସି ପାଆନ୍ତୁ
Apply Online From Home
Lane No - 5, MG Road, Bangalore
8445013573
7895667899

M. GROUP FINANCE
freedom Economic Services
• Personal Loan
• Business Loan
• Salary Slip Loan
1% interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
BALASORE
9776040555, 9668427353
GANJAM
8895847878, 9439636215
Email: freedomeconomicservices@gmail.com
Block Chack, Balasore-756027

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

ସାକ୍ଷୀ ଫାଇନାନ୍ସ
ଋଣ ଋଣ ଋଣ
ସରକାରୀ ଜନକଲ୍ୟାଣ ଋଣ ମାତ୍ର 24 ଘଣ୍ଟାରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ସୁଧ 1% ବାର୍ଷିକ, ରିହାତି 45% (ମହିଳାଙ୍କ ପାଇଁ ବିଶେଷ ରିହାତି)
At: 208, Jiwan Park, Delhi - 110059
Mob: 07310616779

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ, ବ୍ୟବସାୟ ଓ ମହିଳା ଗ୍ରୁପକୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଡିଜିଟାଲ ଉପକରଣ
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଗ୍ରୁପ୍। ନିଜର ଖାଲି ଜମି, ଛାତ, ଘର, କ୍ଷେତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ ୨୦,୦୦,୦୦୦, ଭଡ଼ା 90,000 + 20,000ର ଅନ୍ୟାନ୍ୟ ସୁବିଧା। କୋର୍ଟ ଏଗ୍ରିମେଣ୍ଟ।
ନୋଟ୍:- (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8810506876
8445779128
Address: House No.2, New Town, St. No.6, Delhi 110053

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି। ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ। 30% ସବସିଡି।
Ameerpt, Hyderabad Pin- 5000106 (Telengana)
7787922501
7787907927
pmjansamridhi@gmail.com

ବ୍ୟବସାୟ
Regd. Company ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଆଡ୍‌ଭାନ୍ସ 75 ଲକ୍ଷ
ଭଡ଼ା 65,000
ନୋ ଏଗ୍ରିମେଣ୍ଟ ଫିସ୍
7065954352
8802183109
T-51, Gali No.8, Gautampuri, Delhi-110053

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631


**ପାଠକଙ୍କ ପାଇଁ ସୂଚନା** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ୯୩ ବୋତଲ ଚୋରାମଦ ଜବତ କଲେ ମହିଳା

ଏରସମା,୧।୧୦(ସ୍ୱ.ପ୍ର.): ଏରସମା ଥାନା ଅନ୍ତର୍ଗତ ଗଡ଼ହରିଶପୁର ପଞ୍ଚାୟତରେ ବ୍ୟାପକ ଚୋରାମଦ କାରବାର ହେଉଥିବା ଅଭିଯୋଗ ହୋଇଆସୁଥିଲା। ରବିବାର ବିଳମ୍ବିତ ରାତିରେ ମହିଳାମାନେ ଏକଜୁଟ ହୋଇ ଚୋରାମଦ କାରବାର ହେଉଥିବା ସ୍ଥାନ ଠାବ କରି ପୋଲିସକୁ ଖବର ଦେଇଥିଲେ। ଏଏସଆଇ ଗୟାସ ମହମ୍ମଦ ସଦଳବଳ ଘଟଣାସ୍ଥଳରେ ପହଞ୍ଚିବା ପରେ ମହିଳାମାନଙ୍କ ସହାୟତାରେ ଚଢାଉ ଆରମ୍ଭ ହୋଇଥିଲା। ଏହି ସମୟରେ ମହିଳାମାନେ ଗ୍ରାମର ଶୁଭ୍ରାଂଶୁ ମଣ୍ଡଳଙ୍କ ନିକଟରୁ ୯୩ ବୋତଲ ମଦ ଜବତ କରିଥିଲେ। ମାତ୍ର ଅଭିଯୁକ୍ତ ଶୁଭ୍ରାଂଶୁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ଏରସମା ଥାନାରେ ମାମଲା ନଂ. ୧୩୮/୧୮ ରୁଜୁ ହୋଇଥିବା ଏସଆଇ ବିଭୂତି ଭୂଷଣ ସେଠୀ କହିଛନ୍ତି।

### ଦୁର୍ଘଟଣା ଘଟାଇଥିବା ହାଇୱାର ପତ୍ତା ମିଳୁନି

ବାଲିକୁଦା,୧।୧୦(ସ୍ୱ.ପ୍ର.): ବାଲିକୁଦା-ଜଗତ୍‌ସିଂହପୁର ରାସ୍ତାର ଇନ୍ଦିରା କଲୋନି ଛକ ନିକଟରେ ଗତ ଶୁକ୍ରବାର ଏକ ଦୁର୍ଘଟଣା ଘଟିଥିଲା। ଏଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ତେବେ ଏହି ଘଟଣାର ୫ ଦିନ ପରେ ମଧ୍ୟ ପୋଲିସ ଦୁର୍ଘଟଣା ଘଟାଇଥିବା ହାଇୱାର ପତ୍ତା ପାଇନାହିଁ। ପୋଲିସ କେବଳ ମାମଲା ରୁଜୁ କରି ଚୁପ୍ ବସିଛି। ସେପଟେ ଦୁର୍ଘଟଣାରେ ମୃତ କୃଷ୍ଣଦାସପୁର ପଞ୍ଚାୟତ ଖାଙ୍କରପୁର ଗାଁର ଜଗନାଥ ପଣ୍ଡାଙ୍କ ପରିବାରକୁ କ୍ଷତିପୂରଣ ମିଳିବ କି ନାହିଁ ତାହାକୁ ନେଇ ଆଶଙ୍କା ସୃଷ୍ଟି ହେଲାଣି। ଦୁର୍ଘଟଣା ଘଟାଇଥିବା ହାଇୱା ଚିହ୍ନଟ ହୋଇପାରିଲେ ହୁଏତ କିଛିଟା କ୍ଷତିପୂରଣ ଫାଇନାନ୍ସ କମ୍ପାନୀଠାରୁ ମିଳିପାରନ୍ତା। କିନ୍ତୁ ପୋଲିସ ଏ ଦିଗରେ କୌଣସି ଆଗ୍ରହ ଦେଖାଉନାହିଁ। ବଜାରର ବିଭିନ୍ନ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଯାଞ୍ଚ କଲେ ହାଇୱାକୁ ଧରି ହୁଅନ୍ତା ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ଉକ୍ତ ଦୁର୍ଘଟଣାରେ ଜଗନାଥଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସ୍ତ୍ରୀ ଓ ଝିଆରୀ ଆହତ ହୋଇଥିଲେ।

### ନୂତନ ଭୋଟର ହେବାକୁ ସଚେତନତା

ବାଲିକୁଦା,୧।୧୦(ସ୍ୱ.ପ୍ର.): ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବା ଓ ମତଦାନ କରିବା ସମ୍ପର୍କରେ ବାଲିକୁଦା ମହାବିଦ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମ ଅବସରରେ ଆୟୋଜିତ ସଭାରେ ଏବିଡିଓ ଅଜୟ କୁମାର ବେହେରା ଅଧକ୍ଷତା କରିଥିଲେ। ଅତିଥି ବାବେ ବିଡିଓ କଲ୍ୟାଣି ପଟ୍ଟନାୟକ ଶିବିରରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବା ସମ୍ପର୍କରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଜିପିଓ ଲୋପାମୁଦ୍ରା ସାହୁ, କଲେଜ ଅଧକ୍ଷ ଅକ୍ଷୟ ପାତ୍ର, ଅଧାପକ ଦେବେନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇଥିଲେ।

■ କଲଭର୍ଟ ନିର୍ମାଣ ଦାବିରେ ୬ ଦିନ ଧାରଣା

# ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

ରଘୁନାଥପୁର, ୧।୧୦( ଡି.ଏନ.ଏ.)

■ କଲଭର୍ଟ ପାଇଁ ୨ ବର୍ଷ ହେଲା ଖୋଳାଯାଇଛି
■ ନିର୍ମାଣ କରିବାକୁ ପଛଘୁଞ୍ଚା ଦେଉଛି ପ୍ରଶାସନ
■ ଧାରଣା ସଫଳ ନ ହେବାରୁ ପକାଇଲେ ତାଲା

ରଘୁନାଥପୁର ବ୍ଲକ କାର୍ଯ୍ୟାଳୟରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ବ୍ଲକ ଅନ୍ତର୍ଗତ ଧରାଧରପୁର ପଞ୍ଚାୟତ କୋଟକଣାଠାରେ ୨ ବର୍ଷ ତଳୁ ଖୋଳା ଯାଇଥିବା ସ୍ଥାନରେ କଲଭର୍ଟ ନିର୍ମାଣ ଦାବିରେ ୬ ଦିନ ହେଲା ଧାରଣାରେ ବସି ରହିଥିଲେ ଗ୍ରାମବାସୀ। ସେମାନଙ୍କ ଦାବିକୁ ବ୍ଲକ ପ୍ରଶାସନ ଗୁରୁତ୍ୱ ନ ଦେଇ ନ ଥିଲା। ଫଳରେ ଉତ୍ୟକ୍ତ ଗ୍ରାମବାସୀ ସୋମବାର ପୂର୍ବାହ୍ନ ୯ଟାରେ କାର୍ଯ୍ୟାଳୟରେ ତାଲା ପକାଇ ସମ୍ପୂର୍ଣ୍ଣ ଅଚଳ କରି ଦେଇଛନ୍ତି। ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ କର୍ମଚାରୀମାନେ ବାହାରେ ଠିଆ ହୋଇ ରହିଥିଲେ।

ସୂଚନାଯୋଗ୍ୟ କୋଟକଣା ଗାଁର ଫଗୁ ସାହୁ ଘର ପାଖ ଦଣ୍ଡଗାଡିଆ ନିକଟସ୍ଥ ନାଳରେ ଏକ କଲଭର୍ଟ ନିର୍ମାଣ ପାଇଁ ୨୦୧୬ ମସିହାରୁ ଖୋଳି ଦିଆଯାଇଥିଲା। ଏହାକୁ ନିର୍ମାଣ କରିବାକୁ ସ୍ଥାନୀୟ ଜଣେ ବ୍ୟକ୍ତି କାର୍ଯ୍ୟ କରାଯାଉଥିବା ସ୍ଥାନ ତାଙ୍କର କହି ବିରୋଧ କରିଥିଲେ। ତହସିଲଦାର ଆସି ସ୍ଥାନଟି ସରକାରଙ୍କ ବୋଲି ଚିହ୍ନଟ କରିବା ପରେ ମଧ୍ୟ ଉକ୍ତ ବ୍ୟକ୍ତି କାର୍ଯ୍ୟ ଆରମ୍ଭ କରାଇ ଦେଇ ନ ଥିଲା। ବରଂ ଏହା ଉପରେ କେସ୍ କରି ୧୪୪ ଧାରା ଜାରି କରିବାକୁ ଉଦ୍ୟମ କରିଥିଲେ। ବର୍ତ୍ତମାନ କେସ୍ କୋର୍ଟରେ ଖାରଜ ହୋଇଯିବା ପରେ ପ୍ରଭଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଗ୍ରାମବାସୀ ପୋଲିସ ସୁରକ୍ଷାରେ କାର୍ଯ୍ୟ କରାଯିବାକୁ ବିଡିଓ ପଞ୍ଚାନନ ପଟାୟତଙ୍କୁ ଲିଖିତ ଦାବି ଜଣାଇଥିଲେ। ବ୍ଲକ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରିବାରୁ ବାଧ୍ୟ ହୋଇ ଗ୍ରାମବାସୀ ୬ ଦିନ ତଳୁ ଧାରଣାରେ ବସି ରହିଥିଲେ। ଏତେଦିନ ବସି ରହିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ସହଯୋଗ ନ ମିଳିବାରୁ ଗ୍ରାମବାସୀ କ୍ଷୁବ୍ଧ ହୋଇ ସରକାରୀ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସି ରହିବା ସହ କୌଣସି କର୍ମଚାରୀଙ୍କୁ ଭିତରକୁ ଛାଡି ଦେଇ ନ ଥିଲେ। ବିଡିଓଙ୍କ ଅପାରଗତାକୁ ଦାୟି କରି ଗାଁର ମହିଳାପୁରୁଷମାନେ ଅଧିକରୁ ଅଧିକ ଧାରଣାରେ ସାମିଲ ହୋଇଥିଲେ। ପୋଲିସ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ତହସିଲଦାର ମାନସ କୁମାର ତ୍ରିପାଠୀ, ଏବିଡିଓ ଅଶୋକ କୁମାର ମହାନ୍ତି, ଆସିଷ୍ଟାଣ୍ଟ ଇଞ୍ଜିନିୟର ଅମୀୟ ଚାନ୍ଦ ମଲ୍ଲିକ ଓ ଆଇଆଇସି ରଞ୍ଜନ କୁମାର ମଲ୍ଲିକ ଘଟଣାସ୍ଥଳକୁ ଯାଇ ବାସ୍ତବ ସ୍ଥିତି ଅନୁଧ୍ୟାନ କରିଥିଲେ। କଲଭର୍ଟ ନିର୍ମାଣ ହୋଇ ନ ପାରିବା ଯୋଗୁ ପ୍ରାୟ ୮୦ ଏକର ଧାନ ଜମି ଶୁଖିଲା ପଡିବା ଏବଂ ଯାତାୟାତରେ ଅସୁବିଧା ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଶେଷରେ ଅନୁଧ୍ୟାନ କରିବାକୁ ଯାଇଥିବା ଅଧିକାରୀମାନେ ଗ୍ରାମବାସୀଙ୍କୁ ବୁଝାଶୁଝା କରି ଆସନ୍ତା ବୁଧବାର ଅପରାହ୍ନ ୩ଟାରେ ଥାନାରେ ଉଭୟପକ୍ଷ ଏକତ୍ରିତ ହୋଇ ଆଲୋଚନା କରାଯିବା ପାଇଁ ପ୍ରତିଶ୍ରୁତି ମିଳିବା ପରେ ଅପରାହ୍ନ ସାଢେ ୩ଟାରେ ଧରଣା ପ୍ରତ୍ୟାହୃତ ହୋଇଥିଲା।



ରଘୁନାଥପୁର ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିବା ଗ୍ରାମବାସୀ।

# କୁଜଙ୍ଗରେ ଶକ୍ତି ପ୍ରଦର୍ଶନ କରିବେ ଦାମ

କୁଜଙ୍ଗ,୧।୧୦(ସ୍ୱ.ପ୍ର.)

■ ବିଜେଡି ମହିଳା ସମାବେଶ ପରେ କୁଜଙ୍ଗରେ ପହଞ୍ଚିଲେ ଦାମ
■ ପୁରୁଖା ନେତାଙ୍କୁ ନେଇ କରିବେ ସମାବେଶ

କୁଜଙ୍ଗରେ ରବିବାର ବିଜେଡି ପକ୍ଷରୁ ମହିଳା ସମାବେଶ କରାଯିବା ପରେ ସୋମବାର ବିଧାୟକ ଦାମୋଦର ରାଉତ ଏହି ଅଞ୍ଚଳକୁ ଗସ୍ତ କରିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସେ ମଧ୍ୟ ବିଜେଡିକୁ ନିଜ ଶକ୍ତି ପ୍ରଦର୍ଶନ କରିବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଅତିତରେ ବିଜେଡିରୁ ବିଦା ହୋଇଥିବା କେତେଜଣ ପୁରୁଖା ନେତାଙ୍କୁ ନେଇ ସେ ଖୁବ୍‌ଶୀଘ୍ର କୁଜଙ୍ଗରେ ଏକ ସମାବେଶ କରିବେ ବୋଲି ସୂଚନା ମିଳିଛି। ତେଣୁ ଏହାକୁ ନେଇ ପୁଣି ଥରେ ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ଉଷ୍ମତା ପ୍ରକାଶ ପାଇଛି। ଏହି ଅବସରରେ ଦାମ କୁଜଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟର ବ୍ଲକ୍ ଅଧକ୍ଷଙ୍କ କାର୍ଯ୍ୟାଳୟରେ ନିଜ ଅନୁଗତଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆଗାମି ଦିନରେ ସେ ମାହାଙ୍ଗା, କାକଟପୁର ନିମାପଡା, ବାରିପଦା ଓ ଭଣ୍ଡାରୀପୋଖରୀରେ ସମାବେଶ କରିବେ ବୋଲି ସୂଚନା ମିଳିଛି। ଏହି ଅବସରରେ ବ୍ଲକ୍ ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, କୁଜଙ୍ଗ ସରପଞ୍ଚ ଭାରତ ଭୂଷଣ ନାୟକ, ବ୍ଲକ୍ ବିଜେଡି ସଭାପତି ଚିତ୍ତ ମିଶ୍ର, ଆଇନଜୀବୀ ଭାରତ ଭୂଷଣ ଦାସ, ଉପାଧ୍ୟକ୍ଷ ପୁଷ୍ପଲତା ବେହେରା, ଜିଲାନାସୀ ସରପଞ୍ଚ ପ୍ରମୋଦ ସ୍ୱାଇଁ, କୈଳାସ ଷଡଙ୍ଗୀ, ତୁଷାର ଲେଙ୍କାଙ୍କ ସମେତ ଆଖପାଖ ପଞ୍ଚାୟତର ବହୁ ଅନୁଗତ ଓ ସମର୍ଥକ ଉପସ୍ଥିତ ଥିଲେ। ରବିବାର ବିଜେଡି ମହିଳା ସମାବେଶରେ ଯୋଗଦେଇଥିବା କେତକ ଜନପ୍ରତିନିଧିଙ୍କୁ ଆଜି ପୁଣି ଦାମଙ୍କ ଶିବିରରେ ଦେଖିବାକୁ ମିଳିଥିଲା।


ସମର୍ଥକଙ୍କ ସହ ଆଲୋଚନା କରୁଛନ୍ତି ବିଧାୟକ ଦାମୋଦର ରାଉତ।

ଓକିଲଙ୍କୁ ଏପିଆର୍‌ଙ୍କ ଆପତ୍ତିଜନକ ମନ୍ତବ୍ୟ ପ୍ରସଙ୍ଗ

# ଏତଲା ଦେଲା ଜିଲା ଓକିଲ ସଂଘ


ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଜଗତ୍‌ସିଂହପୁର ଜିଲା ଓକିଲ ସଂଘର କର୍ମକର୍ତ୍ତା।

ଜଗତ୍‌ସିଂହପୁର ଅଫିସ, ୧।୧୦

■ ଏସ୍‌ପିଙ୍କୁ ଭେଟିଲେ କର୍ମକର୍ତ୍ତା
■ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ପୋଲିସ-ଓକିଲ ବିବାଦ ତୀବ୍ର ହୋଇଥିବାବେଳେ ଜଗତ୍‌ସିଂହପୁର ପୋଲିସ ଜିଲାରେ କାର୍ଯ୍ୟରତ ସୁବ୍ରତ ଭୋଇ ନାମକ ଜଣେ ଏପିଆର୍ (ଆର୍ମଡ୍ ପୋଲିସ ରିଜର୍ଭ) ଓକିଲମାନଙ୍କ ଆଡକୁ ଙ୍ଗୁଳି ଉଠାଇ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ସେ ତାଙ୍କ ହ୍ୱାଟ୍ସଆପ୍ ଓ ଫେସ୍‌ବୁକ୍‌ରେ ଓକିଲମାନଙ୍କୁ ତାଚ୍ଛଲ୍ୟ କରି ପୋଷ୍ଟ କରିଥିଲେ, ଯାହାକି ଜଗତ୍‌ସିଂହପୁର ଜିଲାର ଓକିଲମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ସୋମବାର ଜଗତ୍‌ସିଂହପୁର ଜିଲା ଓକିଲ ସଂଘ ତରଫରୁ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଏତଲା ଦିଆଯାଇଛି। ସଂଘ ସମ୍ପାଦକ ଦେବେନ୍ଦ୍ର ନାଥ ସ୍ୱାଇଁ ଏହି ଏତଲା ଦେଇଥିଲେ। ଏଥିସହ ଓକିଲମାନେ ଏସ୍‌ପି ପ୍ରକାଶ ଆର୍‌ଙ୍କୁ ସାକ୍ଷାତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତେବେ ଅଭିଯୋଗ ଉପରେ ବିଚାର କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିବା ସଂଘ ତରଫରୁ କୁହାଯାଇଛି। ଶନିବାର ଏ ସମ୍ପର୍କରେ ସଂଘ ତରଫରୁ ଏକ ଜରୁରୀ ବୈଠକ ହୋଇଥିଲା। ଏଥିରେ ଭୋଇଙ୍କ ଏଭଳି ଆପତ୍ତିଜନକ ମନ୍ତବ୍ୟକୁ ତୀବ୍ର ନିନ୍ଦା କରାଯାଇଥିଲା। ସୋମବାର ପୂର୍ବାହ୍ନ ୧୧ଟାରେ ଜିଲା ଓକିଲ ସଂଘ ହଲ୍‌ରେ ଏକ ଜରୁରୀକାଳୀନ ସାଧାରଣ ବୈଠକ ପରେ ଓକିଲମାନେ ଶୋଭାଯାତ୍ରାରେ ଯାଇ ଥାନାରେ ଏତଲା ଦେବା ସହ ଏସ୍‌ପିଙ୍କୁ ସାକ୍ଷାତ କରିଥିଲେ।

# ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର

ରଘୁନାଥପୁର, ୧।୧୦( ଡି.ଏନ.ଏ.)

ରଘୁନାଥପୁର ବ୍ଲକ ନାଳିବର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସଂସ୍କୃତ ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର ତଥା ଗାଳିଗୁଲଜ କରିବା ନେଇ ଶନିବାର ରାତିରେ ତିର୍ତ୍ତୋଲ ଥାନାରେ ଅଭିଯୋଗ ହୋଇଥିଲା। ସୁଧୀର କୁମାର ଦାସ ସୂଚନା ଅଧିକାର ଆଇନ ବଳରେ କୌଣସି ତଥ୍ୟ ପାଇବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ଆବେଦନ କରିଥିଲେ। ଜିଲା ଶିକ୍ଷାଧିକାରୀ ଏହାର ଶୁଣାଣି କରିବାକୁ ନାଳିବର ହାଇସ୍କୁଲ ପ୍ରଧାନ ଶିକ୍ଷକ ମିହିର କୁମାର ନାୟକଙ୍କୁ ଦାୟିତ୍ୱ ଦେଇଥିଲେ। ଶନିବାର ଶୁଣାଣି ପାଇଁ ଉକ୍ତ ବ୍ୟକ୍ତିଙ୍କୁ ବିଦ୍ୟାଳୟକୁ ୯ଟାରେ ଆସିବାକୁ କୁହାଯାଇଥିବାବେଳେ ସୁଧୀର ୧୦ଟାରେ ବିଦ୍ୟାଳୟକୁ ଆସିଥିଲେ। ଏହି ସମୟରେ ବିଦ୍ୟାଳୟ ପରୀକ୍ଷା ଚାଲିଥିବା ଏବଂ ପରିଚାଳନା କମିଟି ଓ ଅଲମିନି କମିଟିକୁ ନେଇ ଏକ ବୈଠକ ଚାଲିଥିଲା। ଦାସ ସ୍କୁଲରେ ପହଞ୍ଚି ଏତେ ଲୋକ କାହିଁକି ଆସିଛନ୍ତି ଏବଂ ଫାଷ୍ଟ ଅପିଲିଂ ଅଥରିଟି ତତେ କିଏ କଲା ବୋଲି କହି ପ୍ରଧାନ ଶିକ୍ଷକଙ୍କୁ ଗାଳିଗୁଲଜ କରିବା ସହ ସ୍କୁଲ ଫାଟକ ବାହାରକୁ ଆସିଲେ ମାରିବାକୁ ଧମକ ଦେଇଥିଲେ ବୋଲି ପ୍ରଧାନ ଶିକ୍ଷକ ନାୟକ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ସଂସ୍କୃତ ଶିକ୍ଷୟିତ୍ରୀ ମଧୁସ୍ମିତା ବିଶ୍ୱାଳ ମଧ୍ୟ ଅନୁରୂପ ଅଭିଯୋଗରେ ସୁଧୀର ଏବଂ ଦିଲୀପ ସ୍ୱାଇଁ ନାମକ ବ୍ୟକ୍ତି ଗାଳିଗୁଲଜ କରିବା ସହ ଧମକ ଦେଇଥିବା ଉଲ୍ଲେଖ କରିଛନ୍ତି। ଦୀର୍ଘ ୧୦ ବର୍ଷ ଧରି ଉକ୍ତ ବ୍ୟକ୍ତିମାନେ ଶିକ୍ଷୟିତ୍ରୀ ବିଶ୍ୱାଳଙ୍କ ବିରୋଧରେ ମକଦ୍ଦମା କରି ପରାସ୍ତ ହୋଇଥିବାରୁ ଆକ୍ରୋଶ ମୂଳକ ଭାବେ ତାଙ୍କ ଚାକିରି ସମ୍ପର୍କରେ ସୂଚନା ଅଧିକାର ଆଇନ ଆଧାରରେ ତଥ୍ୟ ମାଗି ହଇରାଣ କରୁଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଏପରି କି ଏହା ପୂର୍ବରୁ ଶିକ୍ଷୟିତ୍ରୀଙ୍କ ପାଖକୁ ଅଶ୍ଳୀଳ ଫଟୋ ପଠାଇ ଥିବା ଅଭିଯୋଗ ହୋଇଛି। ଆହୁରି ମଧ୍ୟ ଶିକ୍ଷୟିତ୍ରୀ ବିଶ୍ୱାଳ ଥାନାରେ କରିଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି ସେ ନିଜର ମାନସିକ ଭାରସାମ୍ୟ ହରାଇବା ସହ ଶିକ୍ଷାଦାନ କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି ହେଉଥିବା କହିଛନ୍ତି। ଏ ନେଇ ଥାନାରେ ନଂ. ୨୪୩/୧୮ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଅଭିଯୁକ୍ତ ଫେରାର ଥିବା ପୋଲିସ ସୂତ୍ରରୁ ପ୍ରକାଶ।




CLASSIFIED DISPLAY















## ସଂକ୍ଷେପରେ

### ଯୁବ କଂଗ୍ରେସର ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ

ଭୁବନେଶ୍ୱର,୧।୧୦(ବ୍ୟୁରୋ): ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସୋମବାର ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଛି। ଜାତୀୟ ଯୁବ କଂଗ୍ରେସ ସଭାପତି କେଶବ ଚନ୍ଦ୍ର ଯାଦବ, ପିସିସି ପ୍ରଭାରୀ ଜିତେନ୍ଦ୍ର ସିଂହ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାସହ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମିଶନ୍ ଶକ୍ତି କାର୍ଯ୍ୟକ୍ରମକୁ ମଧ ଓଡିଶାରେ ତ୍ୱରାନ୍ୱିତ କରାଯାଇଛି। ୧୮ରୁ ୩୫ ବର୍ଷ ମଧ୍ୟରେ ଥିବା ଯୁବତୀ, ଯୁବକଙ୍କୁ ଏହି ସଭ୍ୟ ସଂଗ୍ରହ ଅଭିଯାନ ମାଧ୍ୟମରେ ଯୁବ କଂଗ୍ରେସ ତଥା ଦଳ ସହ ଯୋଡିବା ପାଇଁ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି। ଏହି ସମୟ ମଧ୍ୟରେ ସଭ୍ୟ ହୋଇଥିବା ଯୁବତୀ, ଯୁବକମାନେ ଆଗାମୀ ଦିନରେ ଦଳର ହେବାକୁ ଥିବା ସାଙ୍ଗଠନିକ ନିର୍ବାଚନରେ ଭାଗ ନେଇପାରିବେ ବୋଲି ଯୁବ କଂଗ୍ରେସ ସଭାପତି ଲୋକନାଥ ମହାରଥୀ କହିଛନ୍ତି। ଏହାସହ ଭାରତୀୟ ଯୁବ କଂଗ୍ରେସ ଦ୍ୱାରା ଓଡ଼ିଶା ପ୍ରଦେଶର ବିଭିନ୍ନ ପଦପଦବୀରେ ରହିବା ପାଇଁ ଯୋଗ୍ୟ ବିବେଚିତ ହେବେ। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସମସ୍ତ କାର୍ଯ୍ୟକ୍ରମକୁ ଲୋକନାଥ ପରିଚାଳନା କରିଛନ୍ତି।

### ଦେଢ ମାସ ପରେ ସ୍ୱାଭିମାନ ଅଞ୍ଚଳବାସୀ ପାଇଲେ ବିଦ୍ୟୁତ୍ ସେବା

ଚିତ୍ରକୋଣ୍ଡା,୧।୧୦- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ଲଘୁଚାପ ତଥା ଲଗାଣ ବର୍ଷା ଯୋଗୁ ନଦୀ ଓ ନାଳରେ ପାଣି ଆସି କେତେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଏବଂ ତାର ବୁଡି ରହିଥିଲା। ପ୍ରାୟ ଦେଢ ମାସ ହେଲା ବିଚ୍ଛିନ୍ନାଞ୍ଚଳବାସୀ ଅନ୍ଧାରରେ ରହିଥିଲେ। ଏଥିପାଇଁ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ।

କଂଗ୍ରେସରେ ପୁଣି ତେଜିଲା ଅସନ୍ତୋଷ

# ପିସିସି ସାଧାରଣ ସମ୍ପାଦକ ପଦ ଛାଡ଼ିଲେ କୃଷ୍ଣ

ଭୁବନେଶ୍ୱର,୧।୧୦(ବ୍ୟୁରୋ)

କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ଶଗରିଆ ପିସିସି ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଛନ୍ତି। ରାଜ୍ୟ ନେତୃତ୍ୱ ସପ୍ତାହେ କି ଦୁଇ ସପ୍ତାହ ମଧ୍ୟରେ ତାଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ପ୍ରସଙ୍ଗକୁ ବିଚାରକୁ ନ ନେଲେ, ଦଳ ଛାଡ଼ିବା ସମ୍ପର୍କରେ ସେ ପୁନର୍ବିଚାର କରିପାରନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ବହୁଜନ ଯଥା ଆଦିବାସୀ, ଦଳିତ ଏବଂ ପଛୁଆ ବର୍ଗ ବିରୋଧୀ ମାନସିକତା ପୋଷଣ କରୁଥିବା କୃଷ୍ଣ କହିଛନ୍ତି। ଦୁଇଦିନ ପୂର୍ବେ ତାଙ୍କୁ ଏଆଇସିସି ପକ୍ଷରୁ ପିସିସି ସମ୍ପାଦକ ଦାୟିତ୍ୱ ମିଳିଥିଲା। ଏଥିସହିତ ବିଭିନ୍ନ କାରଣରୁ ଅସନ୍ତୋଷ ଥିବାରୁ ସେ ଦଳ ଛାଡ଼ିପାରନ୍ତି ବୋଲି ଚର୍ଚ୍ଚା ହୋଇଥିଲା। ହେଲେ ସୋମବାର ନିଜ ସରକାରୀ ବାସଭବନରେ କୃଷ୍ଣ ଆୟୋଜନ କରିଥିବା ଖବରଦାତା ସମ୍ମିଳନୀରେ କେବଳ ପଦରୁ ଇସ୍ତଫା ଦେଇଥିବା ସ୍ପଷ୍ଟ କରିଛନ୍ତି।



ରାଜ୍ୟ କଂଗ୍ରେସ ନେତୃତ୍ୱ ଉପରେ ବର୍ଷିବା ସହ ଦଳରେ ଚାଲିଥିବା ଏକଚାଟିଆ ବ୍ୟାପାର ସମ୍ପର୍କରେ କୃଷ୍ଣ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଜଣାଇବେ ବୋଲି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଦଳର ଇସ୍ତାହାର କମିଟି ଅଧ୍ୟକ୍ଷ ଶ୍ରୀକାନ୍ତ ଜେନାଙ୍କ ଦ୍ୱାରା ଦିଆଯାଇଥିବା ପ୍ରସ୍ତାବକୁ ସେ କିପରି ଗ୍ରହଣ କରୁଛନ୍ତି ବୋଲି ପଚରାଯାଇଥିଲା। ଉତ୍ତରରେ କୃଷ୍ଣ କହିଛନ୍ତି ଯେ, ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ପ୍ରସ୍ତାବକୁ ଜଣେ ଏସ୍‌ସି ପ୍ରତିନିଧି ହିସାବରେ ସେ ପୂର୍ଣ୍ଣ ସମର୍ଥନ କରନ୍ତି। କଂଗ୍ରେସ କ୍ଷମତାକୁ ଫେରିଲେ ବହୁଜନ ସମ୍ପ୍ରଦାୟ (ଯଥା-ଏସ୍‌ସି, ଏସ୍‌ଟି ଏବଂ ଓବିସି)ରୁ ଜଣେ ମୁଖ୍ୟମନ୍ତ୍ରୀ, ୩ ଉପମୁଖ୍ୟମନ୍ତ୍ରୀ କରିବା ପ୍ରସ୍ତାବକୁ ମୁଁ ସମର୍ଥନ କରୁଛି। କଂଗ୍ରେସ ଏକ ବିଚାରଧାରା। ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଆମେ ପାଳନ କରୁଛେ, ହେଲେ କଂଗ୍ରେସ ଦଳରେ ନିଷ୍ପେଷିତ, ଶୋଷିତଙ୍କୁ ଗୁରୁତ୍ୱ ଦେଉନାହେଁ। ତେଣୁ ଦଳ କିପରି ଗ୍ରହଣୀୟ ହେବ ବୋଲି କୃଷ୍ଣ ପ୍ରଶ୍ନ କରିଛନ୍ତି। ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ନେଇ ସେ କହିଛନ୍ତି ଯେ, ଦୀର୍ଘଦିନ ଧରି ଏସ୍‌ସି ସେଲ୍‌ରେ କାର୍ଯ୍ୟ କରିବା ସହ ସଙ୍ଗଠନ କରୁଥିଲି। କୁନ୍ଦୁଲି ଭଳି ସ୍ପର୍ଶକାତର ପ୍ରସଙ୍ଗକୁ ଦିଲ୍ଲୀ ଦରବାର ପର୍ଯ୍ୟନ୍ତ ନେଇଥିଲି। କେଉଁ ଉଦ୍ଦେଶ୍ୟ ରଖି ମୋତେ ଏସ୍‌ସି ସେଲ୍ ଅଧ୍ୟକ୍ଷ ପଦରୁ ଅବ୍ୟାହତି ଦିଆଗଲା, ତାହା ବୁଝି ହେଉନାହିଁ। ସେହିପରି ସସ୍ମିତା ବେହେରା ମହିଳା କଂଗ୍ରେସ ସଭାନେତ୍ରୀ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ସ୍ଥାନରେ ନୂଆ ନିଯୁକ୍ତି ଦେବା କାହା ସ୍ୱାର୍ଥରେ ବୋଲି କୃଷ୍ଣ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱକୁ ଅସ୍ୱୀକାର କରୁଛନ୍ତି କି ବୋଲି ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ପ୍ରଶ୍ନ କରିଥିଲେ। ଉତ୍ତରରେ ସେ କହିଛନ୍ତି ଯେ, ନେତୃତ୍ୱ ପ୍ରତି ବ୍ୟକ୍ତିଗତ ବିରୋଧ ନାହିଁ। ହେଲେ ତାଙ୍କ ଦ୍ୱାରା ନିଆଯାଉଥିବା ବହୁଜନ ବିରୋଧୀ ଏବଂ ଦଳସ୍ୱାର୍ଥ ପରିପନ୍ଥୀ ନିଷ୍ପତ୍ତିଗୁଡ଼ିକୁ ବିରୋଧ କରୁଛି। ବହୁଜନ ବିରୋଧୀ ଆଶାପୋଷଣ କରିବା ମାନସିକ ବିକାରଗ୍ରସ୍ତର ଲକ୍ଷଣ ବୋଲି ସେ କହିଛନ୍ତି।

ନିର୍ବାଚନକୁ ଓହ୍ଲାଇବା ପୂର୍ବରୁ କଂଗ୍ରେସ ଠିକ୍ ପ୍ରସଙ୍ଗ ଚୟନ କରିବା ଉଚିତ ବୋଲି କୃଷ୍ଣ କହିଛନ୍ତି। ସେ କହିଛନ୍ତି ଯେ, ରାଫେଲ ଏକ ଜାତୀୟ ପ୍ରସଙ୍ଗ। ହେଲେ ଓଡ଼ିଶା ରାଜନୀତିରେ ଶତାବ୍ଦୀର ସର୍ବବୃହତ ଦୁର୍ନୀତି ଖଣି ଦୁର୍ନୀତିକୁ ମୁଖ୍ୟ ପ୍ରସଙ୍ଗ କରାଯିବା ଉଚିତ। ତା' ପରେ ଚିଟ୍‌ଫଣ୍ଡ ପ୍ରସଙ୍ଗ ଓ ବହୁଜନ ଏବଂ ମହିଳା ସୁରକ୍ଷାକୁ ଗୁରୁତ୍ୱ ଦିଆଯିବା ଉଚିତ ବୋଲି କୃଷ୍ଣ କହିଛନ୍ତି। କୃଷ୍ଣଙ୍କ ଇସ୍ତଫା ପୂର୍ବରୁ ପିସିସି ସଭାପତି ନିରଞ୍ଜନ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝିଙ୍କୁ ପଠାଇ ସାମୟିକ ବିପତ୍ତି ଟାଳିଥିବା ସୂତ୍ରରୁ ପ୍ରକାଶ। ଖବରଦାତା ସମ୍ମିଳନୀ ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ପ୍ରଦୀପଙ୍କୁ କୃଷ୍ଣଙ୍କ ବାସଭବନରେ ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ମତାମତ ଦେଇ ପ୍ରଦୀପ କହିଛନ୍ତି ଯେ, କୃଷ୍ଣ ଭାଇଙ୍କର କିଛି ପ୍ରସଙ୍ଗକୁ ନେଇ ଅସନ୍ତୋଷ ରହିଛି। ଏହା ରାଜନୀତିରେ ରହିଥାଏ। ଏହାର ନିଶ୍ଚୟ ସମାଧାନ କରାଯିବ।

ପ୍ରଥମ ପୃଷ୍ଠାରୁ...

## ଧାଡ଼ିଦର୍ଶନ ଆରମ୍ଭରୁ...



ବ୍ୟାରିକେଡ୍ ଭାଙ୍ଗି ଧସେଇ ପଶିବାକୁ ଶ୍ରଦ୍ଧାଳୁମାନେ ଉଦ୍ୟମ କରୁଛନ୍ତି।

କରିଛି ପ୍ରଶାସନ। ଅନ୍ୟପକ୍ଷରେ ବାଇଶିପାହାଚରେ ବ୍ୟାରିକେଡ ଭାଙ୍ଗି ବିଶୃଙ୍ଖଳା ସୃଷ୍ଟି କରିଥିବା ବ୍ୟକ୍ତିଙ୍କୁ ସିସିଟିଭି ଫୁଟେଜରୁ ଚିହ୍ନଟ କରାଯିବ। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଥିବା ଜଣାପଡିଛି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ସୋମବାର ପରୀକ୍ଷାମୂଳକ ଭାବେ ଧାଡ଼ିଦର୍ଶନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲା ମନ୍ଦିର ପ୍ରଶାସନ। ଏଥିଲାଗି ସମସ୍ତ ପ୍ରକାର ଆନୁଷଙ୍ଗିକ ପ୍ରସ୍ତୁତି କରାଯାଇଥିଲା। ଭୋର ୫ଟା ୨୫ରେ ଦ୍ୱାର ଫିଟିଥିଲା। ଏହା ପୂର୍ବରୁ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିବା ଲାଗି ବ୍ୟାରିକେଡରେ ଧାଡ଼ି କରି ରହିଥିଲେ। ଦ୍ୱାର ଫିଟିବା ମାତ୍ରେ ଅରୁଣ ସ୍ତମ୍ଭ ସମ୍ମୁଖ ବ୍ୟାରିକେଡ ବାହାରେ ଠିଆ ହୋଇଥିବା କେତେଜଣ ଶ୍ରଦ୍ଧାଳୁ ବ୍ୟାରିକେଡକୁ ଠେଲି ଭିତରକୁ ପ୍ରବେଶ କରିଥିଲେ। ବାଇଶିପାହାଚରେ ତିଆରି କରାଯାଇଥିବା ବ୍ୟାରିକେଡକୁ ଭାଙ୍ଗି ଫିଙ୍ଗା ଫୋପଡା କରିଥିଲେ। ଏହାକୁ ନେଇ କିଛି ସମୟ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଜିଲାପାଳ, ଏସ୍‌ପି ପ୍ରମୁଖ ପ୍ରଶାସନିକ ଅଧିକାରୀ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପରେ ସକାଳ ପ୍ରାୟ ସାଢେ ୮ଟାରେ ଜିଲାପାଳ, ଏସ୍‌ପି ପ୍ରମୁଖଙ୍କ ଉପସ୍ଥିତିରେ ବାଇଶିପାହାଚରେ ପୁନଶ୍ଚ ବ୍ୟାରିକେଡ କରାଯାଇଥିଲା। ଏହା ପରଠାରୁ ଧାଡ଼ିଦର୍ଶନ ସ୍ୱାଭାବିକ ଚାଲିଥିଲା। ଭକ୍ତମାନେ ସିଂହଦ୍ୱାର, ବାଇଶିପାହାଚ, ସାତପାହଚ ଦେଇ ନାଟମଣ୍ଡପକୁ ପ୍ରବେଶ କରିଥିଲେ। ନାଟମଣ୍ଡପରେ ହୋଇଥିବା ବ୍ୟାରିକେଡ ଯୋଗୁ ଭକ୍ତ ଗରୁଡ଼ ସ୍ତମ୍ଭକୁ ଛୁଇଁପାରି ନ ଥିଲେ। ଏହାକୁ ନେଇ ଅସନ୍ତୋଷ ଦେଖାଦେବାରୁ ନାଟମଣ୍ଡପରୁ ପ୍ରଶାସନ ବ୍ୟାରିକେଡ ହଟାଇ ଦେଇଥିଲା। ଫଳରେ ନାଟମଣ୍ଡପରେ ପ୍ରବେଶ ପରେ ଭକ୍ତମାନେ ପୂର୍ବରୁ ଯେଉଁଭଳି ଦର୍ଶନ କରୁଥିଲେ ସେହିଭଳି ଦର୍ଶନ କରିଥିଲେ। ଉଭୟ ବାହାର କାଠ ଏବଂ ଭିତର କାଠରୁ ଠାକୁରଙ୍କୁ ଦର୍ଶନ କରିଥିଲେ ଭକ୍ତ। ମୁଖ୍ୟ ମନ୍ଦିରରୁ ବାହାରିବା ପରେ ଶ୍ରଦ୍ଧାଳୁଙ୍କ ପାଇଁ ଆଉ ସେଭଳି କୌଣସି କଟକଣା ନ ଥିଲା। କେବଳ ସିଂହଦ୍ୱାରକୁ ଛାଡି ଯିଏ ଯାହାର ସୁବିଧା ଦେଖି ଅନ୍ୟ ତିନିଦ୍ୱାରରେ ବାହାରିଥିଲେ। ସିଂହଦ୍ୱାରରେ କେବଳ ପ୍ରବେଶ ଏବଂ ଅନ୍ୟ ତିନିଦ୍ୱାରରେ ବାହାରିବା ଲାଗି ଅଧିକାଂଶ ଭକ୍ତ ଜାଣି ନ ଥିବାରୁ ହଟହଟା ହୋଇଥିଲେ। କେତେକ ଭକ୍ତ ଦର୍ଶନ ସାରି ସିଂହଦ୍ୱାର ବାଟେ ଫେରିବା ବେଳେ ପୋଲିସ ସେମାନଙ୍କୁ ଛାଡି ନ ଥିଲା। ଏହାକୁ ନେଇ ପୋଲିସ ସହ ମଧ କେତେକ ଭକ୍ତ ଯୁକ୍ତିତର୍କ କରିଥିଲେ। ଏପରି କି ପାଦ ପ୍ରକ୍ଷାଳନ କାଛ ଡେଇଁ କେତେକ ଭକ୍ତ ବାହାରକୁ ବାହାରୁଥିବା ଦେଖିବାକୁ ମିଳିଥିଲା।

ଭିତରେ ନୀତି ଓ ଭକ୍ତଙ୍କ ଗହଳିକୁ ନିୟନ୍ତ୍ରଣ ଲାଗି ସିଂହଦ୍ୱାର ବ୍ୟାରିକେଡରେ ହୋଇଥିବା ଧାଡ଼ିକୁ ମଝିରେ ମଝିରେ ଅଟକାଇ ଦିଆଯାଇଥିଲା। ଏଥିରେ ବରିଷ୍ଠ ନାଗରିକଙ୍କ ପାଇଁ ମଧ ସ୍ୱତନ୍ତ୍ର ଭାବେ ଏକ ଧାଡ଼ି ରହିଥିଲା। କିନ୍ତୁ ଏହି ବ୍ୟାରିକେଡ୍ ଉପରେ ଶେଡ୍ କାମ ଚାଲିଥିବାରୁ ଖରାରେ ଭକ୍ତମାନଙ୍କୁ ଠିଆ ହେବାକୁ ପଡିଥିଲା। ଏହାକୁ ନେଇ କେତେଜଣ ଭକ୍ତ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଧାଡ଼ିଦର୍ଶନ ବ୍ୟବସ୍ଥା ମଙ୍ଗଳବାର ବି ଅବ୍ୟାହତ ରହିବ। ସ୍ଥିତିକୁ ଦେଖି ସପ୍ତାହକୁ ଏକାଧିକ ଦିନ ଏହି ବ୍ୟବସ୍ଥା ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ଆଜିଠୁ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଭୁବନେଶ୍ୱର,୧।୧୦(ବ୍ୟୁରୋ)

ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହୋଇ ମାସେବ୍ୟାପୀ ଚାଲିବ। ଏହି ପଦଯାତ୍ରା ସମୟରେ ଦଳର କର୍ମକର୍ତ୍ତା, ନିର୍ବାଚିତ ପ୍ରତିନିଧି ଏବଂ ୱାର୍ଡ କମିଟି ସଦସ୍ୟମାନେ ଯୋଗଦେବେ। ବିଜେଡି କାର୍ଯ୍ୟକର୍ତ୍ତାମାନେ ଘର ଘର ଯାଇ ରାଜ୍ୟ ସରକାରଙ୍କ ସଫଳତା ଏବଂ କେନ୍ଦ୍ର ସରକାରଙ୍କ ବିଫଳତା ସମ୍ପର୍କରେ ପ୍ରଚାର କରିବେ। ଏହି କାର୍ଯ୍ୟକ୍ରମକୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରର ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଝରଣା ସାହି, ବିଏମ୍‌ସି ୱାର୍ଡ ନମ୍ବର-୫୩ଠାରେ ଶୁଭାରମ୍ଭ କରିବେ। ବିଜେଡି ଭୁବନେଶ୍ୱର ଜିଲା ସଭାପତି ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଆରମ୍ଭ ହେବାକୁ ଥିବା ଏହି ପଦଯାତ୍ରାରେ ଦଳର ବହୁ ବରିଷ୍ଠ ନେତା ସାମିଲ ହେବେ।

ପ୍ରଥମ ପୃଷ୍ଠାରୁ...

## ୧୫.୫ ଲକ୍ଷ..

ପୋଟ୍ରୋଲ ପମ୍ପରୁ ଆୟ ହୋଇଥିବା ୧୫ ଲକ୍ଷ ୫୦ ହଜାର ଟଙ୍କା ଧରି ସୋମବାର ପୂର୍ବାହ୍ନ ରେ ବାଇକ୍ ଯୋଗେ ଡିପୋଜିଟ୍ ପାଇଁ ବ୍ୟାଙ୍କକୁ ଆସୁଥିଲେ। ୩ ଜଣ ଲୁଟେରା ପଛ ପାଖରୁ ଆସି ତାଙ୍କଠାରୁ ବାଇକ୍ ଚାବି ଛଡାଇ ନେଇ ଯାଇଥିଲେ। ବେକରେ ଭୁଜାଲି ଲଗାଇ ଆକ୍ରମଣ କରି ବାଇକ୍‌ସହ ଟଙ୍କା ଲୁଟିନେଇଥିଲେ। ଥାନାରେ ଅଭିଯୋଗ ପରେ ପୋଲିସ ବିଳମ୍ବରେ ପହଞ୍ଚି ଲୁଟ୍ ଘଟଣାର ତଦନ୍ତ କରିଥିଲା। ଏ ନେଇ ଥାନାରେ ଏକ ମକଦ୍ଦମା (ନଂ. ୧୩୫/୧୮) ରୁଜୁ ହୋଇଛି।

## ଆଜିଠୁ ୫ ମହାନଗର...

ନିଜ ଅଞ୍ଚଳ ଭିତରେ ଉଲ୍ଲଂଘନକାରୀଙ୍କୁ ଦଣ୍ଡ ବିଧାନ କରିପାରିବେ। । ଜିଲାପାଳ ପଲିଥିନ କଟକଣାକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା ସକାଶେ ଏଡିଏମ, ଏସ୍‌ପି, ବନଖଣ୍ଡ ଅଧିକାରୀ, ତହସିଲଦାର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଏବଂ ପୌରସଂସ୍ଥାର ଅଧିକାରୀମାନଙ୍କୁ ସାମିଲ କରିବେ। ପଲିଥିନ ବିକ୍ରି, ଉତ୍ପାଦନ, ଗଚ୍ଛିତ କରି ରଖୁଥିବା ସଂସ୍ଥା କିମ୍ବା ବ୍ୟବସାୟୀ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧ ମାସ ମଧ୍ୟରେ ସେଗୁଡିକୁ ନଷ୍ଟ କରିବାକୁ କୁହାଯାଇଛି। ନଭେମ୍ବର ୨ ପରଠାରୁ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। କଟକଣା ନ ମାନିଲେ ୫ ବର୍ଷ ଜେଲ ଓ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯିବ। ଏଥିସହିତ ଦିନକୁ ଅତିରିକ୍ତ ୫ ହଜାର ଟଙ୍କା ଜରିମାନା ମଧ ଆଦାୟ କରିବା ବ୍ୟବସ୍ଥା ରହିଛି। ରାଜ୍ୟ ସରକାର ଚୂଡାନ୍ତ ବିଜ୍ଞପ୍ତି ପ୍ରକାଶ କରିବା ପୂର୍ବରୁ ସେପ୍ଟେମ୍ବର ୫ରେ ଏକ ଚିଠା ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏ ନେଇ ଜନସାଧାରଣଙ୍କଠାରୁ ମତାମତ ମଗାଯାଇଥିଲା। ପଲିଥିନ ନିଷେଧ ପାଇଁ କଟକଣା ଜାରି କରାଯାଇଥିଲେ ମଧ ଏ ନେଇ ସରକାରଙ୍କ ପକ୍ଷରୁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସେପରି କୌଣସି ବ୍ୟବସ୍ଥା ହୋଇନାହିଁ। ଫଳରେ ଏହି କଟକଣା କେତେଦୂର ସଫଳ ହେବ ସେ ନେଇ ଆଶଙ୍କା ପ୍ରକାଶ ପାଇଛି। ଏହି କଟକଣା ପୂର୍ବରୁ ରାଜ୍ୟରେ ୨୦୦୮ରୁ ୫୦ ମାଇକ୍ରନରୁ କମ୍ ପଲିଥିନ ଉପରେ ଲାଗୁ କରାଯାଇଥିଲା। ମାତ୍ର ତାହା ଫଳପ୍ରଦ ହୋଇ ପାରିନାହିଁ। ଏଥିପାଇଁ ବ୍ୟାପକ ସଚେତନତା ଜରୁରୀ ବୋଲି ପରିବେଶବିତ୍‌ମାନେ ମତ ଦେଉଛନ୍ତି।

## ନୀଳଗିରି କଲେଜରେ...

ବିଲ୍ଡିଂରେ ଥିବା ଏକ ପାଇଖାନା ଘରେ ଅଫୁଟା ବୋମା ଉଦ୍ଧାର କରିଥିଲା। ପୋଲିସ ଅଫୁଟା ବୋମାକୁ ପୋଖରୀ ମଧ୍ୟକୁ ଫିଙ୍ଗିଦେଇଥିଲା। ଅଧ୍ୟକ୍ଷ ପଣ୍ଡା ସମସ୍ତ କ୍ଲାସ୍ ସସ୍‌ପେଣ୍ଡ କରି ଷ୍ଟାଫ୍ କାଉନ୍‌ସିଲିଂ ମିଟିଂ ଡାକି ଏ ବିଷୟରେ ଆଲୋଚନା କରିଥିଲେ। ଆଲୋଚନାରେ ଛାତ୍ର ସଂସଦ ନିର୍ବାଚନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବାତିଲ୍ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଶାନ୍ତିଶୃଙ୍ଖଳା ଫେରିବା ପର୍ଯ୍ୟନ୍ତ ଅଧ୍ୟକ୍ଷ ସାଇନ୍-ଏ-ଡାଏ ଘୋଷଣା କରିଥିଲେ। ନୀଳଗିରି ଅତିରିକ୍ତ ତହସିଲଦାର ରାକେଶ ପଣ୍ଡା ପୋଲିସ ସହାୟତାରେ ଅନ୍ୟ କୌଣସି ସ୍ଥାନରେ ବୋମା ଥିବା ନେଇ ତଦାରଖ କରିଥିଲେ। ଅନ୍ୟପକ୍ଷରେ ଅପରାହ୍ନ ୪ଟା ବେଳେ ଛାତ୍ର କଂଗ୍ରେସ ପକ୍ଷରୁ ଉପଜିଲାପାଳଙ୍କ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ଛାତ୍ରମାନେ ଉପଜିଲାପାଳ ଆବୋଲି ସୁନୀଲ ନରଣେଙ୍କୁ ଭେଟି ନିର୍ବାଚନ ବାତିଲକୁ ବିରୋଧ କରିଥିଲେ। ଉପଜିଲାପାଳ ଏ ସମ୍ପର୍କରେ ପ୍ରିନ୍ସିପାଲ ଓ କୁଳପତିଙ୍କ ସହ ଆଲୋଚନା କରି ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଆଲିସନ୍, ହୋଞ୍ଜୋଙ୍କୁ...

ରୋଗର ମୁକାବିଲା ଦିଗରେ ଗବେଷଣା ଚଳାଇ ଆସୁଥିଲେ। ଦୁଇ ଗବେଷକଙ୍କ ଆବିଷ୍କାରକୁ କ୍ଲିନିକାଲ୍ ଉପଯୋଗୀ ଦିଗରେ ଆଗେଇନେବା ସେତେ ଜଟିଳ ନୁହେଁ ବୋଲି ନୋବେଲ ଜୁରି ପ୍ରକାଶ କରିଛନ୍ତି।

ତେବେ ମର୍ଯ୍ୟାଦାଜନକ ନୋବେଲ ପୁରସ୍କାର ଗ୍ରହଣ କରିବା ସମ୍ମାନର ବିଷୟ ବୋଲି ଆଲିସନ୍ ପ୍ରକାଶ କରିଛନ୍ତି ଏବଂ ବିଚାରକ ମଣ୍ଡଳୀକୁ କୃତଜ୍ଞତା ଜଣାଇଛନ୍ତି। ଆଲିସନ୍ ବର୍ତ୍ତମାନ ୟୁନିଭର୍ସିଟି ଅଫ୍ ଟେକ୍ସାସ୍‌ର ମେଡିସିନ୍ ଏଣ୍ଡୋର୍ସ କ୍ୟାନ୍‌ସର ସେଣ୍ଟରରେ କାର୍ଯ୍ୟ କରୁଛନ୍ତି। ୧୯୯୫ରେ ସିଟିଏଲ୍‌ଏ-୪ ମଲିକ୍ୟୁଲ୍‌କୁ ଟି-ସେଲ୍‌ର ନିରୋଧକ ରିସେପ୍ଟର ଭାବେ ଠାବ କରିଥିବା ଦୁଇ ଗବେଷକଙ୍କ ମଧ୍ୟରେ ୭୦ ବର୍ଷୀୟ ଆଲିସନ୍ ହେଉଛନ୍ତି ଜଣେ। ଟି-ସେଲ୍ ହେଉଛି ଏକ ପ୍ରକାର ଶ୍ୱେତ ରକ୍ତକଣିକା, ଯାହା ଶରୀରର ପ୍ରାକୃତିକ ପ୍ରତିରୋଧକ ଶକ୍ତିକୁ ରୋଗରେ ରୂପାନ୍ତରିତ କରିବା ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଆଲିସନ୍ କର୍କଟ ଚିକିତ୍ସାରେ ବ୍ୟବହୃତ ବ୍ରେକ୍ ରିଲିଜ୍‌ର ମହତ୍ତ୍ୱ ବୁଝିବା ସହ ତଦନୁଯାୟୀ କର୍କଟ କୋଷକୁ ନଷ୍ଟ କରିବା ଲାଗି ପ୍ରତିରୋଧ କୋଷକୁ ମୁକ୍ତ କରିବାର ସିଷ୍ଟମ୍‌ର ବିକାଶ କରିଥିଲେ। ଏହି ସମୟରେ ୟୁନିଭର୍ସିଟି ଅଫ୍ କ୍ୟୋଟୋର ୭୬ ବର୍ଷୀୟ ହୋଞ୍ଜୋ ପ୍ରତିରୋଧ କୋଷରେ 'ଲିଗାଣ୍ଡ ପିଡି-୧' ନାମକ ଏଭଳି ଏକ ପ୍ରୋଟିନ୍‌ର ଠାବ କରିଥିଲେ। 'ଲିଗାଣ୍ଡ ପିଡି-୧' ଏକ ଭିନ୍ନ ଉପାୟରେ କ୍ୟାନ୍‌ସର ସେଲ୍‌ର ପ୍ରତିରୋଧକ ଭାବେ କାର୍ଯ୍ୟ କରିଥାଏ। ତେବେ ମାନବ ଜାତିର କଲ୍ୟାଣ ପାଇଁ ନିଜ ଗବେଷଣାକୁ ଆହୁରି ଆଗେଇ ନେବେ ବୋଲି ନୋବେଲ ପୁରସ୍କାର ଘୋଷଣା ହେବା ପରେ ହୋଞ୍ଜୋ କହିଛନ୍ତି। ଫଳରେ ଅଧିକରୁ ଅଧିକ କର୍କଟ ରୋଗୀଙ୍କ ଜୀବନ ରକ୍ଷା କରାଯାଇପାରିବ ବୋଲି କହିଛନ୍ତି। କର୍କଟ ମୁକାବିଲା ଦିଗରେ ଗବେଷଣା ପାଇଁ ୨୦୧୪ରେ ଟାଙ୍ଗ୍ ପ୍ରାଇଜ୍ ପ୍ରଦାନ କରାଯାଇଥିଲା। ଏହାକୁ ଏସିଆର ନୋବେଲ ପୁରସ୍କାର ବୋଲି କୁହାଯାଏ।

ଉଭୟଙ୍କୁ ଡିସେମ୍ବର ୧୦ରେ ଷ୍ଟକ୍‌ହୋମ୍‌ଠାରେ ଏକ ଭବ୍ୟ ସମାରୋହରେ ସ୍ୱିଡେନ୍ ରାଜା କାର୍ଲ ଷୋଡ଼ଶଙ୍କ ନିକଟରୁ ସମ୍ମାନ ଗ୍ରହଣ କରିବେ। ନୋବେଲ୍ ଫଳକ ସହ ୧.୦୧ ନିୟୁତ ଡଲାର ରାଶି ପୁରସ୍କାର ଭାବେ ପ୍ରଦାନ କରାଯିବ। ପୂର୍ବରୁ ନୋବେଲ ପୁରସ୍କାର ପାଇଥିବା କର୍କଟ ଚିକିତ୍ସାଗୁଡ଼ିକ ହେଲା ପ୍ରୋଷ୍ଟେଟ୍ କ୍ୟାନ୍‌ସର ପାଇଁ ହର୍ମୋନ୍ ଚିକିତ୍ସା (୧୯୬୬), କେମୋଥେରାପୀ (୧୯୮୮) ଏବଂ ଲ୍ୟୁକ୍‌ମେନିଆରେ ବୋନ୍‌ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ଥେରାପୀ (୧୯୯୦)।

## ଶିକ୍ଷୟିତ୍ରୀଙ୍କୁ...

ବିହାରରେ ରହୁଥିଲେ। ସ୍ୱାମୀ ଠିକାଦାରି କରନ୍ତି। ତେବେ ତନୁଜାଙ୍କ ପିଉସା ନରେନ୍ଦ୍ର ଜେନା କହିଛନ୍ତି ଯେ, ସ୍ୱାମୀଙ୍କ ସହ ତନୁଜାଙ୍କର ଗତ କିଛିଦିନ ହେବ ଝଗଡ଼ା ଲାଗି ରହୁଥିଲା। ସ୍ୱାମୀ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିବା ପରେ ଦୁର୍ଘଟଣାର ରୂପ ଦେବାକୁ ଉଦ୍ୟମ କରିଛନ୍ତି। ତାଙ୍କୁ ତୁରନ୍ତ ଗିରଫ କରାଯାଉ ଓ ନିଖୋଜ ଶିଶୁପୁତ୍ରକୁ ଉଦ୍ଧାର କରିବାକୁ ସେ ପୋଲିସ ନିକଟରେ ନିବେଦନ କରିଛନ୍ତି।

**କେମିତି ଥିଲା ଘଟଣାକ୍ରମ**

ସକାଳ ପ୍ରାୟ ୭ଟାରେ ସାମନ୍ତରାପୁର ଶ୍ରୀରାମ ବଜାରସ୍ଥିତ ମହାବୀର ମନ୍ଦିରର ନିକଟରେ ଏକ ସଫାରୀ କାର୍ (ଓଡି ୦୨ଏଏମ୨୬୦୦) ଦୁର୍ଘଟଣାଗ୍ରସ୍ତ ଅବସ୍ଥାରେ ରହିଥିବା ଲୋକେ ଦେଖିଥିଲେ। କାରଟିର ଆଗପାର୍ଶ୍ୱ ଭାଙ୍ଗିରୁଜି ଯାଇଥିବାବେଳେ ଭିତରେ ଜଣେ ମହିଳାଙ୍କ ମୃତଦେହ ଆଗ ସିଟ୍‌ରୁ ତଳକୁ ଓହଳିବା ଅବସ୍ଥାରେ ଥିଲା। ମୃତଦେହ ନିକଟରେ କିଛି ପିନ୍ଧା ଲୁଗା ଓ କସ୍‌ମେଟିକ୍ସ ସାମଗ୍ରୀ ରହିଥିଲା। ଖବର ପାଇ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ଛାନ୍‌ଭିନ ଆରମ୍ଭ କରିଥିଲା। ଏହା ନିକଟରେ ଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଇଥିଲା। ତେବେ ବିଳମ୍ବିତ ରାତିରେ ଉକ୍ତ କାର୍‌ଟି ସେଠାରେ ଲାଗିଥିବା ଦୃଶ୍ୟମାନ ହେଉଥିବାବେଳେ କାର ଭିତରେ କ'ଣ ହୋଇଥିଲା ତାହା ସ୍ପଷ୍ଟଭାବେ ଜଣାପଡୁ ନାହିଁ। ପୂର୍ବରୁ ହତ୍ୟା କରାଯାଇଥିବା ଏବଂ ଦୁର୍ଘଟଣାର ରୂପ ଦିଆଯାଇ ହତ୍ୟାକାରୀ ସେଠରେ ଗାଡି ସହ ମୃତଦେହକୁ ରଖି ପଳାଇଥିବା ପୋଲିସ ଅନୁମାନ କରୁଛି। ସେହିଭଳି ଉକ୍ତ କାର୍‌ଟି ଏସ୍‌ଆର କ୍ୟାରିଅର ନାମକ ଏକ ସଂସ୍ଥାର ମାଲିକାନାରେ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ମୃତ୍ୟୁ ଘଟିବା ପୂର୍ବରୁ ତନୁଜାଙ୍କ କୌଣସି ହସ୍ପିଟାଲକୁ ନିଆଯାଇଥିବା ସନ୍ଦେହ କରି ପୋଲିସ ଟିମ୍ ରାଜଧାନୀର ବିଭିନ୍ନ ହସ୍ପିଟାଲ ଓ ଘରୋଇ ନର୍ସିଂହୋମ ଯାଇ ପଚରାଉଚରା କରିଥିବା ଜଣାପଡିଛି।

ଡିସିପି ସାହୁ କହିଛନ୍ତି, ଦୁର୍ଘଟଣା ଅବସ୍ଥାରେ କାରରୁ ମୃତଦେହକୁ ଜବତ କରାଯାଇଛି। ଆଇପିସି ଦଫା ୪୯୮(ଏ), ୩୦୨, ୩୪ରେ ମାମଲା ନଂ.୨୦୦/୧୮ ରୁଜୁ କରାଯାଇ ତଦନ୍ତ ଚାଲିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ହତ୍ୟାର କାରଣ ଜଣାପଡିବ ବୋଲି ସେ କହିଛନ୍ତି।




ଘଟଣାସ୍ଥଳରେ ଲୋକଙ୍କ ଭିଡ଼।

ପ୍ରଥମ ପୃଷ୍ଠାରୁ...

## ସାମିଲ ହେବେ...

କରିବେ। ସମସ୍ତ କଣ୍ଟ୍ରାକ୍ଟର ଗୋଦାମରୁ ଚାଉଳ ନେଇ ଡିଲର ପଏଣ୍ଟରେ ପହଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ୩ ତାରିଖରୁ ହିତାଧିକାରୀମାନେ ନିଜର ଚାଉଳ ସଂଗ୍ରହ କରିବେ। ଏହି ଯୋଜନାକୁ ନିର୍ଭୁଲ ଭାବେ କାର୍ଯ୍ୟକାରୀ କରିବାକୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଥିବା ସରକାରୀ ଖୁଚୁରା ଦୋକାନ ଡିଲରମାନେ ଓଏଫ୍‌ଏସ୍‌ଏସ୍ ସଫ୍ଟୱେରକୁ ଡାଉନ୍‌ଲୋଡ୍ କରିବା ପାଇଁ କୁହାଯାଇଛି। ନୂତନ ହିତାଧିକାରୀମାନଙ୍କୁ ଇ-ପଏଣ୍ଟ ଅଫ୍ ସେଲ୍(ପିଓଏସ୍) ମେଶିନ୍ ଜରିଆରେ ଚାଉଳ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଏହି ଯୋଜନାର ବ୍ୟାନର ପ୍ରତ୍ୟେକ ବ୍ଲକ ଅଫିସ, ପୌରସଂସ୍ଥା, ଗ୍ରାମପଞ୍ଚାୟତ ଏବଂ ସରକାରୀ ଖୁଚୁରା ଦୋକାନରେ ଲଗାଇବାକୁ କୁହାଯାଇଛି।

### କିଏ କେଉଁଠି ଏସ୍‌ଏଫ୍‌ଏସ୍‌ଏସ୍ ଉଦ୍‌ଘାଟନ କରିବେ

| | ଜିଲାର ନାମ | ଅତିଥିଙ୍କ ନାମ |
|---|---|---|
| ୧. | ଅନୁଗୋଳ | ପ୍ରତାପ ଜେନା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ |
| ୨. | ବୌଦ୍ଧ | କୃତ୍ତିବାସ ପାତ୍ର, ଆପିକଲ ଅଧ୍ୟକ୍ଷ |
| ୩. | ବଲାଙ୍ଗୀର | ସୂର୍ଯ୍ୟନାରାୟଣ ପାତ୍ର, ଯୋଗାଣ ମନ୍ତ୍ରୀ<br>ସୁବାସ ସିଂ, ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ |
| ୪. | ବରଗଡ | ସୁଶାନ୍ତ ସିଂ, ଶକ୍ତିମନ୍ତ୍ରୀ<br>ଅନୁପ ସାଏ, ଓଏଆଇସି ଅଧ୍ୟକ୍ଷ |
| ୫. | ବାଲେଶ୍ୱର | ଅନନ୍ତ ଦାସ, ଉଚ୍ଚଶିକ୍ଷା ମନ୍ତ୍ରୀ |
| ୬. | ଭଦ୍ରକ | ଅନନ୍ତ ଦାସ, ଶିଳ୍ପ ମନ୍ତ୍ରୀ |
| ୭. | କଟକ | ଉଷା ଦେବୀ, ଯୋଜନା ଓ ସଂଯୋଜନା ମନ୍ତ୍ରୀ |
| ୮. | ଦେବଗଡ଼ | ସ୍ନେହାଙ୍ଗିନୀ ଛୁରିଆ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ |
| ୯. | ଢେଙ୍କାନାଳ | ପ୍ରଦୀପ ମହାରଥୀ, କୃଷି ମନ୍ତ୍ରୀ<br>ରଘୁନାଥ ମହାନ୍ତି, ଅଧ୍ୟକ୍ଷ ଓଏଲ୍‌ଆଇସି |
| ୧୦. | ଗଞ୍ଜାମ | ...... |
| ୧୧. | ଗଜପତି | ଉଷା ଦେବୀ, ଯୋଜନା ଓ ସଂଯୋଜନା ମନ୍ତ୍ରୀ |
| ୧୨. | ଝାରସୁଗୁଡା | ସ୍ନେହାଙ୍ଗିନୀ ଛୁରିଆ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ |
| ୧୩. | ଯାଜପୁର | ଅଶୋକ ପଣ୍ଡା, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ |
| ୧୪. | ଜଗତ୍‌ସିଂହପୁର | ପ୍ରତାପ ଜେନା, ଆଇନ ମନ୍ତ୍ରୀ |
| ୧୫. | ଖୋର୍ଦ୍ଧା | ବିକ୍ରମକେଶରୀ ଆରୁଖ, ସଂସଦୀୟ ବ୍ୟାପାର ମନ୍ତ୍ରୀ |
| ୧୬. | କେନ୍ଦୁଝର | ଶଶିଭୂଷଣ ବେହେରା, ଅର୍ଥମନ୍ତ୍ରୀ<br>ସରୋଜିନୀ ହେମ୍ବ୍ରମ, ରାଜ୍ୟ ସଭା ସଦସ୍ୟ |
| ୧୭. | କଳାହାଣ୍ଡି | ନିରଞ୍ଜନ ପୂଜାରୀ, ଜଳସମ୍ପଦ ମନ୍ତ୍ରୀ<br>ଅନୁଭବ ମହାନ୍ତି, ରାଜ୍ୟ ସଭା ସଦସ୍ୟ |
| ୧୮. | କନ୍ଧମାଳ | ବିକ୍ରମକେଶରୀ ଆରୁଖ, ସଂସଦୀୟ ବ୍ୟାପାର ମନ୍ତ୍ରୀ<br>ଅଚ୍ୟୁତ ସାମନ୍ତ, ରାଜ୍ୟ ସଭା ସଦସ୍ୟ |
| ୧୯. | କୋରାପୁଟ | ଚନ୍ଦ୍ରସାରଥି ବେହେରା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ<br>ସୌମ୍ୟରଞ୍ଜନ ପଟ୍ଟନାୟକ, ରାଜ୍ୟ ସଭା ସଦସ୍ୟ |
| ୨୦. | କେନ୍ଦ୍ରାପଡ଼ା | ନୃସିଂହ ସାହୁ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ |
| ୨୧. | ମାଲକାନଗିରି | ଚନ୍ଦ୍ରସାରଥି ବେହେରା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ |
| ୨୨. | ମୟୂରଭଞ୍ଜ | ସୂର୍ଯ୍ୟନାରାୟଣ ପାତ୍ର, ଯୋଗାଣ ମନ୍ତ୍ରୀ |
| ୨୩. | ନବରଙ୍ଗପୁର | ରମେଶ ମାଝି, ଏସ୍‌ସି/ଏସ୍‌ଟି ଉନ୍ନୟନ ମନ୍ତ୍ରୀ |
| ୨୪. | ନୂଆପଡ଼ା | ନିରଞ୍ଜନ ପୂଜାରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ |
| ୨୫. | ନୟାଗଡ଼ | ଶଶିଭୂଷଣ ବେହେରା, ଅର୍ଥମନ୍ତ୍ରୀ |
| ୨୬. | ପୁରୀ | ଶଶିଭୂଷଣ ବେହେରା, ଅର୍ଥମନ୍ତ୍ରୀ<br>ପ୍ରସନ୍ନ ଆଚାର୍ଯ୍ୟ, ରାଜ୍ୟ ସଭା ସଦସ୍ୟ |
| ୨୭. | ରାୟଗଡା | ପ୍ରଫୁଲ୍ଲ ସାମଲ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ<br>ଏନ୍. ଭାସ୍କର ରାଓ, ରାଜ୍ୟ ସଭା ସଦସ୍ୟ |
| ୨୮. | ସମ୍ବଲପୁର | ବଦ୍ରି ନାରାୟଣ ପାତ୍ର, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ<br>ପ୍ରତାପ ଦେବ, ରାଜ୍ୟ ସଭା ସଦସ୍ୟ |
| ୨୯. | ସୋନପୁର | କିଶୋର ମହାନ୍ତି, ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ |
| ୩୦. | ସୁନ୍ଦରଗଡ | ପ୍ରଫୁଲ୍ଲ ମଲ୍ଲିକ, ଇସ୍ପାତ ଓ ଖଣି ମନ୍ତ୍ରୀ<br>ପ୍ରଶାନ୍ତ ନନ୍ଦ, ରାଜ୍ୟ ସଭା ସଦସ୍ୟ |

## ସଂକ୍ଷେପରେ

### କୃତୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**କୁଜଙ୍ଗ,୧।୧୦(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍ ବୋରିଖି ଉଚ୍ଚ ବିଦ୍ୟାଳୟର କୃତୀ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ସମର୍ପଣ ଶିକ୍ଷାଦାନ ଶୈଳୀ ଓ ଦକ୍ଷତା ନିମନ୍ତେ ଜାତୀୟ ହିନ୍ଦୀ ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ଜଗତସିଂହପୁର ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସଙ୍କ ସହ ବହୁ ମାନ୍ୟଗଣ୍ୟ ଅତିଥି ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିପାଇଁ ତାଙ୍କର ସହକର୍ମୀ ଓ ଛାତ୍ରଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ସାହୁ ହିନ୍ଦୀ ସହ ଓଡିଆ, ଇଂଲିଶ ଓ ଇତିହାସରେ ନିଜର ଅନନ୍ୟ ଶିକ୍ଷାଦାନ ଶୈଳୀ ଯୋଗୁ ଛାତ୍ର ମହଲରେ ବେଶ୍ ଆଦୃତ ହୋଇପାରିଛନ୍ତି। ସମାଗୋଳ ଗ୍ରାମର ବାସିନ୍ଦା ପୂର୍ଣ୍ଣ ସାର ତାଙ୍କର ଏହି ସଫଳତା ପାଇଁ ନିଜ ସହକର୍ମୀଙ୍କ ସହ ସ୍ତ୍ରୀ ରେଣୁବାଳାଙ୍କୁ ଶ୍ରେୟ ଦେଇଛନ୍ତି।

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**ବାଲିଆ,୧।୧୦:** ବିରିଡି ବ୍ଲକ ହାଜିପୁର ଭାଜପା ମଣ୍ଡଳର ଅନ୍ୟତମ ପଞ୍ଚାୟତ ପ୍ରଭାରୀ କାର୍ତ୍ତିକ ପରିଡାଙ୍କ ନେତୃତ୍ୱରେ ହାଜିପୁରସ୍ଥିତ ଧ୍ୟାନକୁଦ ପୀଠ ଶ୍ରୀଜଗନ୍ନାଥ ମନ୍ଦିର ପରିସର ବାହାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଭୁପ୍ରସାଦ ଦାସ, ନୀଳ ମାଧବ ଜେନା, ମହେନ୍ଦ୍ର ଦାସ, ପୀତାମ୍ବର ବେହେରା, ରବୀନ୍ଦ୍ର ବେହେରା, ସନ୍ତୋଷ କୁମାର ବେହେରା, ପ୍ରଶାନ୍ତ କୁମାର ମହାରଣା, ଜ୍ଞାନରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ କୋଦାଳ, ଝୁଡି, ଟୋକେଇ, ଝାଡୁ ଓ ଅନ୍ୟାନ୍ୟ ସରଞ୍ଜାମ ସାହାଯ୍ୟରେ ସଫେଇ କରିଥିଲେ। ସୂଚନାଯୋଗ୍ୟ ପୂରଣ ଓ ହାଜିପୁର ମଣ୍ଡଳ ଭାଜପା ତରଫରୁ ସେପ୍ଟେମ୍ବର ୧୫ରୁ ଆରମ୍ଭ ହୋଇଥିବା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ବିଭିନ୍ନ ପଞ୍ଚାୟତରେ ଚାଲିଛି। ଏହି କାର୍ଯ୍ୟକ୍ରମ ଗାନ୍ଧୀ ଜୟନ୍ତୀରେ ଉଦ୍‌ଯାପିତ ହେବ। ପୂରଣ ମଣ୍ଡଳ ତରଫରୁ ସଭାପତି ଆଲୋକ ପଣ୍ଡା ଓ ହାଜିପୁର ମଣ୍ଡଳ ତରଫରୁ ଶିଶିର ମହାନ୍ତି କାର୍ଯ୍ୟକ୍ରମର ନେତୃତ୍ୱ ନେଉଛନ୍ତି।

### ପଦାସାହିରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ବାଲିଆ,୧।୧୦:** ଜଳ ଓ ପରିମଳ ବିଭାଗ ଆନୁକୂଲ୍ୟରେ ବିରିଡି ବ୍ଲକର ଅଡଙ୍ଗ ମଜୁରାଇ ପଞ୍ଚାୟତସ୍ଥିତ ପଦାସାହିଠାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜଳ ଓ ପରିମଳ କର୍ମୀ ଜ୍ୟୋତି ରଞ୍ଜନ ରାୟଙ୍କ ନେତୃତ୍ୱରେ ଗ୍ରାମବାସୀ ଏଥିରେ ସାମିଲ ହୋଇ ଗ୍ରାମ ଦେବତୀଙ୍କ ପୀଠ ପରିସର ସଫେଇ କରିଥିଲେ। ଏଥିସହ ଗ୍ରାମର ରାସ୍ତାଘାଟ ସଫା କରି ପଲିଥିନ, ପ୍ଲାଷ୍ଟିକ ବୋତଲ, ଅଳିଆ ଆବର୍ଜନାକୁ ଉଠାଇ ଗୋଟିଏ ସ୍ଥାନରେ ପୋତି ଦେଇଥିଲେ। କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଲଳିତ ନାରାୟଣ ଦାସ, ମନୋଜ ସେଠୀ, ରାଜକିଶୋର ଭୋଇ ଯୋଗଦେଇ ଲୋକଙ୍କୁ ସ୍ୱଚ୍ଛତା ଉପରେ ସଚେତନ କରାଇବା ସହ ସମସ୍ତେ ସ୍ୱଚ୍ଛତାକୁ ଆପଣାଇବାକୁ ପରାମର୍ଶ ଦେଇଥିଲେ।

### କୁଜଙ୍ଗରେ ସର୍ଜିକାଲ ଷ୍ଟ୍ରାଇକ୍ ଦିବସ ପାଳିତ

**କୁଜଙ୍ଗ,୧।୧୦(ସ୍ୱ.ପ୍ର.):** କୁଜଙ୍ଗ ଷଣ୍ଢପୁରସ୍ଥିତ କଲ୍ୟାଣ ମଣ୍ଡପରେ ସର୍ଜିକାଲ ଷ୍ଟ୍ରାଇକ୍ ଦିବସ ପାଳିତ ହୋଇଛି। ଏହି ଅବସରରେ ଅମର ଶହୀଦ ପରିବାର, ସେନା ଅଧିକାରୀ ଓ ସେବା ନିବୃତ୍ତ ସୈନିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ଉପସଭାପତି ନୟନ କିଶୋର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିର୍ମଳ କୁମାର ସ୍ୱାଇଁ, ରଘୁନନ୍ଦନ ଦାଶ, ପୂର୍ବତନ ଜିଲା ସଭାପତି ଉପେନ୍ଦ୍ର ବିଶ୍ୱାଳ, ରମାକାନ୍ତ ଭୋଇ, ଲଲାଟେନ୍ଦୁ ବଡୁ, ଜିଲା ସାଧାରଣ ସମ୍ପାଦକ ବିଜୟ ଦାସ ପ୍ରମୁଖ ଯୋଗଦେଇ ଏହି ଦିବସର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଜିଲା ସାଧାରଣ ସମ୍ପାଦକ ମୋହିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମେଜର କୁଳମଣି ସୂତାର, ବିମଳ ଦାସଙ୍କ ସହିତ ଅମର ଶହୀଦ ପାର୍ଥସାରଥି ବେହେରାଙ୍କ ପରିବାର, ସେନାର ସେବା ନିବୃତ୍ତ ସୈନିକ ଯୋଗ ଦେଇଥିଲେ। ମାନସ ମହାନ୍ତି, ଜିଲା ଯୁବମୋର୍ଚ୍ଚା ସଭାପତି ସମ୍ପଦ ସ୍ୱାଇଁ, ପ୍ରଦୀପ୍ତ ମହାପାତ୍ର, ଭବେନ୍ଦ୍ର ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଉଷ୍ମ ହେଲା କଲେଜ କ୍ୟାମ୍ପସ୍

- ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ତତ୍ପରତା
- ପ୍ରାର୍ଥୀ ଦେବେ ଛାତ୍ର କଂଗ୍ରେସ, ଛାତ୍ର ବିଜେଡି ଓ ଏବିଭିପି
- ୩ରେ ଦାଖଲ ହେବ ନାମାଙ୍କନପତ୍ର

**ଜଗତ୍‌ସିଂହପୁର ଅଫିସ,୧।୧୦**

ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ମହାବିଦ୍ୟାଳୟଗୁଡିକର ଛାତ୍ର ସଂସଦ ନିର୍ବାଚନ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବ। ଯେଉଁ ମହାବିଦ୍ୟାଳୟରେ ନିର୍ବାଚନ ହେବ ସମ୍ପୃକ୍ତ କଲେଜଗୁଡିକରେ ସୋମବାର ବିଧିବଦ୍ଧ ଭାବରେ ବିଜ୍ଞପ୍ତି ଜାରି କରାଯାଇଛି। ଏଥିସହ ଲିଙ୍ଗଡୋ କମିଶନ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇଛି। ତେବେ ନିର୍ବାଚନ ତାରିଖ ଘୋଷଣା ହୋଇଥିବାରୁ ଛାତ୍ରୀଛାତ୍ର ମହଲରେ ଉତ୍ସାହ ପରିଲକ୍ଷିତ ହେଉଛି। ଯେଉଁମାନେ ପ୍ରାର୍ଥୀ ହେବେ ସେମାନେ ଇତିମଧ୍ୟରେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଜଗତ୍‌ସିଂହପୁର ଜିଲାର ବିଭିନ୍ନ ମହାବିଦ୍ୟାଳୟରେ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆପାତତଃ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଲାଣି। ବିଶେଷକରି ଏସ୍‌ଭିଏମ୍ (ସ୍ୱାମୀ ବିବେକାନନ୍ଦ ମେମୋରିଆଲ) ସ୍ମାରକୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ସଂସଦ ପାଇଁ ଛାତ୍ର ବିଜେଡି, କଂଗ୍ରେସ ଓ ଏବିଭିପି ତରଫରୁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଚାଲିଛି। ନିର୍ବାଚନ ସମୟ ପାଖେଇ ଆସିଥିବାରୁ ମହାବିଦ୍ୟାଳୟଗୁଡିକର କ୍ୟାମ୍ପସ୍ ଚଳଚଞ୍ଚଳ ହୋଇପଡିଛି।

ବିଜ୍ଞପ୍ତି ଅନୁଯାୟୀ, ଯେଉଁମାନେ ପ୍ରାର୍ଥୀ ହେବାକୁ ଚାହାନ୍ତି ସେମାନେ ଆସନ୍ତା ୩ ତାରିଖ ସକାଳ ୯ରୁ ୧୨ଟା ଭିତରେ ନାମାଙ୍କନପତ୍ର ଦାଖଲ କରିବେ। ପରେ ଅର୍ଥାତ୍ ଅପରାହ୍ଣ ୨ରୁ ୪ଟା ଭିତରେ ଯାଞ୍ଚ ହେବ। ୪ ତାରିଖ ପୂର୍ବାହ୍ଣ ୧୧ଟାରେ ପ୍ରାର୍ଥୀମାନଙ୍କ ନାମ ଘୋଷଣା କରାଯିବ। ଏହିଦିନ ଅପରାହ୍ଣ ୨ରୁ ୪ଟା ଭିତରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ସୁଯୋଗ ଦିଆଯିବ ଏବଂ ୫ଟାରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୦ ତାରିଖରେ ପ୍ରାର୍ଥୀମାନଙ୍କୁ ସେମାନେ କାହିଁକି ଛିଡା ହେଉଛନ୍ତି ଛାତ୍ରୀଛାତ୍ରଙ୍କୁ ବୁଝାଇ ନିଜ ସପକ୍ଷରେ ଭୋଟ ଯୋଗାଡ ପାଇଁ ମହାବିଦ୍ୟାଳୟ ପକ୍ଷରୁ ମଞ୍ଚ ମାଧ୍ୟମରେ ସୁଯୋଗ ଦିଆଯିବ। ୧୧ ତାରିଖ ସକାଳ ୮ରୁ ଅପରାହ୍ଣ ୨ଟା ମଧ୍ୟରେ ମତଦାନ ହେବ। ଏହିଦିନ ଗଣତି ଓ ନିର୍ବାଚନ ଫଳାଫଳ ଘୋଷଣା କରାଯିବ। ୧୨ ତାରିଖରେ ଶପଥ ପାଠ କାର୍ଯ୍ୟକ୍ରମ ରହିଛି । ତେବେ ସମୟ ପାଖେଇ ଆସିଥିବାରୁ ଜିଲାର ବିଶେଷକରି ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ଚଳଚଞ୍ଚଳ ହୋଇପଡିଛି। ବିଗତ ନିର୍ବାଚନଗୁଡିକୁ ଦେଖିଲେ ଜଣାଯାଏ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ସେମାନଙ୍କ ଶକ୍ତି ପ୍ରଦର୍ଶନ କରିଛନ୍ତି। କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳ ଜଗତ୍‌ସିଂହପୁର ବିଧାୟକ ଅଛନ୍ତି। ଜଗତ୍‌ସିଂହପୁର ପୌର ପରିଷଦ ମଧ୍ୟ କଂଗ୍ରେସ ଦଖଲରେ ଥିଲା। କିନ୍ତୁ କଂଗ୍ରେସ ଏହି ମହାବିଦ୍ୟାଳୟରେ ସଙ୍ଗଠନ ମଜଭୁତ କରିପାରିନାହିଁ । ଚଳିତ ନିର୍ବାଚନରେ କଂଗ୍ରେସ ସମର୍ଥିତ କେଉଁ ଛାତ୍ରନେତା ପ୍ରାର୍ଥୀ ହେବେ ଏବଂ ପ୍ରତିଦ୍ୱନ୍ଦ୍ୱିତାରେ କିଏ ସଫଳ ହେଉଛନ୍ତି ତାହା ଦେଖିବାର ରହିଲା। ଅନ୍ୟପକ୍ଷରେ ଏବିଭିପି ଏହି ମହାବିଦ୍ୟାଳୟରେ ତାର ସଙ୍ଗଠନ ରଖିଛି। ସୋମବାର ୩ଟି ପଦବୀ ପାଇଁ ଛାତ୍ରନେତାମାନେ କ୍ଲିୟରାନ୍ସ ସାର୍ଟିଫିକେଟ୍ ପାଇବା ପାଇଁ ବୁଝାବୁଝି କରିଛନ୍ତି। ଫର୍ମ ମଧ୍ୟ କିଣିଥିବା ଜଣାଯାଇଛି। ତେଣୁ ଏବିଭିପି ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ସାମିଲ ହେବେ। ଅନ୍ୟ କଲେଜଗୁଡିକ ଯଥା ତିର୍ତ୍ତୋଲର ସାରଳା ମହାବିଦ୍ୟାଳୟ, ନାଉଗାଁର ଜଗନ୍ନାଥ ମହାବିଦ୍ୟାଳୟ, ବିରିଡ଼ି ଅଳକା ମହାବିଦ୍ୟାଳୟ, ରେଡୁଆ ବୃନ୍ଦାବନଚନ୍ଦ୍ର ମହାବିଦ୍ୟାଳୟ ସମେତ ରାହାମା ଓ ପାରାଦୀପରେ ଥିବା ମହାବିଦ୍ୟାଳୟରେ ମଧ୍ୟ ଛାତ୍ରନେତାମାନେ ସେମାନଙ୍କ ରଣନୀତି ଆପଣାଇ ସାରିଲେଣି। ଦେଖିବାର ଅଛି ବୁଧବାର କେଉଁ ମହାବିଦ୍ୟାଳୟରେ କେଉଁମାନେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି ଏବଂ ସେମାନଙ୍କ ପ୍ରଚ୍ଛଦ ପଟରେ କେଉଁ ରାଜନୈତିକ ଦଳ ରହିଛନ୍ତି। ତେବେ ଲିଙ୍ଗଡୋ କମିଶନ ନିୟମ କଡାକଡି କରାଯିବା ନେଇ ଆସିଥିବା ନିର୍ଦ୍ଦେଶ ଉପରେ ମଧ୍ୟ ପ୍ରତ୍ୟେକଙ୍କ ନଜର ରହିଛି। କାରଣ ବିଗତ ବର୍ଷଗୁଡିକରେ ଅନେକ ମହାବିଦ୍ୟାଳୟରେ ଏଥିରେ ବ୍ୟତିକ୍ରମ ହୋଇଥିବା ଦେଖିବାକୁ ମିଳିଥିଲା।



ଜିଲାପାଳ ଜନସାଧାରଣଙ୍କ ଅଭିଯୋଗ ଶୁଣୁଛନ୍ତି।

## ଜିଲାପାଳଙ୍କ ଜନଶୁଣାଣି, ୯୭ ଅଭିଯୋଗ ଫଇସଲା

**ତିର୍ତ୍ତୋଲ,୧।୧୦(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୯୭ ଅଭିଯୋଗର ଶୁଣାଣି କରାଯାଇଥିଲା। ଜଗତ୍‌ସିଂହପୁର ଜିଲାପାଳ ଯାମିନୀ ଷଡ଼ଙ୍ଗୀ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ଏହିସବୁ ଅଭିଯୋଗକୁ ବିଚାର ନିମନ୍ତେ ଗ୍ରହଣ କରିବା ସହ ଫଇସଲା କରିଥିଲେ। ଏହି ଅଭିଯୋଗ ମଧ୍ୟରେ ମୁଖ୍ୟତଃ ଆବାସ ଯୋଜନା ଏବଂ ରାଶନ କାର୍ଡ ସମ୍ପର୍କରେ ୬୦ ଅଭିଯୋଗର ଶୁଣାଣି ହୋଇଥିଲା। ଏଥିସହ ଜଳ ନିଷ୍କାସନ, ଚିକିତ୍ସା ସହାୟତା, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ଜମିଜମା ସଂକ୍ରାନ୍ତିୟ, ପାଇଖାନା ନିର୍ମାଣ, ବ୍ୟାଙ୍କ ଋଣ, ଲଗାଣ ବର୍ଷାରେ ଚାଷୀଙ୍କ ଫସଲକ୍ଷତି ପ୍ରଭୃତି ଅଭିଯୋଗ ପଞ୍ଜିକୃତ କରାଯାଇଥିଲା। କନିମୁଳ ପଞ୍ଚାୟତ ମଉଗଜପୁର ଗ୍ରାମର ନମିତା ବେହେରାଙ୍କୁ ତାଙ୍କ ଦିବ୍ୟାଙ୍ଗ ଶିଶୁପୁତ୍ରର ଥଇଥାନ ନିମନ୍ତେ ରେଡକ୍ରସ ପାଣ୍ଠିରୁ ୨ହଜାର ଟଙ୍କା ଜିଲାପାଳ ଚେକ ଆକାରରେ ପ୍ରଦାନ କରିଥିଲେ। କଟରା ପଞ୍ଚାୟତର ସମିତିସଭ୍ୟ ବାଇଧର ବଳ ଏହି ପଞ୍ଚାୟତରେ ଉଦ୍ୟାନ କୃଷି ବିଭାଗ ତରଫରୁ ଛାୟାଗୃହ ନିର୍ମାଣରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରିଥିଲେ। ଗୋବିନ୍ଦପୁର ପଞ୍ଚାୟତ ୬ନଂ ୱାର୍ଡର ବହୁ ହିତାଧିକାରୀ ରାସନ ସାମଗ୍ରୀ ୪ମାସ ହେଲା ପାଇ ନ ଥିବା କହିଥିଲେ। ସେହିପରି ବ୍ଲକର ବିଭିନ୍ନ ପଞ୍ଚାୟତରୁ ଗରିବ ଲୋକମାନେ ଚାଳଘରେ ରହୁଥିବା ଓ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବା ବିଜୁ ପକ୍କା ଘର ଯୋଜନାରେ ପକ୍କା ଘର ଖଣ୍ଡେ ଦିଆଯାଉ ନ ଥିବା ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଜିତ ଜେଶରୀ ଦାସ, ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି, ଉପାଧ୍ୟକ୍ଷ ଆଶିଷ ସେଠୀ, ବିଡିଓ ରଞ୍ଜନ କୁମାର ପରିଡା, ଏବିଡିଓ ଭଞ୍ଜ କିଶୋର ନାୟକ, ତହସିଲଦାର ସୁଜାତା ପାତ୍ର, ଅତିରିକ୍ତ ତହସିଲଦାର ସଙ୍ଗୀତା ଖଟୁଆ, ତିର୍ତ୍ତୋଲ ଏସଡିପିଓ ଶିବଚରଣ ମଲ୍ଲିକ, ସିଡିପିଓ ତନୁପ୍ରଭା ବେଉରାଙ୍କ ସମେତ ଜିଲା ଓ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ନାଲିବର ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନକୁ ସମର୍ଥନ ଜଣାଉଛନ୍ତି।

## ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନରେ ନାଳିବର ଉଚ୍ଚ ବିଦ୍ୟାଳୟ

**ରଘୁନାଥପୁର, ୧।୧୦( ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ନାଳିବର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପକ୍ଷରୁ ଚାଲିଥିବା ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନରେ ସାମିଲ ହୋଇ ଏହି ବାର୍ତ୍ତା ଗାଁ ଗଣ୍ଡାରେ ପହଞ୍ଚାଇବାକୁ ସଂକଳ୍ପ ନେଇଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିହିର କୁମାର ନାୟକ ଏକ ସଚେତନତା ସଭାରେ ପ୍ଲାଷ୍ଟିକ ବର୍ଜନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ସହ ଶିକ୍ଷୟିତ୍ରୀଶିକ୍ଷକମାନେ ଜଣେ ଜଣେ ସଚେତନ ନାଗରିକ ଭାବେ ଏହି ପ୍ରୟାସକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ଏହାଛଡା ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପକ୍ଷରୁ କରାଯାଇଥିବା ସାଧୁ ଉଦ୍ୟମକୁ ପ୍ରଶଂସା କରିବା ସହ ଆଗାମୀଦିନରେ ଅନେକ ସଚେତନତା ଧର୍ମୀ ବାର୍ତ୍ତା ପ୍ରକାଶ କରି ସାଧାରଣ ଜନତାଙ୍କୁ ସଚେତନ କରିବାକୁ ଆଶା ପ୍ରକଟ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ବାପିଙ୍କୁ ଟିକେଟ ମିଳିବା ଚର୍ଚ୍ଚା, ବାଣ ଫୁଟାଇଲେ ସମର୍ଥକ

**କୁଜଙ୍ଗ,୧।୧୦(ସ୍ୱ.ପ୍ର.)**

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସୋମବାର ୪୪ଜଣ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କରାଯାଇଛି। ତେବେ ଏହି ୪୪ ଜଣଙ୍କ ମଧ୍ୟରେ କେଉଁମାନେ ଅଛନ୍ତି, କିଏ କେଉଁଠୁ ଟିକେଟ୍ ପାଇବେ ତାହା ଦଳ ଘୋଷଣା କରିନାହିଁ। ଏହା ସତ୍ତ୍ୱେ ପାରାଦୀପ ନିର୍ବାଚନମଣ୍ଡଳୀରୁ କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ ଓରଫ ବାପିଙ୍କୁ ଟିକେଟ ମିଳୁଛି ବୋଲି କୌଣସି ସୂତ୍ରରୁ ଆଗୁଆ ସୂଚନା ପାଇ ତାଙ୍କ ସମର୍ଥକମାନେ ଉତ୍ସାହିତ ହୋଇପଡିଛନ୍ତି। ଏଥିପାଇଁ କୁଜଙ୍ଗରେ ତାଙ୍କ ସମର୍ଥକମାନେ ବାଣ ଫୁଟାଇଛନ୍ତି। ବ୍ଲକ୍ ସଭାପତି ରମେଶ ଚନ୍ଦ୍ର ଦାସ, ଆବାହକ ଏଏନ୍‌ଡି ଯାଦବ, ବାଗୋଇ ସରପଞ୍ଚ ଅଧିର ପ୍ରଧାନ, ପ୍ରଶାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ବିଭିନ୍ନ ପଞ୍ଚାୟତରୁ ବାପିଙ୍କ ସମର୍ଥକ ଏହି ବାଣ ଫୁଟାଇଥିଲେ। ତେବେ ଏ ସମ୍ପର୍କରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ପାରାଦୀପ ବିଷୟରେ କୌଣସି ନିଷ୍ପତ୍ତି ହୋଇନାହିଁ।

## ଭାଜପାର ବୁଥ୍ କମିଟି ଗଠିତ

**କୁଜଙ୍ଗ,୧।୧୦(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ୍ ଅଗପାଳ ପଞ୍ଚାୟତର ପାଇକସ୍ତା ଗ୍ରାମରେ ରବିବାର ରାତି ୮ଟାରେ ଭାଜପା ପକ୍ଷରୁ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ପଙ୍କପାଳ ମଣ୍ଡଳ ସଭାପତି ଆଇନଜୀବୀ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ହୋଇଥିବା ବୈଠକରେ ଦଳର ଜିଲା ଯୁବମୋର୍ଚ୍ଚା ସଭାପତି ସମ୍ପଦ ସ୍ୱାଇଁ ଯୋଗଦେଇ ଦଳର ଶକ୍ତି ଦିନକୁ ଦିନ ବଢୁଥିବା କହିଥିଲେ। ବିରୋଧୀ ବିଜେଡିର କୁଶାସନ ତଥା ଜନମାରଣ ନୀତି ଯୋଗୁ ସାଧାରଣ ଜନତା ଅତିଷ୍ଠ ହୋଇପଡିଲେଣି। ଏହି ସମୟରେ ସାଧାରଣ ଗରିବ ଲୋକଙ୍କ ସ୍ୱାର୍ଥ ପାଇଁ ଦଳର ଯୁବ ସଂଗଠକ ତଥା ବରିଷ୍ଠ କର୍ମୀମାନେ ଆଗେଇ ଆସବାକୁ ସେ ଆହ୍ୱାନ ଦେଇଥିଲେ। ବୁଥ୍‌ସ୍ତରରେ ଦଳକୁ ମଜଭୁତ କରିବା ଓ ଆୟୁଷ୍ମାନ ଭାରତ ପରି ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରାଇ ଗରିବ ରୋଗୀଙ୍କ ପାଖରେ ମୋଦୀ ସରକାରଙ୍କ ଜନକଲ୍ୟାଣ ଯୋଜନା ପହଞ୍ଚାଇବାକୁ ସେ କହିଥିଲେ। ବୈଠକରେ ଭରତ ପ୍ରଧାନ, ରଶ୍ମୀରଞ୍ଜନ ସାମନ୍ତରାୟ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ପରେ ଏହି ଗ୍ରାମର ୯୭ ବୁଥ୍ ପାଇଁ ଏକ ବୁଥ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ରୂପେ ବନମାଳୀ ବେହେରା, ଉପସଭାନେତ୍ରୀ ମାନିନୀ ଲେଙ୍କା, ସୁଦାମ ସେଠୀ, ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମନ୍ତ୍ରୀ, ସମ୍ପାଦକ ଆଶିଷ ଦାସ, ସହ ସମ୍ପାଦକ ରୂପେ ଜ୍ୟୋସ୍ନାରାଣୀ ଦାସ ଓ ତ୍ରିନାଥ ପରିଡା ପ୍ରମୁଖ ମନୋନୀତ ହୋଇଥିଲେ। ପ୍ରମୋଦ କୁମାର ସାହାଣୀ, ଅଭିରାମ ଦାଶ, ବିମଳ ପ୍ରସାଦ ଦାସ, ସୁଦାମ ସେଠୀ, କାଳନ୍ଦୀ ମନ୍ତ୍ରୀ, ସୁରେଶ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସେସୁ କାର୍ଯ୍ୟାଳୟ ଘେରିଲେ ବିଦ୍ୟୁତ୍ ଉପଭୋକ୍ତା

**ବିରିଡି,୧।୧୦(ଡି.ଏନ.ଏ.)**



ସେସୁ କାର୍ଯ୍ୟାଳୟ ଘେରାଉ କରିବାକୁ ଆସିଥିବା ବିଦ୍ୟୁତ୍ ଉପଭୋକ୍ତାମାନେ।

ସରକାର ଜନସାଧାରଣଙ୍କୁ ନୀରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେଉଥିବା କହୁଥିବାବେଳେ ବିରିଡ଼ି ବ୍ଲକ ସେସୁ କନିଷ୍ଠ ପରିଚାଳକଙ୍କ ଅଧୀନ ୨୨ ମୌଜାର ୬ ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଏହି ପଞ୍ଚାୟତର ଉପଭୋକ୍ତାମାନେ ଠିକ୍ ଭାବେ ବିଦ୍ୟୁତ ସେବା ପାଇପାରୁନାହାନ୍ତି। ଏହାର ପ୍ରତିବାଦରେ ସୋମବାର ୨୨ ମୌଜାର ଶତାଧିକ ବିଦ୍ୟୁତ ଉପଭୋକ୍ତା ବିରିଡ଼ି ସେସୁ ଓ ଏନଜେନ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ସେମାନେ ଏନ୍‌ଜେନ୍ କନିଷ୍ଠ ପରିଚାଳକ ବନଜୋ କୁମାର ନାୟକଙ୍କୁ ଅଭିଯୋଗ ଜଣାଇଥିଲେ। ସାମାନ୍ୟ ଟିକେ ବର୍ଷା ପବନ ହେଲେ ବିଦ୍ୟୁତ ସରବାରହ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଉଛି। ପୂର୍ବରୁ ଦୀର୍ଘଦିନ ହେବ ୨୨ ମୌଜା ଅଞ୍ଚଳବାସୀ ବିରିଡ଼ି ୩୩/୧୧ କେଭି ଷ୍ଟ୍ରକ୍‌ଚରରୁ ବିଦ୍ୟୁତ୍ ସେବା ପାଇ ଆସୁଥିଲେ। ସେ ସମୟରେ ଖୁବ କମ୍ ବିଦ୍ୟୁତ୍ ବିଭ୍ରାଟ ଦେଖିବାକୁ ମିଳୁଥିଲା। ହେଲେ ବର୍ତ୍ତମାନ ୨୨ ମୌଜାର ୬ ପଞ୍ଚାୟତ ପାଇଁ ଚାଷୀଖଣ୍ଡଠାରେ ରାଜୀବ ଗାନ୍ଧୀ ବିଦ୍ୟୁତକରଣ ଯୋଜନାରେ ୩୩/୧୧ କେଭି ବିଦ୍ୟୁତ୍ ଷ୍ଟ୍ରକ୍‌ଚର ନିର୍ମାଣ କରାଯାଇ ସେବା ଯୋଗାଇବା ପାଇଁ ସରକାର ଯୋଜନା ଆରମ୍ଭ କରିଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ ସେବା ଠିକ ଭାବେ ମିଳିପାରୁନାହିଁ। ଅନ୍ୟପକ୍ଷରେ କ୍ୟାପେକ୍ସ ସଂସ୍ଥା ୨୨ ମୌଜାରେ ନିମ୍ନମାନର ବିଦ୍ୟୁତ୍ ତାର, ଇନସୁଲେଟର ଓ ଟ୍ରାନ୍ସଫର୍ମର ଲଗାଇଥିବାରୁ ଟିକେ ବର୍ଷା ପବନ ହେଲେ ସେଗୁଡିକ ଖରାପ ହୋଇଯାଉଛି। ସେସୁ କନିଷ୍ଠ ପରିଚାଳକ ନାୟକ ୩ ଦିନ ମଧ୍ୟରେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ଫେରିଯାଇଥିଲେ। ଯଦି ଆଗାମୀ ଦିନରେ ଏହାର ସ୍ଥାୟୀ ସମାଧାନ କରା ନ ଯାଏ ତେବେ ତୀବ୍ର ଆନ୍ଦୋଳନ ହେବ ବୋଲି ପୁରଣ ପଞ୍ଚାୟତ ପୂର୍ବତନ ସରପଞ୍ଚ ଯୁଧିଷ୍ଠିର ବେହେରା, ଜ୍ଞାନରଞ୍ଜନ ଜେନା, ପ୍ରଶାନ୍ତ ବେହେରା, ରଞ୍ଜନ ସ୍ୱାଇଁ, ଦଶରଥ ବଡ଼ୁଆ, କୈଳାସ ଚନ୍ଦ୍ର ସେଠୀ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ନୂତନ ଭୋଟର ସଚେତନତା କାର୍ଯ୍ୟକ୍ରମ

**ବିରିଡି,୧।୧୦(ଡି.ଏନ.ଏ)**

ଜଗତ୍‌ସିଂହପୁର ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ବିରିଡ଼ି ବ୍ଲକ ଆନୁକୂଲ୍ୟରେ ଅଳକା ମହାବିଦ୍ୟାଳୟ ନବକୃଷ୍ଣ ଚୌଧୁରୀ ସଭାକକ୍ଷରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅଳକା ମହାବିଦ୍ୟାଳୟ ଅଧ୍ୟକ୍ଷ ବନମାଳୀ ବେହେରା ଅଧ୍ୟକ୍ଷତା କରିଥିଲେ। ଏବିଡିଓ ଗିରିଜା ପ୍ରସାଦ ବାରିକ, ପ୍ରଗତି ସହାୟକ ସୁରେନ୍ଦ୍ର ନାଥ ଶତପଥୀ, ଜିପିଓ ପାୟଲ ମହାପାତ୍ର ଯୋଗଦେଇ କଲେଜର ଛାତ୍ରୀଛାତ୍ରଙ୍କୁ ନୂତନ ଭାବେ ପ୍ରସ୍ତୁତ ହେଉଥିବା ଭୋଟର ତାଲିକାରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସର ଛାତ୍ରୀଛାତ୍ରଙ୍କୁ ନାମ ପଞ୍ଜୀକରଣ କରିବା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଏ ସମ୍ପର୍କରେ ପଚାରିଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ଦିଆଯାଇଥିଲା।

■ କଂଗ୍ରେସ ଛାଡ଼ି ବିଜେଡିକୁ ଯିବା ପ୍ରସଙ୍ଗ

## ଝୁଲାଇ ରଖିଲେ ଝାରସୁଗୁଡ଼ା ବିଧାୟକ ନବ ଦାସ

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

ବିଜେଡିରେ ମୋର ଯୋଗଦାନ ନେଇ ଯେଉଁ ଗୁଜବ ହେଉଛି, ସେଥିରେ ମୁଁ ପୂର୍ଣ୍ଣଚ୍ଛେଦ ଦେବାକୁ ଯାଉଛି। ବର୍ତ୍ତମାନ ମୁଁ ଭାରତରେ ନାହିଁ, ଅକ୍ଟୋବର ୧୦ରେ ଫେରିବି ବୋଲି ଝାରସୁଗୁଡା ବିଧାୟକ ନବ ଦାସ ଫେସ୍‌ବୁକ୍ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଏହାକୁ ନେଇ କଂଗ୍ରେସ ରାଜନୀତି ଜୋର୍ ଧରିଛି। ଫେସ୍‌ବୁକ୍ ପୋଷ୍ଟରୁ ନବଙ୍କ ଆଭିମୁଖ୍ୟ ଅସ୍ପଷ୍ଟ ଜଣାପଡୁଛି। ସେ କଂଗ୍ରେସରେ ରହିବେ କିମ୍ବା ବିଜେଡିରେ ଯୋଗଦେବେ, ସେ ସମ୍ପର୍କରେ ସିଧାସଳଖ ଭାବେ କିଛି ଉଲ୍ଲେଖ କରିନାହାନ୍ତି। ଚଳିତ ମାସ ୧୦ରେ ଫେରିବା ପରେ ତାଙ୍କ ପରବର୍ତ୍ତୀ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବେ ବୋଲି ଜଣାପଡିଛି। ପ୍ରକାଶ ଯେ, ସେପ୍ଟେମ୍ବର ୨୨ରେ ଝାରସୁଗୁଡ଼ାସ୍ଥିତ ବୀରସୁରେନ୍ଦ୍ର ସାଏ ବିମାନବନ୍ଦର ଲୋକାର୍ପଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ନବଙ୍କ ପରିବାର ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏହାକୁ ନେଇ ତାଙ୍କର ବିଜେଡିରେ ଯୋଗଦାନ ସମ୍ପର୍କରେ ଚର୍ଚ୍ଚା ଜୋର୍ ଧରିଛି। ୨୦୦୯ରୁ ୨୦୧୪ ଯାଏ ବିଧାନସଭାରେ ବିରୋଧୀ ଦଳ ନେତା ଥିବା ଭୂପିନ୍ଦର ସିଂ କଂଗ୍ରେସ ଛାଡି ବିଜେଡି ଯିବା ଦେଖିବାକୁ ମିଳିଥିଲା। ଏଣୁ ନବ ଯଦି କ୍ଷମତା ପାଇଁ ବିଜେଡିକୁ ଯିବା ଲାଗି ଚିନ୍ତା କରୁଥିବେ, ତେବେ ଏଥିରେ କୌଣସି ନୂଆ କଥା ନାହିଁ ବୋଲି ଅନେକ କଂଗ୍ରେସ ନେତା ମତ ଦେଇଛନ୍ତି।

## ସମ୍ପତ୍ତି ନାହିଁ ବୋଲି ପଡ଼ିରହିଛି ମୃତଦେହ

**କୁଜଙ୍ଗ,୧।୧୦(ସ୍ୱ.ପ୍ର.)**

**ଚଳିପଡିଲା ମାନବିକତା**
- ସମ୍ପତ୍ତି ନେଇଗଲେ ସମ୍ପର୍କୀୟ
- ଗାଁ ଠାକୁରାଣୀଙ୍କ ନାମରେ ମଧ ନେଇଗଲେ ଜମି
- ମୃତ୍ୟୁପରେ କେହି ଚାହିଁଲେନି

ସମ୍ପତ୍ତି ଆଗରେ ମାନବିକତା ତୁଚ୍ଛ ହୋଇଯାଇଛି। ଜମିବାଡି ଓ ସମ୍ପତ୍ତି ନ ଥିବାରୁ ଜନୈକ ବୃଦ୍ଧାଙ୍କ ମୃତ୍ୟୁ ପରେ ମୃତଦେହ ସତ୍କାର ହୋଇପାରୁନାହିଁ। ତାଙ୍କର କୌଣସି ସମ୍ପର୍କୀୟ କିମ୍ବା ଗ୍ରାମବାସୀ ମୃତଦେହ ସତ୍କାର କରିବାକୁ ଆଗଭର ହେଉନାହାନ୍ତି। ଏଭଳି ଏକ ମାନବିକତାହୀନ ଘଟଣା ଘଟିଛି କୁଜଙ୍ଗ ବ୍ଲକ ନରେନ୍ଦ୍ରପୁର ଗ୍ରାମରେ। ବୃଦ୍ଧାଙ୍କ ମୃତଦେହ ସୋମବାର ଅପରାହ୍ଣ ସାଢେ ୧ଟାରୁ ରାତି ସାଢେ ୮ଟା ପର୍ଯ୍ୟନ୍ତ ପଡିରହିଥିବା ଜଣାପଡିଛି। ପାରାଦୀପ ଲକ୍ ଥାନା ଅନ୍ତର୍ଗତ ବିଶ୍ୱାଳୀ ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମର କମଳୀ ରାଉତ(୭୫)। ସ୍ୱଳ୍ପ ବୟସରେ ସ୍ୱାମୀଙ୍କୁ ହରାଇବା ପରେ ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ ତାଙ୍କର ସମ୍ପର୍କ ଗଢି ଉଠିଥିଲା। ସମୟକ୍ରମେ ନିଜ ନାମରେ ଥିବା ପ୍ରାୟ ୨ ଏକର ଜମି କମଳୀ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ କରି ଦେଇଥିଲେ। ମାତ୍ର ସମ୍ପତ୍ତି ପାଇଯିବା ପରେ ସମ୍ପୃକ୍ତ ବ୍ୟକ୍ତି କମଳୀଙ୍କୁ ହତାଦର କରିବାକୁ ଆରମ୍ଭ କଲେ। ଏପରିକି ତାଙ୍କଠାରୁ ଦୂରେଇଗଲେ। ଫଳରେ କୌଣସି ଉପାୟ ନ ପାଇ କମଳୀ ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ଗ୍ରାମରେ ନ୍ୟାୟ କରାଯାଇ ଉକ୍ତ ସମ୍ପତ୍ତି ମଧ୍ୟରୁ କିଛି ପରିମାଣର ଜମି ଗ୍ରାମର କେତେଜଣ ମୁରବୀଙ୍କ ମାର୍ଫତଦାରରେ ଗ୍ରାମର ଠାକୁରାଣୀ ମା’ ରାମଚଣ୍ଡୀଙ୍କ ନାମରେ ଲେଖାଇ ନିଆଗଲା। ଏହା ପରଠାରୁ ବୃଦ୍ଧା ଜଣକ ନିଜର ଜଣେ ସମ୍ପର୍କୀୟ ପୁତୁରାଙ୍କ ନିକଟରେ ରହି ଆସୁଥିଲେ। ବାର୍ଦ୍ଧକ୍ୟଜନୀତ ରୋଗରେ ସୋମବାର ଅପରାହ୍ଣ ସାଢେ ୧ଟାରେ ତାଙ୍କର ମୃତ୍ୟୁ ଘଟିଛି। ମାତ୍ର କମଳୀଙ୍କ ନାମରେ କିଛି ସମ୍ପତ୍ତି ନ ଥିବାରୁ ତାଙ୍କୁ ଦେଖାଶୁଣା କରୁଥିବା ପୁତୁରା, କୌଣସି ସମ୍ପର୍କୀୟ କିମ୍ବା ଗ୍ରାମର ମୁରବୀମାନେ ମୃତଦେହ ସଂସ୍କାର କରିବାକୁ ବ୍ୟବସ୍ଥା କରୁନାହାନ୍ତି। ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଆଲୋକ କୁମାର ସାହୁ ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଥିବା ସ୍ୱୀକାର କରିଛନ୍ତି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ମୃତଦେହ ପଡ଼ିରହିଛି। ଗୋଟିଏ ପଟେ ସୋମବାର ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଥିବାବେଳେ ଅନ୍ୟପଟେ ସମ୍ପତ୍ତି ମିଳିଲାନି ବୋଲି ଏହି ବୟସ୍କା ମହିଳାଙ୍କ ମୃତଦେହ ଉଠାଇବାକୁ ୪ କାନ୍ଧ ଅଭାବ ହେବା ବାସ୍ତବରେ ମାନବିକତାକୁ କୁଠାରଘାତ କରିଛି।

## ସଂକ୍ଷେପରେ

### ଉଜ୍ଜ୍ୱଳ ଆଲୋକୀକରଣ ପ୍ରକଳ୍ପ ଉଦ୍‌ଘାଟିତ



**ଆଳି, ୧।୧୦ (ଡି.ଏନ୍.ଏ.):** ଆଳି ଓ ରାଜକନିକା ବ୍ଲକରେ ନିର୍ମାଣ ହୋଇଥିବା ଉଜ୍ଜ୍ୱଳ ଆଲୋକୀକରଣ ପ୍ରକଳ୍ପକୁ ଏମ୍‌ପି ପ୍ରତାପ କେଶରୀ ଦେବ ସୋମବାର ଉଦଘାଟନ କରିଛନ୍ତି। ଏମ୍‌ପିଙ୍କ ଉନ୍ନୟନ ପାଣ୍ଠିରୁ ୧କୋଟି ୮୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପର ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଉପାଧ୍ୟକ୍ଷା ସୁମିତ୍ରା ସାହୁ, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ, ଉପାଧ୍ୟକ୍ଷ ଦୀପକ ଭୂୟାଁ, ୪ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ସତ୍ୟଭାମା ମଲିକ, ଦେମାଳ ସରପଞ୍ଚ ମନୋରଞ୍ଜନ ସାମଲ, ନିଆଳ ସରପଞ୍ଚ ସୁକାନ୍ତି ମଲିକ, ସମିତିସଭ୍ୟ ସସ୍ମିତା ସାମଲ, ଦେମାଳ ସମିତିସଭ୍ୟ ସନ୍ତୋଷ ସାମଲ, ଯୁବନେତା ଭୀଷ୍ମ ମହାନ୍ତି, ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାଶ ପ୍ରମୁଖ ଯୋଗଦେଇଥିଲେ।

### ସାହିତ୍ୟିକଙ୍କ ପରଲୋକରେ ଶୋକ

**ରାଜକନିକା,୧।୧୦(ଡି.ଏନ୍.ଏ.):** ରାଜକନିକା ବ୍ଲକ ଅନ୍ତର୍ଗତ ସିହୋପଡା ଗ୍ରାମର ବିଶିଷ୍ଟ ସାହିତ୍ୟିକ ତଥା ହିନ୍ଦ୍ ମଜଦୁର ସଭାର ନେତା ବିଦ୍ୟାଧର ବାରିକଙ୍କ ସୋମବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୩ ବର୍ଷ ହୋଇଥିଲା। ସେ ଅଖିଳ ଭାରତୀୟ ହିନ୍ଦ୍ ମଜଦୁର ସଭାର ସଭାପତି ଥିଲେ। ରାଜକନିକା ବିକାଶ ମଞ୍ଚ ଗଠନରେ ତାଙ୍କର ବହୁ ଅବଦାନ ରହିଛି । ରାଜକନିକା ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନା ଗମନର ବିକାଶ ପାଇଁ ସେ ବହୁ ଉଦ୍ୟମ କରିଥିଲେ। ସେ ପ୍ରଥମେ ପ୍ରଜାସୋସାଲିଷ୍ଟ ପାର୍ଟିରେ ଯୋଗଦେଇଥିଲେ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ନାଥ ଦ୍ୱିବେଦୀ, ପ୍ରାକ୍ତନ ମନ୍ତ୍ରୀ ବାଙ୍କ ବିହାରୀ ଦାସ, ଭାଗବତ ବେହେରା, ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟ ଓ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା। ସାହିତ୍ୟ କ୍ଷେତ୍ରରେ କୃତୀ ପାଇଁ ରାଜ୍ୟର ବହୁ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ପୁରସ୍କୃତ କରାଯାଇଛି। ଖବରପାଇ ରାଜକନିକା ପଞ୍ଚାୟତ ସମିତି ପ୍ରାକ୍ତନ ଅଧ୍ୟକ୍ଷ ଅଲେଖ ନାୟକ, ବିଶିକେଶନ ଦାସ, ଦୋଳ ଗୋବିନ୍ଦ ନାୟକ, ଦୁର୍ଯ୍ୟୋଧନ ଭୂୟାଁ, ବନମାଳୀ ସୂତାର, ଶିବରାମ ଦାସ, ବିଧାନ ଦାସ, ନୃସିଂହ ଚରଣ ପରିଡା ଓ ମନୋଜ କୁମାର ପରିଡ଼ା ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

### ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

**ଡେରାବିଶ, ୧।୧୦ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅଧୀନ ନଛିପଚର ଗ୍ରାମରେ ଥିବା ସାଇ ମନ୍ଦିର ପରିସରରେ ମନ୍ଦିର ପରିଚାଳନା କମିଟି ତରଫରୁ ୧୦ ଜଣ ବରିଷ୍ଠ ନାଗରିକଙ୍କୁ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। ପ୍ରତିବର୍ଷ ପରି ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡା. ପୀତାମ୍ବର ଶତପଥୀ ଅଞ୍ଚଳର ନିସ୍ୱ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ସେମାନଙ୍କ ଦୀର୍ଘଜୀବନ ପାଇଁ ପ୍ରାର୍ଥନା କରାଯାଇଥିଲା।

### 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ

**ଡେରାବିଶ, ୧।୧୦ (ସ୍ୱ.ପ୍ର.):** ଦାନପୁର ପଞ୍ଚାୟତ ଅଧୀନ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚ ବିଦ୍ୟାଳୟରେ ସୋମବାର ଏନ୍‌ସିସି କ୍ୟାଡେଟ୍‌ମାନଙ୍କ ଦ୍ୱାରା 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କୁଲର ପ୍ରଧାନ ଶିକ୍ଷକ ବିଜୟ କୁମାର ଦାସ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କ୍ୟାଡେଟ୍‌ମାନେ ଏକ ରାଲିରେ ପରିବେଶ ସ୍ୱଚ୍ଛ ରଖିବା ନିମନ୍ତେ ସ୍ଲୋଗାନ୍ ଦେଇ ଦାନପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ସ୍ୱାସ୍ଥ୍ୟକେନ୍ଦ୍ରର ପରିସରକୁ ସଫା କରିଥିଲେ। ସର୍ଜେଣ୍ଟ ସୁପ୍ରିତ କୁମାର ନାୟକ, ରାଜେଶ ମହାନ୍ତି, ଅଭିଷେକ ବାରିକ ପ୍ରମୁଖ ଏହି ରାଲିର ନେତୃତ୍ୱ ନେଇଥିଲେ।

■ ଛାତ୍ର ସଂସଦ ନିର୍ବାଚନ ବାତିଲର ପ୍ରତିବାଦ

# କଲେଜ ଆଗରେ ଛାତ୍ରଙ୍କ ବିକ୍ଷୋଭ

**ଆଳି, ୧।୧୦ (ଡି.ଏନ୍.ଏ.)**

ଆଳି ବ୍ଲକସ୍ଥିତ ଆଳି ମହାବିଦ୍ୟାଳୟରେ ଚଳିତ ବର୍ଷ ମଧ୍ୟ ଛାତ୍ର ସଂସଦ ନିର୍ବାଚନ ବାତିଲ କରି ଦିଆଯାଇଛି। ଗତ ୮ବର୍ଷ ହେବ ବିଭିନ୍ନ କାରଣ ଦର୍ଶାଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ବାଚନ ବାତିଲ କରୁଥିବା ବେଳେ ଚଳିତବର୍ଷ ନିର୍ବାଚନ ବାତିଲ ହେବା ନେଇ ଛାତ୍ରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୋମବାର ନିର୍ବାଚନ ନିମନ୍ତେ କଲେଜ କର୍ତ୍ତୃପକ୍ଷ ଆବେଦନ ପତ୍ର ପାଇଥିଲେ ସୁଦ୍ଧା କୌଣସି ବିଜ୍ଞପ୍ତି ପ୍ରକାଶ ନ କରିବାରୁ ଛାତ୍ରମାନେ କଲେଜ ଗେଟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଛାତ୍ରମାନଙ୍କ ଅଭିଯୋଗ ଅନୁସାରେ, ୨୦୦୯ରୁ କଲେଜ କର୍ତ୍ତୃପକ୍ଷ ବିଭିନ୍ନ କାରଣ ଦର୍ଶାଇ ଛାତ୍ରସଂସଦ ନିର୍ବାଚନକୁ ବାତିଲ କରୁଛନ୍ତି। ଯାହାଫଳରେ କଲେଜର ବହୁବିଧ ସମସ୍ୟାର ସମାଧାନ ହୋଇପାରୁନାହିଁ। ସେହିପରି କଲେଜରେ ସାଂସ୍କୃତିକ କାର୍ଯ୍ୟକ୍ରମ, ବାର୍ଷିକ କ୍ରୀଡ଼ା ଉତ୍ସବ ଆଦି ବିଭିନ୍ନ କାର୍ଯ୍ୟକ୍ରମ କରାଯାଉ ନଥିବା ସେମାନେ ଅଭିଯୋଗ କରିଥିଲେ। ଏ ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ଛାତ୍ର ସଂସଦ ନିର୍ବାଚନ ପାଇଁ ଛାତ୍ରମାନେ ଦାବି କରିବା ସହ କଲେଜ ଅଧ୍ୟକ୍ଷ ବିକ୍ଷୋଭସ୍ଥଳକୁ ଆସି ଆଲୋଚନା କରିବାକୁ ଛାତ୍ରମାନେ ଜିଦ୍ କରିଥିଲେ। ତେବେ ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ବିକ୍ଷୋଭସ୍ଥଳରେ ପହଞ୍ଚି ଛାତ୍ରମାନଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଛାତ୍ରମାନେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ କରିବା ନିମନ୍ତେ ଦାବି କରିଥିଲେ। ତେବେ ଅପରାହ୍ନ ୨ଟାରେ କଲେଜ ଅଧ୍ୟକ୍ଷ ନୋଟିସ୍ ବୋର୍ଡରେ ନିର୍ବାଚନ ବାତିଲ କରା ଯାଇଥିବା ନେଇ ନୋଟିସ୍ ଲଗାଇ ପଳାଇଥିଲେ। ତେବେ ଛାତ୍ର ସଂସଦ ନିର୍ବାଚନ ବାତିଲ ପ୍ରତିବାଦରେ ଛାତ୍ରମାନଙ୍କ ବିକ୍ଷୋଭ ଅବ୍ୟାହତ ରହିଥିବା ଜଣାପଡ଼ିଛି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ନାୟକଙ୍କୁ ପଚାରିବାରେ କଲେଜ କର୍ମଚାରୀଙ୍କ ସହ ଆଲୋଚନା କରାଯାଇ ନିର୍ବାଚନ ବାତିଲ କରାଯାଇଥିବା କହିଛନ୍ତି।



କଲେଜ ଆଗରେ ଛାତ୍ରମାନଙ୍କ ବିକ୍ଷୋଭ।

# ଚଳଚଞ୍ଚଳ କଲେଜ କ୍ୟାମ୍ପସ

**କେନ୍ଦ୍ରାପଡା ଅଫିସ୍, ୧।୧୦**

**ପ୍ରକାଶ ପାଇଲା ବିଜ୍ଞପ୍ତି**
- ■ ୧୧ରେ ଛାତ୍ର ସଂସଦ ନିର୍ବାଚନ
- ■ ଜିଲାର ୫୪ କଲେଜରୁ ୨୧ଟିରେ ନିର୍ବାଚନ ହେବ

ଆସନ୍ତା ୧୧ ତାରିଖରେ ଛାତ୍ର ସଂସଦ ନିର୍ବାଚନ। ଏ ନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ସରକାରୀ ଓ ବେସରକାରୀ ଅନୁଦାନପ୍ରାପ୍ତ ଯୁକ୍ତ ୩ ଓ ଯୁକ୍ତ ୨ ମହାବିଦ୍ୟାଳୟରେ ୩ ତାରିଖ ପୂର୍ବାହ୍ନ ୯ଟାରୁ ୧୨ଟା ମଧ୍ୟରେ ଆଶାୟୀ ପ୍ରାର୍ଥୀମାନେ ସଂସଦର ବିଭିନ୍ନ ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିବେ। ନାମାଙ୍କନ ପତ୍ର ଯାଞ୍ଚ ହୋଇ ୪ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବ। ସେହିଦିନ ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ଆଶାୟୀ ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିପାରିବେ। ଅପରାହ୍ନ ୫ଟାରେ ଚୂଡାନ୍ତ ପ୍ରାର୍ଥୀ ତାଲିକା କଲେଜ ନୋଟିସ ବୋର୍ଡରେ ପ୍ରକାଶ ପାଇବ। ଅକ୍ଟୋବର ୧୦ରେ ମହାବିଦ୍ୟାଳୟ ପରିସରରେ 'ମୁଁ କାହିଁକି ପ୍ରାର୍ଥୀ ହୋଇଛି' ସେ ନେଇ ଆଶାୟୀ ପ୍ରାର୍ଥୀ ମତ ପ୍ରକାଶ କରିବେ। ୧୧ ତାରିଖ ସକାଳ ୮ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ। ଅପରାହ୍ନ ୨ଟାରୁ ୬ଟା ମଧ୍ୟରେ ଭୋଟଗଣତି ହେବା ସହ ଫଳ ପ୍ରକାଶ କରାଯିବ। ଜିଲାର ମୋଟ ୫୪ଟି ମହାବିଦ୍ୟାଳୟ ମଧ୍ୟରୁ ଚଳିତ ବର୍ଷ ୨୧ଟି ମହାବିଦ୍ୟାଳୟରେ ନିର୍ବାଚନ ହେବ ବୋଲି ସୂଚନା ମିଳିଛି। ଅପରପକ୍ଷରେ ଲିଙ୍ଗଡୋ କମିଶନ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ନିର୍ବାଚନ ପ୍ରକ୍ରିୟା ଚାଲୁଥିବାରୁ ଆଶାୟୀ ପ୍ରାର୍ଥୀଙ୍କ ପ୍ରଚାର ପ୍ରସାର ପାଇଁ ବ୍ୟାନରର ସଂଖ୍ୟା କମ୍ ଦେଖିବାକୁ ମିଳୁଛି। ଛାତ୍ରୀଛାତ୍ରମାନେ ପ୍ରଚାର ପାଇଁ ଏବେ ବିଶେଷକରି ସୋସିଆଲ ମିଡିଆର ସାହାରା ନେଉଥିବା ଦେଖିବାକୁ ମିଳୁଛି। ସେହିପରି କେତେକ ମହାବିଦ୍ୟାଳୟରେ ଆଶାୟୀ ପ୍ରାର୍ଥୀମାନେ ମହାବିଦ୍ୟାଳୟର ସମସ୍ୟାକୁ ଆଧାର କରି ଭୋଟରଙ୍କୁ ଆକୃଷ୍ଟ କରୁଥିବା ବେଳେ ଅନ୍ୟ କେତେକରେ ଦଳୀୟ ଛାତ୍ର ସଂଗଠନ ନିଜର ଆଭିମୁଖ୍ୟ ପ୍ରକାଶ କରୁଛନ୍ତି। ଅପରପକ୍ଷରେ ଏହି ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ ସମାପ୍ତ ପାଇଁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷଙ୍କର ବୈଠକ ଶେଷହୋଇଛି।

■ ଡେରାବିଶର ପ୍ରସିଦ୍ଧ ଭାଲୁକୁଣୀ ମେଲଣ ଶେଷ

# ଭାଇଚାରା ବଞ୍ଚାଇ ରଖିଛି ଭାଲୁକୁଣୀ ମେଲଣ

- ■ ମେଲଣ ପଡ଼ିଆରେ ପହଞ୍ଚିଲା ୨୩ ମେଢ଼
- ■ ୩୦ହଜାର ଶ୍ରଦ୍ଧାଳୁଙ୍କ ସମାବେଶ

**ଡେରାବିଶ, ୧।୧୦ (ସ୍ୱ.ପ୍ର.)**

ପ୍ରତ୍ୟେକ ଉତ୍କଳୀୟମାନଙ୍କ ପାଇଁ ତଅପୋଇ କାହାଣୀ ଇତିହାସର ଏକ ସ୍ମୃତି ସ୍ତମ୍ଭ ପାଲଟିଛି। ଏଥିସହିତ ଯୋଡି ହୋଇରହିଛି ଅତୀତର ସାଧବ ପୁଅଙ୍କ ନୌବାଣିଜ୍ୟ ଯାତ୍ରା। ଅତୀତର ଏହି ସ୍ମୃତିକୁ ବଜାୟ ରଖିବା ପାଇଁ ଏବଂ ଭାଇମାନଙ୍କର ମଙ୍ଗଳ କାମନା କରି ଝିଅମାନେ ଭାଦ୍ରବ ପୂର୍ଣ୍ଣିମା ପର ରବିବାରଠାରୁ ୫ଟି ରବିବାର ଭାଲୁକୁଣୀ ପୂଜା କରିଥାନ୍ତି। ଡେରାବିଶ ବ୍ଲକ ଅଞ୍ଚଳରେ ଧୁମ୍‌ଧାମ୍‌ରେ ପାଳିତ ହେଉଥିବା ଏହି ଭାଲୁକୁଣୀ ପୂଜା ପାଇଁ ପ୍ରତ୍ୟେକ ଗ୍ରାମ ଚଳଚଞ୍ଚଳ ହୋଇପଡ଼ିଥିଲା। ଏହି ଉପଲକ୍ଷେ ଗୋଲରାହାଟ ପଞ୍ଚାୟତ ହାଟ ପଡ଼ିଆଠାରେ ଚାଲିଥିବା ବହୁ ପ୍ରାଚୀନ ଭାଲୁକୁଣୀ ମେଲଣ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପାରମ୍ପରିକ ରୀତିନୀତି ଅନୁସାରେ ଏହି ମେଲଣ ରବିବାର ରାତିରୁ ଆରମ୍ଭ ହୋଇଥିଲା। ପ୍ରଥମେ ଥାନପତି ରଥ ପଡ଼ିଆ ମେଢ଼ ମେଲଣ ପଡିଆରେ ଉପବେଶନ କରିଥିଲେ। ପରେ ସ୍ଥାନୀୟ ଦୁମୁକା, ତିଲକପୁର, କଟେରିତଳ, ଓଖାସାହି, ଚଷାଖଣ୍ଡ ପାଣ୍ଡେସାହି, ବଣିଆସାହି, କାଜିପୁର ଓ ଦିଆପଡା, ବାଲିଆ ପଞ୍ଚାୟତ ତୋଟାସାହି, ହୁରାସାହି, ମୁଳଣାପାଟଣା ଓ ଦରବୋଲ, ଚାଟରାଚକଡ଼ା ପଞ୍ଚାୟତର ଗୋବିନ୍ଦପୁର ଓ ଚାଟରାଚକଡ଼ା ଏବଂ କାଉପଡ଼ା ପଞ୍ଚାୟତର ସାନଫୋଗଳ ଗ୍ରାମର ୨୩ଟି ମେଢ ପୂର୍ବାହ୍ନ ୧୧ଟା ସୁଦ୍ଧା ମେଲଣ ପଡ଼ିଆରେ ପହଞ୍ଚିଥିଲେ। ମେଢ ସହ ଆସିଥିବା ଗ୍ରାମର ମୁରବିମାନେ ସମ୍ପର୍କ ବନ୍ଧନ ପାଇଁ କୋଳାକୋଳି ହୋଇଥିଲେ। ମେଲଣ ପଡ଼ିଆରେ ୩୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶୃଙ୍ଖଳା ରକ୍ଷା ପାଇଁ କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା, ଡେରାବିଶ ଥାନା ଆଇଆଇସି ସୁଧୀର କୁମାର ସାହୁ, ଏସ୍‌ଆଇ ବିଜୟ କୁମାର ଖଟୁଆ, ଏଏସ୍‌ଆଇ ଭାଗବତ ମାହାଳିଙ୍କ ସମେତ ଜିଲାର ୧୦ଜଣ ପୋଲିସ ଅଫିସର ଓ ୨ପ୍ଲାଟୁନ୍ ଫୋର୍ସ ନିୟୋଜିତ ଥିଲେ। ସରପଞ୍ଚ ତ୍ରିଲୋଚନ ରାଉତ, କନି ପଣ୍ଡା, ଅଜୟ କୁମାର ସାହୁ, ବିପିନ୍ ବିହାରୀ ସାହୁ, ସୁରେନ୍ଦ୍ର କାଣ୍ଡି, ବଟକୃଷ୍ଣ ବାରିକ, ନିତ୍ୟାନନ୍ଦ ଜେନା, କୃପାସିନ୍ଧୁ କାଣ୍ଡି, ଜିତେନ୍ଦ୍ର ଓଝାଙ୍କ ସମେତ କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ମେଲଣ ପଡିଆରେ ବିଭିନ୍ନ ଗ୍ରାମର ଭାଲୁକୁଣୀଙ୍କ ମୃଣ୍ମୟୀ ମୂର୍ତ୍ତି।

## ଫେରାର ୨ ନାବାଳିକା ଥାନାରେ ହାଜର

**ମାର୍ଶାଘାଇ, ୧।୧୦ (ଡି.ଏନ୍.ଏ.):** ଗତ ଅଗଷ୍ଟରେ ଫେରାର ହୋଇଯାଇଥିବା ମାର୍ଶାଘାଇ ଥାନା ଅଞ୍ଚଳର ୨ ନାବାଳିକା ସୋମବାର ପରିବାର ସହ ଆସି ଥାନାରେ ହାଜର ହୋଇଥିବା ଜଣାପଡିଛି। ପୋଲିସ ଉଭୟଙ୍କ ଡ଼ାକ୍ତରୀ ପରୀକ୍ଷା କରିବା ସହ ସେମାନଙ୍କ ବୟାନ ରେକର୍ଡ଼ ପାଇଁ କେନ୍ଦ୍ରାପଡ଼ା ମାଜିଷ୍ଟ୍ରେଟଙ୍କ ପାଖରେ ହାଜର କରଇଛି। ମଙ୍ଗଳବାର ସେମାନଙ୍କ ଅଭିଭାବକଙ୍କୁ ଡ଼ାକି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ କାଳନ୍ଦୀ ବେହେରା କହିଛନ୍ତି। ସୂଚନାଥାଉ କି, ମାର୍ଶାଘାଇ ଥାନା ଅଞ୍ଚଳର ୨ ନାବାଳିକା ଗତ ଅଗଷ୍ଟ ୨୬ ଓ ୨୭ ତାରିଖରେ ଘରୁ କେଉଁଆଡେ ଫେରାର ହୋଇଯାଇଥିଲେ। ଏଥିପାଇଁ ପରିବାର ଲୋକେ ମାର୍ଶାଘାଇ ଥାନାରେ ଅଭିଯୋଗ କରିବା ପରେ ୧୪୩/୧୮ ଓ ୧୪୧/୧୮ ନଂ.ରେ ମାମଲା ରୁଜୁ ହୋଇଥିଲା।

# ୩୬୨ ଅଭିଯୋଗ ଶୁଣିଲେ ଜିଲାପାଳ

**କେନ୍ଦ୍ରାପଡା ଅଫିସ୍, ୧।୧୦**

ଜିଲାର ଜନସାଧାରଣଙ୍କ ଅଭିଯୋଗ ଶୁଣିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୩୬୨ଟି ଅଭିଯୋଗ ଆସିଥିଲା। ସେଥିରୁ ୩୪୪ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ଅବଶିଷ୍ଟ ସାମୁହିକ ଥିଲା। ଜିଲାପାଳ ଦାଶରଥି ଶତପଥୀ ଓ ଏସ୍‌ପି ନୀତିଶେଖରଙ୍କ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଏଡିଏମ୍ ବସନ୍ତ କୁମାର ରାଉତ, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଶିବିରରେ ବ୍ୟକ୍ତିଗତ ଅଭିଯୋଗକାରୀ ବାସଗୃହ ଯୋଜନାରେ ଅନିୟମିତତା ଥିବା ଦର୍ଶାଇଥିଲେ। ସେହିପରି ପାନୀୟ ଜଳ ସମସ୍ୟା, ଜମି ଚିହ୍ନଟ, ରିଲିଫ ପାଣ୍ଠିରୁ ସହାୟତା, ଇନ୍ଦିରା ଆବାସ ଯୋଜନା, ଭତ୍ତା ଇତ୍ୟାଦି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ସୁଷମ ବଣ୍ଟନ ବ୍ୟବସ୍ଥା, ରାସ୍ତା ଜବରଦଖଲ ହଟାଇବା, ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟରେ ଅର୍ଥ ହଡ଼ପ ଇତ୍ୟାଦି ଅଭିଯୋଗ ସାମୁହିକ ଭାବେ ହୋଇଥିଲା। ଅଭିଯୋଗଗୁଡିକ ମଧ୍ୟରୁ ବିଭିନ୍ନ ବିଭାଗ ସହଯୋଗରେ କେତୋଟିର ସଙ୍ଗେସଙ୍ଗେ ସମାଧାନ ହୋଇଥିଲା। ଅବଶିଷ୍ଟ ଅଭିଯୋଗକୁ ୧୦ ଦିନ ମଧ୍ୟରେ ସମାଧାନ କରିବା ପାଇଁ ଜିଲାପାଳ ଶତପଥୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ସମ୍ପୂର୍ଣ୍ଣ ବାହ୍ୟ ଶୌଚମୁକ୍ତ ସହର ଘୋଷଣା

**କେନ୍ଦ୍ରାପଡା ଅଫିସ, ୧।୧୦**

କେନ୍ଦ୍ରାପଡ଼ା ପୌରାଞ୍ଚଳ ସମ୍ପୂର୍ଣ୍ଣ ବାହ୍ୟ ଶୌଚମୁକ୍ତ ହୋଇଥିବା ପୌରପାଳିକା ପକ୍ଷରୁ ସୋମବାର ଘୋଷଣା ହୋଇଛି। ଏହି ପରିପ୍ରେକ୍ଷୀରେ ଏକ ସାଧାରଣ ସଭା ଟାଉନହଲ ପରିସରରେ ଅନୁଷ୍ଠିତ ହୋଇଥିଲା। ସିଡିଏମ୍‌ଓ ଡା. ବୈଷ୍ଣବ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲାପାଳ ଦାଶରଥି ଶତପଥୀ, ପିଡି ଦିଲ୍ଲୀପ କୁମାର ପରିଡ଼ା, ପୌର ପ୍ରଶାସକ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କେନ୍ଦ୍ରାପଡ଼ାର ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜିବିତ ରଖିବା ପାଇଁ ପୌରାଞ୍ଚଳବାସୀ ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ପୌରନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ଏ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ବିଜୁ ଯୁବ ବାହିନୀ ସଂଯୋଜକ ଅସୀତ ସାହୁ, ଅଶୋକ କୁମାର ସାହୁ, ଗଣେଶ ଚନ୍ଦ୍ର ପାତ୍ର ପ୍ରମୁଖ ସଭା ପରିଚାଳନା କରିଥିଲେ।



ସାଧାରଣ ସଭାରେ ଉପସ୍ଥିତ ଅତିଥି।

# ଥାନା ଜବରଦଖଲରେ ଗୋଚର ଜମି

■ ଅଞ୍ଚଳବାସୀଙ୍କ ଆନ୍ଦୋଳନ ଚେତାବନୀ

**କେନ୍ଦ୍ରାପଡ଼ା ଅଫିସ, ୧।୧୦**

ସଦର ଥାନା ପୋଲିସ ଗୋଚର ଜମିକୁ ଜବରଦଖଲରେ ରଖିଛନ୍ତି। ଫଳରେ ଶ୍ୟାମସୁନ୍ଦରପୁର ଓ ପୁରୁଷୋତ୍ତମପୁର ମୌଜା ଅଧିବାସୀ ଗୋଚାରଣ ସୁବିଧା ପାଇପାରୁ ନଥିବା ବେଳେ ଚାଷ କ୍ଷେତକୁ ଯିବା ରାସ୍ତା ବି ବନ୍ଦ ହୋଇଯାଇଛି। ଏ ନେଇ ଉକ୍ତ ଦୁଇ ମୌଜାର ଅଧିବାସୀ ଜିଲାପାଳଙ୍କ ନିକଟରେ ସୋମବାର ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ ସରୋଜକାନ୍ତ ମହାନ୍ତି ଏ ସମ୍ପର୍କରେ ସୂଚନା ଦେଇଛନ୍ତି ଯେ, ଏହି ଗୋଚର ଜମିର ଆୟତନ ୩ ଏକର ୪୬ ଡିସିମିଲ। ଏଥିମଧ୍ୟରୁ ୧ଏକର ଜମିରେ ଥାନା ପ୍ରତିଷ୍ଠା ପାଇଁ ମୌଜାବାସୀ ମତ ଦେଇଥିଲେ। ଏହି ସମୟରେ ଅବଶିଷ୍ଟ ଗୋଚର ଜମିକୁ ଯିବା ପାଇଁ ୨୫ କଡ଼ିର ରାସ୍ତା ରଖିବା ପାଇଁ ନିଷ୍ପତ୍ତି ହୋଇଥିଲା। ଇତିମଧ୍ୟରେ ୧ ଏକର ଜମିରେ ଥାନା ପକ୍ଷରୁ ଅଧିକୃତ କରାଯାଇଥିବା ବେଳେ ୨୫ କଡି ରାସ୍ତା ଉପରେ ଏକ ଲୁହା ଗ୍ରୀଲ ଲଗାଇ ଦେଇଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳର ଗାଈଗୋରୁଙ୍କ ଯିବାଆସିବା ବନ୍ଦ ହୋଇଛି। ସେହିପରି ଏହି ରାସ୍ତାରେ ଚାଷ କ୍ଷେତକୁ ଟ୍ରାକ୍ଟର, ପାୱାରଟ୍ରେଲର ଓ ହଳବଳଦ ଯିବା ବନ୍ଦ ହୋଇଯାଇଛି। ଯଦ୍ୱାରା ଚାଷ ପାଇଁ ଚାଷୀଙ୍କୁ ପ୍ରାୟ ୧ କି.ମି. ରାସ୍ତା ବୁଲିବାକୁ ପଡୁଛି। ଏଥିସହିତ ଏହି ଗୋଚର ଜମିର ପ୍ରାୟ ୧୦ ଡିସିମିଲ ଜମିକୁ ଦୁଇ ମୌଜାବାସୀ ଶ୍ମଶାନ ଭାବେ ବ୍ୟବହାର କରିଥାନ୍ତି। ଥାନା କର୍ତ୍ତୃପକ୍ଷ ରାସ୍ତାକୁ ଜବରଦଖଲ କରିଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଏ ନେଇ ଆଗାମୀ ଦିନରେ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

## କୂଅରୁ ଶିଶୁକନ୍ୟା ଉଦ୍ଧାର

**ଡେରାବିଶ, ୧।୧୦ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅଧୀନ ନରସିଂହପୁର ଗ୍ରାମରେ କୂଅରେ ପଡ଼ି ଯାଇଥିବା ଏକ ୮ବର୍ଷର ଶିଶୁକନ୍ୟାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ପ୍ରକାଶ ଯେ, ଗ୍ରାମର ଗଙ୍ଗାଧର ନାୟକଙ୍କ ଝିଅ ପୂଜା(୮) ଘର ନିକଟସ୍ଥ ଏକ କୂଅ ଉପରେ ବସିଥିଲେ। ତେବେ ସେ ଭାରସାମ୍ୟ ହରାଇ କୂଅ ଭିତରକୁ ଖସି ପଡ଼ିଥିଲେ। ସେହି ରାସ୍ତା ଦେଇ ଯାଉଥିବା ସୋରିସିଆସ୍ଥିତ ନେହୁରୁ ସ୍ମୃତି ବିଦ୍ୟାପୀଠର ଶିକ୍ଷକ ଗଗନ ବିହାର ପଣ୍ଡା କୂଅରୁ ପୂଜାଙ୍କ କାନ୍ଦ ଶୁଣି କୂଅ ଭିତରକୁ ପସି ପିଲାଟିକୁ ଉଦ୍ଧାର କରିଥିଲେ। ପୂଜାଙ୍କ ପରିବାର ଲୋକେ ଶିକ୍ଷକ ପଣ୍ଡାଙ୍କୁ ଏ ନେଇ କୃତଜ୍ଞତା ଜଣାଇଛନ୍ତି।

# ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନ

**ମାର୍ଶାଘାଇ, ୧।୧୦ (ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକ କୁହୁଡ଼ି ପଞ୍ଚାୟତ ଥାଉରୀ ଗ୍ରାମରେ ଚୋରା ମଦ ବିକ୍ରିକୁ ବିରୋଧ କରି ସ୍ୱଂୟ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଅଙ୍ଗୁଳାଇ-ଓରତ ମୁଖ୍ୟରାସ୍ତାର ଥାଉରୀଠାରେ ସୋମବାର ଟାୟାରଜାଳି ରାସ୍ତା ଅବରୋଧ କରିଥିଲେ। ଖବରପାଇ କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀ କାବୁଲା ବାରିକ ସଦଳବଳ ଘଟଣାସ୍ଥଳେ ପହଞ୍ଚିଥିଲେ। ଏଥିସହ ଗ୍ରାମର ୨ ଚୋରା ମଦ ବ୍ୟବସାୟୀ ଅଭୟ ନାୟକ(୪୫) ଏବଂ ଭାସ୍କର ନାୟକ(୪୪) ଙ୍କୁ ଗିରଫ କରିଥିଲେ। ସେମାନଙ୍କ ଘରୁ ୩ କାର୍ଟୁନ୍ ଆସ୍କାଫର୍ଟି ଓ ୫ କାର୍ଟୁନ ବିଦେଶୀ ମଦ ଜବତ କରାଯାଇଛି। ଏ ନେଇ ୨୮୮/୧୮ ଓ ୨୮୯/୧୮ ନଂ.ରେ ୨ଟି ମାମଲା ରୁଜୁ ହୋଇଛି। ତେବେ ଚୋରା ମଦ ବ୍ୟବସାୟୀ ଦ୍ୱୟ ଗିରଫ ହେବା ପରେ ମହିଳାମାନେ ରାସ୍ତାରୋକୋ ପ୍ରତ୍ୟାହାର କରିଥିଲେ।

# ସ୍ୱୟଂ ସହାୟକ ଗୋଷ୍ଠୀ ଚିଟ୍‌ଫଣ୍ଡର ଶିକାର

**କେନ୍ଦ୍ରାପଡ଼ା ଅଫିସ, ୧।୧୦**

ସଦର ଥାନା ଅଧୀନ ହରିଅଙ୍କ ଗ୍ରାମର ମା' ମଙ୍ଗଳଚଣ୍ଡି ସ୍ୱୟଂ ସହାୟକ ଗୋଷ୍ଠୀ ଚିଟଫଣ୍ଡର ଶିକାର ହୋଇଛନ୍ତି। ଗୋଷ୍ଠୀ ସଦସ୍ୟା ୧ ଲକ୍ଷ ୨୦ ହଜାର ଟଙ୍କା ମୁଣ୍ଡାଲୋ ଗ୍ରାମସ୍ଥିତ ଏକ ସଂସ୍ଥାରେ ରଖିଥିଲେ। ତେବେ ଏହି ଟଙ୍କା ଫେରି ପାଇବା ନେଇ ଅଶଙ୍କା ପ୍ରକାଶ ପାଇବାରୁ ଉକ୍ତ ସଂସ୍ଥା ବିରୋଧରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ସୋମବାର ଜିଲାପାଳ ଓ ଏସ୍‌ପିଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ସମ୍ପାଦିକା ସଂଯୁକ୍ତା ମଲ୍ଲିକ ଏ ସମ୍ପର୍କରେ ସୂଚନା ଦେଇଛନ୍ତି ଯେ, ସଂସ୍ଥାର କର୍ମକର୍ତ୍ତା ଆକର୍ଷଣୀୟ ସୁଧ ପ୍ରଦାନର ପ୍ରତିଶ୍ରୁତି ଦେଇ ଏସଏଚ୍‌ଜିର ଏହି ଟଙ୍କା ଜମା ନେଇ ବଣ୍ଡ ପ୍ରଦାନ କରିଛନ୍ତି। ୨୦୧୨ରୁ ଏହି ଟଙ୍କା ଜମା ହୋଇଥିବା ବେଳେ ୭ ମାସ ପର୍ଯ୍ୟନ୍ତ ନିୟମିତ ସୁଧ ପ୍ରଦାନ କରୁଥିଲେ। ପରେ ଏହି ଟଙ୍କା ଦେବା ବନ୍ଦ କରଦେବାରୁ ଏନେଇ ଚାନ୍ଦୋଳ ଫାଣ୍ଡିରେ ସଂସ୍ଥା ବିରୋଧରେ ଅଭିଯୋଗ ପତ୍ର ଦିଆ ଯାଇଥିଲା। ଅଦ୍ୟାବଧି ମୂଳ ଓ ସୁଧ ଟଙ୍କା ସେମାନେ ଫେରାଉ ନଥିବା ସମୟରେ ବିଭିନ୍ନ ସମୟରେ ଆପତ୍ତିଜନକ ଭାଷା ପ୍ରୟୋଗ କରୁଛନ୍ତି। ଏହି ଅଭିଯୋଗର ତୁରନ୍ତ ତଦନ୍ତ ପାଇଁ ଏସ୍‌ପି ନୀତି ଶେଖର ସଦର ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

# ପାରାଦୀପ ଶିଳ୍ପାଞ୍ଚଳରୁ ଡଙ୍ଗାରେ ତରଳ କୋଇଲା ଚାଲାଣ

**ମହାକାଳପଡା, ୧।୧୦ (ଡି.ଏନ୍.ଏ.)**

- ■ ତରଳ କୋଇଲାକୁ ଖରାରେ ଶୁଖାଇ କରାଯାଉଛି ଛୋଟ ଛୋଟ ଗୁଳା
- ■ ଗୁଳା କୋଇଲା ବସ୍ତା ପ୍ରତି ୨୦୦ରୁ ୩୦୦ ଟଙ୍କା ଦରରେ ବିକ୍ରି
- ■ ପାଟ୍ରୋଲିଂ କଡାକଡି ହେଉ ନ ଥିବା ଅଭିଯୋଗ

ପାରାଦୀପ ଶିଳ୍ପାଞ୍ଚଳରୁ ମହାକାଳପଡାର ବ୍ଲକର ବଡିଘର, ଖରିନାସୀ, ଜମ୍ବୁ ଓ ରାମନଗର ଆଦି ଅଞ୍ଚଳକୁ ବେଆଇନ ଭାବେ ତରଳ କୋଇଲା ଚାଲାଣ ହେଉଛି। ଏହି ତରଳ କୋଇଲାକୁ ସିମେଣ୍ଟ ବ୍ୟାଗରେ ଭର୍ତ୍ତି କରି ଡଙ୍ଗା ଓ ବୋଟ ସାହାଯ୍ୟରେ ବିଭିନ୍ନ ସ୍ଥାନକୁ ପଠାଯାଉଛି। ଏହାକୁ ଚଡ଼ାଦରରେ ବାହାରେ ବିକ୍ରି କରି ବ୍ୟବସାୟୀମାନେ ମାଲାମାଲ ହେଉଛନ୍ତି। ପାରାଦୀପ ଶିଳ୍ପାଞ୍ଚଳ ପାଇଁ କଞ୍ଚାମାଲ ଭାବେ ଆସୁଥିବା ଏହି ତରଳ କୋଇଲାକୁ ରାତିରେ ଡଙ୍ଗା ସାହାଯ୍ୟରେ ଚାଲାଣ କରାଯାଉଛି। କେତେକ ବ୍ୟବସାୟୀ ଏହାର ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ହାତବାରିସ କରି ଏହି କାରବାର ଚଳାଇଥିବା ଅଭିଯୋଗ ହୋଇଛି। ଏସବୁ ତରଳ କୋଇଲାକୁ ମହାକାଳପଡା ବ୍ଲକର ବିଭିନ୍ନ ସ୍ଥାନକୁ ପଠାଯାଉଛି। ଛୋଟ ଛୋଟ ବ୍ୟବସାୟୀମାନେ ଏହି ତରଳ କୋଇଲାକୁ ଛୋଟ ଛୋଟ ଗୁଳାରେ ପରିଣତ କରି ଖରାରେ ଶୁଖାଇ ବସ୍ତାରେ ପ୍ୟାକିଂ କରୁଛନ୍ତି। ପରେ ଏସବୁ ବସ୍ତାକୁ ବିଭିନ୍ନ ହୋଟେଲ, ଜଳଖିଆ ଓ ଚା ଦୋକାନରେ ବିକ୍ରି କରାଯାଉଛି। ଏହି ଗୁଳା କୋଇଲାକୁ ବ୍ୟାଗ ପ୍ରତି ୨୦୦ରୁ ୩୦୦ ଟଙ୍କା ଲେଖାଏଁ ଦରରେ ବିକ୍ରି କରାଯାଉଛି। କଡା ପାଟ୍ରୋଲିଂ ହେଉ ନ ଥିବାରୁ ନଦୀ ଓ ସମୁଦ୍ର ପଥରେ ସହଜରେ ଏସବୁ ଚାଲାଣ କରାଯାଉଛି ବୋଲି ଅଭିଯୋଗ ହେଉଛି। ଏହାଛଡା କେତେକ ବ୍ୟବସାୟୀ ପାରାଦୀପକୁ ଟ୍ରେନ୍‌ରେ ଆସୁଥିବା କୋଇଲାକୁ ଅସାଧୁ ଉପାୟରେ ସଂଗ୍ରହ କରି ବ୍ୟବସାୟୀଙ୍କୁ ବିକ୍ରି କରୁଛନ୍ତି। ଏନେଇ ମେରାଇନ୍ ଥାନା ଓ ତଟରକ୍ଷୀ ବାହିନୀ କର୍ମଚାରୀଙ୍କ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ଜମ୍ବୁ ମେରାଇନ୍ ଥାନା ଆଇଆଇସି ପ୍ରିୟବ୍ରତ ଦାଶ କହିଛନ୍ତି, ପାରାଦୀପ ଅଞ୍ଚଳରୁ ତରଳ କୋଇଲା ଚାଲାଣ ହେଉଥିବା ନଜରକୁ ଆସିଛି। ଆଗାମୀ ଦିନରେ ଏନେଇ ପାଟ୍ରୋଲିଂ କଡାକଡି କରାଯିବ। ଏଥିସହ କୋଇଲା ଚୋରା ଚାଲାଣର ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।



ଡଙ୍ଗାରେ ରଖାଯାଇଥିବା ତରଳ କୋଇଲା ବସ୍ତା।

## ସଂକ୍ଷେପରେ

### ‘ସୁସ୍ଥ ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’

ବିଞ୍ଝାରପୁର,୧।୧୦(ଡି.ଏନ.ଏ)- ଏକ ସୁସ୍ଥ ସମାଜ ଗଠନରେ ଜଣେ ଶିକ୍ଷକଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଛୋଟ ଶିଶୁର ଶିକ୍ଷାଦାନଠାରୁ ଆରମ୍ଭ କରି ଆଚାର ବ୍ୟବହାର ସମ୍ପର୍କରେ ଶିକ୍ଷାଦେଇ ଜଣେ ଶିକ୍ଷକ ସୁସ୍ଥ ସମାଜ ଗଠନ କରିବାରେ ସହାୟକ ହୋଇଥାଏ ବୋଲି ବିଞ୍ଝାରପୁର ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାରର ନାୟକ ପ୍ରଧାନ ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ଚକ୍ରବର୍ତ୍ତୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇ ମତବ୍ୟକ୍ତ କରିଥିଲେ । ବରୁଣେଶ୍ୱର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଚକ୍ରବର୍ତ୍ତୀ ସୋମବାର ଅବସରକାଳୀନ ଉତ୍ସବ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରବିନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ଶିକ୍ଷକ ନେତା ବିଜୟ ନାୟକ, କ୍ଷୀରୋଦ ମଲ୍ଲିକ, ଶୈଳେନ୍ଦ୍ର କୁମାର ସାମଲ, ସଂଗ୍ରାମ ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଆଦର୍ଶ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଉତ୍ସବରେ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦିଆଯାଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା ।

### ଖବରଦାତାଙ୍କ ଉପରେ ଆକ୍ରମଣକୁ ନିନ୍ଦା

ବାଲିଚନ୍ଦ୍ରପୁର,୧।୧୦(ସ୍ୱ.ପ୍ର.)- ବିଭିନ୍ନ ସ୍ଥାନରେ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ ଓ ମାଡ଼ ମାରିବା ଘଟଣାକୁ ବାଲିଚନ୍ଦ୍ରପୁର ପ୍ରେସ୍ କ୍ଲବ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି । ଏ ନେଇ ପ୍ରେସ୍ କ୍ଲବ ସଭାପତି ପ୍ରକାଶ ଚନ୍ଦ୍ର ସାମଲ ଅଧ୍ୟକ୍ଷତାରେ ରବିବାର ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଉପସଭାପତି ଏକାଦଶୀ ସେଠୀ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ଖବରଦାତା ଅମରେନ୍ଦ୍ର ସିଂହ, ଅଜୟ ପ୍ରତାପ ସିଂହ, ଗିରିଜା ପ୍ରସାଦ ସାହୁ, ପ୍ରଭାଷ କୁମାର ଦାଶ, ବିଭୁ ପ୍ରସାଦ ପୃଷ୍ଟି, ସଞ୍ଜିତ କୁମାର ସାମଲ, ଧନେଶ୍ୱର ସିଂହ, ପ୍ରକାଶ କୁମାର ସିଂହ, ରାକେଶ କୁମାର ବାରିକ, ସେକ୍ ଇକବାଲ ହୁସେନ୍, ତୁଷାରକାନ୍ତ ଜେନା, ରାମଚନ୍ଦ୍ର ଦାଶ, ସତ୍ୟାନନ୍ଦ ମଲିକ, ଅଜୟ ଜେନା, ଜୟଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ରହି ଏଭଳି ଘଟଣାକୁ ନିନ୍ଦା କରିବା ସହ ଖବରଦାତାଙ୍କ ସୁରକ୍ଷା ପାଇଁ ସରକାର ପଦକ୍ଷେପ ନେବାକୁ ଦାବି କରିଥିଲେ ।

### ଆଇନ ସଚେତନତା ଶିବିର

ଯାଜପୁରରୋଡ,୧।୧୦(ନି.ପ୍ର.)- ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ସ୍ଥାନୀୟ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟଠାରେ ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ଲୋପାମୁଦ୍ରା ପ୍ରକାଶ ଏଥିରେ ସଭାପତିତ୍ୱ କରିଥିଲେ । ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଆଇନକୁ ସଫଳ କରିବା ପାଇଁ ନାଗରିକଙ୍କ ପ୍ରତ୍ୟକ୍ଷ ଅଂଶଗ୍ରହଣ ଜରୁରୀ ବୋଲି କହିଥିଲେ । ଜୁନିୟର ବିଭାଗର ସିଭିଲ ଜଜ୍ ସନ୍ତୋଷ କୁମାର ଅଗ୍ରୱାଲ ଯୋଗଦେଇ ସୁପ୍ରିମକୋର୍ଟଙ୍କ ଦ୍ୱାରା ପ୍ରଣୀତ ବହୁ ଗୁରୁତ୍ୱପୂର୍ଣ୍ଣ ରାୟରେ ବରିଷ୍ଠ ନାଗରିକମାନେ ନିଜକୁ ସୁରକ୍ଷିତ ରଖିବା ସହିତ ସାମାଜିକ, ଅର୍ଥନୈତିକ ଓ ପାରିବାରିକ କ୍ଷେତ୍ରରେ ସହାୟତା ପାଇପାରିବେ ବୋଲି କହିଥିଲେ । ବିଦ୍ୟାଧର ମହାନ୍ତି, ତାଲୁକ ଆଇନ ସେବା ବରିଷ୍ଠ ଆଇନଜୀବୀ ନାରାୟଣ ପ୍ରସାଦ ପତି, ରାମଚନ୍ଦ୍ର ପହି ପ୍ରମୁଖ ଆଇନ ସଚେତନତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ଚନ୍ଦ୍ରମଣି ସାମଲ, ଉପେନ୍ଦ୍ର ନାଥ ବେହୁରିଆ, ନୃସିଂହ ଚରଣ ପରିଡ଼ା, କମଳ ଲୋଚନ ସାହୁ, ବ୍ରଜେଶ୍ୱରୀ ସିଂହ, ଗିରିଧାରୀ ବାରିକ, ବିଶ୍ୱନାଥ ଖୁଣ୍ଟିଆ, ସୁରେଶ ହୋତା, ଉପେନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବରିଷ୍ଠ ନାଗରିକ ମଞ୍ଚ ଉପଦେଷ୍ଟା ଲୋକନାଥ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ୩ ରେକର୍ଡ ବୁକ୍‌ରେ ସାମିଲ ଅଶୋକ
# ପେସାରେ ବ୍ୟବସାୟୀ, ନିଶା ସଂଗ୍ରାହକ

ରତ୍ନଗିରି,୧।୧୦(ଡି.ଏନ୍.ଏ)



୩ ରେକର୍ଡ ବୁକ୍‌ରେ ନିଜର ନାଁ ସାମିଲ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ଯାଜପୁର ଜିଲା ବରୀ ବ୍ଲକ ଅନ୍ତର୍ଗତ ଓଉପଡ଼ା ଗ୍ରାମର ଅଶୋକ କୁମାର ସାହୁ । ସେ ପରିବାର ପ୍ରତିପୋଷଣ ପାଇଁ ବ୍ୟବସାୟ କରୁଥିବାବେଳେ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କିତ ବିଭିନ୍ନ ଜିନିଷ ସଂଗ୍ରହ କରିବା ହେଉଛି ତାଙ୍କର ନିଶା । ସେ ଲିମ୍‌କା ବୁକ୍ ଅଫ ରେକର୍ଡସ, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ଏବଂ ୟୁନିକ୍ ୱାର୍ଲ୍ଡ ରେକର୍ଡସରେ ସ୍ଥାନ ପାଇଛନ୍ତି । ୧୯୭୬ ନଭେମ୍ବର ୧୫ରେ ଅଶୋକଙ୍କ ଜନ୍ମ । ବାପା, ମା’, ସ୍ତ୍ରୀ ଏବଂ ଦୁଇ ପୁଅଙ୍କୁ ନେଇ ତାଙ୍କର ଛୋଟିଆ ସଂସାର । ସେ ଅବସର ସମୟକୁ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କିତ ବିଭିନ୍ନ ଜିନିଷ ସଂଗ୍ରହ କରିଥାନ୍ତି । ପିଲାଟି ଦିନରୁ ଜେଜେମା’ ଜେଜେବାପାଙ୍କଠାରୁ ବହୁ ମହାପୁରୁଷଙ୍କ ବିଷୟରେ ଶୁଣିଥିଲେ । ଧୀରେଧୀରେ ମହାପୁରୁଷଙ୍କ ଜୀବନୀ ବିଷୟରେ ଜାଣିବାକୁ ତାଙ୍କର ଆଗ୍ରହ ବଢିଥିଲା । ବଡ଼ ହେବା ପରେ ବିଶ୍ୱର କୋଣ ଅନୁକୋଣରୁ ଗାନ୍ଧୀଙ୍କ ସମ୍ପର୍କିତ ଦୁର୍ମୂଲ୍ୟ ସାମଗ୍ରୀ ଆଣି ନିଜ ସଂଗ୍ରହାଳୟରେ ରଖିଥିଲେ । ଏଥିପାଇଁ ଫରିଦାବାଦରେ ତାଙ୍କୁ ୩ ରେକର୍ଡରେ ସମ୍ମାନିତ କରାଯାଇଥିଲା । ତାଙ୍କ ପାଖରେ ଥିବା ସାମଗ୍ରୀ ମଧ୍ୟରେ ପେପର କଟିଂ, ଚିତ୍ର, ଡାକଟିକଟ, ଲଫାପା, ବହି ଇତ୍ୟାଦି ପ୍ରଧାନ । ସେ ଆଜି ପର୍ଯ୍ୟନ୍ତ ଗାନ୍ଧୀଙ୍କ ଉପରେ ଆଧାରିତ ମୋଟ ୨୭୦ ଖଣ୍ଡ ବହି ଓ ଗାନ୍ଧୀଙ୍କ ସମ୍ପର୍କରେ ପ୍ରକାଶ ପାଇଥିବା ୧୮୦୦ ଖବରକାଗଜ ସଂଗ୍ରହ କରିଛନ୍ତି । ଏଥିସହ ଦେଶ ଓ ଦେଶ ବାହାରେ ଥିବା ବହୁ ପ୍ରତିମୂର୍ତ୍ତି ମଧ୍ୟରୁ ତାଙ୍କ ସଂଗ୍ରହାଳୟରେ ୧୮୫ର ଫଟୋ ରହିଛି । ଗାନ୍ଧୀଙ୍କ ଉପରେ ବିଶ୍ୱର ସମସ୍ତ ଦେଶ ଡାକ ଟିକଟ ପ୍ରକାଶ କରିଥିବାର ରେକର୍ଡ ରହିଛି ଏବଂ ସେଥିମଧ୍ୟରୁ ୯୧ଟି ସଂଗ୍ରହ କରିପାରିଛନ୍ତି । ଏତଦ୍‌ବ୍ୟତୀତ ଗାନ୍ଧୀଙ୍କ ମୁଣ୍ଡ ଥିବା ନୋଟ୍ ଓ ମୁଦ୍ରା ମଧ୍ୟ ସଂଗ୍ରହ କରିଛନ୍ତି । ସେ ବିଭିନ୍ନ ସାମଗ୍ରୀ ସଂଗ୍ରହ କରି ଏକ ବଡ଼ ସଂଗ୍ରହାଳୟ ପ୍ରତିଷ୍ଠା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଏଥିନିମନ୍ତେ ଜିଲା ପ୍ରଶାସନ ସହ ଯୋଗାଯୋଗ କରିଛନ୍ତି । ଆଗାମୀ ଦିନରେ ସରକାର ତାଙ୍କୁ ସହଯୋଗ କରିବେ ବୋଲି ସେ ଆଶା ରଖିଛନ୍ତି । ଏହି କାର୍ଯ୍ୟ ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ଅଶୋକ କହିଛନ୍ତି ।

# ସ୍ଥାୟୀ ବିଡିଓ ନିଯୁକ୍ତି ଦାବିରେ ଭାଜପାର ଅନଶନ



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ଅନଶନ ।

ବରୀ,୧।୧୦(ସ୍ୱ.ପ୍ର.)

ବରୀ ବ୍ଲକରେ ସ୍ଥାୟୀ ବିଡିଓ ନିଯୁକ୍ତି ଦାବିରେ ବରୀ ଭାଜପା ପକ୍ଷରୁ ସୋମବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରାଯାଇଥିଲା । ଯାଜପୁର ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ସନ୍ଧ୍ୟାରେ ଅନଶନକାରୀଙ୍କ ନିକଟରେ ପହଞ୍ଚି ଯାଜପୁର ବ୍ଲକ ବିଡିଓ ସୌରଭ ଚକ୍ରବର୍ତ୍ତୀଙ୍କୁ ବରୀରେ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଯାଜପୁର ବ୍ଲକ ବିଡିଓ ଚକ୍ରବର୍ତ୍ତୀ ବରୀରେ ୩ ଦିନ ଓ ଯାଜପୁର ବ୍ଲକରେ ୩ ଦିନ କାର୍ଯ୍ୟ କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହାର ହୋଇଥିଲା । ବ୍ଲକ ଅଧ୍ୟକ୍ଷା ସୁନନ୍ଦା ଦାସ, ମୁକୁନ୍ଦ ସାମଲ, ଦେବେନ୍ଦ୍ର ଦାସ, ଶିବ ପ୍ରସାଦ ନାୟକ, ରମେଶ ଭଞ୍ଜ ପ୍ରମୁଖ ଶତାଧିକ ଭାଜପା କର୍ମୀ ଅନଶନରେ ସାମିଲ ଥିଲେ ।

# ତ୍ରୁଟିପୂର୍ଣ୍ଣ ଚିକିତ୍ସାରୁ ଦିବ୍ୟାଙ୍ଗ ଛାତ୍ରଙ୍କ ମୃତ୍ୟୁ ଅଭିଯୋଗ

ରସୁଲପୁର,୧।୧୦(ଡିଏନଏ)

ରସୁଲପୁର ବ୍ଲକ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ସୋମବାର ସନ୍ଧ୍ୟାରେ ଜଣେ ୯ବର୍ଷର ଦିବ୍ୟାଙ୍ଗ ଛାତ୍ର ବୀର ଗୁରୁଙ୍କ ପୁଅ ସିପୁନ୍‌ଙ୍କର ମୃତ୍ୟୁ ଘଟିଛି । ମଧୁବନ ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୀପକ ଦାସଙ୍କ ଚିକିତ୍ସାରେ ତ୍ରୁଟି ଯୋଗୁ ଏଭଳି ଘଟିଲା ବୋଲି ବାପା ବୀର ଗୁରୁ ଅଭିଯୋଗ କରିଛନ୍ତି । ପ୍ରକାଶ ଯେ, କଲଣ ପଞ୍ଚାୟତ ନୂଆହାଟ ଗ୍ରାମର ସିପୁନ ଜଣେ ଦିବ୍ୟାଙ୍ଗ ହୋଇଥିବା ବେଳେ ସେ ଗାଁ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିଲେ । ସେ ଶୁଣିପାରନ୍ତି ନାହିଁ କିମ୍ବା କହିପାରନ୍ତି ନାହିଁ । ସୋମବାର ସେ ଜ୍ୱରରେ ପୀଡିତ ଥିବାରୁ ଶିକ୍ଷକ ତାଙ୍କୁ ଘରକୁ ପଠାଇ ଦେଇଥିଲେ । ଅପରାହ୍ନରେ ପରିବାର ପକ୍ଷରୁ ପୁଅର ଚିକିତ୍ସା ପାଇଁ ମଧୁବନ ଡାକ୍ତରଖାନାକୁ ଆଣିଥିଲେ । ଡାକ୍ତର ଦାସ ଗୁରୁତର ଛାତ୍ରର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଇଞ୍ଜେକ୍ସନ ଓ ସାଲାଇନ ଦେଇଥିଲେ । ଇଞ୍ଜେକ୍ସନ ଦେବାର ଅଧଘଣ୍ଟା ପରେ ସେ ଛଟପଟ ହେବା ସହ ହାତମୁଠା ମୁଠା କରି ଦେଇଥିଲେ । ଏହାଦେଖି ପରିବାର ଲୋକେ ଡାକ୍ତରଙ୍କୁ ଜଣାଇଥିଲେ । ଡାକ୍ତର ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ପଠାଇ ଦେଇଥିଲେ । ଯାଜପୁର ଜିଲା ଚିକିତ୍ସା କେନ୍ଦ୍ରକୁ ଯିବା ପାଇଁ ୧୦୮ ଆମ୍ବୁଲାନ୍ସର ସହାୟତା ନିଆଯାଇଥିଲା । ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମେତ ଅପେକ୍ଷା କରିବା ସତ୍ତ୍ୱେ ବି ଆମ୍ବୁଲାନ୍ସ ଆସି ଡାକ୍ତରଖାନାରେ ପହଞ୍ଚି ପାରି ନ ଥିଲା । ପରେ ଡାକ୍ତରଖାନା ଆମ୍ବୁଲାନ୍ସର ସହାୟତା ନିଆଯାଇଥିଲା । ଆମ୍ବୁଲାନ୍ସ ଚାଳକ ସେବାରେ ନ ଥାଇ ବି ପିଲାର ଅବସ୍ଥାକୁ ଦେଖି ଡାକ୍ତରଖାନା ଆମ୍ବୁଲାନ୍ସ ସହାୟତାରେ ଯାଜପୁର ଡାକ୍ତରଖାନାକୁ ନିଆଯାଇଥିଲା । ଜିଲା ସରକାରୀ ଚିକିତ୍ସାଳୟରେ ପହଞ୍ଚିବା ପରେ ଡାକ୍ତର ଦିବ୍ୟାଙ୍ଗ ଛାତ୍ର ସିପୁନକୁ ମୃତ ଘୋଷଣା କରିଥିଲେ । ପୁଅର ମୃତ୍ୟୁର କାରଣକୁ ନେଇ ପରିବାର ଲୋକଙ୍କ ମନରେ ସନ୍ଦେହ ଜାତ ହୋଇଥିଲା । ପୁଅର ଚିକିତ୍ସା ଆରମ୍ଭ ହେବା ପରେ ତାଙ୍କ ଅବସ୍ଥା ଅଧିକ ଖରାପ ହୋଇଯାଇଥିଲା ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଦୀପକ ଦାସଙ୍କୁ ପଚାରିବାରୁ, ପିଲା ଛାତିରେ ଇନ୍‌ଫେକ୍ସନ ହୋଇଥିଲା । ତାକୁ ପ୍ରାଥମିକ ଚିକିତ୍ସା କରାଯାଇ ଯାଜପୁର ଜିଲା ଚିକିତ୍ସା କେନ୍ଦ୍ରକୁ ନେଇଯିବା ପାଇଁ ପରାମର୍ଶ ଦିଆଯାଇଥିଲା । ୧୦୮ ଆମ୍ବୁଲାନ୍ସ ପହଞ୍ଚି ପାରିଲା ନାହିଁ । ବହୁ ବିଳମ୍ବରେ ବାଧ ହୋଇ ସେବାରେ ନ ଥିବା ଡାକ୍ତରଖାନା ଆମ୍ବୁଲାନ୍ସ ସହାୟତାରେ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା । ପିଲାଟିକୁ ଘଣ୍ଟାଏ ପୂର୍ବରୁ ଆଇସିୟୁରେ ଭର୍ତ୍ତି କରାଯାଇ ପାରିଥିଲେ ହୁଏତ ବଞ୍ଚିଯାଇ ପାରିଥାନ୍ତା ବୋଲି ଡାକ୍ତର ଦାସ ପ୍ରକାଶ କରିଛନ୍ତି ।

# ଏକଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବାଲିଚନ୍ଦ୍ରପୁର,୧।୧୦(ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଚ୍ୟୁତବସନ୍ତ ପଞ୍ଚାୟତ ଗଡ଼ଜିତଠାରେ ଗଡ଼ଜିତ ସିଦ୍ଧବଟ ୟୁଥ ଆସୋସିଏଶନ ପକ୍ଷରୁ ଆୟୋଜିତ ଏକଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଜୟପୁର ଭଲିବଲ ଆସୋସିଏଶନ ଓ ସାଲେପୁର ଭଲିବଲ ଆସେସିଏଶନ ମଧ୍ୟରେ ମ୍ୟାଚ୍ ହୋଇଥିବାବେଳେ ଜୟପୁର ବିଜୟୀ ହୋଇଥିଲା । ସାମାଜିକକର୍ମୀ ମାନଗୋବିନ୍ଦ ରାଉତ ଉଦ୍‌ଘାଟନ କରିଥିଲେ । ଏଥିରେ ମୋଟ ୮ ଗୋଟି ଦଳ ଭାଗ ନେଇଥିଲେ । ବଡ଼ଚଣା ଭାଜପା ନେତା ଅମର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ପୂର୍ବତନ ଖେଳାଳି ନିଗମାନନ୍ଦ ମିଶ୍ର, ଚକ୍ରଧର ଲେଙ୍କା, ଚନ୍ଦନ ରାୟ ଖେଳ ପରିଚାଳନା କରିଥିଲେ । ଶେଷରେ ଗଡ଼ଜିତ ସିଦ୍ଧବଟ ୟୁଥ ଆସୋସିଏଶନ ପକ୍ଷରୁ ପୂର୍ବତନ ଖେଳାଳି ଲକ୍ଷ୍ମୀଧର ନାୟକ, ଅରକ୍ଷିତ ସାହୁଙ୍କୁ ସମ୍ମାନିତ କରାଯାଇଥିଲା ।

# ଟ୍ରକ୍ କ୍ରୟ ବିକ୍ରୟରେ ଚଞ୍ଚକତା ଅଭିଯୋଗ: ଜଣେ କୋର୍ଟ ଚାଲାଣ

ଚଣ୍ଡିଖୋଲ,୧।୧୦(ଡି.ଏନ.ଏ)

ଚଣ୍ଡିଖୋଲ ଆରଟିଓ କାର୍ଯ୍ୟାଳୟ ଅଧୀନରେ ଏକ ଟ୍ରକ୍ କିଣା ବିକା ଘଟଣାରେ ଚଞ୍ଚକତା କରିଥିବା ଅଭିଯୋଗରେ ବଡ଼ଚଣା ପୋଲିସ ସୋମବାର ଜଣଙ୍କୁ କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ହେଲେ କୋରେଇ ଥାନା ଅନ୍ତର୍ଗତ ଫଜଲପୁର ଗ୍ରାମର ଶ୍ୟାମସୁଦିନ୍ ବକ୍‌ସ । ପ୍ରକାଶ ଯେ, ୨୦୧୫ରେ ଶ୍ୟାମସୁଦିନ୍ ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ହରିରାଜପୁର ଗ୍ରାମର ମୁରଲୀଧର ପ୍ରଧାନଙ୍କୁ ଗାଡ଼ି ବିକିବା ପାଇଁ ଚଣ୍ଡିଖୋଲ ଆରଟିଓରେ ଖରିଦ ବିକ୍ରି କାଗଜପତ୍ର କରିଥିଲେ । ଗାଡ଼ି ବିକ୍ରି ପାଇଁ ୪ ଲକ୍ଷ ୩୦ ହଜାର ଟଙ୍କା ଛିଣ୍ଡିଥିଲା । ମୁରଲୀଧର ସଙ୍ଗେ ସଙ୍ଗେ ୩ ଲକ୍ଷ ୪୦ ହଜାର ଟଙ୍କା ଦେଇଥିଲେ । କିଛିଦିନ ପରେ ବାକି ୯୦ ହଜାର ଟଙ୍କା ଦେଲେ ଗାଡ଼ି ପାଇବେ ବୋଲି ଉଭୟଙ୍କ ମଧ୍ୟରେ ଚୁକ୍ତି ହୋଇଥିଲା । ମୁରଲୀଧର ବକେୟା ୯୦ ହଜାର ଟଙ୍କା ବକ୍‌ସଙ୍କୁ ଦେବା ପରେ ମଧ୍ୟ ସେ ଗାଡ଼ି ହସ୍ତାନ୍ତର ନ କରି ଫାଙ୍କି ଚାଲିଥିଲେ । ପରେ ମୁରଲୀଧର ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ । ମାମଲାର ବିଚାର କରାଯାଇ କୋର୍ଟ ବକ୍‌ସଙ୍କୁ ଗିରଫ କରିବା ପାଇଁ ବଡ଼ଚଣା ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ । ବଡ଼ଚଣା ଥାନା ପକ୍ଷରୁ ଏକ ମାମଲା(୧୦୮/୧୮) ରୁଜୁ କରାଯାଇ ବକ୍‌ସଙ୍କୁ କୋର୍ଟ ଚାଲାଣ କରାଯାଇଛି । ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଯାଜପୁର ଜେଲକୁ ପଠାଇ ଦିଆଯାଇଛି ।

## ଡ୍ରାଇଭର, ହେଲ୍‌ପରଙ୍କୁ ଆକ୍ରମଣ ଅଭିଯୋଗ
# ୨୯,୫୬୦ ଟଙ୍କା ଜବତ, ୨ କୋର୍ଟ ଚାଲାଣ

ଚଣ୍ଡିଖୋଲ,୧।୧୦(ଡି.ଏନ.ଏ)

ଡ୍ରାଇଭର ଓ ହେଲପରଙ୍କୁ ଆକ୍ରମଣ କରିବା ସହ ସେମାନଙ୍କଠାରୁ ୩୦ ହଜାର ଟଙ୍କା ଲୁଟ୍ କରିବା ଅଭିଯୋଗରେ ଚଣ୍ଡିଖୋଲ ଫାଣ୍ଡି ପୋଲିସ ସୋମବାର ୨ ଜଣଙ୍କୁ କୋର୍ଟ ଚାଲାଣ କରିବା ସହ ୨୯,୫୬୦ ଟଙ୍କା ଓ ଭୁଜାଲି ଜବତ କରିଛି । ଅଭିଯୁକ୍ତମାନେ ହେଲେ ଉକ୍ତ ଫାଣ୍ଡି ଅନ୍ତର୍ଗତ ନିଶିମଳା ଗ୍ରାମର ଦିବ୍ୟରଞ୍ଜନ ଜେନା(ସିପୁଆ) ଏବଂ ନୂଆସୁଙ୍ଗୁଡ଼ା ଗ୍ରାମର ସନାତନ ସ୍ୱାଇଁ(ସନିଆ) । ପ୍ରକାଶ ଯେ, ରବିବାର ଅପରାହ୍ନରେ ଶିରିଡ଼ିରୁ ବାଲିଚନ୍ଦ୍ରପୁର ଆସିଥିବା ଏକ ପିଆଜ ବୋଝେଇ ଟ୍ରକ୍(ସିଜି-୦୭-ଏ-ଏକ୍ସ ୮୯୨୯) ଅନଲୋଡ କରିବା ପରେ ଡ୍ରାଇଭର ଓ ହେଲପର ବ୍ୟବସାୟୀଙ୍କଠାରୁ ଟଙ୍କା ଧରି ଫେରୁଥିଲେ । ଚଣ୍ଡିଖୋଲ ଗୋଲେଇ ଛକ ନିକଟରେ ରାସ୍ତାପାର୍ଶ୍ୱକୁ ଗାଡ଼ି ସାଇଟ୍ କରି ଫୋନ୍‌ରେ କଥା ହେଉଥିଲେ । ଏହି ସମୟରେ ୨ ଦୁର୍ବୃତ୍ତ ହଠାତ୍ ତାଙ୍କୁ ଭୁଜାଲି ଦେଖାଇ ଆକ୍ରମଣ କରିବା ସହ ତାଙ୍କଠାରୁ ୩୦ ହଜାର ଟଙ୍କା ଛଡାଇ ନେଇଥିଲେ । ଏ ନେଇ ଡ୍ରାଇଭର କୁସେନ୍ଦ୍ର ସାହୁ ଚଣ୍ଡିଖୋଲ ଫାଣ୍ଡିରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(୨୨୦/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । କୌଣସି ସୂତ୍ରରୁ ଖବରପାଇ ପୋଲିସ ସୋମବାର ମଦ ଆଡ୍ଡା ଉପରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

## ପଥର ପ୍ୟାକିଂ ନ ହେବାରୁ ନଦୀକୂଳ ଖାଉଛି
# ଖରସ୍ରୋତାରେ ୨ ପରିବାର ଲୀନହେବା ଆଶଙ୍କା

ସିଂହପୁର,୧।୧୦(ଡି.ଏନ୍.ଏ)



ପଥର ପ୍ୟାକିଂ ନହେବାରୁ ନଦୀକୂଳ ଖାଉଛି ।

ସିଂହପୁର ନିକଟବର୍ତ୍ତୀ ବରୀ ବ୍ଲକ ସୁନ୍ଦରପୁର ଗ୍ରାମ ହନୁମାନ ଛକର ନଦୀପାର୍ଶ୍ୱ ପଥର ପ୍ୟାକିଂ ହୋଇ ନ ଥିବାରୁ ୨ ପରିବାର ଖରସ୍ରୋତାରେ ଲୀନ ହେବା ଆଶଙ୍କା ଦେଖାଦେଇଛି । ପ୍ରକାଶ ଯେ, ଆଳି ଜଳସମ୍ପଦ ବିଭାଗ ଅଧୀନ ମଧୁସୂଦନପୁର ପଞ୍ଚାୟତ ସୁନ୍ଦରପୁର ଗ୍ରାମର ହନୁମାନ ମନ୍ଦିର ନିକଟରେ ଭାସ୍କର ସାମଲଙ୍କ ଘରଠାରୁ ଭୀମସେନ ନାୟକଙ୍କ ଘର ପର୍ଯ୍ୟନ୍ତ ୫ ଶହ ମିଟର ନଦୀକୂଳ ଖାଉଛି । ଫଳରେ ନଦୀକୂଳବାସୀ ଭୟଭୀତ ହୋଇପଡିଛନ୍ତି । ଉକ୍ତ ସ୍ଥାନରେ ଘାଇ ହେଲେ ବହୁ ପରିବାର କ୍ଷୟକ୍ଷତିର ସମ୍ମୁଖୀନ ହେବେ । ଏ ସମ୍ପର୍କରେ ଗ୍ରାମବାସୀ ଜଳସମ୍ପଦ ବିଭାଗ ଯନ୍ତ୍ରୀଙ୍କୁ ଅବଗତ କରାଇବା ପରେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଥର ପ୍ୟାକିଂ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

DADLS-124

ଓଡ଼ିଶା ସରକାର

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ
ଜୟନ୍ତୀ ପାଳନ ନିମନ୍ତେ ରାଜ୍ୟସ୍ତରୀୟ ସମାରୋହ

୦୨ ଅକ୍ଟୋବର, ୨୦୧୮



ସମୟ – ସକାଳ ଘ.୧୦.୧୦ମି. ସ୍ଥାନ : ବିଧାନସଭା ପ୍ରାଙ୍ଗଣ, ଭୁବନେଶ୍ୱର

ପ୍ରାର୍ଥନା ସଭା

ପ୍ରଫେସର ଗଣେଶୀ ଲାଲ, ମାନ୍ୟବର ରାଜ୍ୟପାଳ, ଓଡ଼ିଶା
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ପ୍ରତାପ ଜେନା, ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ
ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ
ଏବଂ ମନ୍ତ୍ରିମଣ୍ଡଳର ମାନ୍ୟବର ସଦସ୍ୟବୃନ୍ଦ, ମାନ୍ୟବର ସାଂସଦ ଓ ମାନ୍ୟବର ବିଧାୟକବୃନ୍ଦ ଏବଂ
ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବେ ।

| | | |
|---|---|---|
| ପୂର୍ବାହ୍ନ ଘ.୧୧.୩୦ ମି. | ଜୟଦେବ ଭବନ | ଗାନ୍ଧିଜୀ ଓ ଓଡ଼ିଶା ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀ । |
| ଅପରାହ୍ନ ଘ.୪.୩୦ ମି. | ରାଜ୍ୟ ଅଭିଲେଖାଗାର | ଗାନ୍ଧୀ ଚର୍ଚ୍ଚା |
| ସନ୍ଧ୍ୟା ଘ.୬.୩୦ ମି. | ଜୟଦେବ ଭବନ | |

ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର ତରଫରୁ ବିଶିଷ୍ଟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ, ହରପ୍ରିୟା ସ୍ୱାଇଁ, ପ୍ରତିଭା ଦାଶ, ପୁଷ୍ପଲତା ମହାଳିକ, ସୁଲଗ୍ନା ରଥ, ପ୍ରଦୀପ ପଲେଇ, ପ୍ରଭାତ ପାତ୍ର, ନଳିନୀକାନ୍ତ ରଥ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ କୁମାର ଦାସ, ଅଧ୍ୟାପକ ଚନ୍ଦନ କୁମାର ଜେନା ଏବଂ ସ୍ମାଇଲ ମହାନ୍ତି, ସୋନାଲି କର ଓ ବସୁନ୍ଧରା ପରିଡ଼ାଙ୍କ ଦ୍ୱାରା ଗାନ୍ଧୀ ଭଜନ ପରିବେଷଣ ।

ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବାକୁ ଅନୁରୋଧ ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଏବଂ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0269/1819



ଆଶ୍ରୟ ନେଇଥିବା ରୋହିଙ୍ଗ୍ୟା ଶରଣାର୍ଥୀଙ୍କୁ ଚିହ୍ନଟ କରି ସେମାନଙ୍କ ବାୟୋମେଟ୍ରିକ୍ ତଥ୍ୟ ସଂଗ୍ରହ କରିବାକୁ ସମସ୍ତ ରାଜ୍ୟର ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କୂଟନୈତିକ ଚ୍ୟାନେଲ ଜରିଆରେ ଏସବୁ ତଥ୍ୟକୁ ମ୍ୟାନ୍‌ମାର ସରକାରଙ୍କୁ ହସ୍ତାନ୍ତର କରାଯିବ ।

- ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ



## ସଂକ୍ଷେପରେ

### ଭାରତରେ ଜାତିସଂଘ ମହାସଚିବ



**ନୂଆଦିଲ୍ଲୀ,୧।୧୦(ପି.ଟି.)**- ପ୍ରଥମକରି ଭାରତ ଗସ୍ତରେ ଆସି ସୋମବାର ନୂଆଦିଲ୍ଲୀଠାରେ ପହଞ୍ଚିଛନ୍ତି ମିଳିତ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନର ମଙ୍ଗଳବାର ସେ ଶୁଭାରମ୍ଭ କରିବେ। ଅକ୍ଟୋବର ୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆୟୋଜିତ ମହାତ୍ମା ଗାନ୍ଧୀ ଅନ୍ତର୍ଜାତୀୟ ସ୍ୱଚ୍ଛତା ସମ୍ମିଳନୀରେ ସେ ଯୋଗଦେବେ। ସୋମବାର ମଧ୍ୟାହ୍ନରେ ଗୁଟେରେସ୍ ଏଠାରେ ପହଞ୍ଚିବା ପରେ ଏଠାକାର ଜାତିସଂଘ ମୁଖ୍ୟାଳୟର ବରିଷ୍ଠ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ତିନିଦିନିଆ ଗସ୍ତକାଳରେ ଜାତିସଂଘ ମହାସଚିବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଦେଶର ଶୀର୍ଷ ନେତୃବୃନ୍ଦଙ୍କୁ ସାକ୍ଷାତ୍ କରି ଜଳବାୟୁ ପରିବର୍ତ୍ତନ, ଆତଙ୍କବାଦ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଇଣ୍ଡିଆ ହେବିଟେଟ୍ ସେଣ୍ଟର୍‌ରେ 'ଗ୍ଲୋବାଲ୍ ଚ୍ୟାଲେଞ୍ଜେସ୍, ଗ୍ଲୋବାଲ୍ ସଲ୍ୟୁଶନ୍' ଶୀର୍ଷକରେ ଗୁଟେରେସ୍ ବକ୍ତୃତା ଦେବା କାର୍ଯ୍ୟକ୍ରମ ରହିଛି। ୩ରେ 'ଚାମ୍ପିୟନ୍ସ ଅଫ୍ ଆର୍ଥ' କାର୍ଯ୍ୟକ୍ରମ ପରେ ସ୍ୱର୍ଣ୍ଣ ମନ୍ଦିରକୁ ଯିବେ।

ଭୀମା-କୋରେଗାଓଁ ମାମଲା

### ଗୃହବନ୍ଦୀ ଗୌତମ ନାଭଲାଖା ମୁକ୍ତ



**ନୂଆଦିଲ୍ଲୀ,୧।୧୦(ପି.ଟି.)**- ଭୀମା-କୋରେଗାଓଁ ହିଂସା ମାମଲାରେ ସମ୍ପୃକ୍ତି ଅଭିଯୋଗ ନେଇ ଗୃହବନ୍ଦୀ ଥିବା ୫ ସାମାଜିକ କର୍ମୀଙ୍କ ମଧ୍ୟରୁ ଜଣଙ୍କୁ ଆଶ୍ୱସ୍ତି ମିଳିଛି। ଗୌତମ ନାଭଲାଖାଙ୍କୁ ସୋମବାର ଦିଲ୍ଲୀ ହାଇକୋର୍ଟ ମୁକ୍ତ କରିଛନ୍ତି। ତଳକୋର୍ଟଙ୍କ ଟ୍ରାନ୍‌ଜିଟ ରିମାଣ୍ଡ ନିର୍ଦ୍ଦେଶକୁ ମଧ ନାଭଲାଖା ଚ୍ୟାଲେଞ୍ଜ କରିଥିଲେ। ଏହି ନିର୍ଦ୍ଦେଶନାମାକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ପାଞ୍ଚ ସପ୍ତାହ ଗୃହବନ୍ଦୀ ରହିବା ପରେ ନାଭଲାଖା ମୁକୁଳିଛନ୍ତି। ତେବେ ସୁପ୍ରିମକୋର୍ଟ ଗତ ସପ୍ତାହରେ ଦେଇଥିବା ରାୟରେ ୫ ସାମାଜିକ କର୍ମୀଙ୍କ ଗୃହବନ୍ଦୀ ଅବଧି ଆଉ ଚାରି ସପ୍ତାହ ବୃଦ୍ଧି କରିଥିଲେ। ଏଥିସହ ସେମାନଙ୍କ ଗିରଫଦାରିକୁ ଚ୍ୟାଲେଞ୍ଜ କରି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ ଦାବିକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଥିଲେ। ତେଣୁ ନାଭଲାଖାଙ୍କୁ ଅତିକମ୍‌ରେ ଆଉ ଦୁଇଦିନ ବନ୍ଦୀ ରଖାଯାଉ ବୋଲି ମହାରାଷ୍ଟ୍ର ସରକାର କରିଥିବା ନିବେଦନକୁ ଦିଲ୍ଲୀ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଜଷ୍ଟିସ୍ ଏସ୍. ମୁରଲୀଧର ଏବଂ ବିନୋଦ ଗୋଏଲଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ସର୍ବୋଚ୍ଚ ଅଦାଲତ ସୀମିତ ଉଦ୍ଦେଶ୍ୟରେ ସାମାଜିକ କର୍ମୀଙ୍କ ଗୃହବନ୍ଦୀ ଅବଧି ବଢ଼ାଇଥିଲେ। କିନ୍ତୁ ନାଭଲାଖା ଆଉ ଗୃହବନ୍ଦୀ ହୋଇରହିବା ଆବଶ୍ୟକ ନାହିଁ। ତେଣୁ ତାଙ୍କୁ ମୁକ୍ତ କରାଯିବ। ସେହିପରି ନାଭଲାଖାଙ୍କୁ ଟ୍ରାନ୍‌ଜିଟ ରିମାଣ୍ଡରେ ନେବା ଲାଗି ନିକଟରେ ପୁଣେ ପୋଲିସ ତଳକୋର୍ଟରେ ଆବେଦନ କରିଥିଲା। ଏହାପରେ ଅଗଷ୍ଟ ୨୮ରେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ ପୋଲିସର ଆବେଦନ ରକ୍ଷା କରିବା ସହ ନିର୍ଦ୍ଦେଶନାମା ଜାରି କରିଥିଲେ। କିନ୍ତୁ ହାଇକୋର୍ଟ ଏହି ରାୟକୁ ରଦ୍ଦ କରିଦେଇଛନ୍ତି।

[ଇତିହାସର ଆଇନାରେ]

### ଅକ୍ଟୋବର ୨ର ପ୍ରମୁଖ ଘଟଣା

୧୯୯୦ ଅକ୍ଟୋବର ୨ରେ ଚାଇନାର ଜିଆମେନ୍ ଏୟାରଲାଇନ୍ସର ବିମାନ ୮୩୦୧ ଅପହରଣ ହୋଇଥିଲା। ଚାଇନାର ଗୁଆଙ୍ଗଝୁ ବାୟାନ ବିମାନ ବନ୍ଦରରେ ଅବତରଣବେଳେ ଅନ୍ୟ ଦୁଇଟି ବିମାନକୁ ଧକ୍କା ଦେବା ଫଳରେ ୧୨୮ ଜଣଙ୍କ ମୃତ୍ୟୁ ଘଟିଥିଲା।

୧୯୯୨ ଅକ୍ଟୋବର ୨ରେ ବ୍ରାଜିଲର ସାଓ ପୋଲୋ ସ୍ଥିତ କାରାଣ୍ଡିରୁ ପେନିଟେନ୍‌ସିଆରି ଜେଲରେ ନରସଂହାର ଯୋଗୁଁ ୧୧୧ ଜଣ କଏଦୀଙ୍କ ମୃତ୍ୟୁ ଘଟିଥିଲା। ଏହା ବ୍ରାଜିଲ ଇତିହାସର ସବୁଠାରୁ ବଡ ମାନବାଧିକାର ଉଲ୍ଲଂଘନ ଘଟଣା ବୋଲି କୁହାଯାଏ।

■ ଅବସର ନେଲେ ଜଷ୍ଟିସ ଦୀପକ ମିଶ୍ର

# ଦୃଷ୍ଟିକୋଣ ହିଁ ବିଚାରର ଆଧାର

**ନୂଆଦିଲ୍ଲୀ,୧।୧୦(ପି.ଟି.)**

■ ବିଦାୟୀ ଭାଷଣରେ ଭାବବିହ୍ୱଳ ହେଲେ ସିଜେଆଇ
■ ବୁଧବାର ଶପଥ ନେବେ ଜଷ୍ଟିସ ଗୋଗୋଇ



> ଇତିହାସ କେବେ ଦୟାଳୁ ତ ଆଉ କେବେ ନିଷ୍ଠୁର ହୋଇପାରେ। ଏଣୁ ଲୋକଙ୍କ ଅତୀତକୁ ନୁହେଁ, ବରଂ ବର୍ତ୍ତମାନର ଗତିବିଧି ଏବଂ ଦୃଷ୍ଟିକୋଣକୁ ନେଇ ବିଚାର କରେ।

ଦୃଷ୍ଟିକୋଣ ହିଁ ବିଚାରର ଆଧାର। ଲୋକଙ୍କ ଅତୀତକୁ ନେଇ ନୁହେଁ, ବରଂ ବର୍ତ୍ତମାନର ଗତିବିଧି ଏବଂ ଦୃଷ୍ଟିକୋଣକୁ ନେଇ ବିଚାର କରିଥାଏ। କାରଣ ଇତିହାସ କେବେ ଦୟାଳୁ ତ ଆଉ କେବେ ନିଷ୍ଠୁର ହୋଇପାରେ। ଜୀବନ କାଳରେ ସମାନତାଠାରୁ ନିଜକୁ କେବେ ଦୂରରେ ରଖିପାରି ନାହିଁ ବୋଲି କାର୍ଯ୍ୟକାଳର ଶେଷ ଦିନରେ ସୁପ୍ରିମକୋର୍ଟ ଓକିଲ ସଂଘ ପକ୍ଷରୁ ଆୟୋଜିତ ବିଦାୟ ସମ୍ବର୍ଦ୍ଧନା ସଭାରେ ଉଦ୍‌ବୋଧନ ଦେଇ ପ୍ରଧାନ ବିଚାରପତି (ସିଜେଆଇ) ଦୀପକ ମିଶ୍ର କହିଛନ୍ତି। ୨୫ ମିନିଟ୍‌ର ବିଦାୟୀ ଭାଷଣ ବେଳେ ଜଷ୍ଟିସ ମିଶ୍ର ଭାବବିହ୍ୱଳ ହୋଇ ପଡ଼ିଥିଲେ। ଆଜି ମନର କଥା ନୁହେଁ, ବରଂ ହୃଦୟ କଥା କହିବି ବୋଲି କହିଥିଲେ।

ବିଦାୟୀ ଭାଷଣରେ ଜଷ୍ଟିସ ମିଶ୍ର କହିଛନ୍ତି, ଭାରତୀୟ ନ୍ୟାୟପାଳିକା ହେଉଛି ବିଶ୍ୱର ଏକ ସର୍ବୋତ୍କୃଷ୍ଟ ସଂସ୍ଥାନ ଏବଂ ଯୁବ ଓକିଲ ଏହାର ଅମୂଲ୍ୟ ସମ୍ପତ୍ତି। ନ୍ୟାୟଶାସ୍ତ୍ରର ବିକାଶ ଦିଗରେ ସେମାନଙ୍କର ବିଶେଷ କ୍ଷମତା ରହିଛି। ଆମ ନ୍ୟାୟପାଳିକା ସବୁଠାରୁ ଶକ୍ତିଶାଳୀ। କାରଣ ଆଶ୍ଚର୍ଯ୍ୟଜନକ ସଂଖ୍ୟକ ମାମଲା ଅଟକି ରହିଥିବା ସତ୍ତ୍ୱେ ଏହାର ମୁକାବିଲା କରିବା ନ୍ୟାୟପାଳିକାର ଦକ୍ଷତା ରହିଛି। ନ୍ୟାୟର ମାନବୀୟ ଚେହେରା ରହିବା ଜରୁରୀ। ପ୍ରତିଟି ସ୍ତରରେ ଓକିଲ ସଂଘର ଋଣୀ ହୋଇଛି ଏବଂ ଏଠାରୁ ସନ୍ତୁଷ୍ଟ ହୋଇ ବିଦାୟ ନେଉଛି ବୋଲି ସେ କହିଛନ୍ତି। ଜଷ୍ଟିସ ମିଶ୍ରଙ୍କ ପୂର୍ବରୁ ତାଙ୍କ ଉତ୍ତରାଧିକାରୀ ଜଷ୍ଟିସ ରଞ୍ଜନ ଗୋଗୋଇ ଉଦ୍‌ବୋଧନ ଦେଇ ପୂର୍ବସୂରୀଙ୍କ ଭୂୟସୀ ପ୍ରଶଂସା କରିଥିଲେ। ଜଷ୍ଟିସ ମିଶ୍ର ହେଉଛନ୍ତି ଜଣେ ବିଚକ୍ଷଣ ନ୍ୟାୟାଧୀଶ। ନାଗରିକଙ୍କ ସ୍ୱାଧୀନତା ଦିଗରେ ତାଙ୍କର ଅବଦାନ ସେ ଦେଇଥିବା ରାୟରେ ପ୍ରତିଫଳିତ ହୋଇଥାଏ ବୋଲି ଜଷ୍ଟିସ ଗୋଗୋଇ କହିଛନ୍ତି।

ଜଷ୍ଟିସ ମିଶ୍ରଙ୍କ କାର୍ଯ୍ୟକାଳ ମଙ୍ଗଳବାର ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଅକ୍ଟୋବର ୨ ରାଷ୍ଟ୍ରୀୟ ଛୁଟିଦିବସ ଥିବାବେଳେ ସୋମବାର ଥିଲା ତାଙ୍କର ଶେଷକାର୍ଯ୍ୟ ଦିବସ। ଏଥିଲାଗି ସୋମବାର ସନ୍ଧ୍ୟାରେ ସୁପ୍ରିମକୋର୍ଟ ଓକିଲ ସଂଘ ପକ୍ଷରୁ ବିଦାୟୀ ସିଜେଆଇଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷ କାର୍ଯ୍ୟଦିବସରେ ଜଷ୍ଟିସ ମିଶ୍ର ନିଜର ଉତ୍ତରାଧିକାରୀ ଜଷ୍ଟିସ ଗୋଗୋଇ ଏବଂ ଜଷ୍ଟିସ ଏ.ଏମ୍. ଖାନ୍‌ୱିଲ୍‌କରଙ୍କ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି ମଧ କରିଥିଲେ। ସମାନତା ଅଧିକାର ଏବଂ ଗରିମାର ଦୃଢ଼ ସମର୍ଥକ ଜଷ୍ଟିସ ମିଶ୍ରଙ୍କ ୧୩ ମାସର କାର୍ଯ୍ୟକାଳ ବେଶ୍ ଘଟଣାବହୁଳ ଥିଲା। ତାଙ୍କ ଅଧକ୍ଷତା ବିଶିଷ୍ଟ ପୀଠ ଆଧାର ବୈଧତା, ସମଲିଙ୍ଗୀ ଯୌନ ସମ୍ପର୍କ, ଭୀମା-କୋରେଗାଓଁ, ଅଯୋଧ୍ୟା ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ପୂର୍ଣ୍ଣ ପ୍ରସଙ୍ଗରେ ରାୟ ଦେଇଛନ୍ତି। ମୁମ୍ବାଇ ବିସ୍ଫୋରଣ ଘଟଣାର ଅଭିଯୁକ୍ତ ୟାକୁବ୍ ମେମନ୍ ଏବଂ ନିର୍ଭୟା ଗଣବଳାତ୍କାର ମାମଲାର ଅଭିଯୁକ୍ତଙ୍କ ମୃତ୍ୟୁ ଦଣ୍ଡାଦେଶକୁ ମଧ ସେ ବଳବତ୍ତର ରଖିଥିଲେ। ବିଶେଷକରି ଗତ ୧୦ ଦିନ ମଧ୍ୟରେ ଅନେକ ମାମଲାର ଫଇସଲା କରି ଚର୍ଚ୍ଚା ସାଉଁଟିଥିଲେ ଜଷ୍ଟିସ ମିଶ୍ର। ତାଙ୍କ କାର୍ଯ୍ୟକାଳ ସମୟରେ ସୁପ୍ରିମକୋର୍ଟ ଇତିହାସରେ ପ୍ରଥମକରି ବିଦ୍ରୋହର ସ୍ୱର ଉଠିଥିଲା। ଜାନୁୟାରୀ ୧୨ ତାରିଖରେ ସିଜେଆଇଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିଥିଲେ ସର୍ବୋଚ୍ଚ ଅଦାଲତର ୪ ବରିଷ୍ଠ ବିଚାରପତି।

୧୯୫୩ ଅକ୍ଟୋବର ୩ରେ ଜନ୍ମିତ ଦୀପକ ମିଶ୍ର ୨୦୧୭ ଅଗଷ୍ଟ ୨୮ରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୧୧ ଅକ୍ଟୋବର ୧୦ରେ ସେ ସର୍ବୋଚ୍ଚ ଅଦାଲତର ବିଚାରପତି ନିଯୁକ୍ତ ହୋଇଥିଲେ। ମଧ୍ୟପ୍ରଦେଶ ହାଇକୋର୍ଟକୁ ବଦଳିହେବା ପୂର୍ବରୁ ୧୯୯୬ ଜାନୁୟାରୀ ୧୭ରେ ସେ ଓଡ଼ିଶା ହାଇକୋର୍ଟରେ ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ୧୯୯୭ ଡିସେମ୍ବର ୧୯ରେ ସେ ସ୍ଥାୟୀ ବିଚାରପତି ହୋଇଥିଲେ। ୨୦୦୯ ଡିସେମ୍ବର ୨୩ରେ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଦାୟିତ୍ୱ ସମ୍ଭାଳିଥିଲେ। ଏହାପରେ ୨୦୧୦ ମେ ୨୪ରେ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଦାୟିତ୍ୱ ଗ୍ରହଣ କରିଥିଲେ।

## ଭାରତ-ଉଜ୍‌ବେକିସ୍ତାନ ୧୭ ଚୁକ୍ତି



■ ଦ୍ୱିପାକ୍ଷିକ ସହଯୋଗିତା, ସହଭାଗିତାକୁ ଗୁରୁତ୍ୱ
■ ବାଣିଜ୍ୟ କାରବାର ୧ ବିଲିୟନ୍ ଡଲାରକୁ ବୃଦ୍ଧି ହେବ
■ ମୋଦି ଓ ମିର୍ଜିୟୋୟେଭଙ୍କ ମଧ୍ୟରେ ବୁଝାମଣା

**ନୂଆଦିଲ୍ଲୀ, ୧।୧୦(ପି.ଟି.)**

ଭାରତ ଏବଂ ଉଜ୍‌ବେକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ସହଭାଗିତାକୁ ବ୍ୟାପକ କରାଯିବ। ପ୍ରତିରକ୍ଷା ଏବଂ ଆତଙ୍କବାଦ ନିରୋଧୀ ଅଭିଯାନ ସମେତ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସହଯୋଗିତା ସ୍ଥାପନ ହେବ। କୃଷି, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ମହାକାଶ ଗବେଷଣା କ୍ଷେତ୍ରରେ ମଧ ଦୁଇଦେଶ ପରସ୍ପରକୁ ହାତ ବଢ଼ାଇବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଉଜ୍‌ବେକିସ୍ତାନ ରାଷ୍ଟ୍ରପତି ଶାବକତ ମିର୍ଜିୟୋୟେଭଙ୍କ ମଧ୍ୟରେ ଏସବୁ ପ୍ରସଙ୍ଗରେ ବୁଝାମଣା ପରେ ସୋମବାର ୧୭ ଚୁକ୍ତି ସ୍ୱାକ୍ଷର ହୋଇଛି। ଖାଲି ସେତିକି ନୁହେଁ, ଦୁଇଦେଶ ମଧ୍ୟରେ ଘନିଷ୍ଠ ସମ୍ପର୍କ ସତ୍ତ୍ୱେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୩୦୦ ନିୟୁତ ଡଲାର ମଧ୍ୟରେ ସୀମିତ ରହିଛି। ତେଣୁ ୨୦୨୦ ମସିହା ସୁଦ୍ଧା ଏହାକୁ ୧ ବିଲିୟନ୍ ଡଲାରକୁ ବୃଦ୍ଧି କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଚୁକ୍ତିକୁ 'ଐତିହାସିକ' ବୋଲି ମିର୍ଜିୟୋୟେଭ ଅଭିହିତ କରିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ଏବଂ ଉଜ୍‌ବେକିସ୍ତାନ ରାଷ୍ଟ୍ରପତି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ଯୁଦ୍ଧଗ୍ରସ୍ତ ଆଫଗାନିସ୍ତାନରେ ଲାଗିରହିଥିବା ବିବାଦୀୟ ସ୍ଥିତି ସମେତ ଅନେକ କ୍ଷେତ୍ରୀୟ ସୁରକ୍ଷା ବିଷୟ ମଧ ଦୁହେଁ ଉତ୍ଥାପନ କରିଥିଲେ। ଆଫଗାନିସ୍ତାନରେ ସ୍ଥିତି ସୁଧାରିବା ଲାଗି ଆଲୋଚନା ହିଁ ଏକମାତ୍ର ମାଧ୍ୟମ ବୋଲି ମୋଦି ଏବଂ ମିର୍ଜିୟୋୟେଭ ମତବ୍ୟକ୍ତ କରିଛନ୍ତି। ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ମଜଭୁତ କରିବା ହେଉଛି ଏହି ବୈଠକର ମୁଖ୍ୟ ଲକ୍ଷ୍ୟ। ତେଣୁ ସୁଦୂରପ୍ରସାରୀ ପ୍ରଭାବକୁ ଦେଖି ପ୍ରମୁଖ ପ୍ରସଙ୍ଗକୁ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି ମିଳିତ ଖବରଦାତା ସମ୍ମିଳନୀରେ ମୋଦି କହିଛନ୍ତି। ସେହିପରି ଭାରତ ସହ ସାମରିକ ସହଯୋଗିତା ବୃଦ୍ଧିକୁ ଉଜ୍‌ବେକିସ୍ତାନ ପ୍ରାଧାନ୍ୟ ଦେଉଥିବା ମିର୍ଜିୟୋୟେଭ କହିଛନ୍ତି।

## ହିଜ୍‌ବୁଲ୍‌ରେ ମିଶିଲେ ଅସ୍ତ୍ର ଲୁଟେରା ଏସ୍‌ପିଓ

**ଶ୍ରୀନଗର, ୧।୧୦(ପି.ଟି.)**

ସୁରକ୍ଷାବଳ ଛାଡ଼ିବା ସହ ଜଣେ ପିଡିପି ବିଧାୟକଙ୍କ ସରକାରୀ ବାସଭବନରୁ ୮ ଅସ୍ତ୍ର ଲୁଟ୍ କରି ଫେରାର ହୋଇଯାଇଥିବା ଜମ୍ମୁ-କଶ୍ମୀରର ଜଣେ ସ୍ୱତନ୍ତ୍ର ପୋଲିସ ଅଧିକାରୀ (ଏସ୍‌ପିଓ) ଆତଙ୍କବାଦୀ ସାଜିଛନ୍ତି। ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଙ୍ଗଠନ ହିଜ୍‌ବୁଲ ମୁଜାହିଦ୍ଦିନ୍‌ରେ ସେ ମିଶିଯାଇଛନ୍ତି। ଆତଙ୍କବାଦୀ କମାଣ୍ଡରଙ୍କ ସହ ତାଙ୍କର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି।



ଏହି ଘଟଣା ସମ୍ପର୍କରେ ଜଣେ ପୋଲିସ ଅଧିକାରୀ କହିଛନ୍ତି ଯେ, ଶୁକ୍ରବାର ଜୱାହର ନଗର ଅଞ୍ଚଳସ୍ଥିତ ବିଧାୟକ ଐଜିଜ୍ ଅହମ୍ମଦ ମିର୍‌ଙ୍କ ଘରୁ ଏସ୍‌ପିଓ ଅଦିଲ ବଶିର ୭ ଏକେ ରାଇଫଲ୍ସ ଏବଂ ଗୋଟିଏ ପିସ୍ତଲ ନେଇ ଚମ୍ପଟ ମାରିଥିଲେ। ଏବେ ଆତଙ୍କବାଦୀଙ୍କ ସହ ତାଙ୍କ ଫଟୋ ଦେଖିବାକୁ ମିଳିଛି। ସେ ଦୁଇଟି ବନ୍ଧୁକ ଧରି ଚାରି ହିଜବୁଲ୍ ଆତଙ୍କବାଦୀଙ୍କ ସହ ଛିଡ଼ା ହୋଇଥିବାର ଫଟୋ ଉତ୍ତୋଳନ ହୋଇଛି। ସେମାନଙ୍କ ମଧ୍ୟରେ ହିଜବୁଲ୍‌ର ଶୀର୍ଷସ୍ତରୀୟ କମାଣ୍ଡର ଜିନତ୍-ଉଲ୍-ଇସ୍‌ଲାମ ଅଛନ୍ତି। ଏକ ଫଳବଗିଚା ଭିତରେ ସେମାନେ ଏହି ଫଟୋ ନେଇଛନ୍ତି। ଏସ୍‌ପିଓ ବଶିର୍ ଅସ୍ତ୍ର ଲୁଟ୍ କରିବା ପୂର୍ବରୁ ଆତଙ୍କବାଦୀଙ୍କ ସହ ଯୋଗାଯୋଗ ରଖିଥିଲେ ବୋଲି ରାଜ୍ୟ ପୋଲିସ ଡିଜି ଦିଲ୍‌ବାଗ୍ ସିଂ କହିଛନ୍ତି।

## ୟୁପିଏସ୍‌ସି ପରୀକ୍ଷାରୁ ଓହରିପାରିବେ ଛାତ୍ରୀଛାତ୍ର

**ନୂଆଦିଲ୍ଲୀ, ୧।୧୦(ପି.ଟି.)**

ସିଭିଲ ସର୍ଭିସ୍ ପରୀକ୍ଷା ପାଇଁ ଆବେଦନ କରି ସୁଦ୍ଧା ଅନେକ ଛାତ୍ରୀଛାତ୍ର ଅନୁପସ୍ଥିତ ରହୁଛନ୍ତି। ୧୦ ଲକ୍ଷ ଆଶାୟୀଙ୍କ ମଧ୍ୟରୁ ମାତ୍ର ଅଧା ଛାତ୍ରୀଛାତ୍ର ପରୀକ୍ଷା ହଲ୍‌କୁ ଯାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସୋମବାର ୟୁନିୟନ୍ ପବ୍ଲିକ୍ ସର୍ଭିସ୍ କମିଶନ (ୟୁପିଏସ୍‌ସି) ନୂଆ ବ୍ୟବସ୍ଥା ଆଣିଛନ୍ତି। ଏଣିକି ଆଶାୟୀ ଛାତ୍ରୀଛାତ୍ର ଆବେଦନ ପରେ ପରୀକ୍ଷାରୁ ନିବୃତ୍ତ ରହିବାକୁ ଚାହିଁଲେ ଓହରିଯାଇପାରିବେ। ପ୍ରଥମ କରି ଏଭଳି ଅନୁମତି ପ୍ରଦାନ କରାଯିବ ବୋଲି ଏକ ବିଜ୍ଞପ୍ତି ଜରିଆରେ କମିଶନ କହିଛନ୍ତି। ୨୦୧୯ ଇଞ୍ଜିନିୟରିଂ ସର୍ଭିସେସ୍ ପରୀକ୍ଷାରୁ ଏହି ବ୍ୟବସ୍ଥା ଲାଗୁ ହେବ। ୟୁପିଏସ୍‌ସି ଅଧ୍ୟକ୍ଷ ଅରବିନ୍ଦ ସକ୍ସେନା ଏହି ସୂଚନା ଦେଇଛନ୍ତି।

## ଫୁରସତ

# କ୍ରିଷ୍ଣା ରାଜ କପୁରଙ୍କ ପରଲୋକ

**ମୁମ୍ବାଇ:**

କିମ୍ବଦନ୍ତୀ ଅଭିନେତା ରାଜ କପୁରଙ୍କ ସ୍ତ୍ରୀ କ୍ରିଷ୍ଣା କପୁର ହୃଦ୍‌ଘାତ ଯୋଗୁ ସୋମବାର ପ୍ରାଣ ହରାଇଛନ୍ତି। ତାଙ୍କୁ ୮୭ବର୍ଷ ବୟସ ହୋଇଥିଲା। ପୁତ୍ର ରଣଧୀର କପୁର ଟୁଇଟ୍ କରି ତାଙ୍କ ମା'ଙ୍କ ବିୟୋଗ ବିଷୟ ଜଣାଇଛନ୍ତି। ମା'ଙ୍କ ବିୟୋଗରେ ଗଭୀର ଭାବରେ ମ୍ରିୟମାଣ ହୋଇପଡିଥିବା ସେ ପ୍ରକାଶ କରିଛନ୍ତି। ୧୯୪୬ ମେ ମାସରେ ରାଜ କପୁର କ୍ରିଷ୍ଣା ମାଲହୋତ୍ରାଙ୍କୁ ବିବାହ କରିଥିଲେ। ଉକ୍ତ ଦମ୍ପତିଙ୍କର ୫ ସନ୍ତାନ। ତିନି ପୁତ୍ର ହେଲେ ରଣଧୀର, ରିଷି ଏବଂ ରାଜୀବ। ଦୁଇ କନ୍ୟା ହେଉଛନ୍ତି ରିତୁ ଏବଂ ରିମା। ପ୍ରସିଦ୍ଧ ଅଭିନେତା ରାଜେନ୍ଦ୍ର ନାଥ, ପ୍ରେମ ନାଥ ଏବଂ ନରେନ୍ଦ୍ର ନାଥଙ୍କର ସେ ଭଉଣୀ। କ୍ରିଷ୍ଣାଙ୍କ ଭଉଣୀ ଉମା ଅଭିନେତା ପ୍ରେମ ଚୋପ୍ରାଙ୍କୁ ବିବାହ କରିଥିଲେ। କ୍ରିଷ୍ଣାଙ୍କ ଶେଷକୃତ୍ୟ ଚେମ୍ବୁର ସମାଧିସ୍ଥଳରେ ସମ୍ପନ୍ନ ହେବ ବୋଲି ରଣଧୀର ଜଣାଇଛନ୍ତି।



କ୍ରିଷ୍ଣା ରାଜ କପୁରଙ୍କ ବିୟୋଗରେ ବଲିଉଡ୍ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ବିଶିଷ୍ଟ ସିନେ କଳାକାର ସଲମାନ୍ ଖାନ୍, ଅମିର ଖାନ୍, ସଞ୍ଜୟ ଦତ୍ତ, ସୋହା ଅଲି ଖାନ୍, ରବିନା ଟଣ୍ଡନ୍, ଅନୁପମ ଖେର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। କ୍ରିଷ୍ଣାଙ୍କ ବିୟୋଗରେ ପ୍ରଥମେ ରବିନା ଟଣ୍ଡନ ଶୋକପ୍ରକାଶ କରି କହିଛନ୍ତି, 'ତାଙ୍କ ବିୟୋଗରେ ଗୋଟିଏ ଯୁଗର ଅବସାନ ଘଟିଲା। ସ୍ୱର୍ଗତ ଆତ୍ମା ଶାନ୍ତି ଲାଭ କରୁ ଏବଂ ଶୋକସନ୍ତପ୍ତ ପରିବାରକୁ ଭଗବାନ୍ ଶକ୍ତି ଓ ସାମର୍ଥ୍ୟ ଦିଅନ୍ତୁ।' ଅନୁପମ ଖେର ମଧ ମାଇକ୍ରୋବ୍ଲଗିଂ ସାଇଟ୍‌ରେ ଉଲ୍ଲେଖ କରିଛନ୍ତି, 'କ୍ରିଷ୍ଣା କପୁରଙ୍କ ବିୟୋଗରେ ମୁଁ ଗଭୀର ଦୁଃଖିତ। ସେ ମର୍ଯ୍ୟାଦାବନ୍ତ ଏବଂ ସ୍ନେହୀ ମହିଳାଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ତାଙ୍କ ଆତ୍ମା ସ୍ୱର୍ଗରେ ଶାନ୍ତିଲାଭ କରୁ। ସମଗ୍ର କପୁର ପରିବାରକୁ ମୁଁ ସମବେଦନା ଜ୍ଞାପନ କରୁଛି।'

## ବୃହତ୍ 'ବୁଦ୍ଧମୂର୍ତ୍ତି'ର ପର୍ଯ୍ୟବେକ୍ଷଣ ହେବ

**ବେଜିଂ:**



ଚାଇନାର ଦକ୍ଷିଣ ପଶ୍ଚିମ ଶିଚୁଆନ୍ ପ୍ରଦେଶରେ ବିଶ୍ୱର ସର୍ବବୃହତ୍ ବୁଦ୍ଧମୂର୍ତ୍ତିର ମରାମତି ପାଇଁ ଚାରିମାସିଆ ପରୀକ୍ଷା ନିରୀକ୍ଷା ହେବ। ଏହି ପ୍ରତିମୂର୍ତ୍ତିର ଉଚ୍ଚତା ୭୧ ମିଟର। ଏହା ଲେଶାନ୍ ନଗରୀରେ ଅବସ୍ଥିତ। ଏହି ପ୍ରତିମୂର୍ତ୍ତିର ଛାତି ଏବଂ ତଳିପେଟରେ ଫାଟ ସୃଷ୍ଟି ହୋଇଛି ବୋଲି ଲେଶାନ୍‌ବୁଦ୍ଧ ସିନିକ୍‌ଏରିଆ ମ୍ୟାନେଜମେଣ୍ଟ କମିଟି ପକ୍ଷରୁ କୁହାଯାଇଛି। ଅକ୍ଟୋବର ୮ରୁ ଏହି ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ୧୨ଜଣ ସାଂସ୍କୃତିକ ଐତିହ୍ୟ ବିଶେଷଜ୍ଞ ଉପସ୍ଥିତ ରହିବେ। ୩ଡି ଲେଜର ସ୍କାନିଂ, ଇନ୍‌ଫ୍ରାରେଡ ଥର୍ମାଲ ଇମେଜିଂ ଏବଂ ଡ୍ରୋନ୍ ଏରିୟଲ୍ ସର୍ଭେ ଭଳି କଟିଂ ଏଜ୍ ଟେକ୍‌ନୋଲୋଜି ବ୍ୟବହାର କରାଯିବ।

ଉକ୍ତ ପ୍ରତିମୂର୍ତ୍ତି ଟାଙ୍ଗ ରାଜବଂଶ ସମୟ (୬୧୮-୯୦୭)ରେ ପ୍ରତିଷ୍ଠା ହୋଇଥିଲା। ୟୁନେସ୍କୋ ତାଲିକାରେ ଥିବା ଏହି ଐତିହାସିକ ପ୍ରତିମୂର୍ତ୍ତିର ଅନେକ ମରାମତି କାର୍ଯ୍ୟ କରାଯିବ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୮ | ୨୪.୧ |
| ଚାନ୍ଦବାଲି | ୩୫.୨ | ୨୬.୦ |
| କଟକ | ୩୪.୮ | ୨୫.୦ |
| ପାରାଦ୍ୱୀପ | ୩୩.୮ | ୨୭.୩ |
| ଭୁବନେଶ୍ୱର | ୩୪.୬ | ୨୫.୯ |
| ଗୋପାଳପୁର | ୩୫.୪ | ୨୬.୮ |
| ପୁରୀ | ୩୪.୮ | ୨୮.୧ |
| ଅନୁଗୋଳ | ୩୫.୧ | ୨୧.୬ |
| ବାରିପଦା | ୩୫.୮ | ୨୩.୨ |
| ଝାରସୁଗୁଡ଼ା | ୩୫.୫ | ୨୩.୧ |
| କେନ୍ଦୁଝର | ୩୩.୨ | ୨୦.୯ |
| ସମ୍ବଲପୁର | ୩୫.୪ | ୨୩.୧ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୫.୬ | ୨୩.୩ |
| ତାଳଚେର | ୩୬.୫ | ୨୪.୪ |
| ଭବାନୀପାଟଣା | ୩୩.୧ | ୨୪.୦ |
| ବଲାଙ୍ଗୀର | ୩୫.୦ | ୨୪.୦ |
| କୋରାପୁଟ | ୨୯.୮ | ୧୯.୫ |
| ଫୁଲବାଣୀ | --- | ୧୯.୫ |
| ଟିଟିଲାଗଡ଼ | ୩୪.୫ | ୨୨.୫ |
| ମାଲକାନଗିରି | ୩୪.୦ | --- |
| ସୋନପୁର | ୩୬.୨ | ୨୨.୮ |
| ଦାରିଙ୍ଗିବାଡ଼ି | --- | --- |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ମୁହଁ ଖୋଲିଲେ ଡେଜି ଶାହ



**ନୂଆଦିଲ୍ଲୀ:** ୨୦୦୯ରେ 'ହର୍ନ ଓକେ ପ୍ଲିଜ୍' ଶୁଟିଂ ସମୟରେ ତନୁଶ୍ରୀ ଦତ୍ତ ତାଙ୍କର ଭୟଙ୍କର ଅନୁଭୂତି ପ୍ରକାଶ କରିଛନ୍ତି। ଅଭିନେତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ସେ ନୃତ୍ୟ କରୁଥିବା ବେଳେ ବରିଷ୍ଠ ଅଭିନେତା ନାନା ପାଟେକର ତାଙ୍କ ପ୍ରତି ଅଶାଳୀନ ଆଚରଣ ପ୍ରଦର୍ଶନ କରିଥିଲେ। ଏହି ଘଟଣାରେ ବଲିଉଡ୍‌ର ଅନ୍ୟମାନଙ୍କ ସମେତ ଅଭିନେତ୍ରୀ ଡେଜି ଶାହ ତାଙ୍କ ପ୍ରତିକ୍ରିୟାରେ କହନ୍ତି, ମୁଁ ସେତେବେଳେ ଫିଲ୍ମସେଟ୍‌ରେ ଉପସ୍ଥିତ ଥିଲି। କେବଳ ସହକାରୀ କୋରିଓଗ୍ରାଫରଭାବରେ କାର୍ଯ୍ୟ କରୁଥିଲି। କ'ଣ ଘଟିଥିଲା ତାହା ମୋତେ ଜଣା ନ ଥିଲା। ନୃତ୍ୟ ସମୟରେ କିପରି ଷ୍ଟେପ୍ ପକାଇବାକୁ ହେବ ତାହା ଶିକ୍ଷା ଦେଉଥିଲି। ଅନ୍ୟ କୌଣସି କାର୍ଯ୍ୟକଳାପ ସମ୍ପର୍କରେ ମୋତେ କିଛି ଜଣା ନ ଥିଲା। ଶୁଟିଂସେଟ୍‌ରେ ଅନ୍ୟ ୩୦ଜଣ ନୃତ୍ୟଶିଳ୍ପୀ ଉପସ୍ଥିତ ଥିଲେ। ତେଣୁ ମୁଁ କେବଳ ଜଣେ ନୃତ୍ୟଶିଳ୍ପୀ ଉପରେ ଦୃଷ୍ଟିନିବଦ୍ଧ କରିପାରି ନ ଥିଲି। କାର୍ଯ୍ୟରେ ବ୍ୟସ୍ତ ଥିବାରୁ ତନୁଶ୍ରୀଙ୍କ ପ୍ରତି କ'ଣ ଘଟିଥିଲା ତାହା କହିପାରିବି ନାହିଁ। ଏଥିପାଇଁ ତନୁଶ୍ରୀଙ୍କ ପ୍ରତି ମୁଁ ସମବେଦନା ଜଣାଉଛି। କିନ୍ତୁ ଶପଥ କରି କହୁଛି, ମୁଁ ଏ ବିଷୟରେ କିଛି ଜାଣେନାହିଁ। ଇତ୍ୟବସରରେ ପୂର୍ବତନ ବିଉଟି କୁଇନ୍ ତନୁଶ୍ରୀ ଏକ ସାକ୍ଷାତକାରରେ ଅଭିଯୋଗ କରିଛନ୍ତି, ନୃତ୍ୟ କରିବାବେଳେ ଇଣ୍ଟିମେଟ୍ ଷ୍ଟେପ୍ (ଅନ୍ତରଙ୍ଗତା ପ୍ରଦର୍ଶନ) ପାଇଁ ମନା କରିବାରୁ ତାଙ୍କୁ ଏବଂ ତାଙ୍କ ପରିବାର ଉପରେ ଆକ୍ରମଣ କରାଯାଇଥିଲା। ତନୁଶ୍ରୀଙ୍କ ଏହି ବିସ୍ଫୋରକ ବୟାନ କାର୍ଯ୍ୟସ୍ଥଳରେ ମହିଳାଙ୍କୁ ନିର୍ଯାତନା ବିଷୟ ଉପରେ ବିତର୍କ ସୃଷ୍ଟି କରିଛି।

ସୌ|ନ୍ଦ|ର୍ଯ୍ୟ

# ପାଦର ଯତ୍ନ

ଋତୁ ବଦଳିବା ସହ ଏହାର ପ୍ରଭାବ ତ୍ୱଚା ଉପରେ ପଡିଥାଏ। ଯଦି ଆପଣଙ୍କ ପାଦ ଫାଟିଛି ତେବେ କେମିକାଲ୍ ଯୁକ୍ତ କ୍ରିମ୍ ବଦଳରେ ଘରୋଇ ଉପଚାର କରିପାରିବେ। ଜାଣନ୍ତୁ ସେ ସମ୍ପର୍କରେ.....



**ନିମ୍ବ ଏବଂ ହଳଦୀ**
ନିମ୍ବ ପତ୍ରର ପେଷ୍ଟ୍ ପ୍ରସ୍ତୁତ କରନ୍ତୁ। ଏଥିରେ ସାମାନ୍ୟ ହଳଦୀ ମିଶାଇ ଅଧଘଣ୍ଟା ପର୍ଯ୍ୟନ୍ତ ପାଦରେ ଫାଟିଥିବା ସ୍ଥାନରେ ଲଗାନ୍ତୁ। ଶୁଖିଯିବା ପରେ ପାଦକୁ ଧୋଇ ଦିଅନ୍ତୁ। ଲଗାତାର ଏକ ସପ୍ତାହ ପର୍ଯ୍ୟନ୍ତ ଏପରି କରନ୍ତୁ ଦେଖିବେ ପାଦ କୋମଳ ହୋଇଯିବ।

**ଗୋଲାପ ଜଳ ଓ ଗ୍ଲିସେରିନ୍**
ଗୋଲାପ ଜଳ ଏବଂ ଗ୍ଲିସେରିନ୍‌କୁ ସମାନ ମାତ୍ରାରେ ନେଇ ପେଷ୍ଟ୍ ପ୍ରସ୍ତୁତ କରନ୍ତୁ। ଫାଟିଯାଇଥିବା ସ୍ଥାନରେ ଏହାକୁ ଲଗାନ୍ତୁ। କିଛିଦିନ ଏପରି କଲେ ଦେଖିବେ ପାଦ ନରମ ହେବା ସହ କଳାଦାଗ ମଧ୍ୟ ଦୂର ହୋଇଯାଉଛି।

**ଓଟ୍‌ସ ଏବଂ ଜଜୋବା ଅଏଲ୍**
ଓଟ୍‌ସ ସହ ଯଯୋବା ଅଏଲ୍‌କୁ ମିଶାଇ ପାଦରେ ଲଗାନ୍ତୁ। ପ୍ରତିଦିନ ଏପରି କରନ୍ତୁ ଫରକ୍ ଅନୁଭବ କରିପାରିବେ।

**ଅଣ୍ଡା ଓ ଲେମ୍ବୁ ରସ**
ଦୁଇ ଚାମଚ ଅଣ୍ଡାର ଧଳା ଅଂଶରେ ୧ ଚାମଚ ଲେମ୍ବୁ ରସ ମିଶାଇ ୨୦ ମିନିଟ୍ ପର୍ଯ୍ୟନ୍ତ ପାଦରେ ଲଗାନ୍ତୁ। ଏହାପରେ ପାଦକୁ ଧୋଇ ଦିଅନ୍ତୁ।



# ସମ୍ପର୍କ ବିଶ୍ୱାସର







ରେଣୁକା ସ୍ୱାଇଁ

ଅଗ୍ନିକୁ ସାକ୍ଷୀ ରଖି ନାରୀ ଓ ପୁରୁଷ ବିବାହ ବନ୍ଧନରେ ବାନ୍ଧି ହୋଇ ସାତ ଜନ୍ମ ପର୍ଯ୍ୟନ୍ତ ଏକତ୍ର ରହିବା ପାଇଁ ପ୍ରତିଜ୍ଞା କରିଥାନ୍ତି। ନାରୀ ଓ ପୁରୁଷର ବିବାହ କୁଆଡେ ସ୍ୱର୍ଗରେ ବ୍ରହ୍ମା ଆଗରୁ ସ୍ଥିର କରିଥାନ୍ତି ବୋଲି କୁହାଯାଏ। ପତିପତ୍ନୀର ସମ୍ପର୍କ ଅତି ମଧୁର। ସ୍ୱାମୀ ସ୍ତ୍ରୀର ଇହକାଳ ଓ ପରକାଳର ଦେବତା। ସ୍ତ୍ରୀ ସ୍ୱାମୀର ଅର୍ଦ୍ଧାଙ୍ଗିନୀ। ସ୍ୱାମୀର ସୁଖରେ ସ୍ତ୍ରୀ ସୁଖୀ ଓ ଦୁଃଖରେ ଦୁଃଖୀ ହୋଇଥାଏ। ଜଣଙ୍କର କିଛି ଅସୁବିଧା ହେଲେ ଆଉ ଜଣେ ବ୍ୟସ୍ତ ହୋଇ ପଡିଥାଏ।

ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ବୁଝାମଣା ଠିକ ରହିଲେ ସମ୍ପର୍କ ନିବିଡ ରହେ ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହୁଏ। କିନ୍ତୁ କୌଣସି କାରଣରୁ ପରସ୍ପର ମଧ୍ୟରେ ସନ୍ଦେହ ଓ ଘୃଣା ଭାବ ସୃଷ୍ଟି ହେଲେ ସମ୍ପର୍କ ତୁଟିଯାଏ। ଉଭୟଙ୍କ ମଧ୍ୟରେ ସର୍ବଦା କଳିଗୋଳ ଲାଗିରୁହେ। ମନାନ୍ତର ସୃଷ୍ଟି ହୁଏ । ଏହି ସମସ୍ୟା ଉଗ୍ର ରୂପ ଧାରଣ କଲେ ସ୍ୱାମୀ ଓ ସ୍ତ୍ରୀ ପରସ୍ପରଠାରୁ ଦୂରେଇ ଯିବାକୁ ଚେଷ୍ଟା କରନ୍ତି। ଶେଷରେ ଏହା ଛାଡପତ୍ରରେ ପରିଣତ ହୁଏ।

ଛାଡପତ୍ର ହେଉଛି ଶେଷ ଅବସ୍ଥା ଯେଉଁଠାରୁ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ରହିଥିବା ସମ୍ପର୍କ ସବୁଦିନ ପାଇଁ ଛିଣ୍ଡିଯାଏ। ତେଣୁ ଛାଡପତ୍ର ଦେବା ପୂର୍ବରୁ ଉଭୟ ସ୍ୱାମୀ ଓ ସ୍ତ୍ରୀ ଭଲ ଭାବେ ଚିନ୍ତା କରିବା ଉଚିତ। ଆଜିକାଲି ପାଶ୍ଚାତ୍ୟ ସଭ୍ୟତାକୁ ଅନୁସରଣ କରି ଭାରତରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଛାଡପତ୍ର ଦିଆନିଆ ଚାଲିଛି। କିନ୍ତୁ ଆମ ଦେଶର ସଂସ୍କୃତି ଓ ପରମ୍ପରା ଅଲଗା। ଝିଅଟିଏ ସ୍ୱାମୀଠାରୁ ଛାଡପତ୍ର ପାଇ ବାପଘରକୁ ଚାଲିଗଲେ ଯେ ସୁଖରେ ରହିବ ତାହା ଠିକ ଭାବେ କହିହେବ ନାହିଁ। ସ୍ୱାମୀ ପରିତ୍ୟକ୍ତା ଝିଅକୁ ସମାଜରେ ସମସ୍ତେ ଖରାପ ଦୃଷ୍ଟିରେ ଦେଖନ୍ତି। ବାପା, ମାଆ, ଭାଇ ଭାଉଜମାନେ ମଧ୍ୟ ସହଯୋଗ କରନ୍ତି ନାହିଁ। ସବୁ ସ୍ଥାନରେ ଝିଅଟି ଅସୁରକ୍ଷିତ ହୋଇପଡେ। ବଞ୍ଚିବା ପାଇଁ ତାକୁ ଅହରହ କସରତ କରିବାକୁ ପଡେ।

> ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ବୁଝାମଣା ଠିକ ରହିଲେ ସମ୍ପର୍କ ନିବିଡ ରହେ ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହୁଏ । କିନ୍ତୁ କୌଣସି କାରଣରୁ ପରସ୍ପର ମଧ୍ୟରେ ସନ୍ଦେହ ଓ ଘୃଣା ଭାବ ସୃଷ୍ଟି ହେଲେ ସମ୍ପର୍କ ତୁଟିଯାଏ । ଉଭୟଙ୍କ ମଧ୍ୟରେ ସର୍ବଦା କଳିଗୋଳ ଲାଗିରୁହେ । ମନାନ୍ତର ସୃଷ୍ଟି ହୁଏ । ଏହି ସମସ୍ୟା ଉଗ୍ର ରୂପ ଧାରଣ କଲେ ସ୍ୱାମୀ ଓ ସ୍ତ୍ରୀ ପରସ୍ପରଠାରୁ ଦୂରେଇ ଯିବାକୁ ଚେଷ୍ଟା କରନ୍ତି।



ଯଦି ଝିଅଟି ରୋଜଗାରକ୍ଷମ ହୋଇଥାଏ ତେବେ ସେ କିଛି ମାତ୍ରାରେ ନିଜକୁ ସୁରକ୍ଷିତ ମଣିଥାଏ। ରୋଜଗାର ଥିବାରୁ କାହା ଉପରେ ନିର୍ଭର କରିବାକୁ ପଡି ନ ଥାଏ। କିନ୍ତୁ ଯଦି ଝିଅଟି ଅପାଠୁଆ କିମ୍ବା ଶିକ୍ଷିତ ହୋଇ ବି ରୋଜଗାରକ୍ଷମ ନ ହୋଇପାରିଲା ତାହାର ଦୁଃଖର ବୋଝ ଅଧିକ। ତେଣୁ ଉଭୟ ସ୍ୱାମୀ ଓ ସ୍ତ୍ରୀ ଛାଡପତ୍ର ଦେବା ପୂର୍ବରୁ ଅନେକଥର ଚିନ୍ତା କରିବା ଉଚିତ। ଛୋଟ ଛୋଟ କଥାରେ ଉତ୍ତେଜିତ ନ ହୋଇ ନିଜକୁ ସମ୍ଭାଳି ନେବା ଉଚିତ। କଥାରେ ଅଛି ଘର କରିଥିଲେ ପଥର ପଡିଲେ ସହିବାକୁ ହୁଏ। ତେଣୁ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ଜାରି ରହିଲେ ଏବଂ ପରସ୍ପର ମଧ୍ୟରେ ସ୍ନେହ ଶ୍ରଦ୍ଧା ରହିଲେ ସମ୍ପର୍କ ସୁଦୃଢ ହୋଇଥାଏ।

ପୁଅ ବୋହୂ ଓ ଝିଅ ଜ୍ୱାଇଁଙ୍କ ମଧ୍ୟରେ କିପରି ସମ୍ପର୍କ ସୁଦୃଢ ରହିବ ସେଥିପାଇଁ ପରିବାରର ଲୋକମାନେ ମଧ୍ୟ ସହଯୋଗ କରିବା ଉଚିତ। ବିଶେଷକରି ବାପା ମାଆମାନେ ଏଥିରେ ସହଯୋଗ କରିବା ଉଚିତ। ଝିଅଟିଏ ଶାଶୁ ଘରକୁ ଗଲେ ମଧ୍ୟ ମାଆ ଟେଲିଫୋନ ମାଧ୍ୟମରେ ଝିଅଠାରୁ ସବୁ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝେ। ଅନେକ ସମୟରେ ଶାଶୁଘରର ଅସୁବିଧା କଥା ଝିଅ ମାଆକୁ କହିଥାଏ। ଏଥିରେ ମାଆମାନେ ଉତ୍କ୍ଷିପ୍ତ ନ ହୋଇ ଝିଅକୁ ସାନ୍ତ୍ୱନା ଦେବା ଦରକାର। କୌଣସି ଭୁଲ ଥିଲେ ସମାଧାନ କରାଇ ଝିଅ ଜ୍ୱାଇଁଙ୍କର ସୁଖ ଦେଖିବା ଉଚିତ।

ସେହିପରି ପୁଅ ବୋହୂଙ୍କ କ୍ଷେତ୍ରରେ ଶାଶୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପୁଅ ସହିତ ବୋହୂ କିପରି ଖୁସିରେ ରହିବ ପୁଅର ମାଆ ଚିନ୍ତା କରିବା ଭଲ। ତେଣୁ ପରସ୍ପର ମଧ୍ୟରେ ସ୍ନେହ ଶ୍ରଦ୍ଧା ଭରି ରହିଲେ ଘରଟି ବୈକୁଣ୍ଠପୁର ପାଲଟିଯାଏ। ଯାହାଫଳରେ ଛାଡପତ୍ର ପରି ମହାବାତ୍ୟା ସମ୍ପର୍କର ସେତୁକୁ ଭାଙ୍ଗିବାକୁ ସକ୍ଷମ ହୋଇପାରିବ ନାହିଁ।

*-ଅଧ୍ୟାପିକା, ହରିଶପୁର ବଳଦେବ ମହାବିଦ୍ୟାଳୟ, ବୋରିକିନା, ଜଗତ୍‌ସିଂହପୁର, ମୋ:୮୦୧୮୨୪୧୪୨୪*

## ଘରୋଇ ଟିପ୍ସ

- ଆଲମାରିରେ କପଡା ରଖିବା ପୂର୍ବରୁ ତାକୁ ଭଲଭାବେ ସଫା କପଡାରେ ପୋଛି ରଖନ୍ତୁ। ଏହାପରେ କର୍ପୂର ପାଣିରେ ଆଲମାରିକୁ ସଫା କରନ୍ତୁ ଏବଂ ଏବେ ଏହାକୁ ଶୁଖିଯିବାକୁ ଛାଡି ଦିଅନ୍ତୁ। ଆଲମାରି ଶୁଖିଯିବା ପରେ ସେଥିରେ କପଡା ରଖିଦିଅନ୍ତୁ।
- ଦାମୀ ଡ୍ରେସ୍ ଆଲମାରିରେ ରଖିବା ପୂର୍ବରୁ ଭ୍ୟାକ୍ସ ପେପର କିମ୍ବା ପ୍ଲାଷ୍ଟିକ୍ ପେପରରେ ର୍ୟାପ୍ କରି ରଖନ୍ତୁ। ଏହାଦ୍ୱାରା କପଡା ଆଲମାରି ସଂସ୍ପର୍ଶରେ ଆସିବନି। ଫଳରେ ଏହା ଖରାପ ବି ହେବନି।
- କେବେ କେବେ ଆପଣ ଟିକେ ଟିକେ ଓଦା ଥିବା କପଡାକୁ ଯଦି ଆଲମାରିରେ ରଖିଦେବେ ଏହା ଦୁର୍ଗନ୍ଧ ହେବ। ଏଥିପାଇଁ କପଡା ଭଲଭାବେ ଶୁଖିଗଲା ପରେ ତାକୁ ଆଲମାରିରେ ରଖନ୍ତୁ।
- କପଡାରୁ ଦୁର୍ଗନ୍ଧ ଦୂର କରିବାକୁ ହେଲେ ଆଲମାରିରେ ନ୍ୟାପଥଲିନ୍ ବଟିକା ରଖନ୍ତୁ। ଏହାର ବ୍ୟବହାର କପଡାରୁ ଆସୁଥିବା ଦୁର୍ଗନ୍ଧ ଦୂର କରିଥାଏ।
- ଖାଦ୍ୟରେ ବ୍ୟବହାର ହେଉଥିବା ଖାଇବା ସୋଡା ଦୁର୍ଗନ୍ଧ ଦୂର କରିଥାଏ। ଏଥିପାଇଁ କପଡା ଧୋଇବା ସମୟରେ ଖାଇବାସୋଡା ଟିକେ ପକାଇ ସଫା କରନ୍ତୁ। ଦେଖିବେ କପଡାରୁ ଦୁର୍ଗନ୍ଧ ଦୂର ହୋଇଯାଇଛି।



ଫ୍ୟା|ଶ|ନ

## କୁର୍ତ୍ତି ସହ ପିନ୍ଧନ୍ତୁ ଜିନ୍ସ

ଜିନ୍ସର ଫ୍ୟାଶନ୍ ଦିନକୁ ଦିନ ବଢ଼ି ଚାଲିଛି। ଏହାକୁ କ୍ରପ୍‌ଟପ୍ ସହିତ, ଶର୍ଟସ ସହ ମଧ୍ୟ ପିନ୍ଧିପାରିବେ। ଆଜିକାଲି କୁର୍ତ୍ତି ସହିତ ଜିନ୍ସ ପିନ୍ଧିବାର ଫ୍ୟାଶନ୍ ଚାଲିଛି। ଏହି ଲୁକ୍‌ରେ କେବଳ ଆପଣ ଷ୍ଟାଇଲିଷ୍ଟ ଦେଖାଯିବା ସହ କୁଲ୍ ମଧ୍ୟ ଲାଗିବେ । ଯଦି ନିଜର ପସନ୍ଦୀୟ କୁର୍ତ୍ତି ସହିତ ଜିନ୍ସ ପିନ୍ଧିବାକୁ ଚାହୁଁଛନ୍ତି ତେବେ ଜାଣନ୍ତୁ ଏ ସମ୍ପର୍କରେ କେତୋଟି ଟିପ୍ସ...

**ଅନାରକଲୀ କୁର୍ତ୍ତି:** ଏହି କୁର୍ତ୍ତି ସହ ଆପଣ ଲେଗିଙ୍ଗ ସହ ମଧ୍ୟ ଡେନିମ୍ କଲର ଜିନ୍ସ ପିନ୍ଧିପାରିବେ।

**ଫ୍ଲୋରାଲ କୁର୍ତ୍ତା:** ଫୁଲର ଡିଜାଇନ୍ ଥିବା କୁର୍ତ୍ତିର ଏବେ ଟ୍ରେଣ୍ଡ ଚାଲିଛି। ଏହାକୁ ଯଦି ଆପଣ ଜିନ୍ସ ସହ ପିନ୍ଧୁଥାନ୍ତି ତେବେ ଆପଣଙ୍କ ପର୍ସନାଲିଟି ଦ୍ୱିଗୁଣିତ ହୋଇଯିବ।

**ଡିଜାଇନର କୁର୍ତ୍ତା:** ଡିଜାଇନ୍‌ର କୁର୍ତ୍ତି ସହ ଜିନ୍ସ ପିନ୍ଧିଲେ ଆପଣଙ୍କୁ ଏହା ପରଫେକ୍ଟ ଲୁକ୍ ଦେବ। ଏହାଦ୍ୱାରା ସମସ୍ତଙ୍କ ନଜର ଆପଣଙ୍କ ଉପରେ ରହିବ।

**କଲର ଥିବା କୁର୍ତ୍ତି:** କଲର ଥିବା କୁର୍ତ୍ତି ସହ ଆପଣ ଗଜିନ୍ସକୁ ମଧ୍ୟ କ୍ୟାରି କରିପାରିବେ। ଯାହାଦ୍ୱାରା ଆପଣ ବହୁତ କୁଲ୍ ଏବଂ ସେକ୍ସି ଦେଖାଯିବେ।



## ମଡ୍ୟୁଲାର କିଚେନ୍

ମଡ୍ୟୁଲାର କିଚେନ୍ ପ୍ରସ୍ତୁତ କରିବା ସମୟରେ କିଚେନ୍ ଡିଜାଇନ୍, ମ୍ୟାଟେରିଆଲ୍, ଲାଇଟ୍ ଆରେଞ୍ଜମେଣ୍ଟ ଆଦିର ଧ୍ୟାନ ଦେବା ମଧ୍ୟ ଜରୁରୀ। ଜାଣନ୍ତୁ ଏ ସମ୍ପର୍କରେ...

- ମଡ୍ୟୁଲାର କିଚେନ୍ ପ୍ରସ୍ତୁତ କରିବା ସମୟରେ ପ୍ରଥମେ ଘର ହିସାବରେ ବେସିକ୍ ଲେଆଉଟ୍ ପ୍ରସ୍ତୁତ କରନ୍ତୁ। ଫ୍ରିଜ୍, ମାଇକ୍ରୋୱେଭ୍, ସିଙ୍କ ଆଦି ସିଧା ନ ରଖି ତ୍ରିଭୁଜ ଆକାରରେ ରଖନ୍ତୁ। ଏପରି କରିବା ଦ୍ୱାରା ଆପଣଙ୍କୁ କାମ କରିବା ପାଇଁ ସହଜ ହେବ।
- କିଚେନ୍‌ରେ ମ୍ୟାକ୍ସିମମ୍ ଷ୍ଟୋରେଜ୍ ସ୍ପେଶ କରିବାକୁ ହେଲେ ଆପଣ କପବୋର୍ଡ ସିଷ୍ଟମ ରଖନ୍ତୁ। ଏଥିପାଇଁ ଆପଣ କଟଲରୀ, ବାସ୍କେଟ୍‌କପ୍, କପ ସସର୍ ବାସ୍କେଟ୍, ଗ୍ରେନ୍ ବାସ୍କେଟ୍, ମିକ୍ସଡ୍ ଏବଂ ପ୍ଲେନ୍ ବାସ୍କେଟ୍ ଲଗାଇ ପାରିବେ।
- ମ୍ୟାଟେରିଆଲ୍ ସିଲେକ୍‌ସନ୍ କରିବା ସମୟରେ ଏ କଥାର ଧ୍ୟାନ ରଖନ୍ତୁ ଯେ ଏହା କେତେ ଓଜନ ସହିପାରିବ। କିଚେନ୍‌ରେ ଲାଗିଥିବା ପ୍ଲାଟଫର୍ମ ମାର୍ବଲ କିଛି ଦିନ ପରେ ମାଟିଆ ହେବାର ଆଶଙ୍କା ରହିଛି। ଏହା ବଦଳରେ ଆପଣ ଗ୍ରାନାଇଟ୍ ଲଗାଇ ପାରିବେ।



ଖାଦ୍ୟରୁଚି

## ଚାଉଳ ପକୁଡି

**ଆବଶ୍ୟକ ସାମଗ୍ରୀ:** ଭାତ ଦୁଇକପ, ଲୁଣ ସ୍ୱାଦ ଅନୁସାରେ, ଛୋଟ ଆକାରରେ କଟା ହୋଇଥିବା କଞ୍ଚାଲଙ୍କା ଦୁଇଟି, ଅଦା ଅଧ ଇଞ୍ଚର ଖଣ୍ଡ ଛେଚା ହୋଇଥିବା, ଆମଚୁର ପାଉଡର ଏକ ଚତୁର୍ଥାଂଶ, ଧନିଆଁ ପତ୍ର ଏକ ଚାମଚ, ବେସନ ଏକ କପ, ସିମ୍‌ଲାମିର୍ଚ୍ଚ ଏକ ଚତୁର୍ଥାଂଶ, ଆବଶ୍ୟକ ପରିମାଣର ତେଲ ପକୁଡି ଛାଣିବା ପାଇଁ।

**ପ୍ରସ୍ତୁତି ପ୍ରଣାଳୀ:** ଭାତରେ ଲୁଣ, କଞ୍ଚାଲଙ୍କା, ଅଦା, ଆମଚୁର ପାଉଡର, ସିମ୍‌ଲା ମିର୍ଚ୍ଚ ପାଉଡର ଏବଂ ଧନିଆଁ ପତ୍ରକୁ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏହି ମିଶ୍ରଣରୁ ଲେମ୍ବୁ ଆକାରର ଗୁଳା କାଢ଼ି ତାକୁ ଗୋଲାକାର କରିବା ପରେ ଚେପ୍‌ଟା କରି ଦିଅନ୍ତୁ। ଗୋଲ କିମ୍ବା ଚେପଟା ଯାହାବି ଆପଣଙ୍କୁ ପସନ୍ଦ ସେ ହିସାବରେ ପ୍ରସ୍ତୁତ କରିପାରିବେ। ଏବେ ବେସନ ଏକ ପାତ୍ରରେ କାଢ଼ି ଦିଅନ୍ତୁ, ଲୁଣ, ନାଲିଲଙ୍କାଗୁଣ୍ଡ ଏବଂ ଧନିଆ ପାଉଡର ପକାନ୍ତୁ। ଏବେ ଏଥିରେ ଆବଶ୍ୟକ ମୁତାବକ ପାଣି ଦେଇ ଘୋଳ ପ୍ରସ୍ତୁତ କରନ୍ତୁ। ଏହି ମିଶ୍ରଣକୁ ଚାମଚରେ ଭଲଭାବେ ୫-୭ମିନିଟ୍ ପର୍ଯ୍ୟନ୍ତ ଭଲଭାବେ ଫେଣ୍ଟନ୍ତୁ। ଏବେ ଗ୍ୟାସରେ କଡେଇ ବସାଇ ତେଲ ଗରମ କରନ୍ତୁ। ତେଲ ଗରମ ହେଲାପରେ ଗୁଳାକୁ ଶୁଖିଲା ବେସନରେ ପକାଇ ତେଲରେ ଛାଣି ଦିଅନ୍ତୁ। ଏବେ ଏହା ବ୍ରାଉନ୍ ହେବା ପର୍ଯ୍ୟନ୍ତ ତାକୁ ଏପଟ ସେପଟ କରୁଥାନ୍ତୁ। ଛଣା ହେଉଥିବା ପକୁଡିକୁ ରଖିବା ଲାଗି ଏକ ପ୍ଲେଟ୍‌ରେ ନ୍ୟାପକିନ୍ ପେପର ପକାଇ ରଖନ୍ତୁ। ସବୁ ପକୁଡି ଏହି ପରି ଛାଣି ପ୍ରସ୍ତୁତ କରନ୍ତୁ। ଚାଉଳ ପକୁଡି ସହିତ ଧନିଆ ଚଟଣୀ, ଚିଲି ସସ୍ ଏବଂ ଟମାଟୋ ସହ ଏହାକୁ ଖାଇପାରିବେ।



| Dollar | Sensex | Nifty | Gold | Silver |
|---|---|---|---|---|
| 72.91 (43) | 36,526.14 (299) | 11,008.30 (77.85) | 31,475.00 (₹75) | 38,950.00 (₹150) |



ବ୍ୟାଙ୍କଗୁଡ଼ିକ ଋଣ ଛାଡ଼ କରିବେ ନାହିଁ। ସଂସ୍ଥାଗୁଡ଼ିକ ବିଭିନ୍ନ ପଦକ୍ଷେପ ଦ୍ୱାରା ବାଲାନ୍ସ ଶିଟ୍‌କୁ ସ୍ୱଚ୍ଛ କରିବା ସହ ଟିକସଧାରାର ଉନ୍ନତୀକରଣରେ ସହାୟକ ହେବେ।
**– ଅରୁଣ ଜେଟ୍‌ଲୀ, କେନ୍ଦ୍ର ଅର୍ଥମନ୍ତ୍ରୀ**



ବିଭିନ୍ନ ଚ୍ୟାଲେଞ୍ଜକୁ ନଜରରେ ରଖି ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍‌ସି ବୋର୍ଡକୁ ଅଧିକ କ୍ଷମତାର ଆବଶ୍ୟକତା ରହିଛି।
**– ଜଷ୍ଟିସ ସୁଧାଂଶୁ ଜ୍ୟୋତି ମୁଖୋପାଧ୍ୟାୟ, ଏନ୍‌ସିଏଲ୍‌ଏଟି ଅଧ୍ୟକ୍ଷ**

## ସଂକ୍ଷେପରେ

### ଆଇଏମ୍‌ଏଫ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ହେଲେ ଗୀତା ଗୋପୀନାଥ

ୱାଶିଂଟନ,୧-୧୦: ପ୍ରବାସୀ ଭାରତୀୟ ତଥା ହାର୍ଭାର୍ଡ ପ୍ରଫେସର ଗୀତା ଗୋପୀନାଥଙ୍କୁ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ)ର ମୁଖ୍ୟ ଅର୍ଥନୀତିଜ୍ଞ ଭାବେ ନିଯୁକ୍ତ କରାଯାଇଛି। ଏ ସମ୍ପର୍କରେ ଆଇଏମ୍‌ଏଫ ଏମ୍‌ଡି କ୍ରିଷ୍ଟିନ ଲାଗାର୍ଡେ ସୂଚନା ଦେଇଛନ୍ତି। ହାର୍ବାର୍ଡ ବିଶ୍ୱବିଦ୍ୟାଳୟର ଜନ୍ ଜ୍ୱାନଷ୍ଟ୍ରା ପ୍ରଫେସର ଅଫ୍ ଇଣ୍ଟରନ୍ୟାଶନାଲ ଷ୍ଟଡିଜ ଆଣ୍ଡ ଇକୋନୋମିକ୍ସରେ ପ୍ରଫେସର ଭାବେ ଗୀତା କାର୍ଯ୍ୟ କରୁଛନ୍ତି। ପ୍ରବାସୀ ଭାରତୀୟ ତଥା ଆମେରିକା ନାଗରିକ ଗୀତା ପ୍ରିନ୍ସଟନ ବିଶ୍ୱବିଦ୍ୟାଳୟରୁ ୨୦୦୧ରେ ଇକୋନୋମିକ୍ସରେ ପି.ଏଚ୍‌ଡ଼ି ଡିଗ୍ରୀ ହାସଲ କରିଥିଲେ। ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସ୍ନାତକ ହାସଲ ପରେ ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସ ଏବଂ ୟୁନିଭର୍ସିଟି ଅଫ ୱାଶିଂଟନରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ।

### ଏସ୍‌ବିଆଇ ଏଟିଏମ୍: ଦିନକରେ କାଢ଼ି ହେବ ୨୦ ହଜାର

ନୂଆଦିଲ୍ଲୀ,୧-୧୦: ଦେଶର ସର୍ବବୃହତ ବ୍ୟାଙ୍କ କୁହାଯାଉଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ଏହାର ଏଟିଏମ୍‌ରୁ ଟଙ୍କା କାଢ଼ିବାର ସୀମା ହ୍ରାସ କରିଛି। ଏଣିକି ଦିନକୁ ୨୦ହଜାର ପର୍ଯ୍ୟନ୍ତ ଟଙ୍କା ଏସ୍‌ବିଆଇ ଏଟିଏମ୍‌ରୁ କାଢ଼ି ହେବ। ଅକ୍ଟୋବର ୩୧ରୁ ଏହି ନୂଆ କଟକଣା କାର୍ଯ୍ୟକାରୀ ହେବ। ଅଦ୍ୟାବଧି ଏହି ସୀମା ୪୦ ହଜାର ଟଙ୍କା ଥିଲା। ନିଜର ଶାଖାମାନଙ୍କୁ ପଠାଇଥିବା ନିର୍ଦ୍ଦେଶରେ ଏସ୍‌ବିଆଇ କହିଛି ଯେ, ଏଟିଏମ୍ ଠକାମୀ ଓ ନଗଦ କାରବାରକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଟଙ୍କା କାଢ଼ିବା ସୀମାକୁ କମାଇ ଦିଆଯାଉଛି। କ୍ଲାସିକ ଓ ମାଇକ୍ରୋ ଶ୍ରେଣୀର ଡେବିଟ୍ କାର୍ଡ ଜରିଆରେ ଟଙ୍କା ଉଠାଣକୁ ହ୍ରାସ କରାଯାଇଛି। ଆଗକୁ ପାର୍ବଣ ଋତୁ ଆସୁଥିବା ବେଳେ ନଗଦ ଚାହିଦା ଅଧିକ ରହିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏସ୍‌ବିଆଇର ଏହି ପଦକ୍ଷେପ ଦ୍ୱାରା ବଜାରରେ ନଗଦ କାରବାରକୁ ହ୍ରାସ କରାଯାଇପାରିବ।

### ୨୫୦ କୋଟିରେ ୧୪ ସମ୍ପତ୍ତି ବିକିବ ଏୟାର ଇଣ୍ଡିଆ

ନୂଆଦିଲ୍ଲୀ,୧-୧୦: ଋଣରେ ବୁଡ଼ି ରହିଥିବା ଏୟାର ଇଣ୍ଡିଆ ନଗଦ ଅର୍ଥ ଯୋଗାଡ କରିବା ଲକ୍ଷ୍ୟରେ ୬ଟି ସହରରେ ଥିବା ଏହାର ୧୪ଟି ସମ୍ପତ୍ତି ବିକ୍ରି କରିବ। ଏଥିପାଇଁ କମ୍ପାନୀ ପକ୍ଷରୁ ନିଲାମ ଆହ୍ୱାନ କରାଯାଇଛି। ମୁମ୍ବାଇ, କୋଲକାତା, ଚେନ୍ନାଇ, ବେଙ୍ଗାଲୁରୁ, ପୁନେ ଏବଂ ଅମୃତସରରେ ଏୟାର ଇଣ୍ଡିଆର ସମ୍ପତ୍ତି ରହିଛି। ସେଠାରେ ଉଭୟ ବାଣିଜ୍ୟିକ ଓ ଆବାସୀୟ ଫ୍ଲାଟ୍‌ସବୁ ରହିଛି। ଏହିସବୁ ସମ୍ପତ୍ତି ବିକି ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ପ୍ରାୟ ୨୫୦ କୋଟି ଟଙ୍କା ସଂଗ୍ରହ କରିବାର ଲକ୍ଷ୍ୟ ରଖିଛି ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି।

# ସରକାରଙ୍କ ହାତରେ ଆଇଏଲ୍‌ଆଣ୍ଡଏଫ୍‌ଏସ୍

**ନୂଆଦିଲ୍ଲୀ,୧-୧୦**

- ପୁରୁଣା ବୋର୍ଡ ଭଙ୍ଗ
- ୬ ଜଣିଆ ନୂଆ ବୋର୍ଡ ଗଠନ
- ୮ରେ ବୈଠକ
- ୨୦୦୯ରେ ସତ୍ୟମ୍ କମ୍ପ୍ୟୁଟରକୁ ଅଧିଗ୍ରହଣ କରାଯାଇଥିଲା



ପ୍ରାୟ ୯୧ ହଜାର କୋଟି ଟଙ୍କାର ଋଣରେ ବୁଡ଼ି ରହିଥିବା ଇନଫ୍ରାଷ୍ଟ୍ରକ୍ଚର ଲିଜିଂ ଆଣ୍ଡ ଫାଇନାନ୍ସିଂ ସର୍ଭିସେସ୍(ଆଇଏଲ୍‌ଆଣ୍ଡଏଫ୍‌ଏସ୍)କୁ କେନ୍ଦ୍ର ସରକାର ସୋମବାର ନିଜ ହାତକୁ ନେଇଛନ୍ତି। ପୂର୍ବରୁ ସରକାର ଏଥିପାଇଁ ରାଷ୍ଟ୍ରୀୟ କମ୍ପାନୀ ଆଇନ ନ୍ୟାୟାଧୀକରଣ (ଏନ୍‌ସିଏଲ୍‌ଟି)ର ଅନୁମତି ନେଇଥିଲେ। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବୋର୍ଡ ଭାଙ୍ଗିବା ଲାଗି ଆବେଦନ କରାଯାଇଥିଲା। ଆବେଦନକୁ ନ୍ୟାୟାଧିକରଣ ଅନୁମୋଦନ କରିବା ପରେ ସରକାର ଆଇଏଲ୍‌ଆଣ୍ଡଏଫ୍‌ଏସକୁ ହାତକୁ ନେଇ ଏହାର ବୋର୍ଡକୁ ଭାଙ୍ଗି ଦେଇଛନ୍ତି। ସରକାର ସେ ସ୍ଥାନରେ ଏକ ୬ ଜଣିଆ ସଦସ୍ୟଙ୍କୁ ନେଇ ନୂଆ ବୋର୍ଡ ଗଠନ କରିଛନ୍ତି। କୋଟାକ୍ ମହିନ୍ଦ୍ରା ବ୍ୟାଙ୍କର ଏମ୍‌ଡି ଉଦୟ କୋଟାକ, ପୂର୍ବତନ ଆଇଏଏସ୍ ଅଧିକାରୀ ତଥା ଟେକ୍ ମହିନ୍ଦ୍ରା ମୁଖ୍ୟ ବିନୀତ ନାୟାର, ସେବିର ପୂର୍ବତନ ମୁଖ୍ୟ ଜି.ଏନ୍ ବାଜପାୟୀ, ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ଅଧ୍ୟକ୍ଷ ଜି.ସି.ଚତୁର୍ବେଦୀ, ପୂର୍ବତନ ଆଇଏଏସ୍ ଅଧିକାରୀ ମାଳିନୀ ଶଙ୍କର ଏବଂ ନନ୍ଦ କିଶୋର ଏହାର ସଦସ୍ୟ ରହିଛନ୍ତି। ନୂଆ ସଦସ୍ୟଙ୍କୁ ନେଇ ଗଠିତ ବୋର୍ଡ ଆସନ୍ତା ୮ରେ ପ୍ରଥମଥର ପାଇଁ ବୈଠକରେ ବସିବେ। ବିଗତ ଏକ ଦଶନ୍ଧି ଧରି 'ଏଏଏ' ବା ଟ୍ରିପଲ୍ 'ଏ' ରେଟିଂ ପାଇଥିବା ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଉପରେ ବିଗତ କିଛିବର୍ଷ ହେବ ଋଣବୋଝ ବଢ଼ିଚାଲିଛି। ଗତ ଦୁଇ ମାସ ହେଲା ଏହାର ସ୍ଥିତି ସାଂଘାତିକ ହୋଇଛି। ମୂଳ କମ୍ପାନୀ ସହିତ ଏହାର ସହାୟକ କମ୍ପାନୀମାନେ ସୁଧ ପରିଶୋଧ କରିବାରେ ଅସମର୍ଥ ହେଲେ। କେବଳ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଉପରେ ୧୬,୫୦୦ କୋଟିରୁ ଅଧିକ ଟଙ୍କାର ଋଣ ରହିଛି। ଅନ୍ୟପକ୍ଷରେ ଏହାର ସହାୟକ କମ୍ପାନୀମାନଙ୍କୁ ମିଶାଇଲେ ମୋଟ୍ ଋଣର ପରିମାଣ ୯୧ ହଜାର କୋଟି ଟଙ୍କାରେ ପହଞ୍ଚିଛି। ଏହି ଋଣର ଏକ ବଡ଼ ଅଂଶ ବ୍ୟାଙ୍କ ଏବଂ ବୀମା କମ୍ପାନୀଙ୍କ ଠାରୁ ନିଆଯାଇଛି।

ଉଲ୍ଲେଖ କରାଯାଇପାରେ ଯେ, କେନ୍ଦ୍ର ସରକାର କୌଣସି ଘରୋଇ କମ୍ପାନୀକୁ ନିଜ ନିୟନ୍ତ୍ରଣକୁ ନେଇ ନ ଥାନ୍ତି। ଗତ ବର୍ଷ ସରକାର ଋଣରେ ବୁଡ଼ି ଯାଇଥିବା ରିଏଲିଟି କମ୍ପାନୀ ୟୁନିଟେକ୍ ଲିମିଟେଡକୁ ନିଜ ନିୟନ୍ତ୍ରଣକୁ ନେବାକୁ ଚାହିଁଥିଲେ। ତେବେ କମ୍ପାନୀର ଆବେଦନକୁ ବିଚାର କରି ସୁପ୍ରିମକୋର୍ଟ ସରକାରଙ୍କ ଉଦ୍ୟମକୁ ରୋକିଥିଲେ। ତେବେ ୯ ବର୍ଷ ପୂର୍ବେ ୨୦୦୯ରେ ଆକାଉଣ୍ଟିଙ୍ଗ ଦୁର୍ନୀତିର ପର୍ଦ୍ଦାଫାଶ ପରେ ସରକାର ସତ୍ୟମ କମ୍ପ୍ୟୁଟରକୁ ନିଜ ନିୟନ୍ତ୍ରଣକୁ ନେଇଥିଲେ। କମ୍ପାନୀ ପ୍ରତିଷ୍ଠାତା ତଥା ଏହାର ଅଧ୍ୟକ୍ଷ ରାମଲିଙ୍ଗା ରାଜୁ କର୍ପୋରେଟ ଜଗତରେ ସର୍ବବୃହତ ଆକାଉଣ୍ଟ ଘୋଟାଲା ହୋଇଥିବା ସ୍ୱୀକାର କରିଥିଲେ। ଏହି କାରଣରୁ ଦେଶର ଆଇଟି ସେକ୍ଟର ଉପରେ ବିପଦ ମାଡିଆସିଥିଲା। ନିବେଶକଙ୍କ ଭରସା ଫେରାଇ ଆଣିବା ଲକ୍ଷ୍ୟରେ ସରକାର ସେତେବେଳେ ସତ୍ୟମକୁ ନିଜ ନିୟନ୍ତ୍ରଣକୁ ନେଇଥିଲେ। ପରେ ଏହାକୁ ଟେକ୍ ମହିନ୍ଦ୍ରାକୁ ବିକ୍ରି କରାଯାଇଥିଲା। ଆଇଏଲ୍‌ଆଣ୍ଡଏଫ୍‌ଏସ୍‌କୁ ବୁଡ଼ିବାକୁ ଦିଆଯିବ ନାହିଁ ବୋଲି ୨୫% ଅଂଶଧନ ରଖିଥିବା ଏଲ୍‌ଆଇସି ଗତ ସପ୍ତାହରେ କହିଥିଲା। ଜାପାନର ଓରିକ୍ସ କର୍ପ ନିକଟରେ ୨୩.୫୪ ପ୍ରତିଶତ, ଆବୁଧାବୀ ଇନଭେଷ୍ଟମେଣ୍ଟ ଅଥରିଟି ନିକଟରେ ୧୨.୫୬ ପ୍ରତିଶତ ଆଇଏଲ୍‌ଆଣ୍ଡଏଫ୍‌ଏସ ଅଂଶଧନ ରହିଛି। ଏହାଛଡ଼ା ଏସ୍‌ବିଆଇ ନିକଟରେ ୬.୪୨ ପ୍ରତିଶତ ଅଂଶଧନ ରହିଛି।

# ଏ. ଚନ୍ଦ୍ରଶେଖର ନାବାର୍ଡ କ୍ଷେତ୍ରୀୟ କାର୍ଯ୍ୟାଳୟର ନୂଆ ସିଜିଏମ୍

**ଭୁବନେଶ୍ୱର,୧-୧୦**



ନ୍ୟାଶନାଲ ବ୍ୟାଙ୍କ ଫର୍ ଏଗ୍ରିକଲ୍‌ଚର ଆଣ୍ଡ ରୁରାଲ ଡେଭଲପମେଣ୍ଟ (ନାବାର୍ଡ)ର ଓଡ଼ିଶା କ୍ଷେତ୍ରୀୟ କାର୍ଯ୍ୟାଳୟର ନୂଆ ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ୍ ) ଭାବେ ଏ ଚନ୍ଦ୍ରଶେଖର ଅକ୍ଟୋବର ୧ରୁ ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ସେ ବାଣିଜ୍ୟରେ ସ୍ନାତକୋତ୍ତର ଏବଂ ସିଏଆଇଆଇବିରୁ ଡିଗ୍ରୀ ହାସଲ କରିଛନ୍ତି। ଉନ୍ନତୀକରଣ କ୍ଷେତ୍ର ଏବଂ ଫାଇନାନ୍ସ ସଂକ୍ରାନ୍ତ କାର୍ଯ୍ୟ କ୍ଷେତ୍ରରେ ତାଙ୍କର ଦୀର୍ଘ ତିନି ଦଶନ୍ଧିର ଅଭିଜ୍ଞତା ରହିଛି। ଦେଶରେ ଥିବା ନାବାର୍ଡର ବିଭିନ୍ନ କାର୍ଯ୍ୟାଳୟରେ ସେ କାର୍ଯ୍ୟ କରିବା ସହ ମୁମ୍ବାଇସ୍ଥିତ କାର୍ଯ୍ୟାଳୟରେ ପ୍ରମୁଖ ଦାୟିତ୍ୱରେ ରହିଥିଲେ। ଲକ୍ଷ୍ନୌ ସ୍ଥିତ ବ୍ୟାଙ୍କର୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ରୁରାଲ ଡେଭ୍‌ଲପମେଣ୍ଟ (ବିଆଇଆର୍‌ଡି)ରେ ଜଣେ ଟ୍ରେନର ଭାବେ ସେ କାର୍ଯ୍ୟ କରିଛନ୍ତି। ଓଡିଶା କାର୍ଯ୍ୟାଳୟରେ ଯୋଗ ଦେବା ଆଗରୁ ନାବାର୍ଡ ଆନ୍ଧ୍ର ପ୍ରଦେଶ କାର୍ଯ୍ୟାଳୟରେ ଜିଏମ୍ ଭାବେ କାର୍ଯ୍ୟ କରୁଥିଲେ।

# ସେପ୍ଟେମ୍ବରରେ ୯୪ ହଜାର କୋଟି ଜିଏସ୍‌ଟି ଆଦାୟ

**ନୂଆଦିଲ୍ଲୀ,୧-୧୦**




କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ସୋମବାର ସେପ୍ଟେମ୍ବର ଲାଗି ଜିଏସ୍‌ଟି ଆଦାୟ ତଥ୍ୟ ପ୍ରକାଶ କରିଛନ୍ତି। ଅଗଷ୍ଟରେ ୯୩,୬୯୦ କୋଟି ଟଙ୍କା ଜିଏସ୍‌ଟି ଆଦାୟ ହୋଇଥିବାବେଳେ ସେପ୍ଟେମ୍ବରରେ ଏହା ୯୪,୪୪୨କୋଟି ଟଙ୍କାକୁ ବୃଦ୍ଧି ପାଇଛି। କେନ୍ଦ୍ର ସରକାର ୧ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରିବାର ଲକ୍ଷ୍ୟ ଧାର୍ଯ୍ୟ ହାସଲ କରିପାରି ନାହାନ୍ତି। ସେପ୍ଟେମ୍ବରରେ ୬୭ ଲକ୍ଷ ଜିଏସ୍‌ଟି ରିଟର୍ନ ଦାଖଲ କରାଯାଇଛି। ସଂଗୃହୀତ ଜିଏସ୍‌ଟିରୁ ସେଣ୍ଟ୍ରାଲ ଜିଏସ୍‌ଟି ବାବଦରେ ୧୫,୩୧୮ କୋଟି, ରାଜ୍ୟ ଜିଏସ୍‌ଟି ବାବଦରେ ୨୧,୦୬୧ କୋଟି, ଆଇ ଜିଏସ୍‌ଟି ବାବଦରେ ୫୦,୦୭୦ କୋଟି(ଆମଦାନୀ ବାବଦରେ ସଂଗୃହୀତ ୨୫,୩୦୮ କୋଟି ଟଙ୍କା) ଏବଂ ସେସ୍ ବାବଦରେ ୭,୯୯୩ କୋଟି ଟଙ୍କା ଆଦାୟ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାର ମୋଟ୍ ରାଜସ୍ୱ ସିଜିଏସ୍‌ଟି ବାବଦରେ ୩୦,୫୭୪ କୋଟି ଟଙ୍କା ଏବଂ ଏସ୍‌ଜିଏସ୍‌ଟି ବାବଦରେ ୩୫,୦୧୫ କୋଟି ଟଙ୍କା ପାଇଛନ୍ତି।

# ଫୋର୍ବସ୍ ତାଲିକାରେ ୧୨ ଭାରତୀୟ କମ୍ପାନୀ

**ନୂଆଦିଲ୍ଲୀ,୧-୧୦**

**ଶୀର୍ଷରେ ଆମେରିକାର ୱାଲ୍ଟ ଡିଜନୀ**

ଇନଫୋସିସ୍, ଟିସିଏସ୍ ଏବଂ ଟାଟା ମୋଟର୍ସ ସମେତ ୧୨ ଭାରତୀୟ କମ୍ପାନୀ ଫୋର୍ବସ୍‌ର ଶ୍ରେଷ୍ଠ ସମ୍ମାନିତ କମ୍ପାନୀ ତାଲିକାରେ ସ୍ଥାନ ପାଇଛନ୍ତି। ବିନୋଦନ କ୍ଷେତ୍ରରେ ଅଗ୍ରଣୀ ୧୬୫ ବିଲିୟନ ଡଲାର ମୂଲ୍ୟର ୱାଲ୍ଟ ଡିଜନୀ କମ୍ପାନୀ ଏହି ତାଲିକାର ଶୀର୍ଷରେ ରହିଛି। ଏହାପଛକୁ ହସ୍‌ପିଟାଲିଟି କମ୍ପାନୀ ହିଲଟନ୍ ଏବଂ କାର୍ ନିର୍ମାତା ଫେରାରୀ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ଭିସା ୪ର୍ଥ, ପେ-ପଲ୍ ୫ମ, ମିଡିଆ କମ୍ପାନୀ ନେଟ୍‌ଫ୍ଲିକ୍ସ ୬ଷ୍ଠ, ସିମେନ୍ସ ୭ମ, ଇଣ୍ଟରନେଟ ରିଟେଲର ଆମାଜନ.କମ୍ ୮ମ, ମାରିୟଟ ଇଣ୍ଟରନ୍ୟାଶନାଲ ୯ମ ଏବଂ ମାଷ୍ଟର କାର୍ଡ ୧୦ମ ସ୍ଥାନରେ ରହିଛି। ଭାରତୀୟ କମ୍ପାନୀଙ୍କ ଭିତରେ ଏଚ୍‌ଡିଏଫ୍‌ସି ୨୧୭ତମ, ଇନଫୋସିସ୍ ୩୧ତମ, ଟାଟା କନସଲଟାନ୍ସି ସର୍ଭିସେସ୍ ୩୫ତମ, ଟାଟା ମୋଟର୍ସ ୭୦ତମ, ଟାଟା ଷ୍ଟିଲ ୧୩୧ତମ, ଲାର୍ସେନ ଆଣ୍ଡ ଟବ୍ରୋ ୧୩୫ତମ, ଗ୍ରାସୀମ ଇଣ୍ଡଷ୍ଟ୍ରିଜ ୧୫୪ତମ, ଜେନେରାଲ ଇନସ୍ୟୁରାନ୍ସ କର୍ପୋରେଶନ ଅଫ ଇଣ୍ଡିଆ ୧୫୬ତମ, ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ୧୬୪ତମ, ଏସିଆନ ପେଣ୍ଟସ ୨୦୩ତମ, ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ୨୨୭ ତମ ଏବଂ ଆଇଟିସି ୨୩୯ ତମ ସ୍ଥାନରେ ରହିଛନ୍ତି। ମୋଟ୍ ୨୫୦ କମ୍ପାନୀଙ୍କ ମଧ୍ୟରେ ଆମେରିକାର ୬୧ କମ୍ପାନୀ ରହିଛନ୍ତି।

# ଆଧାର ଲିଙ୍କ୍ ହଟାଇବେ ଟେଲିକମ୍ ସଂସ୍ଥା

**ନୂଆଦିଲ୍ଲୀ,୧-୧୦**

**ଯୋଜନା ପ୍ରସ୍ତୁତି ଲାଗି କମ୍ପାନୀଙ୍କୁ ୧୫ ଦିନ ସମୟ**

ସୁପ୍ରିମକୋର୍ଟ ଆଧାର ବ୍ୟବହାର ଉପରେ କଟକଣା ଜାରି କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ବାୟୋମେଟ୍ରିକ ନମ୍ବର ଜାରି କରୁଥିବା ଭାରତୀୟ ବିଶିଷ୍ଟ ପରିଚୟ କର୍ତ୍ତୃପକ୍ଷ(ୟୁଆଇଡିଏଆଇ) ଆଧାର ସଂଯୋଗ ହଟାଇବା ନେଇ ଟେଲିକମ୍ କମ୍ପାନୀଙ୍କୁ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ଏହା ଉପସ୍ଥାପନ କରିବାକୁ କୁହାଯାଇଛି। ଏହି ଯୋଜନା କାର୍ଯ୍ୟକାରୀ କରାଯିବା ପରେ ଇ-କେୱାଇସିରେ ଆଧାର ବ୍ୟବହାର ଉପରେ କଟକଣା ଲାଗୁ ହୋଇଯିବ। ୟୁଆଇଡିଏଆଇ ପକ୍ଷରୁ ଭାରତୀ ଏୟାରଟେଲ, ରିଲାଏନ୍ସ ଜିଓ, ଭୋଡାଫୋନ ଆଇଡିଆ ସମେତ ଅନ୍ୟ ସମସ୍ତ ଟେଲିକମ ଅପରେଟରଙ୍କୁ ଏକ ସର୍କୁଲାର ଜାରି କରାଯାଇଛି। ସୁପ୍ରିମକୋର୍ଟଙ୍କ ରାୟ ପରିପ୍ରେକ୍ଷୀରେ ଆଧାର ସଂଯୋଗ କାଟିବା ନେଇ ତୁରନ୍ତ ପଦକ୍ଷେପ ନେବାକୁ ଏଥିରେ କୁହାଯାଇଛି। ଅକ୍ଟୋବର ୧୫ ସୁଦ୍ଧା ଇ-କେୱାଇସିରେ ଆଧାର ଯାଞ୍ଚ ବନ୍ଦ କରିବା ନେଇ ଯୋଜନା ଉପସ୍ଥାପନ କରିବାକୁ ଟେଲିକମ କମ୍ପାନୀଙ୍କୁ କୁହାଯାଇଛି। ଉଲ୍ଲେଖଥାଉ କି, ସୁପ୍ରିମକୋର୍ଟ ଆଧାର ଆଇନର ଧାରା ୫୭କୁ ରଦ୍ଦ କରି ମୋବାଇଲ ସିମ୍ ଦେବା ଲାଗି ଟେଲିକମ୍ କମ୍ପାନୀମାନେ ଇ-କେୱାଇସିରେ ଆଧାର ନମ୍ବର ଦେବାକୁ ବାଧ୍ୟ କରିପାରିବେ ନାହିଁ ବୋଲି ରାୟ ଦେଇଥିଲେ। ଏହାର ଅର୍ଥ ଟେଲିକମ କମ୍ପାନୀମାନେ ସିମ୍ ଦେବା ବେଳେ ସମସ୍ତ କାଗଜପତ୍ର ଓ ସ୍ୱାକ୍ଷର ଯାଞ୍ଚ କରିବାର ପୁରୁଣା ବ୍ୟବସ୍ଥାକୁ ଫେରିବାକୁ ବାଧ୍ୟ ହେବେ। ଫଳରେ ଗ୍ରାହକଙ୍କୁ ସିମ୍ ପାଇବା ଲାଗି ୨ରୁ ୩ ଦିନ ଅପେକ୍ଷା କରିବାକୁ ପଡିବ।

# ଲାଷ୍ଟମାଇଲ୍ ଡେଲିଭରି ନେଟ୍‌ୱର୍କ ଦୃଢ଼ କରୁଛି ଆମାଜନ

**ଦେଶରେ ଇଣ୍ଟରନେଟ ଓ ସ୍ମାର୍ଟଫୋନ ବ୍ୟବହାର ପୂର୍ବାପେକ୍ଷା ଢେର ବଢ଼ିଛି। ଲୋକମାନେ ଏବେ ଅନ୍‌ଲାଇନରୁ ବିଭିନ୍ନ ସାମଗ୍ରୀ କ୍ରୟ ଲାଗି ବେଶ୍ ପସନ୍ଦ କରୁଛନ୍ତି। ଇ-କମର୍ସ ଦ୍ୱାରା ଘରେ ବସି ବିଭିନ୍ନ ପ୍ରଡକ୍ଟ ସହଜରେ ପାଇ ହେଉଛି। ଏହି ସେବା ପ୍ରଦାନ ଲାଗି ଦେଶରେ ବିଭିନ୍ନ ଇ-କମର୍ସ କମ୍ପାନୀ ନିଜର ପରିସରକୁ ବୃଦ୍ଧି କରୁଛନ୍ତି। ଏକ୍ଷେତ୍ରରେ ଆମାଜନ ଏକ ପ୍ରମୁଖ ନାମ। ବିଭିନ୍ନ ବର୍ଗରେ ଏହା ବର୍ତ୍ତମାନ ପ୍ରଡକ୍ଟ ଯୋଗାଉଛି। କମ୍ପାନୀର ଡେଲିଭରି ନେଟ୍‌ୱର୍କ ବୃଦ୍ଧି ନେଇ ଏହାର ଲାଷ୍ଟ ମାଇଲ ଅପରେଶନ୍ସ ନିର୍ଦ୍ଦେଶକ ଅୱାନିଶ ସିଂ ଧରିତ୍ରୀକୁ ଦେଇଥିବା ସାକ୍ଷାତ୍‌କାର...**



**ବ୍ୟବସାୟ ବୃଦ୍ଧି ନେଇ ବିଭିନ୍ନ କମ୍ପାନୀଙ୍କ ମଧ୍ୟରେ ଏବେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିଛି। ଏପରି ସ୍ଥିତିରେ ନେଟ୍‌ୱର୍କ ବୃଦ୍ଧି ପାଇଁ କିଭଳି ଯୋଜନା ହାତକୁ ନେଇଛନ୍ତି?**

ବ୍ୟବସାୟ ବୃଦ୍ଧି ନେଇ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଛି। ଏ କ୍ଷେତ୍ରରେ ଡେଲିଭରି ନେଟ୍‌ୱର୍କ ସମ୍ପ୍ରସାରଣ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଗ୍ରାହକ କେଉଁ ସ୍ଥାନରେ ବା କେତେ ଦୂରରେ ରହୁଛନ୍ତି ତାକୁ ଧ୍ୟାନ ନ ଦେଇ ସେମାନେ କିଭଳି ଉନ୍ନତ ସେବା ପାଇବେ ତାକୁ ସର୍ବଦା ବିଚାର କରିଥାଉ। ଭରସାଯୋଗ୍ୟ ଡେଲିଭରି ଉପରେ ଆମର ଧ୍ୟାନ ରହିଛି। ଅପରପକ୍ଷରେ ଇ-କମର୍ସକୁ ଦୈନନ୍ଦିନ ଜୀବନରେ ଏକ ଅଂଶ ଭାବେ ଗଢି ତୋଳିବା ନେଇ ପଦକ୍ଷେପ ନେଉଛୁ। ତୃଣମୂଳ ସ୍ତର ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ବିଭିନ୍ନ ଯୋଜନା ଗ୍ରହଣ କରାଯାଉଛି। ଡେଲିଭରି ନେଟ୍‌ୱର୍କ ବୃଦ୍ଧି ଲାଗି ଭିତ୍ତିଭୂମି ଦୃଢ଼ୀକରଣ ଧାରା ଜାରି ରହିଛି। ୩୦ ସର୍ଟ ସେଣ୍ଟର, ୫୦ ଫୁଲଫିଲମେଣ୍ଟ ସେଣ୍ଟର, ୫୦୦ ସହରରେ ୮୫୦ ଡେଲିଭରି ସେଣ୍ଟର, ୨୦,୫୦୦ ପୋଷ୍ଟାଲ କୋଡ୍ ଦ୍ୱାରା ସେବା ଯୋଗାଣକୁ ତ୍ୱରିତ କରୁଛୁ। 'ଡେଲିଭରି ସର୍ଭିସ ପାର୍ଟନର ପ୍ରୋଗ୍ରାମ', 'ଆଇ ହାଭ ସ୍ପେସ୍ ପ୍ରୋଗ୍ରାମ' ଭଳି ସ୍ୱତନ୍ତ୍ର ପଦକ୍ଷେପ ହାତକୁ ନିଆଯାଇଛି। ଆଇ ହାଭ ସ୍ପେସ୍ ପ୍ରୋଗ୍ରାମ ଦ୍ୱାରା ଦେଶର ୩୫୦ ସହରର ୨୦,୦୦୦ ଷ୍ଟୋର ସହ ଯୋଡି ହେବା ସହ ଅର୍ଡର ଡେଲିଭରି ତ୍ୱରାନ୍ୱିତ କରିବା ଦିଗରେ କାର୍ଯ୍ୟରତ।

**ଓଡିଶାରେ କମ୍ପାନୀର ବାଣିଜ୍ୟ ସ୍ଥିତିକୁ ନେଇ କ'ଣ କହିବେ?**

ଆମାଜନ ପାଇଁ ଓଡିଶା ଏକ ଗୁରୁତ୍ୱପୂର୍ଣ୍ଣ ବଜାର। ୨୦ ଡେଲିଭରି ଷ୍ଟେଶନ ସହ ଏଠାରେ ସେବା ଯୋଗାଉଛୁ। ଓଡିଶାରେ ଡେଲିଭରି ଷ୍ଟେଶନକୁ ଦୁଇଗୁଣ କରାଯାଇଛି। ରାଜ୍ୟର ପ୍ରମୁଖ ୧୦ ସହରରେ କମ୍ପାନୀର ସ୍ଥିତି ଉନ୍ନତ ରହିଛି। ସହରଗୁଡିକ ମଧ୍ୟରେ ଭୁବନେଶ୍ୱର,କଟକ, ରାଉରକେଲା,ଗଞ୍ଜାମ, ସମ୍ବଲପୁର ଭଳି ଅନ୍ୟ କେତେକ ସ୍ଥାନ ରହିଛି। 'ଆଇ ହାଭ ସ୍ପେସ୍' କାର୍ଯ୍ୟକ୍ରମରେ ୩୦୦ ରିଟେଲ ଆଉଟଲେଟ ଆମ ସହ ଯୋଡି ହୋଇ କାର୍ଯ୍ୟ କରୁଛନ୍ତି। ଏହି ଧାରାକୁ ଆହୁରି ଉନ୍ନତ କରିବାକୁ ପ୍ରୟାସ ଜାରି ରହିଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଡେଲିଭରି ଷ୍ଟେଶନମାନ ରହିଛି।

**ଇ-କମର୍ସ ବଜାର ଅଭିବୃଦ୍ଧି କିପରି ରହିଛି। ଏ କ୍ଷେତ୍ରରେ ଆମାଜନକୁ କିଭଳି ଦେଖୁଛନ୍ତି?**

ଦେଶରେ ଇ-କମର୍ସ ପରିସର ଦ୍ରୁତ ଭାବେ ବୃଦ୍ଧି ଘଟୁଛି। ଏଭଳି ସ୍ଥିତିରେ ଆମାଜନ ବିଭିନ୍ନ ବର୍ଗରେ ୧୭୦ ନିୟୁତ ପ୍ରଡକ୍ଟ ଉପଲବ୍ଧ କରାଉଛି। ଘରୋଇ ବଜାରର ଅଧିକାଂଶ ଇ-ସପିଂ ମୋବାଇଲ ଡିଭାଇସ ଦ୍ୱାରା ହେଉଛି। ପ୍ରାୟ ୮୫% ଲୋକ ମୋବାଇଲ୍ ଦ୍ୱାରା ଇ-ସପିଂ କରୁଛନ୍ତି। ଗ୍ରାହକଙ୍କୁ ବିସ୍ତୃତ ବର୍ଗରେ ଉତ୍ପାଦ ଯୋଗାଣ ଉପରେ କାର୍ଯ୍ୟ କରୁଛୁ। ଆମାଜନ ଆପ୍‌ର ବାର୍ଷିକ ଡାଉନ୍‌ଲୋଡ ୧୦୦ ନିୟୁତ ରହିଛି। ଟାୟାର ୨ ଏବଂ ୩ ସହରଗୁଡିକ ଉପରେ ବେଶି ଧ୍ୟାନ କେନ୍ଦ୍ରିତ କରୁଛୁ। ମୋବାଇଲ, ଫ୍ୟାଶନ, ଏଫ୍‌ଏମ୍‌ସିଜି ଏବଂ ହୋମ୍ ଆପ୍ଲାଏନ୍ସ ବର୍ଗରେ ଅଧିକ ସାମଗ୍ରୀ ବିକ୍ରି ହେଉଛି। ନୂଆ ବ୍ରାଣ୍ଡକୁ ଆମ ସହ ଯୋଡିବାକୁ ବିଭିନ୍ନ ପଦକ୍ଷେପ ନେଉଛୁ। ବେଷ୍ଟ ରେଞ୍ଜ, ବେଷ୍ଟ ପ୍ରାଇସ, ତ୍ୱରିତ ଡେଲିଭରିକୁ ଅଗ୍ରାଧିକାର ଦିଆଯାଉଛି। ସେହିଭଳି ନିରାପଦ ଅର୍ଡରିଂ ଅଭିଜ୍ଞତା, ସୁବିଧାଜନକ ଇ-ପେମେଣ୍ଟ, କ୍ୟାଶଅନ୍ ଡେଲିଭରୀ, ୨୪ ଘଣ୍ଟିଆ ସର୍ଭିସ ସପୋର୍ଟ, ଏସୁଜେଡ୍ ଗ୍ୟାରେଣ୍ଟି ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ପାର୍ବଣ ସମୟରେ ସ୍ୱତନ୍ତ୍ର ଅଫର ମଧ୍ୟ ଗ୍ରାହକଙ୍କୁ ପ୍ରଦାନ କରାଯାଉଛି।

**ଇ-କମର୍ସ କ୍ଷେତ୍ରରେ ବିଭିନ୍ନ ସମୟରେ ଗ୍ରାହକଙ୍କୁ ଠକେଇ ଅଭିଯୋଗ ଆସୁଛି। ଏନେଇ କମ୍ପାନୀ କିଭଳି ପଦକ୍ଷେପ ନେଉଛି?**

ଉନ୍ନତ ସେବା ଯୋଗାଣ ଉପରେ ଧ୍ୟାନ କେନ୍ଦ୍ରିତ କରୁଛୁ। ଗ୍ରାହକଙ୍କ ଅଭିଯୋଗ ସମାଧାନ ଲାଗି ସ୍ୱତନ୍ତ୍ର ପଦକ୍ଷେପ ହାତକୁ ନିଆଯାଉଛି। କେଉଁ କ୍ଷେତ୍ରରେ ଅସୁବିଧା ରହିଲା ସେ ଉପରେ ତଦନ୍ତ କରାଯିବା ସହ ଏହାର ସମାଧାନକୁ ଗୁରୁତ୍ୱ ଦେଉଛୁ। ଡୋର୍ ଷ୍ଟେପ ସେବା ଦ୍ୱାରା ପିଓଏସ୍‌ରେ ପେମେଣ୍ଟ ଗ୍ରହଣ କରାଯାଉଛି। କମ୍ପାନୀର ମୋଟ୍ ଟ୍ରାଞ୍ଜାକଶନ ମଧ୍ୟରେ ୪୦% କ୍ୟାଶ ଭିତ୍ତିକ ହୋଇଥିବା ବେଳେ ୬୦% ଅନ୍‌ଲାଇନ୍।

**ଗ୍ରାହକଙ୍କୁ କମ୍ପାନୀ ସହ ଯୋଡି ରଖିବା ପ୍ରସଙ୍ଗକୁ କିଭଳି ବିଚାର କରନ୍ତି?**

ଗ୍ରାହକଙ୍କୁ ଅଗ୍ରାଧିକାର ଦେବା ସହ ସେମାନେ କିଭଳି ଭାବେ ଭଲ କ୍ରୟ ଅଭିଜ୍ଞତା ଲାଭ କରିବେ ତାକୁ ଦେଖୁଛୁ। ଏ ନେଇ ଭଲ ପ୍ରଡକ୍ଟ ସୋର୍ସିଂ ହେଉଛି। ଏ କ୍ଷେତ୍ରରେ ଉଭୟ ଘରୋଇ ତଥା ବିଦେଶୀ ସେଲର୍‌ଙ୍କ ସହ ମିଳିତ ହୋଇ କାର୍ଯ୍ୟ କରୁଛୁ।

No. DSPL-179

ସତ୍ୟମେବ ଜୟତେ

## ୬୪ତମ ବନ୍ୟପ୍ରାଣୀ ସପ୍ତାହ, ୨୦୧୮ ପାଳନ ଉପଲକ୍ଷେ
## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପୁଣ୍ୟ ଜନ୍ମତିଥି ଅବସରରେ ପ୍ରତିବର୍ଷ ଅକ୍ଟୋବର ଦୁଇ ତାରିଖରୁ ସାରା ଦେଶରେ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଥାଏ। ବନ୍ୟପ୍ରାଣୀ ଏବଂ ସେମାନଙ୍କ ଆବାସସ୍ଥଳୀର ସଂରକ୍ଷଣ, ସୁରକ୍ଷା ଓ ଅଭିବୃଦ୍ଧି ନିମନ୍ତେ ଆମର ପ୍ରତିବଦ୍ଧତାକୁ ଦୋହରାଇବା ଓ ଏ ଦିଗରେ ସଚେତନତା ସୃଷ୍ଟି କରିବା ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ।
**'ଜୀବେଦୟା'** ଆମ ସଂସ୍କୃତିର ଏକ ମହାନ୍ ପରମ୍ପରା। ବନ୍ୟପ୍ରାଣୀ ସୁରକ୍ଷା ଓ ସେମାନଙ୍କ ପ୍ରତି ଅହିଂସା ଆଚରଣ ପ୍ରଦର୍ଶନ କରିବା ଆମର ପରମ କର୍ତ୍ତବ୍ୟ। ଏଥିପାଇଁ ବନ୍ୟପ୍ରାଣୀ ସୁରକ୍ଷାରେ ସ୍ଥାନୀୟ ଜନସାଧାରଣଙ୍କୁ ସାମିଲ କରିବା ଉପରେ ମୁଁ ସବୁବେଳେ ଗୁରୁତ୍ୱ ଆରୋପ କରିଆସିଛି। ଆମ ରାଜ୍ୟର ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟଗୁଡିକରେ ପଶୁପକ୍ଷୀଙ୍କ ସଂରକ୍ଷଣ ଓ ବଂଶବୃଦ୍ଧି ନିମନ୍ତେ ସରକାର ନିଷ୍ଠାପର ଉଦ୍ୟମ କରୁଛନ୍ତି। ସରକାରୀ ଉଦ୍ୟମକୁ ଅଧିକ ବଳିଷ୍ଠ ଓ ଫଳପ୍ରଦ କରିବା ପାଇଁ ମୁଁ ଜନସାଧାରଣଙ୍କ ସକ୍ରିୟ ସହଯୋଗ କାମନା କରୁଅଛି।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ୬୪ତମ ବନ୍ୟପ୍ରାଣୀ ସପ୍ତାହ, ୨୦୧୮ ପାଳନ ଉପଲକ୍ଷେ
## ମାନ୍ୟବର ଜଙ୍ଗଲମନ୍ତ୍ରୀଙ୍କ ବାର୍ତ୍ତା

ଜୀବଜଗତରେ ବନ୍ୟପ୍ରାଣୀମାନଙ୍କ ବୈଶିଷ୍ଟ୍ୟ ଏକ ସନ୍ତୁଳିତ ପରିବେଶ ନିମନ୍ତେ ଅପରିହାର୍ଯ୍ୟ। ବଣଜଙ୍ଗଲ, ନଦୀନାଳ ଓ ବିଭିନ୍ନ ପ୍ରାକୃତିକ ପରିବେଶରେ ରହୁଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ସେମାନଙ୍କ ଆବାସସ୍ଥଳୀର ସଂରକ୍ଷଣ ଦିଗରେ ଜନସଚେତନା ସୃଷ୍ଟି କରିବା ନିମନ୍ତେ ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜନ୍ମ ତିଥିରୁ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଉଥିବା ଏକ ଆନନ୍ଦର କଥା।
ଓଡ଼ିଶା ରାଜ୍ୟ ଜୈବବିବିଧତାର ଗନ୍ତାଘର। ଆମ ରାଜ୍ୟରେ ବିଭିନ୍ନ ପ୍ରଜାତିର ଉଦ୍ଭିଦ, ଉଭୟଚର ସରୀସୃପ, ପକ୍ଷୀ ଏବଂ ସ୍ତନ୍ୟପାୟୀ ପ୍ରାଣୀ ଦେଖାଯାଆନ୍ତି। ସେମାନଙ୍କର ସୁରକ୍ଷା ପାଇଁ ଆମ ରାଜ୍ୟରେ ୧୯ ଗୋଟି ଅଭୟାରଣ୍ୟ, ୨ ଗୋଟି ଜାତୀୟ ଉଦ୍ୟାନ, ୨ ଗୋଟି ବ୍ୟାଘ୍ରପ୍ରକଳ୍ପ ଓ ଗୋଟିଏ ଜୈବମଣ୍ଡଳ ସୃଷ୍ଟି କରାଯାଇଛି।
ବନ୍ୟଜନ୍ତୁମାନଙ୍କର ସୁରକ୍ଷା, ସଂରକ୍ଷଣ ଓ ଗୁରୁତ୍ୱକୁ ଉପଲବ୍ଧି କରି ଆମ ରାଜ୍ୟରେ ଜାତୀୟ ଉଦ୍ୟାନ, ପ୍ରାଣୀ ଉଦ୍ୟାନ ଓ ଅଭୟାରଣ୍ୟ ମାନ ପ୍ରତିଷ୍ଠା କରାଯାଇଛି। ଏଥିପାଇଁ ହସ୍ତୀ, ବ୍ୟାଘ୍ର, ବିଦେଶାଗତ ପକ୍ଷୀ, ସାମୁଦ୍ରିକ କଇଁଛ, କୃଷ୍ଣସାର ମୃଗ ଓ କୁମ୍ଭୀର ଇତ୍ୟାଦି ବନ୍ୟପ୍ରାଣୀଙ୍କର ସୁରକ୍ଷାପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ବନ୍ୟଜନ୍ତୁମାନଙ୍କ ଦ୍ୱାରା ଘଟୁଥିବା କ୍ଷୟକ୍ଷତିର ଭରଣା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଅନୁକମ୍ପା ରାଶି ମଧ୍ୟ ପ୍ରଦାନ କରାଯାଉଛି। ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଥିବା ବିଭିନ୍ନ ଆଇନକୁ ଦୃଢ଼ୀଭୂତ କରାଯାଇଛି। ତେବେ ଏହା ସଙ୍ଗେ ସଙ୍ଗେ ଜନସାଧାରଣଙ୍କ ସକ୍ରିୟ ସହଯୋଗ ମଧ୍ୟ ବନ୍ୟପ୍ରାଣୀମାନଙ୍କର ସୁରକ୍ଷା ପାଇଁ ଆବଶ୍ୟକ।
ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷିତ ଅଞ୍ଚଳଗୁଡିକର ସୁପରିଚାଳନା ତଥା ଅଭିବୃଦ୍ଧି ପାଇଁ ରାଜ୍ୟ ସରକାର ନିଷ୍ଠାପର ଉଦ୍ୟମ ଜାରି ରଖିଛନ୍ତି। ୬୪ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଆମ ରାଜ୍ୟରେ ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ସରକାରୀ ଉଦ୍ୟମକୁ ସଠିକ୍ ରୂପରେଖ ଦେବା ପାଇଁ ମୁଁ ଜନସାଧାରଣଙ୍କର ଆନ୍ତରିକ ସହଯୋଗ କାମନା କରୁଛି।

ବିଜୟଶ୍ରୀ ରାଉତରାୟ
ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ଓଡ଼ିଶା

08002/13/0022/1819



“ଚେଲ୍‌ସି ଖେଳାଳି ଡେଭିଡ ଲୁଇଜ୍‌ଙ୍କ ପ୍ରତି ପୂର୍ବତନ କୋଚ୍ ଆଣ୍ଟୋନିଓ କୋଣ୍ଟେଙ୍କ ଆଭିମୁଖ୍ୟ ଦ୍ୱନ୍ଦ୍ୱାତ୍ମକ ଥିଲା।

–ମୌରିଜିଓ ସାରି
ଚେଲ୍‌ସିର ନୂଆ ମ୍ୟାନେଜର



“ଚାମ୍ପିୟନ୍ସ ଲିଗ୍ ଗ୍ରୁପ୍ ବି’ରେ ବୁଧବାର ଟୋଟେନହାମ ବିପକ୍ଷ ମ୍ୟାଚ ଜିତିବା ଆମ ପାଇଁ ସହଜ ହେବ ନାହିଁ।

–ଲିଓନେଲ ମେସି
ବାର୍ସିଲୋନା ଅଧିନାୟକ

## ସଂକ୍ଷେପରେ

### ଆଝାରୁଦ୍ଦିନଙ୍କୁ ଅତିକ୍ରମ କରିବେ କୋହଲି

**ନୂଆଦିଲ୍ଲୀ,୧।୧୦:** ଭାରତୀୟ ଅଧିନାୟକ ବିରାଟ କୋହଲି ଆଗାମୀ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍‌ରେ ପୂର୍ବତନ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନଙ୍କ ରେକର୍ଡକୁ ନିଶ୍ଚିତ ଅତିକ୍ରମ କରିବେ। ଲମ୍ବା ଫର୍ମାଟ୍‌ରେ ଆଝାରୁଦ୍ଦିନ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୫୩୯ ରନ୍ କରିଛନ୍ତି। ତାଙ୍କୁ ଅତିକ୍ରମ କରିବା ଲାଗି କୋହଲିଙ୍କୁ ମାତ୍ର ୩୭ ରନ୍ ଦରକାର। ୨୯ ବର୍ଷୀୟ ବ୍ୟାଟ୍ସମ୍ୟାନ ଏବେ ପର୍ଯ୍ୟନ୍ତ ଇଣ୍ଡିଜ ଦଳ ବିପକ୍ଷରେ ୩୮.୬୧ ଆଭରେଜରେ ୫୦୨ ରନ୍ କରିଛନ୍ତି। ଏବେ ସୁଦ୍ଧା ଭେଟେରାନ ମହେନ୍ଦ୍ର ସିଂ ଧୋନୀ (୪୭୬)ଙ୍କୁ କୋହଲି ଅତିକ୍ରମ କରିସାରିଛନ୍ତି। ଉଲ୍ଲେଖଥାଉ କି, ଧୋନୀ ୨୦୧୪ରେ ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷରେ ସର୍ବାଧିକ ରନ୍ କରିଥିବା ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ତାଲିକାରେ କିମ୍ବଦନ୍ତୀ ସୁନୀଲ ଗାଭାସ୍କର (୨୭୪୯) ଶୀର୍ଷରେ ରହିଛନ୍ତି। ତାଙ୍କ ପଛକୁ ରାହୁଲ ଦ୍ରାବିଡ (୧୯୭୮) ଓ ଭିଭିଏସ୍ ଲକ୍ଷ୍ମଣ (୧୭୧୫) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଛନ୍ତି।

### ଭଦୋଦରାକୁ ସ୍ଥାନାନ୍ତର ହୋଇପାରେ ଦ୍ୱିତୀୟ ଦିନିକିଆ

**ମୁମ୍ବାଇ,୧।୧୦:** ଆୟୋଜକ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚଳିତ ମାସ ୨୪ ତାରିଖରେ ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଭଦୋଦରାକୁ ସ୍ଥାନାନ୍ତର ହେବାର ବିଶେଷ ସମ୍ଭାବନା ରହିଛି। ମାତ୍ର ଏ ସମ୍ପର୍କରେ ବିସିସିଆଇ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। ସପ୍ଲିମେଣ୍ଟାରି ତଥା ଫ୍ରି’ ଟିକେଟ ପାଇଁ ବିସିସିଆଇ ଓ ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏଶନ (ଏମ୍‌ପିସିଏ) ମଧ୍ୟରେ ବିବାଦ ଲାଗି ରହିଛି। ଏଣୁ ଏମ୍‌ପିସିଏ ମ୍ୟାଚ୍ ଆୟୋଜନ କରିବା ନାହିଁ ବୋଲି ମନା କରି ଦେଇଛି। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ୍ ଓ ବୋର୍ଡ ସଭାପତି ଏକାଦଶ ମଧ୍ୟରେ ଭଦୋଦରାଠାରେ ଅନୁଷ୍ଠିତ ଏକ ଅଭ୍ୟାସ ମ୍ୟାଚ୍ ରବିବାର ଶେଷ ହୋଇଯାଇଛି। ତେବେ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଆୟୋଜନ କରିବାର ସୁଯୋଗ ମିଳିଲେ, ନିଶ୍ଚିତ ଦାୟିତ୍ୱ ଗ୍ରହଣ କରିବୁ ବୋଲି ଭଦୋଦରା କ୍ରିକେଟ ଆସୋସିଏଶନ (ବିସିଏ) ପକ୍ଷରୁ କୁହାଯାଇଛି। ଏମ୍‌ସିଏ ସାଧାରଣ ସମ୍ପାଦକ ମିଲିନ୍ଦ କାନମଦିକର କହିଛନ୍ତି, ବିସିସିଆଇର ନୂଆ ସମ୍ବିଧାନ ନିୟମ ଅନୁଯାୟୀ ମାତ୍ର ୧୦ ପ୍ରତିଶତ ସପ୍ଲିମେଣ୍ଟାରି ଟିକେଟ ରଖାଯିବ। ପୁଣି ଏଥିରୁ ବିସିସିଆଇ ତା’ର ପ୍ରାୟୋଜକଙ୍କ ଲାଗି ୫ ପ୍ରତିଶତ ସଂରକ୍ଷିତ ରଖିଛି। ଏଥିଯୋଗୁ ବିସିସିଆଇ ତା’ର ଦାବିରୁ ନ ଓହରିଲେ ମ୍ୟାଚ୍ ଆୟୋଜନ କରିବା ଆମ ପକ୍ଷେ ସମ୍ଭବ ନୁହେଁ। ଏହି ସୂଚନା ପାଇବା ପରେ ବିସିସିଆଇ ବିକଳ୍ପ ଭେନ୍ୟୁ ଚିନ୍ତା କରୁଥିବା ଜଣେ ବରିଷ୍ଠ କର୍ମକର୍ତ୍ତା କହିଥିଲେ।

# ଓଡ଼ିଶାକୁ ୭ ସ୍ୱର୍ଣ୍ଣ ସହ ୧୫ ପଦକ

ଭୁବନେଶ୍ୱର, ୧।୧୦(କ୍ରୀଡ଼ା ପ୍ରତିନିଧି)

ସେପ୍ଟେମ୍ବର ୨୬ରୁ ୩୦ ପର୍ଯ୍ୟନ୍ତ ଜାତୀୟ କ୍ଲାସିକ୍ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଲକ୍ଷ୍ନୌଠାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଓଡ଼ିଶା ୭ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ହାସଲ କରିଛି। ପ୍ରତିଯୋଗିତାର ଜୁନିୟର ଓ ସିନିୟର ମହିଳା ବିଭାଗରେ ଓଡ଼ିଶା ଦଳଗତ ଚାମ୍ପିୟନ ହୋଇଛି। ସିନିୟର ପୁରୁଷ ବିଭାଗରେ ଓଡ଼ିଶାକୁ ଦ୍ୱିତୀୟ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।

ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରେ ଲକ୍ଷ୍ମୀମଣି ସିଂ (୪୭ କେଜି) ଉଭୟ ଜୁନିୟର ଓ ସିନିୟର ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ୨ଟି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ ସ୍କ୍ୱାଟ୍‌ରେ ୧୦୫, ବେଞ୍ଚ୍ ପ୍ରେସ୍‌ରେ ୬୫ ଓ ଡେଡ୍‌ଲିଫ୍ଟରେ ୧୩୭.୫ ଏହିପରି ମୋଟ ୩୦୭.୫ କେଜି ଉତ୍ତୋଳନ କରି ଜୁନିୟର ଷ୍ଟ୍ରଙ୍ଗ୍ ଓମ୍ୟାନ ଅଫ୍ ଇଣ୍ଡିଆ ଏବଂ ସିନିୟରରେ ଷ୍ଟ୍ରଙ୍ଗ୍ ଓମ୍ୟାନ ଅଫ୍ ଇଣ୍ଡିଆ ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି। ରୂପାଲି ପଲେଇ (୪୭ କେଜି) ୨୦୭.୫(୧୦୨.୫+୫୫+୧୩୦) କେଜି ଉତ୍ତୋଳନ କରି ଉଭୟ ଜୁନିୟର ଓ ସିନିୟରରେ ୨ଟି ରୌପ୍ୟ ପଦକ ପାଇଛନ୍ତି। ସୀମାରାଣୀ ସିଂ ଜୁନିୟର ୪୩ କେଜି ବିଭାଗରେ ୨୪୨.୫ (୮୦+୫୦+୧୧୨.୫) କେଜି ସହ ସ୍ୱର୍ଣ୍ଣ, ସଙ୍ଗୀତା ସିଂ ୮୪ କେଜି ସିନିୟର ମହିଳା ବିଭାଗରେ ୪୦୨.୫ (୧୬୦+୮୫+୧୫୭.୫) କେଜି ସହ ସ୍ୱର୍ଣ୍ଣ, ୬୬ କେଜି ଜୁନିୟର ବିଭାଗରେ ବିଶ୍ୱଜିତ ଜେନା ୫୨୦ (୧୭୫+୧୩୫+୨୧୦) କେଜି ସହିତ ସ୍ୱର୍ଣ୍ଣ ଏବଂ ତରନଦୀପ ସିଂ ୧୨୦ କେଜିରୁ ଊର୍ଦ୍ଧ୍ୱ ବିଭାଗରେ ୬୧୦ (୨୫୦+ ୧୩୦+ ୨୩୦) କେଜି ଶକ୍ତି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୪୩ କେଜି ଜୁନିୟର ବିଭାଗରେ ଭାରତୀ ପାତ୍ର ୨୨୭.୫ (୭୫+ ୪୫+ ୧୦୭.୫) କେଜିସହ ରୌପ୍ୟ, ଦେବୀ ସିଂ ୫୨ କେଜି ସିନିୟର ମହିଳା ବିଭାଗରେ ୩୪୨.୫(୧୧୫+୭୨.୫+୧୫୫) ସହିତ ରୌପ୍ୟ, ବିଚିତ୍ର ନାୟକ ୬୬ କେଜି ସିନିୟର ପୁରୁଷ ବିଭାଗରେ ୫୬୨.୫(୧୯୦+୧୪୨.୫+୨୩୦) କେଜି ସହ ରୌପ୍ୟ ଏବଂ ମାଷ୍ଟର୍ସ (୨) ୧୦୫ କେଜି ବିଭାଗରେ ରାଜେନ୍ଦ୍ର ପରିଡ଼ା ୫୦୦(୧୮୦+୧୧୭.୫+୨୦୨.୫) କେଜି ଉତ୍ତୋଳନ କରି ରୌପ୍ୟ ପଦକ ହାସଲ କରିଥିଲେ। ୭୨ କେଜି ଜୁନିୟର ବିଭାଗରେ ପଦ୍ମାବତୀ ସିଂ ୩୦୦ (୧୧୦+ ୬୦+ ୧୩୦) ଏବଂ ଅନୁପମା ସ୍ୱାଇଁ ୫୨ କେଜି ସିନିୟର ବିଭାଗରେ ୩୩୫(୧୩୫+୬୫+୧୩୫) କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସୀମାରାଣୀ ସିଂ ଜୁନିୟର ବାଳିକା ବିଭାଗରେ ଷ୍ଟ୍ରଙ୍ଗ ଓମ୍ୟାନ ଅଫ ଇଣ୍ଡିଆ ଦ୍ୱିତୀୟ ରନର୍ସଅପ୍ ଏବଂ ପୁରୁଷ ସିନିୟର ବିଭାଗରେ ବିଚିତ୍ର ନାୟକ ଷ୍ଟ୍ରଙ୍ଗ ମ୍ୟାନ ଅଫ ଇଣ୍ଡିଆ ଦ୍ୱିତୀୟ ରନର୍ସଅପ ହୋଇଛନ୍ତି। ଓଡ଼ିଶା ଦଳର ଏହି ସଫଳତା ପାଇଁ ରାଜ୍ୟ ସଂଘ ସଭାପତି ଏମପି କଲିକେଶ ନାରାୟଣ ସିଂ ଦେଓ, ଉପସଭାପତି ହରିପ୍ରସାଦ ପଟ୍ଟନାୟକ, କୀର୍ତ୍ତନ ବେହେରା, କୋଷାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, କାର୍ଯ୍ୟକାରୀ ସଦସ୍ୟ ତଥା ମୟୂରଭଞ୍ଜ ଜିଲା ସଂଘର ସମ୍ପାଦକ ନବକୁମାର ସାହୁ, ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ ଅଭିନନ୍ଦନ ଜଣାଇଛନ୍ତି।



ଲକ୍ଷ୍ମୀମଣି ସିଂ

**ଜାତୀୟ ଶକ୍ତି ଉତ୍ତୋଳନ**

- ଜୁନିୟର ଓ ସିନିୟର ମହିଳା ବିଭାଗରେ ଦଳଗତ ଚାମ୍ପିୟନ
- ଲକ୍ଷ୍ମୀମଣି ସିଂ ଜୁନିୟର ଷ୍ଟ୍ରଙ୍ଗ୍ ଓମ୍ୟାନ ଅଫ୍ ଇଣ୍ଡିଆ ଏବଂ ସିନିୟରରେ ଷ୍ଟ୍ରଙ୍ଗ୍ ଓମ୍ୟାନ ଅଫ୍ ଇଣ୍ଡିଆ ଦ୍ୱିତୀୟ ରନର୍ସଅପ
- ସିନିୟର ପୁରୁଷ ବିଭାଗରେ ଦ୍ୱିତୀୟ ରନର୍ସଅପ୍

# ଓଲ୍ଟମାନ୍‌ସ ମାଲେସିଆ କୋଚ୍

କୁଆଲାଲମ୍ପୁର,୧।୧୦(ପି.ଟି.)

ଭାରତୀୟ ଦଳର ପୂର୍ବତନ କୋଚ୍ ରୋଲାଣ୍ଟ ଓଲ୍ଟମାନ୍‌ସ ସୋମବାର ମାଲେସିଆ ଜାତୀୟ ଦଳର ମୁଖ୍ୟ କୋଚ୍ ପଦରେ ନିଯୁକ୍ତ ହୋଇଛନ୍ତି। “ଜାତୀୟ ଦଳର ମୁଖ୍ୟ କୋଚ୍ ଭାବେ ଓଲ୍ଟମାନ୍‌ସ ନିଯୁକ୍ତ ହେବା ପରେ ତାଙ୍କୁ ମାଲେସିଆ ହକି କନ୍‌ଫେଡେରେଶନ (ଏମ୍‌ଏଚ୍‌ସି) ପକ୍ଷରୁ ସ୍ୱାଗତ କରାଯାଉଛି। ସେ ଜାତୀୟ ଦଳକୁ ପରବର୍ତ୍ତୀ ସ୍ତରକୁ ନେବାରେ ସଫଳ ହେବେ” ବୋଲି ମାଲେସିଆ ହକି କନ୍‌ଫେଡେରେଶନ ପକ୍ଷରୁ ଟୁଇଟରରେ କୁହାଯାଇଛି। ଓଲ୍ଟମାନ୍‌ସଙ୍କ ନିଯୁକ୍ତି ନେଇ ଏମ୍‌ଏଚ୍‌ସି ସଭାପତି ଦାତୁକ ସେରି ସୁବାହ କମଲ ସ୍ପଷ୍ଟ କରିଛନ୍ତି। ଦୀର୍ଘଦିନ ଧରି ଟିମ୍ ମ୍ୟାନେଜ୍‌ମେଣ୍ଟରେ ରହିଆସିଥିବା ଷ୍ଟିଫେନ ଭାନ ହୁଇଜେନଙ୍କୁ ସହାୟକ କୋଚ୍ ରୂପେ ନିଯୁକ୍ତ କରାଯାଇନାହିଁ। ଏହି ଦଳକୁ ୨୦୨୦ ଅଲିମ୍ପିକ୍ସରେ ପହଞ୍ଚାଇବା ଓଲ୍ଟମାନ୍ସଙ୍କ ପ୍ରାଥମିକତା। ଏସିଆ କପ୍ ଫାଇନାଲରେ ଜାପାନଠାରୁ ପରାସ୍ତ ହୋଇ ମାଲେସିଆ ସିଧାସଳଖ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛି। ଭାରତୀୟ ହକି ଦଳର ପୂର୍ବତନ କୋଚ୍‌ଙ୍କୁ ଗତବର୍ଷ ସେପ୍ଟେମ୍ବରରେ ପଦରୁ ବିଦା କରାଯାଇଥିଲା। ତାଙ୍କ ନେତୃତ୍ୱରେ ଦଳ ଅନ୍ତର୍ଜାତୀୟସ୍ତରରେ ଭଲ ପ୍ରଦର୍ଶନ କରିପାରୁ ନ ଥିବା ଏହାର କାରଣ ଥିଲା। ମାତ୍ର ତାଙ୍କ କାର୍ଯ୍ୟକାଳରେ ଭାରତୀୟ ଦଳ ବିଶ୍ୱ ମାନ୍ୟତାରେ ୬ଷ୍ଠ ର୍‌ୟାଙ୍କ୍‌କୁ ଉନ୍ନୀତ ହୋଇଥିଲା। କୋଚ୍ ଦାୟିତ୍ୱ ଗ୍ରହଣ ପୂର୍ବରୁ ହାଇପରଫର୍ମାନ୍ସ ମ୍ୟାନେଜର ଭାବେ ୪ ବର୍ଷ କାର୍ଯ୍ୟ କରିଥିଲେ। ଭାରତୀୟ ଦଳରୁ ବିଦା ହେବା ପରେ ଓଲ୍ଟମାନ୍ସ ପାକିସ୍ତାନ



ଦଳର ଦାୟିତ୍ୱ ନେଇଥିଲେ। ମାତ୍ର ୬ ମାସ ମଧ୍ୟରେ ପାକିସ୍ତାନ ଦଳର ପ୍ରଦର୍ଶନରେ ଉନ୍ନତି ନ ଆସିବାରୁ ସେ ଇସ୍ତଫା ଦେଇଥିଲେ। ୬୪ ବର୍ଷୀୟ ଓଲ୍ଟମାନ୍ସ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କୋଚ୍ ଭାବେ ପରିଚିତ। ତାଙ୍କ ନେତୃତ୍ୱରେ ନେଦରଲାଣ୍ଡ ୧୯୯୬ ଆଟ୍‌ଲାଣ୍ଟା ଅଲିମ୍ପିକ୍ ସ୍ୱର୍ଣ୍ଣ ଓ ୧୯୯୮ ବିଶ୍ୱକପ୍ ଜିତିଥିଲା। ସଂଯୋଗବଶତଃ ଓଲ୍ଟମାନ୍ସଙ୍କ କାର୍ଯ୍ୟକାଳରେ ଭାରତୀୟ ଦଳର ହାଇପରଫର୍ମାନ୍ସ ଡାଇରେକ୍ଟର ଥିବା ଟେରି ୱାଲ୍‌ଶ ଏବେ ମାଲେସିଆ ହକି ଦଳର ଟେକ୍‌ନିକାଲ ଡାଇରେକ୍ଟର ପଦରେ ଅଛନ୍ତି।

# ଏସ୍‌ସିବି, ମଧୁସୂଦନ ଚାମ୍ପିୟନ



ଟ୍ରଫି ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୧।୧୦(କ୍ରୀଡ଼ା ପ୍ରତିନିଧି)

**ଆନ୍ତଃ ମହାବିଦ୍ୟାଳୟ ଚେସ୍**

ସ୍ଥାନୀୟ ମଧୁସୂଦନ ଆଇନ ମହାବିଦ୍ୟାଳୟ ଆନୁକୂଲ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ଆନ୍ତଃ ମହାବିଦ୍ୟାଳୟ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାର ପୁରୁଷ ବିଭାଗରେ ଏସସିବି ମେଡିକାଲ କଲେଜ ଏବଂ ମହିଳାରେ ଆୟୋଜକ ମଧୁସୂଦନ ଆଇନ ମହାବିଦ୍ୟାଳୟ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାର ପୁରୁଷ ବିଭାଗରେ ଏସ୍‌ସିବି ସର୍ବାଧିକ ୧୬ ପଏଣ୍ଟ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ପୁରୀର ଏସସିଏସ ସ୍ୱୟଂଶାସିତ ମହାବିଦ୍ୟାଳୟ ୧୫.୫ ପଏଣ୍ଟ ସହିତ ରନର୍ସଅପ୍ ହୋଇଛି। ସେହିପରି ମହିଳା ବିଭାଗରେ ମଧୁସୂଦନ ଆଇନ ମହାବିଦ୍ୟାଳୟ ୩ ପଏଣ୍ଟ ସହ ପ୍ରଥମ ଏବଂ ଜଗତପୁରର ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ୧ ପଏଣ୍ଟ ପାଇ ରନର୍ସଅପ୍ ହୋଇଛି। ଉତ୍କଳ ମହାବିଦ୍ୟାଳୟ ଅଧୀନସ୍ଥ ୧୭ ମହାବିଦ୍ୟାଳୟରୁ ୭୮ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ପ୍ରଫେସର କବୀର ମୋହନ ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜନାରାୟଣ ତ୍ରିପାଠୀ, ଏସ.ଆର.ଚେସ୍ ସେଣ୍ଟରର ନିର୍ଦ୍ଦେଶକ ସତ୍ୟରଞ୍ଜନ ପଟ୍ଟନାୟକ, ମହାବିଦ୍ୟାଳୟର ଆଥଲେଟିକ୍ ଉପସଭାପତି ପ୍ରଫେସର ସୌମିତ୍ର କୁମାର ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ନନ୍ଦ ଉଦ୍‌ଯାପନୀ ଉତ୍ସବରେ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ତାପସ କୁମାର ମହାନ୍ତି ଓ ଚୈତନ୍ୟ ରାଉତ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

■ ଏସିଆନ ପାରା ଗେମ୍ସ ହୁଇଲ୍ ଚେୟାର ଫେନ୍‌ସିଂ

# ଜାକର୍ତ୍ତା ଗଲେ ରାଖାଲ, ରମେଶ

ଭୁବନେଶ୍ୱର, ୧।୧୦(କ୍ରୀଡ଼ା ପ୍ରତିନିଧି)

ଇଣ୍ଡୋନେସିଆର ଜାକର୍ତ୍ତାଠାରେ ୨୦୧୮ ଏସିଆନ ପାରା ଗେମ୍ସ ଚଳିତ ମାସ ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ୪୩ଟି ଦେଶର ୨,୮୩୧ ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ମୋଟ ୧୮ଟି କ୍ରୀଡ଼ାରେ ପ୍ରତିଯୋଗିତା ହେବ। ଏସିଆନ ପାରା ଗେମ୍ସ ହୁଇଲ୍ ଚେୟାର ଫେନ୍‌ସିଂରେ ଭାରତର ୪ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ଓଡ଼ିଶାର ୨ ପ୍ରତିଯୋଗୀ ଭି.ରମେଶ ରାଓ ଏବଂ ରାଖାଲ କୁମାର ସେଠୀ ଅନ୍ତର୍ଭୁକ୍ତ। ଏସିଆନ ପାରା ଗେମ୍ସରେ ଭାଗ ନେବାପାଇଁ ଉଭୟ ରମେଶ ଓ ରାଖାଲ ସୋମବାର ଜାକର୍ତ୍ତା ଗସ୍ତ କରିଛନ୍ତି।



ଭି.ରମେଶ ରାଓ ଓ ରାଖାଲ କୁମାର ସେଠୀ।

# ଆରଟିଆଇ ଅଧୀନକୁ ଆସିଲା ବିସିସିଆଇ

**ନୂଆଦିଲ୍ଲୀ, ୧।୧୦ (ପି.ଟି.):** ସେଣ୍ଟ୍ରାଲ ଇନଫର୍‌ମେଶନ କମିଶନ (ସିଆଇସି) ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)କୁ ସୂଚନା ଅଧିକାର ଆଇନ ପରିସରଭୁକ୍ତ କରିଛି। ଫଳତଃ ବିସିସିଆଇ ଏଣିକି ସର୍ବସାଧାରଣରେ ଉତ୍ତରଦାୟୀ ରହିବ। ଆରଟିଆଇ ବ୍ୟାପାରରେ ସିଆଇସି ହେଉଛି ସର୍ବୋଚ୍ଚ ସଂସ୍ଥା। ସୁପ୍ରିମକୋର୍ଟ ଏବଂ ଲ’ କମିଶନ ଅଫ୍ ଇଣ୍ଡିଆର ରିପୋର୍ଟକୁ ଭିତ୍ତିକରି ସେଣ୍ଟ୍ରାଲ ପବ୍ଲିକ ଇନ୍‌ଫରମେଶନ ଅଫିସର ଏ ବିଷୟରେ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟକୁ ଅବଗତ କରାଇଛନ୍ତି। ବିସିସିଆଇର କାର୍ଯ୍ୟଧାରାକୁ ଅନୁଶୀଳନ କଲେ ଏହା ଆରଟିଆଇ ଆଇନର ଧାରା ୨(ଏଚ୍)ର ପରିସରଭୁକ୍ତ ବୋଲି ସେଥିରେ ସେ ଦର୍ଶାଇଛନ୍ତି। ଇନଫର୍‌ମେଶନ କମିଶନର ଶ୍ରୀଧର ଆଚାରିୟୁଲି ଏକ ୩୭ ପୃଷ୍ଠା ସମ୍ବଳିତ ଅର୍ଡରରେ ଦର୍ଶାଇଛନ୍ତି, ବିସିସିଆଇ ଏକ ଜାତୀୟସ୍ତରର ଏକ ଅନ୍ୟତମ କ୍ରୀଡ଼ା ମହାସଂଘ। ଦେଶରେ କ୍ରିକେଟ ଇଭେଣ୍ଟର ଆୟୋଜନ କ୍ଷେତ୍ରରେ ଏହାର ଏକଚାଟିଆ ଅଧିକାର ରହିଥିବା ବିଷୟ ସୁପ୍ରିମକୋର୍ଟ ମଧ୍ୟ ଅତୀତରେ ସ୍ପଷ୍ଟ କରିଛନ୍ତି। ଏହାଛଡ଼ା ସେଣ୍ଟ୍ରାଲ ପବ୍ଲିକ ଇନଫରମେଶନ ଅଫିସର, ଆସିଷ୍ଟାଣ୍ଟ ପବ୍ଲିକ ରିଲେଶନ ଅଫିସର ଆଦି ପଦବୀରେ ନିଯୁକ୍ତି ଦେବା ଲାଗି ସେ ବିସିସିଆଇ ସଭାପତି, ସମ୍ପାଦକ ଏବଂ କମିଟି ଅଫ୍ ଆଡମିନିଷ୍ଟ୍ରେଟର୍ସ (ସିଓଏ)କୁ ନିର୍ଦ୍ଦେଶ ଦେଇଛନ୍ତି। ଆଚାରିୟୁଲି ଆହୁରି ମଧ୍ୟ ୧୫ ଦିନ ମଧ୍ୟରେ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ ବ୍ୟବସ୍ଥା ସହ ଆରଟିଆଇ ଆଇନ ଅନୁସାରେ ତଥ୍ୟ ପ୍ରଦାନ କରିବା ଲାଗି ଆବେଦନପତ୍ର ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ବିସିସିଆଇ କେଉଁ ଗାଇଡ୍‌ଲାଇନ୍ ଓ ବ୍ୟବସ୍ଥା ଅନୁସାରେ ଭାରତରୁ ପ୍ରତିନିଧିତ୍ୱ କରୁଛି ଏବଂ ଦେଶ ପାଇଁ ଖେଳାଳି ମନୋନୟନ କରୁଛି ଗୀତାରାଣୀ ନାମ୍ନୀ ଜଣେ ଆରଟିଆଇ ଦରଖାସ୍ତକାରୀ ତାହା ଜାଣିବାକୁ ଚାହିଁଥିଲେ। କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରଣାଳୟ ସନ୍ତୋଷଜନକ ଜବାବ ଦେଇ ନ ପାରିବାରୁ ସିଆଇସି ତରଫରୁ ଏହି ପଦକ୍ଷେପ ନିଆଯାଇଛି।



**ଆଇଏସ୍ଏଲ୍–୫:** ସୋମବାର ନର୍ଥ ଇଷ୍ଟ ୟୁନାଇଟେଡ୍ ଓ ଏଫ୍‌ସିଗୋଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।


**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର,
ୟୁନିଟ୍–୮, ଭୁବନେଶ୍ୱର– ୭୫୧୦୧୨

ସଂଖ୍ୟା : ୧୧୮୦୬ / IND-II-PH-774 ତାରିଖ : ୦୧.୧୦.୨୦୧୮

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଘନଶ୍ୟାମ ମିଶ୍ର ଆଣ୍ଡ ସନ୍ ପ୍ରାଇଭେଟ ଲିମିଟେଡ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା, ବାମନଘାଟି ସବ୍ ଡିଭିଜନ୍ ଅନ୍ତର୍ଗତ କୁଲେଇସିଲା, ବଡ଼ମଉଡ଼ା, ସାନମଉଡ଼ା, ଶୁଣ୍ଢେଳ, ବାଲିଟାଙ୍ଗିରି, ନୋଧାବନୀ ଏବଂ ଗୋରୁମହିଷାଣୀ ଆର.ଏଫ୍ ଠାରେ ୩୪୯.୫୦ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ ଗୋରୁମହିଷାଣୀ ଲୌହ ପଥର ଖଣିର ଲୌହ ଉତ୍ପାଦନ କ୍ଷମତା ବାର୍ଷିକ ୦.୭୫ ନିଯୁତ ଟନ୍‌ରୁ ୧.୧ ନିଯୁତ ଟନ୍‌କୁ ବୃଦ୍ଧି କରିବା** ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି। ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମିତ୍ତ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା.୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମିତ୍ତ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମିତ୍ତ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ। ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା.୦୨.୧୧.୨୦୧୮ରିଖ ଦିବା ୧୦.୦୦ ଘଟିକା ସମୟରେ ମୟୂରଭଞ୍ଜ ଜିଲ୍ଲା, ରାଇରଙ୍ଗପୁର ବ୍ଲକ୍ ଅନ୍ତର୍ଗତ ଗୋରୁମହିଷାଣୀସ୍ଥିତ ବ୍ଲକ ଇନଷ୍ଟିଚ୍ୟୁଟ ଅଫ୍ ଏଜୁକେସନ୍ ଏଣ୍ଡ ଟ୍ରେନିଙ୍ଗ** (Block Institute of Education and Training) ରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ବାରିପଦା, ମୟୂରଭଞ୍ଜ।**
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ବାରିପଦା, ମୟୂରଭଞ୍ଜ।**
୩. ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ବାରିପଦା, ମୟୂରଭଞ୍ଜ।**
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର–୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ବାଲେଶ୍ୱର।**
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍ ସାଇଟ୍ www.ospcboard.orgରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ବାଲେଶ୍ୱରସ୍ଥିତ** ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./- ସଦସ୍ୟ ସଚିବ**

"ପ୍ରିମିୟର ଲିଗ୍‌ରେ ଆଲାନ ଶେରରଙ୍କ ୨୬୦ ଗୋଲ ରେକର୍ଡ ଭାଙ୍ଗିବାର ସାମର୍ଥ୍ୟ ରଖିଛନ୍ତି ସର୍ଗିଓ ଆଗ୍ୱେରୋ।

–ବର୍ନାର୍ଡୋ ସିଲ୍‌ଭା
ମାଞ୍ଚେଷ୍ଟର ସିଟି ଖେଳାଳି



"କରୁଣ ନାୟାରଙ୍କୁ କାହିଁକି ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରୁ ବାଦ୍ ଦିଆଯାଇଛି ତାହା ତାଙ୍କୁ ଅବଗତ କରାଯାଇଛି ।

–ଏମ୍‌ଏସ୍‌କେ ପ୍ରସାଦ
ସିଲେକ୍ସନ କମିଟି ଚେୟାରମ୍ୟାନ



## ସଂକ୍ଷେପରେ

### ପାକିସ୍ତାନ ଦଳରେ ହାଫିଜ୍ ସାମିଲ

କରାଚୀ,୧।୧୦: ଆସନ୍ତା ୭ ତାରିଖରୁ ଆରମ୍ଭ ହେବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଘୋଷିତ ପାକିସ୍ତାନ ଦଳରେ ବରିଷ୍ଠ ବ୍ୟାଟ୍ସମ୍ୟାନ ମହମ୍ମଦ ହାଫିଜ୍‌ଙ୍କୁ ସାମିଲ କରାଯାଇଛି। ଏ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସୋମବାର ଘୋଷଣା କରିଛି। ଏସିଆ କପ୍‌ରୁ ବାଦ୍ ପଡ଼ିବା ପରେ ଏହି ୩୭ ବର୍ଷୀୟ ବ୍ୟାଟ୍ସମ୍ୟାନ ଘରୋଇ କ୍ରିକେଟରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ନିକଟରେ ଖେଳାଯାଇଥିବା ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ସୁଇ ସାଦର୍ନ ଗ୍ୟାସ୍ ପାଇପ୍‌ଲାଇନ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ହାଫିଜ୍ ଦ୍ୱିଶତକ ମାରିଥିଲେ। ଏଥିସହ ୪ ଉଇକେଟ ମଧ ନେଇଥିଲେ। ଫଳରେ ହାଫିଜ୍ ପ୍ରାୟ ୨ ବର୍ଷ ପରେ ଜାତୀୟ ଟେଷ୍ଟ ଦଳକୁ ଫେରିଛନ୍ତି। ଏଥିପୂର୍ବରୁ ୨୦୧୬ରେ ଇଂଲଣ୍ଡ ବିପକ୍ଷରେ ସେ ଟେଷ୍ଟ ଖେଳିଥିଲେ। ସେ ଏପର୍ଯ୍ୟନ୍ତ ୫୦ଟି ଟେଷ୍ଟ ଖେଳି ୩୪୫୨ ରନ୍ କରିଛନ୍ତି।

### ଯୁଥ୍ ଅଲିମ୍ପିକ ଗେମ୍ସ ଭାରତୀୟ ପତାକା ଧରିବେ ମନୁ ଭାକର



ନୂଆଦିଲ୍ଲୀ, ୧।୧୦ (ପି.ଟି.): ବୁଏନ୍ସ ଏରିଜଠାରେ ଚଳିତ ମାସ ୬ରୁ ୧୮ ତାରିଖ ପର୍ଯ୍ୟନ୍ତ ତୃତୀୟ ଯୁଥ୍ ଅଲିମ୍ପିକ ଗେମ୍ସ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଉତ୍ସବରେ ପ୍ରତିଯୋଗୀଙ୍କ ମାର୍ଚ୍ଚପାଷ୍ଟ ବେଳେ ସ୍ୱଳ୍ପବୟସ୍କା ଶୁଟିଂ ଷ୍ଟାର ମନୁ ଭାକର ଭାରତୀୟ ଜାତୀୟ ପତାକା ବାହକ ହେବେ।ଏଠାରେ ସେଣ୍ଡ୍-ଅଫ୍ ସେରିମନି ବେଳେ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ଏହା ଘୋଷଣା କରି କହିଛନ୍ତି। ମନୁ କହିଛନ୍ତି, ଭାରତୀୟ ଦଳ ପାଇଁ ମୋତେ ପତାକା ବାହକ ଭାବେ ମନୋନୀତ କରାଯିବ ଏହା ମୋ କଳ୍ପନା ବାହାରେ ଥିଲା। ଏହି ଦାୟିତ୍ୱ ପାଇ ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଛି। ଯୁଥ୍ ଅଲିମ୍ପିକ ଗେମ୍ସରେ ୧୩ଟି ଇଭେଣ୍ଟରେ ପ୍ରତିଯୋଗିତ ହେବ। ଏଥିରେ ଯୋଗଦାନ ପାଇଁ ୬୮ ଜଣିଆ ଭାରତୀୟ ଦଳ ଆର୍ଜେଣ୍ଟିନା ଗସ୍ତ କରିବେ। ସେମାନଙ୍କ ମଧ୍ୟରେ ୪୬ ଆଥଲେଟ ଅଛନ୍ତି। ଗୋଆ ଅଲିମ୍ପିକ ଆସୋସିଏଶନ ସମ୍ପାଦକ ଗୁରୁଦତ୍ତ ଡି' ଭକ୍ତାଙ୍କୁ ଭାରତୀୟ ଦଳର ଚିଫ୍ ଡି' ମିଶନ କରାଯାଇଛି। ସେଣ୍ଡ ଅଫ୍ ସେରିମନିରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ଏବଂ ଆଇଓଏ ସାଧାରଣ ସମ୍ପାଦକ ରାଜୀବ ମେହେଟ୍ଟା ପ୍ରମୁଖ ଉପସ୍ଥିତ ଥିଲେ।

### ନିଶିକୋରିଙ୍କ ବିଜୟ ଅଭିଯାନ

ଟୋକିଓ, ୧।୧୦: ଲୋକାଲ ହିରୋ କେଇ ନିଶିକୋରି ଜାପାନ ଓପନ୍ ପ୍ରତିଯୋଗିତାରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ସୋମବାର ଖେଳାଯାଇଥିବା ରାଉଣ୍ଡ-୩୨ର ଏକ ମୁକାବିଲାରେ ନିଶିକୋରି ୬-୪, ୬-୧ ସିଧାସଳଖ ସେଟ୍‌ରେ ଅନ୍ୟତମ ଜାପାନ ଖେଳାଳି ୟୁଚି ସୁଗିତାଙ୍କୁ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ଦ୍ୱାଦଶ ସ୍ଥାନରେ ରହିଥିବା ନିଶିକୋରିଙ୍କୁ ଏହି ମ୍ୟାଚ୍‌କୁ ଜିତିବାକୁ ଏକ ଘଣ୍ଟା ୨୧ ମିନିଟ୍ ସମୟ ଲାଗିଥିଲା। ସେହିଭଳି ପୁରୁଷ ସିଙ୍ଗଲ୍ସର ଅନ୍ୟ ଏକ ମୁକାବିଲାରେ ୩ଥର ଟୋକିଓ ଫାଇନାଲିଷ୍ଟ ମିଲୋସ ରାଓନିକ ୬-୩, ୬-୪ ସେଟ୍‌ରେ ଗତଥର ରନର୍ସଅପ୍ ଫ୍ରାନ୍ସର ଆଡ୍ରିଆନ ମାନାରିନୋଙ୍କୁ ହରାଇ ୨ୟ ରାଉଣ୍ଡରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଅନ୍ୟଏକ ମ୍ୟାଚ୍‌ରେ କାନାଡାର ଡେନିସ ଶାପାଲୋଭା ୬-୩, ୩-୬, ୬-୨ ସେଟ୍‌ରେ ଦକ୍ଷିଣ କୋରିଆର ଚୁଙ୍ଗ୍ ହେଅନଙ୍କୁ ମାତ୍ ଦେଇଛନ୍ତି।





କଟକରେ ଅନୁଷ୍ଠିତ ଜାତୀୟ ସିନିୟର ମହିଳା ଫୁଟବଲରେ ଚାମ୍ପିୟନ୍ ମଣିପୁର ଓ ରନର୍ସଅପ୍ ଓଡ଼ିଶା ଦଳ।

■ ଜାତୀୟ ସିନିୟର ମହିଳା ଫୁଟ୍‌ବଲ

# ମଣିପୁର ଚାମ୍ପିୟନ, ଓଡ଼ିଶା ରନର୍ସଅପ

କଟକ ଅଫିସ,୧।୧୦

ବାରବାଟୀ ଷ୍ଟାଡିୟମରେ ୨୪ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ମଣିପୁର ଚାମ୍ପିୟନ ହୋଇଥିବାବେଳେ ଓଡ଼ିଶା ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛି। ଫାଇନାଲରେ ଘରୋଇ ଓଡ଼ିଶା ୧–୨ ଗୋଲରେ ମଣିପୁରଠାରୁ ପରାସ୍ତ ହୋଇଛି । ମ୍ୟାଚ୍‌ଟି ସଂଘର୍ଷପୂର୍ଣ୍ଣ ରହିଥିଲା । ପ୍ରଥମାର୍ଦ୍ଧର ୪୫ତମ ମିନିଟରେ ମଣିପୁର ଅଧିନାୟିକା ଏନ. ଜି. ବାଲାଦେବୀ ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ ରଖିଥିଲେ । ଦ୍ୱିତୀୟାର୍ଦ୍ଧର ଆରମ୍ଭରୁ ମଣିପୁର ମିଡଫିଲ୍ଡର ଇରମ ପରମେଶ୍ୱରୀ ଦେବୀ (୫୦ତମ ମିନିଟ୍) ଦଳ ନିମନ୍ତେ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ୮୧ତମ ମିନିଟରେ ଓଡ଼ିଶା ପକ୍ଷରୁ ଗୋଟିଏ ଗୋଲ ପରିଶୋଧ କରିଥିଲେ ମିଡ୍‌ଫିଲ୍ଡର ଆରତି ସେଠୀ । ପରେ ଅନ୍ୟ କୌଣସି ଗୋଲ ନ ହେବା ଯୋଗୁ ଓଡ଼ିଶା ପରାଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ସଭାପତି ଦେବାଶିଷ ସାମନ୍ତରାୟ ମୁଖ୍ୟଅତିଥି ଓ ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ । ଫାଓ ଉପସଭାପତି ବିଜୟ ଦାସ, ଭକ୍ତବଲ୍ଲଭ ଦାସ, ତଡ଼ିତ କୁମାର ରାଉତ, ଦିଲିପ କୁମାର ସାହୁ, ସୁବ୍ରତ ପଣ୍ଡା, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ବିଜୟ କୁମାର ଦାସ, ସଙ୍ଗୀତା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

## ଚୟନକର୍ତ୍ତାଙ୍କ ଉପରେ ବର୍ଷିଲେ ହରଭଜନ

ମୁମ୍ବାଇ,୧।୧୦

ରୋହିତ ବାଦ୍ ପଡ଼ିବା ଘଟଣା

ୱେଷ୍ଟଇଣ୍ଡିଜ୍ ସିରିଜ୍ ଲାଗି ଘୋଷିତ ଭାରତୀୟ ଟେଷ୍ଟ ଦଳରୁ ଚୟନ କର୍ତ୍ତା ରୋହିତ ଶର୍ମାଙ୍କୁ ବାଦ୍ ଦେବା ଘଟଣାକୁ ବହୁ ପୂର୍ବତନ ଖେଳାଳି ସମାଲୋଚନା କରିଛନ୍ତି। ଏଥିରେ ଭାରତୀୟ ଅଫ୍ ସ୍ପିନର ହରଭଜନ ସିଂ ସୋମବାର ସାମିଲ ହୋଇଛନ୍ତି। ଟୁଇଟର ଜରିଆରେ ସେ ଜାତୀୟ ଚୟନକର୍ତ୍ତାଙ୍କୁ ସମାଲୋଚନା କରିଛନ୍ତି। ''ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଘୋଷିତ ଦଳରୁ ରୋହିତଙ୍କୁ ସ୍ଥାନ ମିଳିନାହିଁ। ଏଥିରୁ ଚୟନକର୍ତ୍ତାଙ୍କ ଚିନ୍ତା ସମ୍ପର୍କରେ ଜଣାପଡୁନାହିଁ। ମୋତେ ଜାଣିବାର ଅଛି, କେଉଁ କାରଣରୁ ସେ ବାଦ୍ ପଡ଼ିଛନ୍ତି। ଏହାକୁ ମୁଁ ସହଜରେ ଗ୍ରହଣ କରିପାରୁ ନାହିଁ'' ବୋଲି ସେ ଲେଖିଛନ୍ତି। ନିକଟରେ ରୋହିତଙ୍କ ନେତୃତ୍ୱରେ ଭାରତୀୟ ଦଳ ଏସିଆ କପ୍ ଜିତିଥିଲା। ଦଳ ପକ୍ଷରୁ ରୋହିତ ସର୍ବାଧିକ ୩୧୭ ରନ୍ କରିଥିଲା। ଏଥିରେ ଗୋଟିଏ ଶତକ ଓ ଦୁଇଟି ଅର୍ଦ୍ଧଶତକ ରହିଛି। ଜବରଦସ୍ତ ପ୍ରଦର୍ଶନ ଯୋଗୁ ରୋହିତ କ୍ୟାରିୟରର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଙ୍କ ତାଲିକାରେ .୨ୟ ସ୍ଥାନ ହାସଲ କରିଛନ୍ତି।

## କଳିଙ୍ଗ ଷ୍ଟାଡିୟମ ଭିତ୍ତିଭୂମୀ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ



କଳିଙ୍ଗ ଷ୍ଟାଡ଼ିୟମ ପରିଦର୍ଶନ ଅବସରରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ।

ଭୁବନେଶ୍ୱର, ୧।୧୦(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପ କ୍ରମେ ପାଖେଇ ଆସୁଥିବାବେଳେ ସୋମବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରି ଭିତ୍ତିଭୂମି ପୁନଃନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ହକି ଷ୍ଟାଡିୟମରେ ଟର୍ଫ ଏବଂ ଲାଇଟ୍ ଲାଗିବା କାର୍ଯ୍ୟ ଶେଷ ହୋଇଛି। ଅନ୍ୟ ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏ ସବୁ ଶେଷ ହୋଇଯିବା ଆଶା କରାଯାଉଛି। ଭୁବନେଶ୍ୱରରେ ଏହା ହେବ ସର୍ବବୃହତ୍ କ୍ରୀଡ଼ା ପ୍ରତିଯୋଗିତା। ଏହି ମେଗା ଇଭେଣ୍ଟ ଦେଖିବାକୁ ଅଧିକ ସଂଖ୍ୟକ ଦର୍ଶକ ଆସିବା ସମ୍ଭାବନା ଥିବାରୁ ଷ୍ଟାଡିୟମ ଗ୍ୟାଲେରିକୁ ସମ୍ପ୍ରସାରଣ କରାଯାଇଛି। ପୂର୍ବରୁ ଦର୍ଶକ ଗ୍ୟାଲେରିର କ୍ଷମତା ୭୦୦୦ ଥିବାବେଳେ ଏବେ ଏହାକୁ ଡବଲ୍ ଅର୍ଥାତ୍ ୧୫,୦୦୦ କରାଯାଇଛି। ଏଥିପାଇଁ ୨ଟି ନୂଆ ଷ୍ଟାଣ୍ଡ(ନର୍ଥ ଓ ସାଉଥ୍) ନିର୍ମାଣ କରାଯାଇଛି। ଦର୍ଶକମାନେ ଯେପରି ଶୃଙ୍ଖଳାର ସହ ଷ୍ଟାଡିୟମରେ ପ୍ରବେଶ କରିପାରିବେ ତାହାକୁ ଦୃଷ୍ଟିରେ ରଖାଯାଇ ଏଣ୍ଟ୍ରି ଗେଟ୍ ସଂଖ୍ୟା ବଢ଼ାଯାଇଛି। ନିର୍ମାଣ କାର୍ଯ୍ୟ ସରିବାପରେ ଷ୍ଟାଡିୟମ ଚତୁଃପାର୍ଶ୍ୱକୁ ପରିଷ୍କାର ପରିଚ୍ଛନ୍ନ କରାଯିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ହକି ବିଶ୍ୱକପ ନଭେମ୍ବର ୨୮ରୁ ଆରମ୍ଭ ହୋଇ ଡିସେମ୍ବର ୧୬ ପର୍ଯ୍ୟନ୍ତ ଚାଲିବ।

### ଭାରତ ମ୍ୟାଚ ଟିକେଟ ଶେଷ

ହକି ବିଶ୍ୱକପ ପ୍ରତି ଦର୍ଶକଙ୍କ ଅହେତୁକ ଉତ୍କଣ୍ଠା ପରିଲକ୍ଷିତ ହୋଇଛି। ବିଶେଷ କରି ଭାରତ ସମ୍ପୃକ୍ତ ଥିବା ମ୍ୟାଚ ପ୍ରତି ଦର୍ଶକଙ୍କ ଆଗ୍ରହ ଦ୍ୱିଗୁଣିତ ହୋଇଛି। ପୂର୍ବରୁ ପ୍ରଥମ ଦିବସର ସମସ୍ତ ଅନ୍‌ଲାଇନ୍ ଟିକେଟ ଶେଷ ହୋଇଥିବାବେଳେ ଏବେ ସେମିଫାଇନାଲ, ଫାଇନାଲ ଓ ଭାରତର ସମସ୍ତ ମ୍ୟାଚ ପାଇଁ ଅନ୍‌ଲାଇନ୍ ଟିକେଟ ଶେଷ ହୋଇ ଯାଇଛି। ୯ଟି ଲିଗ୍ ମ୍ୟାଚ, କ୍ରସ୍ ଓଭର ମ୍ୟାଚ ଏବଂ କ୍ୱାର୍ଟର ଫାଇନାଲ ମ୍ୟାଚ ଟିକେଟ ଉପଲବ୍ଧ ରହିଛି।

## ଆର୍ଜେଣ୍ଟିନା ଡ୍ୟୁଟିରୁ ମେସି ଅବ୍ୟାହତି ନିଅନ୍ତୁ: ମାରାଡୋନା

ବୁଏନ୍ସ ଏରିଜ, ୧।୧୦: ଆର୍ଜେଣ୍ଟିନା ଫୁଟ୍‌ବଲ ଦଳର ଷ୍ଟାର ଖେଳାଳି ଲିଓନେଲ ମେସି ଜାତୀୟ ଦଳରୁ ପୁଣିଥରେ ଅବସର ନିଅନ୍ତୁ ବୋଲି ପ୍ରାକ୍ତନ କିମ୍ବଦନ୍ତୀ ଫୁଟ୍‌ବଲର ଡିଏଗୋ ମାରାଡୋନା କହିଛନ୍ତି। ମେସିଙ୍କୁ କ'ଣ ପରାମର୍ଶ ଦେବାକୁ ଚାହାନ୍ତି ବୋଲି ନିକଟରେ ଏକ ସାକ୍ଷାତକାର ଅବସରରେ ମାରାଡୋନାଙ୍କୁ ପ୍ରଶ୍ନ ପଚରା ଯାଇଥିଲା। ଏହାର ଉତ୍ତରରେ 'ମେସି ଆର୍ଜେଣ୍ଟିନା ଦଳରୁ ପୁଣିଥରେ ଅବସର ନିଅନ୍ତୁ' ବୋଲି ମାରାଡୋନା କହିଥିଲେ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ୩୧ ବର୍ଷୀୟ ମେସି ୨୦୧୬ରେ ଅବସର ଘୋଷଣା କରିଥିଲେ। ତେବେ ସମସ୍ତଙ୍କ ଅନୁରୋଧକ୍ରମେ ନିଜ ନିଷ୍ପତ୍ତିରେ ପରିବର୍ତ୍ତନ କରି ମେସି ପୁଣିଥରେ ପଡ଼ିଆକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ତେବେ ଗତ ଫିଫା ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ମେସି ମର୍ମାହତ ହୋଇଥିଲେ। ଆର୍ଜେଣ୍ଟିନା ଦଳ ବିଶ୍ୱକପ୍ ରାଉଣ୍ଡ–୧୬ରେ ଆୟୋଜକ ରୁଷିଆ ନିକଟରୁ ହାରି ପ୍ରତିଯୋଗିତାରୁ ଦୁଃଖଦ ବିଦାୟ ନେଇଥିଲା। ଏହାପରେ ମେସି ବିଶ୍ରାମ ନେବା ଲକ୍ଷ୍ୟରେ କିଛିଦିନ ପାଇଁ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ ନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

## ଭାରତର ବିଶ୍ୱକପ୍ ଖେଳିବା ଆଶା ଧୂଳିସାତ୍

କୁଆଲାଲମ୍ପୁର, ୧।୧୦

୧୬ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍‌ର ଏକ ଗୁରୁତ୍ୱପୂର୍ଣ୍ଣ କ୍ୱାର୍ଟର ଫାଇନାଲ ମୁକାବିଲାରେ ସୋମବାର ଭାରତୀୟ ଦଳ ୧–୦ ଗୋଲରେ ଏସିଆର ପାୱାର ହାଉସ୍ ଭାବେ ଜଣାଶୁଣା ଦକ୍ଷିଣ କୋରିଆ ନିକଟରୁ ପରାସ୍ତ ହୋଇଛି। ଏହି ପରାଜୟ ସହ ଭାରତୀୟ ଦଳର ଆସନ୍ତା ବର୍ଷ ହେବାକୁ ଥିବା ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ଖେଳିବା ଆଶା ଧୂଳିସାତ୍ ହୋଇଛି। ଅପରପକ୍ଷରେ

୧୬ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍

ସେମିଫାଇନାଲରେ ପ୍ରବେଶ ସହ ଏସିଆର ଅନ୍ତିମ ତଥା ଚତୁର୍ଥ ଦଳ ଭାବେ ଦକ୍ଷିଣ କୋରିଆ ୨୦୧୯ରେ ପେରୁରେ ହେବାକୁ ଥିବା ୧୭ବର୍ଷରୁ କମ୍ ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ହାସଲ କରିଛି।

ମାଲେସିଆର ପେଟାଲିଙ୍ଗ ଜୟ ଷ୍ଟାଡିୟମରେ ସୋମବାର ସନ୍ଧ୍ୟାରେ ଖେଳାଯାଇଥିବା ଏହି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଉଭୟ ଭାରତ ଓ ଦକ୍ଷିଣ କୋରିଆ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଏହି ମ୍ୟାଚ୍‌ର ବିଜୟୀ ଦଳ ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ହାସଲ କରିବାର ସୁଯୋଗ ରହିଥିବାରୁ ମ୍ୟାଚ୍ କଡ଼ା ସଂଘର୍ଷପୂର୍ଣ୍ଣ ରହିଥିଲା। ପ୍ରଥମାର୍ଦ୍ଧରେ ୧୬ ବର୍ଷରୁ କମ୍ ଭାରତୀୟ ଦଳ ଶକ୍ତିଶାଳୀ ଦକ୍ଷିଣ କୋରିଆ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରି ଗୋଲସ୍କୋର ସୁଯୋଗ ଦେଇ ନ ଥିଲା। ଫଳରେ ଦକ୍ଷିଣ କୋରିଆ ପ୍ରଥମାର୍ଦ୍ଧରେ ଗୋଲ କରିବାରେ ବିଫଳ ହୋଇଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ବଦଳ ଖେଳାଳିଭାବେ ପ୍ରବେଶ କରିଥିବା ଜିଅଙ୍ଗ୍ ସାଙ୍ଗ୍–ବିନ୍ ମ୍ୟାଚ୍‌ର ୬୮ତମ ମିନିଟ୍‌ରେ ଗୋଲ ଦେଇ ଦଳକୁ ୧–୦ରେ ଅଗ୍ରଣୀ କରିଥିଲେ। ଭାରତୀୟ ଖେଳାଳିମାନେ ଏହାପରେ ଗୋଲ ଶୁଝାଇବାକୁ ଉଦ୍ୟମ କରିଥିଲେ ମଧ ବିଫଳ ହୋଇଥିଲେ। ଫଳରେ ଦକ୍ଷିଣ କୋରିଆ ଶେଷରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିବା ସହ ବିଶ୍ୱକପ୍ ଟିକେଟ ହାସଲ କରିଛି।



ଦକ୍ଷିଣ କୋରିଆ ଓ ଭାରତ ୧୬ ବର୍ଷରୁ କମ୍ ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।



ହକି ଇଣ୍ଡିଆର ନବନିର୍ବାଚିତ କର୍ମକର୍ତ୍ତାବୃନ୍ଦ।

## ବିଶ୍ୱକପ୍ ହିରୋ ଆକିନଫିଭଙ୍କ ଅବସର



ମସ୍କୋ, ୧।୧୦ (ଏଏଫ୍‌ପି): ରୁଷିଆ ଫୁଟ୍‌ବଲ ଦଳର ଅଧିନାୟକ ତଥା ଫିଫା ବିଶ୍ୱକପ୍ ହିରୋ ଇଗୋର ଆକିନଫିଭ ସୋମବାର ଅନ୍ତର୍ଜାତୀୟ ଫୁଟ୍‌ବଲରୁ ସନ୍ନ୍ୟାସ ନେଇଛନ୍ତି। ଆକିନଫିଭ ରୁଷିଆ ଜାତୀୟ ଫୁଟ୍‌ବଲ ଦଳ ପକ୍ଷରୁ ଦୀର୍ଘ ୧୫ ବର୍ଷ ଧରି ପ୍ରତିନିଧିତ୍ୱ କରି ଆସୁଥିଲେ। ଦେଶ ପକ୍ଷରୁ ସେ ୧୧୧ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ଓ କ୍ଲବସ୍ତରକୁ ଅଧିକ ଫୋକସ୍ ଦେବା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ନେଇଥିବା ୩୨ ବର୍ଷୀୟ ଏହି ଗୋଲରକ୍ଷକ କହିଛନ୍ତି। ଗତ ଫିଫା ବିଶ୍ୱକପ୍‌ରେ ରୁଷିଆକୁ ଅନ୍ତିମ–୮ରେ ପ୍ରବେଶ କରାଇବାରେ ଆକିନଫିଭଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ତେବେ କ୍ୱାର୍ଟର ଫାଇନାଲରେ କ୍ରୋଏସିଆ ନିକଟରୁ ଶୁଟ୍‌ଆଉଟ୍‌ରେ ପରାସ୍ତ ହେବାପରେ ରୁଷିଆର ସ୍ୱର୍ଣ୍ଣିମ ଅଭିଯାନର ଅନ୍ତ ଘଟିଥିଲା। ଏଥିପୂର୍ବରୁ ପ୍ରି–କ୍ୱାର୍ଟର ଫାଇନାଲରେ ରୁଷିଆ ଶୁଟ୍‌ଆଉଟ୍‌ରେ ସ୍ପେନକୁ ପରାସ୍ତ କରିଥିଲା।

## ମହମ୍ମଦ ମୁସ୍ତାକ ହକି ଇଣ୍ଡିଆ ସଭାପତି

ନୂଆଦିଲ୍ଲୀ, ୧।୧୦

ହକି ବିହାରର ମହମ୍ମଦ ମୁସ୍ତାକ ଅହମ୍ମଦ ହକି ଇଣ୍ଡିଆ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସୋମବାର ଏଠାରେ ହକି ଇଣ୍ଡିଆର ମହାସଭା ସହିତ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଅହମ୍ମଦ ପୂର୍ବରୁ ସେକ୍ରେଟାରି ଜେନେରାଲ ପଦବୀରେ ଥିଲେ। ବିଦାୟୀ ସଭାପତି ରାଜିନ୍ଦର ସିଂ ବର୍ତ୍ତମାନ ଏହି ପଦବୀରେ କାର୍ଯ୍ୟ କରିବେ। ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ମହମ୍ମଦ ମୁସ୍ତାକ ସୋମବାରଠାରୁ ହକି ଇଣ୍ଡିଆ ମୁଖ୍ୟ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ ହକି ଜମ୍ମୁ କଶ୍ମୀରର ଅସୀମା ଅଲି ଏବଂ ହକି ଝାଡ଼ଖଣ୍ଡର ଭୋଳାନାଥ ସିଂ ଉପସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବେ। ସୂଚନାଯୋଗ୍ୟ, ଚଳିତ ବର୍ଷ ପ୍ରାରମ୍ଭରେ ମାରିଆମ୍ମା କୋଶି ଅବସର ବୟସରେ ପହଞ୍ଚି ଯାଇଥିଲେ। ତାଙ୍କ ସ୍ଥାନରେ ହକି ଜମ୍ମୁ କଶ୍ମୀରର ରାଜିନ୍ଦର ସିଂ ସଭାପତି ପଦ ଅଳଙ୍କୃତ କରିଥିଲେ। ସୋମବାର ସେ ନୂଆ ସେକ୍ରେଟାରି ଜେନେରାଲ ଭାବେ ନିର୍ବାଚିତ ହୋଇଥିବା ବେଳେ ହକି ଆସାମର ତପନ କୁମାର ଦାସ ଦ୍ୱିତୀୟ ଥର ପାଇଁ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ପୂର୍ବତନ ଭାରତୀୟ ମହିଳା ହକି ଅଧିନାୟିକା ତଥା ହକି ଝାଡ଼ଖଣ୍ଡର ଅସୁନ୍ତା ଲାକ୍ରା ଏବଂ ହକି ଛତିଶଗଡ଼ର ଫିରୋଜ ଆନ୍‌ସାରୀଙ୍କୁ ଯୁଗ୍ମ ସମ୍ପାଦକ ଦାୟିତ୍ୱ ମିଳିଛି। ଅପରପକ୍ଷରେ ହକି ରାଜସ୍ଥାନର ଆରତି ସିଂ, ତାମିଲନାଡୁ ହକି ୟୁନିଟ୍‌ର ଏମ୍. ରେଣୁକା ଲକ୍ଷ୍ମୀ ଏବଂ ବର୍ତ୍ତମାନ ହକି କର୍ଣ୍ଣାଟକର ସଭାପତି ରହିଥିବା ଏସ. ଭି.ଏସ. ସୁବ୍ରମଣ୍ୟଗୁପ୍ତା ପ୍ରମୁଖ ବିନା ପ୍ରତିଦ୍ୱନ୍ଦ୍ୱିତାରେ ହକି ଇଣ୍ଡିଆର କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଏତଦ୍ ବ୍ୟତୀତ ଆର. ପି. ସିଂ ଏବଂ ଜୟଦୀପ କୌର ଆଥଲେଟ୍ ପ୍ରତିନିଧିଭାବେ ପୁନଃ ନିଯୁକ୍ତି ପାଇଛନ୍ତି। ଏହି ଦୁଇଜଣଙ୍କ ନାମ କାର୍ଯ୍ୟନିର୍ବାହୀ ବୋର୍ଡ ସୁପାରିସ କରିଥିଲା। ତାହା ମହାସଭାରେ ଅନୁମୋଦନ ଲାଭ କରିଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨/୨୦୧୮ Bhubaneswar, Tuesday, October 2/ 2018




## ପ୍ରାକ୍ ଛାତ୍ର ସଂସଦ ନିର୍ବାଚନୀ ହିଂସା
# ଅଳକା ମହାବିଦ୍ୟାଳୟରେ ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ

ବିରିଡ଼ି,(ଡି.ଏନ୍.ଏ.)/ବାଲିଆ,୧।୧୦

ବିରିଡ଼ି ବ୍ଲକ ବସନ୍ତପୁର ଅନନ୍ତବଟଠାରେ ଥିବା ଅଳକା ମହାବିଦ୍ୟାଳୟରେ ସୋମବାର ପ୍ରାକ୍ ଛାତ୍ର ସଂସଦ ନିର୍ବାଚନ ହିଂସା ଦେଖିବାକୁ ମିଳିଛି। ମଧ୍ୟାହ୍ନ ୧୨ଟା ୪୫ ମିନିଟରେ ବିଦ୍ୟାଳୟ କ୍ୟାମ୍ପସ ଭିତରେ ୨ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ପ୍ରଥମେ ବଚସା ସୃଷ୍ଟି ହୋଇଥିଲା। ପରେ ଉଭୟ ଗୋଷ୍ଠୀ ପରସ୍ପରକୁ ଆକ୍ରମଣ କରିଥିଲେ। ଏନେଇ ଉଭୟ ପକ୍ଷ ମହାବିଦ୍ୟାଳୟ ଅଧ୍ୟକ୍ଷ ବନମାଳି ବେହେରାଙ୍କୁ ଅଭିଯୋଗ କରିଛନ୍ତି। ତେବେ ପ୍ରାର୍ଥୀ ଚୟନକୁ ନେଇ ଏହି ହିଂସାକାଣ୍ଡ ଘଟିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ପ୍ରଥମେ କ୍ୟାମ୍ପସ ଭିତରେ ଉଭୟଙ୍କ ମଧ୍ୟରେ କଥା କଟାକଟିରୁ ହାତାହାତି ହୋଇଥିଲା। ତେବେ ଏଥିରେ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ହିଂସାକାଣ୍ଡ ଦେଖି ଅଧ୍ୟକ୍ଷ ବେହେରା ବିରିଡ଼ି ଥାନାକୁ ଜଣାଇଥିଲେ। ସେଠାରେ ପୋଲିସ ଆସି ପହଞ୍ଚିବା ପରେ ଗଣ୍ଡଗୋଳକାରୀମାନେ ଛତ୍ରଭଙ୍ଗ ଦେଇଥିଲେ। ସୂଚନାଯୋଗ୍ୟ, କଲେଜ ଛାତ୍ର ସଂସଦ ନିର୍ବାଚନ ପାଇଁ ସୋମବାର ଅଳକା ମହାବିଦ୍ୟାଳୟରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ନିର୍ବାଚନ ପ୍ରକ୍ରିୟାକୁ ଉପଦେଷ୍ଟା ଭାବେ ଅଶୋକ କୁମାର ଲେଙ୍କା ପରିଚାଳନା କରୁଛନ୍ତି। ୨ ତାରିଖ ପୂର୍ବାହ୍ନ ୧୦ଟାରୁ ୨ଟା ପର୍ଯ୍ୟନ୍ତ ପ୍ରାର୍ଥୀମାନଙ୍କୁ ପ୍ରାର୍ଥିପତ୍ର ଦିଆଯିବ ଓ ୩ ତାରିଖ ସକାଳ ୯ଟାରୁ ୧୨ଟା ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନିଜର ନାମାଙ୍କନପତ୍ର ଦାଖଲ କରିବେ। ସେହିଦିନ ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ସେହିପରି ୪ ତାରିଖ ୧୧ଟା ବେଳେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ସେହିଦିନ ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯାଇପାରିବ। ସନ୍ଧ୍ୟା ୫ଟା ସୁଦ୍ଧା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ। ୧୦ ତାରିଖ ମଧ୍ୟାହ୍ନ ୧୨ଟାରେ ମୁଁ କାହିଁକି ପ୍ରାର୍ଥୀ ହେଲି ସଭା ଅନୁଷ୍ଠିତ ହେବ। ସେହିପରି ୧୧ ତାରିଖ ସକାଳ ୮ଟାରୁ ମଧ୍ୟାହ୍ନ ୨ଟା ପର୍ଯ୍ୟନ୍ତ ନିର୍ବାଚନ କରାଯିବ। ପରେ ଫଳାଫଳ ଘୋଷଣା କରାଯିବ ବୋଲି ଉପଦେଷ୍ଟା ଲେଙ୍କା ସୂଚନା ଦେଇଛନ୍ତି। ୧୨ ତାରିଖ ପୂର୍ବାହ୍ନ ୧୧ଟାରେ ବିଜୟୀ ପ୍ରାର୍ଥୀମାନେ ଶପଥ ନେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

# ଫେରାର ଅଭିଯୁକ୍ତ ଗିରଫ

ବାଲିକୁଦା,୧।୧୦(ସ୍ୱ.ପ୍ର.)

ଅନନ୍ତପୁର ଫାଣ୍ଡି ଅଧୀନ ବ୍ରାହ୍ମଣ୍ଡି ଗାଁର ଜଣେ ଫେରାର ଅଭିଯୁକ୍ତଙ୍କୁ ପୋଲିସ ରବିବାର ରାତିରେ ଗିରଫ କରିଛି। ସେ ହେଲେ ଅନୁ ମଲିକ। ସେ ଦ୍ୱିତୀୟ ବିବାହ କରିଥିବାରୁ ତାଙ୍କ ପ୍ରଥମ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। ଅନୁଙ୍କୁ ଗିରଫ ପରେ ପୋଲିସ କୋର୍ଟଚାଲାଣ କରିଛି। ଏନେଇ କେସ୍ ନଂ. ୧୫/୯୫ରେ ରୁଜୁ ହୋଇଥିଲା।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ଶତପଥୀ

## ସଂକ୍ଷେପରେ

### ବନ ବିଭାଗର ଚଢାଉ, ୩ ଗାଡ଼ି ଜବତ

ଧର୍ମଶାଳା, ୧।୧୦(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅରୁହା, ନେଉଳପୁର ଓ ସୁଭଦ୍ରାପୁର ଅଞ୍ଚଳରେ ସୋମବାର ବନ ବିଭାଗର ଏନଫୋର୍ସମେଣ୍ଟ ଟିମ୍ ଚଢାଉ କରି ୨ଟି କଳା ପଥର ବୋଝେଇ ଟ୍ରକ୍ ସହ ଏକ କାଠ ବୋଝେଇ ଟ୍ରକ୍ ଜବତ କରିଛି। ଖବର ଅନୁଯାୟି କଟକ ଫରେଷ୍ଟ ମୋବାଇଲ ସ୍କ୍ୱାର୍ଡ ଓ ଡାଲିଯୋଡା ବନାଞ୍ଚଳର ଏକ ଟିମ ମିଳିତ ଭାବେ ଉପରୋକ୍ତ ତିନୋଟି ସ୍ଥାନରେ ଚଢାଉ କରିଥିଲେ। ପ୍ରଥମେ ୫୩ ନମ୍ବର ଜାତୀୟ ରାଜପଥ ଆରୁହା ନିକଟରୁ ଓଆର-୧୬ଡି-୧୩୦୯, ସୁଭଦ୍ରାପୁର ନିକଟରୁ ଓଆର-୦୯ଜେ- ୫୫୧୭ ନମ୍ବର ବିଶିଷ୍ଟ ପଥରଗାଡିକୁ ଜବତ କରିଥିଲେ। ଏଥିସହିତ ୧୬ ନମ୍ବର ଜାତୀୟ ରାଜପଥ ନେଉଳପୁର ନିକଟରୁ ଶାଳ କାଠ ଓ ଅନ୍ୟାନ୍ୟ କାଠ ବୋଝେଇ କରି ନେଉଥିବା ଓଆର -୦୯ଜି-୧୫୩୫ ନମ୍ବର ବିଶିଷ୍ଟ ଟ୍ରକ୍‌କୁ ଜବତ କରିଥିଲେ। ଏନେଇ ବନ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ଜବତ ଗାଡ଼ିଗୁଡିକୁ ଡାଲିଯୋଡା ବନାଞ୍ଚଳ କାର୍ଯ୍ୟାଳୟରେ ରଖାଯାଇଥିବା ଜଣାପଡିଛି।

### ୭ରେ ମହାସମାବେଶ ପାଇଁ ପ୍ରସ୍ତୁତି

କୋରେଇ,୧।୧୦(ସ୍ୱ.ପ୍ର.): ପାଣିକୋଇଲିଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିକୁ ବ୍ୟାପକ କରିବାକୁ ପାଣିକୋଇଲିସ୍ଥିତ ମା' ତାରିଣୀ ମନ୍ଦିର ପରିସରରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ଧରଣୀଧର ଘଡ଼ାଇ ସଭାପତିତ୍ୱ କରିଥିଲେ। ସୁବାସ ଧଳଙ୍କ ସଞ୍ଚାଳନରେ ଅନୁଷ୍ଠିତ ବୈଠକରେ ରାକେଶ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆସନ୍ତା ୭ ତାରିଖରେ ମହାସମାବେଶ କରାଯିବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ତା' ପୂର୍ବରୁ ୪ ତାରିଖରେ ସମଗ୍ର କୋରେଇ ଓ ବ୍ୟାସନଗରରେ ଏକ ବାଇକ ରାଲି, ପଥପ୍ରାନ୍ତ ସଭା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଦଳୀୟ ଭିତ୍ତିରେ ଆନ୍ଦୋଳନ ବ୍ୟାପକ କରିବାକୁ ସମସ୍ତ ରାଜନୈତିକ ନେତୃବୃନ୍ଦ, ଜନ ପ୍ରତିନିଧିଙ୍କୁ ଆହ୍ୱାନ ଦିଆଯାଇଛି। ନିୟମ ଉଲ୍ଲଂଘନ କରି ଆଙ୍ଗୁଲାଠାରେ ମେଡିକାଲ କଲେଜ ପାଇଁ ଜିଲା ପ୍ରଶାସନ ଦେଇଥିବା ପ୍ରସ୍ତାବକୁ ବୈଠକରେ ନାପସନ୍ଦ କରାଯାଇଛି। ବ୍ୟାସନଗର ପୂର୍ବତନ ଉପନଗରପାଳ ପ୍ରମୋଦ ପରିଡା, ଭକ୍ତବତ୍ସଳ ସ୍ୱାଇଁ, ପ୍ରଫୁଲ୍ଲ ନାୟକ, ବ୍ୟାସନଗର କ୍ରିୟାନୁଷ୍ଠାନ କମିଟି ଆବାହକ ଚନ୍ଦ୍ରଶେଖର ପଣ୍ଡା, ବିବେକାନନ୍ଦ ମହାନ୍ତି, ମାତାଜୀ ଆଏଚ, ବ୍ରଜ କିଶୋର ରାଉତ, ଶିଶିର ନାୟକ, ମହେଶ ଧଳ, ବ୍ରଜ କିଶୋର ମିଶ୍ର, ସୁରେନ୍ଦ୍ର ପାଣି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ମହାସମାବେଶକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ସନ୍ତୋଷ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ମଧ୍ୟାହ୍ନଭୋଜନ ଅର୍ଥ ହଡ଼ପ ଅଭିଯୋଗ

**ବରୀ ବ୍ଲକ**

- ଦାୟିତ୍ୱରେ ଥିବା ଅଧିକାରୀ ଓ ପ୍ରଧାନଶିକ୍ଷକଙ୍କ ମିଳିତ ମେଣ୍ଟ
- ୫ ବର୍ଷ ଅଭିଯୋଗ ପରେ ଅଡିଟ୍ ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି
- ଏଯାବତ୍ ପ୍ରାପ୍ୟ ପାଇନାହାନ୍ତି ସ୍ୱୟଂ ସହାୟିକା ଗୋଷ୍ଠୀ

ବରୀ, ୧।୧୦(ସ୍ୱ.ପ୍ର.)

ଯାଜପୁର ଜିଲା ବରୀ ବ୍ଲକ ଅଧୀନ କଳାଖଣ୍ଡ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ(ଏମଡିଏମ) ଅର୍ଥ ହଡ଼ପ ହେଉଥିବା ନେଇ ୫ ବର୍ଷ ହେବ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଆସୁଛି। ଦାୟିତ୍ୱରେ ଥିବା ଅଧିକାରୀ, ପ୍ରଧାନଶିକ୍ଷକ ମିଳିମିଶି ଲୁଟ୍ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ଅଡିଟ ହେଲେ ଅନିୟମିତତା ସମ୍ପର୍କରେ ଜଣାପଡିଯିବ ବୋଲି ବରୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଅଡିଟ ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଥିବା ବ୍ଲକ ଶିକ୍ଷାଧିକରୀ ଅଭୟ କୁମାର ବେହେରା କହିଛନ୍ତି। କେବେ ଅଡିଟ ହେବ ଏ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୫ ବର୍ଷ ଅଭିଯୋଗ ପରେ ଅଡିଟ୍ ହେବ ବୋଲି ଉତ୍ତର ମିଳିଥିବା ଅଭିଯୋଗକାରୀ ସୁକନ୍ୟା ସ୍ୱୟଂସହାୟିକା ଗୋଷ୍ଠୀ ସମ୍ପାଦିକା ଅଳକା ସ୍ୱାଇଁ କହିଛନ୍ତି।

ସୂଚନାଯୋଗ୍ୟ, ସୁକନ୍ୟା ସ୍ୱୟଂ ସହାୟିକା ଗୋଷ୍ଠୀ ୨୦୦୬ ଫେବୃୟାରୀଠାରୁ ୨୦୧୩ପର୍ଯ୍ୟନ୍ତ କଳାଖଣ୍ଡ ପ୍ରାଥମିକ ବିଦ୍ୟାଳୟ ଓ ୨୦୦୯ରୁ ୨୦୧୩ ଏପ୍ରିଲ ପର୍ଯ୍ୟନ୍ତ କଳାଖଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୭୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଯୋଗାଉଥିଲା। ହେଲେ ମଧ୍ୟାହ୍ନଭୋଜନ ବାବଦ ପ୍ରାପ୍ୟ ତାଙ୍କୁ ଅଦ୍ୟାବଧି ମିଳିନାହିଁ। ଏ ନେଇ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ବାରମ୍ବାର ବ୍ଲକ ଶିକ୍ଷାଧିକାରୀ, ବିଡିଓ, ଜିଲାପାଳଙ୍କ ନିକଟରେ ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏ ସମ୍ପର୍କରେ ଧରିତ୍ରୀରେ ପୂର୍ବରୁ ଖବର ପ୍ରକଶ ପାଇଥିଲା। ଶିକ୍ଷା ବିଭାଗ ତତ୍ପର ହୋଇ ଅଡିଟ କରିବ ବୋଲି ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଛି। ମଧ୍ୟାହ୍ନଭୋଜନ ପ୍ରାପ୍ୟ ନ ମିଳିବା ସହ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପଡିକା ଓ ସହାୟିକାଙ୍କ ନାମ ପରିବର୍ତ୍ତନ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ସମ୍ପାଦିକାଙ୍କ ନାମରେ ମିଳିତ ଜମା ଖାତା ନଂ.(୪୯୦୧୦୧୧୦୦୦୪୩୭୪ ଓ ୪୯୩୧୦୧୧୦୦୦୪୪୧୧) ଖୋଲା ଯାଇଥିବା ଜଣାପଡିଛି। ତେବେ ଅଡିଟରେ ଏହି ଜମା ଖାତାକୁ ଅନ୍ତର୍ଭୁକ୍ତ କରାଗଲେ କେତେ ପରିମାଣର ଅର୍ଥ ଆତ୍ମସାତ ହୋଇଛି ତାହା ସ୍ପଷ୍ଟ ହୋଇଯିବ ବୋଲି କୁହାଯାଇଛି। ଏ ସଂକ୍ରାନ୍ତରେ ବରୀ ବ୍ଲକ ଶିକ୍ଷାଧିକାରୀ ଅଭୟ କୁମାର ବେହେରାଙ୍କୁ ପଚାରିବାରେ, ବାରମ୍ବାର ଅଭିଯୋଗ ଆସିଛି। ଅଡିଟ ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଛି ବୋଲି କହିଛନ୍ତି।

# ନିମ୍ନମାନର ରାସ୍ତା କାର୍ଯ୍ୟ ବନ୍ଦ କଲେ ଶତାଧିକ ମହିଳା

କାଳିଆପାଣି, ୧।୧୦(ଡି.ଏନ୍.ଏ)

ସୁକିନ୍ଦା ବ୍ଲକ ଅନ୍ତର୍ଗତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମଠଛକ- କୋଇଲ ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ରବିବାର ବନ୍ଧଗାଁ ଗ୍ରାମର ଶତାଧିକ ମହିଳା ରାସ୍ତା କାମ ବନ୍ଦ କରିଥିଲେ । ହେଲେ ଠିକାଦାର ସୋମବାର ପୁନର୍ବାର କାମ ଆରମ୍ଭ କରିଥିବାବେଳେ ଗ୍ରାମର ମହିଳାମାନେ ନିର୍ମାଣସ୍ଥଳରେ ପହଞ୍ଚି ଉକ୍ତ କାମକୁ ବିରୋଧ କରିବା ସହ ପୁନର୍ବାର କାମ ବନ୍ଦ କରିଦେଇଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତେଜନା ଲାଗିରହିଥିଲା । ପରେ କନିଷ୍ଠ ଯନ୍ତ୍ରୀ ରମାକାନ୍ତ ବାରିକ ଗ୍ରାମର ମହିଳାଙ୍କୁ ଯୋଗାଯୋଗ କରି ନିର୍ମାଣ କାର୍ଯ୍ୟ ଠିକ୍ ଭାବେ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଠିକାଦାର କାମ ଆରମ୍ଭ କରିଥିଲେ। ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟଅଟକଳରେ ୨ଟି ରିଚ୍‌ରେ ରାସ୍ତାଟିର ନିର୍ମାଣ କାର୍ଯ୍ୟ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଦୁଧଜୁରୀ ପଞ୍ଚାୟତର ମଠଛକଠାରୁ ବନ୍ଧାଗାଁକୁ ୨ କୋଟି ଓ ବନ୍ଧଗାଁଠାରୁ କୋଇଲକୁ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରାଯାଥିଲା।


ମହିଳାମାନେ ରାସ୍ତାକାର୍ଯ୍ୟ ବନ୍ଦ କରିଛନ୍ତି।

ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ପରଦିନ ଫଳକ ଭଙ୍ଗାକୁ ନେଇ ବିବାଦ ଲାଗିରହିଥିବାବେଳେ ଏବେ କାର୍ଯ୍ୟ ଆରମ୍ଭରୁ ଠିକାଦାରଙ୍କ କାର୍ଯ୍ୟ ଶୈଳିକୁ ନେଇ ସନ୍ଦେହ ଉପୁଜିଛି। ପୂର୍ବରୁ କଂକ୍ରୀଟ୍ ରାସ୍ତା ରହିଥିବା ବେଳେ ସମତଳ କରିବା ବାହାନାରେ ବାହାରୁଥିବା ମେଟାଲକୁ ପକାଇ ମାଟି ସହ ରୋଲିଂ କରାଯାଉଛି। କଂକ୍ରୀଟ ରାସ୍ତା ହୋଇଥିବାରୁ ଏଷ୍ଟିମେଟ ଅନୁଯାୟୀ ମୋରମ ପାକାଯାଇ କମ୍ପାକ୍ଟ କରିବା ପରେ ମେଟାଲିଂ ପରେ ଆନୁସଙ୍ଗିକ କାର୍ଯ୍ୟ କରାଯିବା କଥା । ହେଲେ ଠକାଦାର ରାସ୍ତା କଡ଼ରେ ଥିବା ମାଟି ପକାଇ ରୋଲର ମଡ଼ାଇ କାମ କରିବାରୁ ଗ୍ରାମବାସୀ ବହୁବାର ବିରୋଧ କରିଥିଲେ। ନିର୍ମାଣ କାର୍ଯ୍ୟ ସମୟରେ କନିଷ୍ଠ ଯନ୍ତ୍ରୀ କିମ୍ବା କୌଣସି ଅଧିକାରୀ ଉପସ୍ଥିତ ରହୁ ନ ଥିବାରୁ ଠିକାଦାର ଇଛାମୁତବାକ ନିମ୍ନମାନର କାର୍ଯ୍ୟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏପରିସ୍ଥଳେ ଏକ ଉଚ୍ଚସ୍ତରିୟ ତଦନ୍ତ କରାବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏନେଇ ଏସ୍‌ଡ଼ିଓ ମୁଦୁଲି ଭେଙ୍କଟରମଣଙ୍କୁ ଯୋଗାଯୋଗ କରିବାରୁ ନିର୍ମାଣ କାର୍ଯ୍ୟସ୍ଥଳକୁ କନିଷ୍ଠ ଯନ୍ତ୍ରୀଙ୍କୁ ପଠାଯାଇଛି। ରିପୋର୍ଟ ଆଧାରରେ ଠିକାଦାରଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଦୁଲି କହିଛନ୍ତି।

## ନିଶାମୁକ୍ତ ଅଭିଯାନ ପାଇଁ ପଦଯାତ୍ରା

ଧର୍ମଶାଳା, ୧।୧୦(ଡି.ଏନ୍.ଏ.)

ନିଶାମୁକ୍ତ ଓଡ଼ିଶା ଅଭିଯାନର ପଦଯାତ୍ରା ସେପ୍ଟେମ୍ବର ୨୬ରୁ ଆରମ୍ଭ ହୋଇ ରବିବାର ଧର୍ମଶାଳା ବ୍ଲକର ଜାରକାଠାରେ ପହଞ୍ଚି ସଚେତନତା ସୃଷ୍ଟି କରିଛି। ମା' ଘର ଫାଉଣ୍ଡେଶନର ମୁଖ୍ୟ ଋତୁପର୍ଣ୍ଣା ମହାନ୍ତିଙ୍କ ନେତୃତ୍ୱରେ ପଦଯାତ୍ରାରେ ଶତାଧିକ ମହିଳା ସାମିଲ ହୋଇଥିଲେ। ପଦଯାତ୍ରା ଜାରକା ଷ୍ଟାଡିୟମରୁ ବାହାରି ଜାରକା ବଜାର ପରିକ୍ରମା କରିଥିଲା। ୧୯୫୬ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କର ପ୍ରଣିତ ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରିବା ସହ ନିଶାମୁକ୍ତ ଓଡିଶା ଗଠନ କରିବା ଦାବିରେ ଏହି ପଦଯାତ୍ରା ବିଭିନ୍ନ ଜିଲା ପରିକ୍ରମା କରୁଛି। ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ଯାତ୍ରା ଭୁବନେଶ୍ୱରଠାରେ ପହଞ୍ଚି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଜରିଆରେ ପ୍ରଦାନ କରାଯିବ ବୋଲି ଋତୁପର୍ଣ୍ଣା କହିଛନ୍ତି।

# ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧୧,୯୪୫ଜଣ ସାମିଲ

ଧର୍ମଶାଳା, ୧।୧୦(ଡି.ଏନ୍.ଏ.)

ମଙ୍ଗଳବାର ଗାନ୍ଧୀ ଜୟନ୍ତୀ ଅବସରରେ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ ଯୋଜନା ଉଦ୍‌ଘାଟନ କରିବେ। ସେହିପରି ଯାଜପୁର ଜିଲାରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଏହିକାର୍ଯ୍ୟକ୍ରମର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି। କେନ୍ଦ୍ର ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡିଥିବା ହିତାଧିକାରୀଙ୍କୁ ରାଜ୍ୟ ସରକାର ଏହି ସ୍ୱତନ୍ତ୍ର ଯୋଜନାରେ କିଲୋପ୍ରତି ଏକ ଟଙ୍କା ଦରରେ ଚାଉଳ ଯୋଗାଇ ଦେବାକୁ ଘୋଷଣା କରିଛନ୍ତି । ତେବେ ଏହି ଯୋଜନାରେ ଧର୍ମଶାଳା ବ୍ଲକର ୩୫୮୨ ପରିବାରର ୧୧ହଜାର ୯୪୫ଜଣ ସାମିଲ ହୋଇଛନ୍ତି। ଗାନ୍ଧୀ ଜୟନ୍ତୀଠାରୁ ପ୍ରତି ପରିବାରର ଜଣଙ୍କ ପିଛା ୫କିଲୋ ଗ୍ରାମ ଚାଉଳ ଏକ ଟଙ୍କାରେ ଯୋଗାଇ ଦିଆଯିବ। ଧର୍ମଶାଳା ବ୍ଲକକୁ ଏଥିପାଇଁ ୧୩ ହଜାର ୯୦୫ ଜଣଙ୍କୁ ସାମିଲ କରିବା ପାଇଁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ସ୍ତରରୁ ଏଥିପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା। ୫ ହଜାର ୬୪୨ ପରିବାରରୁ ୨୦ ହଜାର ୧୮୨ ଜଣ ଆବେଦନ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ୪ ହଜାର ୭୪୫ଜଣ ପରିବାରରୁ ୧୩ ହଜାର ୯୧୩ଜଣଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବାକୁ ଜିଲା ପ୍ରଶାସନକୁ ସୁପାରିଶ କରାଯାଇଥିଲା। ଏଥି ମଧ୍ୟରୁ ୧୧୬୩ ପରିବାରର ୧୯୬୮ଜଣଙ୍କ ନାମ ବାଦ ଦିଆଯାଇ ୧୧ହଜାର ୯୪୫ଜଣଙ୍କୁ ସାମିଲ କରାଯାଇଥିବା ଧର୍ମଶାଳା ଯୋଗାଣ ନିରୀକ୍ଷକ ଜଗମୋହନ ଦାସ ସୂଚନା ଦେଇଛନ୍ତି। ଅକ୍ଟୋବର ଓ ନଭେମ୍ବର ମାସ ପରେ ଅବଶିଷ୍ଟ ୧୯୬୦ଜଣଙ୍କୁ ସାମିଲ କରାଯିବ ବୋଲି ବିଡିଓ ଅମ୍ବିକା ପ୍ରସାଦ ଦାଶ ସୂଚନା ଦେଇଛନ୍ତି।

## ଯାଜପୁର ବ୍ଲକ: ଖୁଦୁରୁକୁଣୀ ଭସାଣି ଉତ୍ସବ


ହାଟସାହିର ଖୁଦୁରୁକୁଣୀ ମୂର୍ତ୍ତି।


ଯାଜପୁର ବ୍ଲକରେ ଖୁଦୁରୁକୁଣୀ ମୂର୍ତ୍ତି ଭସାଣି ପାଇଁ ନିଆଯାଉଛି।


ରାମନଗରପାଟଣା




CLASSIFIED DISPLAY













ଜାତୀୟ ଡିଜାଇନ ସଂସ୍ଥାନ
NATIONAL INSTITUE OF DESIGN

ଶିକ୍ଷାବର୍ଷ ୨୦୧୯-୨୦ ପାଇଁ, ଜାତୀୟ ଡିଜାଇନ ସଂସ୍ଥାନ ଭାରତୀୟ ଏବଂ ଅନ୍ତର୍ଜାତୀୟ ଆବେଦନକାରୀଙ୍କଠାରୁ ନିମ୍ନଲିଖିତ କାର୍ଯ୍ୟକ୍ରମ ଲାଗି ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରୁଛି:

ବ୍ୟାଚେଲର୍ ଅଫ୍ ଡିଜାଇନ୍
(ବି.ଡିଇଏସ୍. - ୪ବର୍ଷ) ଏନ୍‌ଆଇଡି ଅହମ୍ମଦାବାଦ କ୍ୟାମ୍ପସ୍‌ଠାରେ

ମାଷ୍ଟର୍ ଅଫ୍ ଡିଜାଇନ୍
(ଏମ୍.ଡିଇଏସ୍. - ୨.୫ ବର୍ଷ) ଏନ୍‌ଆଇଡି ଅହମ୍ମଦାବାଦ, ଗାନ୍ଧୀନଗର ଏବଂ ବେଙ୍ଗାଲୁରୁ କ୍ୟାମ୍ପସ୍‌ଠାରେ

ଗ୍ରାଜୁଏଟ୍ ଡିପ୍ଲୋମା ପ୍ରୋଗ୍ରାମ୍ ଇନ୍ ଡିଜାଇନ୍
(ଜିଡିପିଡି - ୪ ବର୍ଷ) ଏନ୍‌ଆଇଡି ବିଜୟୱାଡ଼ା ଓ ଏନ୍‌ଆଇଡି କୁରୁକ୍ଷେତ୍ରଠାରେ

ଜାତୀୟ ଡିଜାଇନ ସଂସ୍ଥାନ ହେଉଛି ଏନ୍‌ଆଇଡି ଅଧିନିୟମ (୨୦୧୪ର ୧୮) ଦ୍ୱାରା ଏକ ଜାତୀୟ ମହତ୍ତ୍ୱଧାରୀ ଅନୁଷ୍ଠାନ ଏବଂ ଡିଆଇପିପି, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ବୈଧାନିକ ଅନୁଷ୍ଠାନ। ଏନ୍‌ଆଇଡି ବିଜୟୱାଡ଼ା ଓ ଏନ୍‌ଆଇଡି କୁରୁକ୍ଷେତ୍ର ଡିଆଇପିପି, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ସ୍ୱାଧୀନ ସ୍ୱୟଂଶାସିତ ଅନୁଷ୍ଠାନ।

ନାମଲେଖା
ଅନ୍‌ଲାଇନ୍ ଦରଖାସ୍ତ ଦାଖଲର ଶେଷ ତାରିଖ
ଶୁକ୍ରବାର, ୦୯ ନଭେମ୍ବର, ୨୦୧୮
ବିଳମ୍ବ ଦେୟ ସହିତ ଅନ୍‌ଲାଇନ୍ ଦରଖାସ୍ତ ଦାଖଲର ଶେଷ ତାରିଖ
ସୋମବାର, ୧୯ ନଭେମ୍ବର, ୨୦୧୮
ଡିଜାଇନ୍ ଆପ୍ଟିଚ୍ୟୁଡ୍ ପରୀକ୍ଷା (ଡିଏଟି) ପ୍ରିଲିମ୍ସ
ରବିବାର, ୦୬ ଜାନୁୟାରୀ, ୨୦୧୯
୨୦୧୯-୨୦

ଅଧିକ ସୂଚନା ପାଇଁ ଦୟାକରି ପରିଦର୍ଶନ କରନ୍ତୁ:
http://admissions.nid.edu

davp 05216/11/0001/1819

## ସଂକ୍ଷେପରେ

### ଭାଜପାର ଯାଜପୁର ଜିଲା କାର୍ଯ୍ୟକାରିଣୀ ବୈଠକ

**ରସୁଲପୁର,୧।୧୦(ଡିଏନଏ):** ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରରେ ସୋମବାର ଭାଜପା ପକ୍ଷରୁ ଯାଜପୁର ଜିଲା ସଭାପତି ଗୌତମ ରାୟଙ୍କ ଅଧକ୍ଷତାରେ ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ କେନ୍ଦ୍ରୀୟ ଯୋଜନାରୁ ଓଡିଶାର ଜନସାଧାରଣଙ୍କୁ ବଞ୍ଚିତ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ନେଇ ଜିଲାବ୍ୟାପୀ ପ୍ରଚାର ପ୍ରସାର କରାଯିବ । ବିଶେଷ କରି କେନ୍ଦ୍ରୀୟ ଜନହିତକର ଆୟୁଷ୍ମାନ ଯୋଜନା ସମ୍ପର୍କରେ ସମଗ୍ର ଜିଲାରେ ଦସ୍ତଖତ ଅଭିଯାନ କରାଯିବା ସହ ସଚେତନତା ରଥ ଗାଁ ଗାଁ ବୁଲି ପ୍ରଚାର କରିବ ବୋଲି ବୈଠକରେ ନିଷ୍ପତି ହୋଇଛି । ବୈଠକରେ ପୂର୍ବତନ ମନ୍ତ୍ରୀ ସମୀର ଦେ, ଭାଜପା ଜିଲା ପ୍ରଭାରୀ ବିଷ୍ଣୁ ଦାସ, ଭାଜପା ନେତା ଅମର ନାୟକ, ପ୍ରଦୀପବଳ ସାମନ୍ତ, ଅମୀୟ ମଲିକ, ବିଶ୍ୱ ମଲ୍ଲିକ, ସୁଦୀପ୍ତ ପଣ୍ଡା, ସର୍ବେଶ୍ୱର ବେହୁରା, ଶଶିଭୂଷଣ ସାହୁ, ପାଣ୍ଡବ ଧଳ, ଦେବାଜନୀ ପ୍ରଧାନ, ଆଲେକଜାଣ୍ଡାର ଦାସ, ସୁରଜଲାଲ ସାମଲ, ବବିତା ମଲିକ,ରାଜଶ୍ରୀ ଦାଶ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ଧୁମ୍‌ଧାମରେ ଖୁଦୁରୁକୁଣୀ ଭସାଣି ଉତ୍ସବ ଅନୁଷ୍ଠିତ

**ବିରଜାକ୍ଷେତ୍ର,୧।୧୦(ଡି.ଏନ୍.ଏ):** ଯାଜପୁର ବ୍ଲକର ବାସୁଦେବପୁର ଓ ଜାଲପୁର ଖୁଦୁରୁକୁଣୀ ଓଷା ପାଇଁ ସମଗ୍ର ଜିଲାରେ ପ୍ରସିଦ୍ଧି ଲାଭ କରିଛି। ସୋମବାର ଖୁଦୁରୁକୁଣୀଙ୍କ ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୫ମ ରବିବାର ଖୁଦୁରୁକୁଣୀ ମୃଣ୍ମୟ ମୂର୍ତ୍ତି ମଣ୍ଡପରେ ପୂଜା ପାଇବା ପରେ ସୋମବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ରବିବାର ବିଭିନ୍ନ ଖୁଦୁରୁକୁଣୀ ମୃଣ୍ମୟ ମଣ୍ଡପରେ ପୂଜା ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହେବାପରେ ମା' ଖୁଦୁରୁକୁଣୀଙ୍କୁ ବିସର୍ଜନ କରାଯାଇଥିଲା। ଶେଷ ରବିବାର ଖୁଦୁରୁକୁଣୀ ଓଷା ଉପଲକ୍ଷେ ବିଭିନ୍ନ ପୂଜା ମଣ୍ଡପରେ ସାଂସ୍କୃତିକ ଓ ମେଲୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜାଲପୁର ଓ ବାସୁଦେବପୁରର ହାଟସାହି, ରାମନଗରପାଟଣା, ବିହାରୀ ସାହି, କଣ୍ଡିଆ ସାହି, କାଳୀକୋଇଲିସାହି, ରାଉଳ ସାହି, ମଠସାହି, ଦଳେଇ ସାହି, କାଳିକୁଦା ପ୍ରଭୃତି ବିଭିନ୍ନ ମଣ୍ଡପରେ ମା' ଖୁଦୁରୁକୁଣୀ ପୂଜା ପାଉଥିଲେ । ସୋମବାର ବିଭିନ୍ନ ବାଦ୍ୟ ଓ ପରମ୍ପରା କଳା ନୃତ୍ୟ ମାଧମରେ ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୂର୍ତ୍ତିଗୁଡ଼ିକ ସ୍ଥାନୀୟ ବାଲିକୁଦା ଛକାରେ ଏକତ୍ରିତ ହେବାପରେ ବୁଢ଼ା ନଦୀରେ ବିସର୍ଜନ କରାଯାଇଛି।

### ଭିସାର ସଫେଇ କାର୍ଯ୍ୟ

**ଯାଜପୁର ଅଫିସ,୧।୧୦:** ମହାତ୍ମାଗାନ୍ଧୀଙ୍କ ୧୫୦ ବର୍ଷ ଜନ୍ମ ଜୟନ୍ତୀ ଅବସରରେ କଳିଙ୍ଗନଗର ଭିସା ଷ୍ଟିଲ ପକ୍ଷରୁ ସୋମବାର ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି । ଭୁବନେଶ୍ୱର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଭିସା କାରଖାନା ସମ୍ମୁଖ, ଦାନଗଦି ବ୍ଲକ କାର୍ଯ୍ୟାଳୟ, ଗୋପବନ୍ଧୁ ଛକ, କଲେଜ ଛକ ଆଦି ସ୍ଥାନରେ ସଚେତନତା ନାଟକ ପରିବେଷଣ କରିଥିଲେ । ସେହିପରି ଭିସା କାରଖାନାର ସମସ୍ତ ଅଧିକାରୀ ଓ କର୍ମଚାରୀ କାରଖାନା ପରିସରରେ ସଫେଇ କାର୍ଯ୍ୟ କରିଥିଲେ ।

■ ୧୦ବର୍ଷ ହେଲା ସଂସ୍କୃତି ଭବନ ନୋହିଲା

# ସାଂସ୍କୃତିକ ସହରରେ ସଂସ୍କୃତିର ଅବକ୍ଷୟ

*ସମାଜର ଅଭିବୃଦ୍ଧି ଓ ସାମୂହିକ ବିକାଶ ସଂସ୍କୃତିର ରୂପରେଖ ଉପରେ ନିର୍ଭର କରେ । ସମାଜ ଓ ସଂସ୍କୃତି ଉଭୟ ପରିପୂରକ। ସଂସ୍କୃତି ସମାଜର ଦର୍ପଣ। ମଣିଷର ସାମାଜିକ ପରିଚୟର ଆବଶ୍ୟକତା ସହ ସାଂସ୍କୃତିକ ପରିଚୟ ନିତାନ୍ତ ଅପରିହାର୍ଯ୍ୟ। ଏହି କ୍ରମରେ ସାଂସ୍କୃତିକ ସହର ଯାଜପୁରର ସଂସ୍କୃତି ବିଶ୍ୱ ଦରବାରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବଜାୟ ରଖିଆସିଛି। ହେଲେ ଉଗ୍ର ଆଧୁନିକତାର ସ୍ରୋତରେ ସାଂସ୍କୃତିକ ସହର ଯାଜପୁର ତାର ନିଜସ୍ୱ ପରିଚୟ ହଜେଇବାରେ ଲାଗିଛି। ଭିତ୍ତିପ୍ରସ୍ତର ସ୍ଥାପନ ହେବାର ୧୦ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ବି ଯାଜପୁର ରୋଡରେ ଏକ ସଂସ୍କୃତି ଭବନ ନିର୍ମାଣ ହୋଇପାରି ନାହିଁ। ଏପରିକି ୫୦୦ ଲୋକ ବସିବା ପାଇଁ ବିରଜାକ୍ଷେତ୍ର ଭାବେ ପରିଚିତ ଜିଲାରେ ଅଡିଟୋରିୟମଟିଏ ମଧ ନାହିଁ।*



**ଯାଜପୁର ଅଫିସ,୧।୧୦**

ଯାଜପୁର ଜିଲାରେ ୫୦୦ ଲୋକ ବସି ଯେକୌଣସି ଆଲୋଚନା କରିବା କିମ୍ବା ତାଲିମ, ବୈଠକ ପାଇଁ ଅଡିଟୋରିୟମଟିଏ ନିର୍ମାଣ ହୋଇପାରି ନାହିଁ। ରାଜ୍ୟ ରାଜନୀତିରେ ଏହି ଜିଲାର ଲୋକ ପ୍ରତିନିଧିଙ୍କ ବେଶ ଖ୍ୟାତି ରହିଛି। ଅନେକ ଯୋଜନା ହାତକୁ ନିଆଯାଉଛି । କିନ୍ତୁ କଳା, ଐତିହ୍ୟ, ଭାଷା, ସାହିତ୍ୟ ଓ ପରମ୍ପରା ଭଳି ସାଂସ୍କୃତିକ ବୈଭବ ସମୂହକୁ ପ୍ରସାରିତ କରିବା ଏବଂ ଯୁବପିଢି ତଥା ସମସାମୟିକ ସମାଜରେ ସାଂସ୍କୃତିକ ସଚେତନତା ସୃଷ୍ଟି କରିବା ଭଳି ସାଂସ୍କୃତିକ ଅନୁଷ୍ଠାନ ଏଠାରେ ନାହିଁ କହିଲେ ଚଳେ। ଏଥିସହ ଆମ ଲୋକକଳା ଓ ଲୋକସଂସ୍କୃତିକୁ ବ୍ୟାପକ ଭାବେ ପ୍ରଚାରପ୍ରସାର କରିବା ଉଦ୍ଦେଶ୍ୟରେ ସହରରେ ମଣ୍ଡପ, ଅଡିଟୋରିୟମ, କଳାପରିଷଦ, ସଦନ ଆଦି ନିର୍ମାଣ କରାଯାଇଥାଏ। ମାତ୍ର ଐତିହାସିକ ଓ ପୌରାଣିକ କୀର୍ତ୍ତି ବହନ କରୁଥିବା ଯାଜପୁର ଜିଲାରେ ଏହି ସବୁ କ୍ୱଚିତ ଦେଖିବାକୁ ମିଳୁଛି। ଏଣୁ ସହରରେ କୌଣସି ବଡ ଧରଣର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ବର୍ଷା, ଦୈବ ଦୁର୍ବିପାକ ସମୟରେ ଅସମ୍ଭବ ହୋଇପଡୁଛି। ପ୍ରଶାସନିକ ଇଚ୍ଛାଶକ୍ତି ଓ ଆନ୍ତରିକତାର ଅଭାବ ଯୋଗୁ ଏଠାରେ ସଂସ୍କୃତିର ପ୍ରଚାରପ୍ରସାର ସୀମିତ ହୋଇ ରହିଯାଇଛି । ଅତ୍ୟାଧୁନିକ ଅଡିଟୋରିୟମଟିଏ ନ ଥିବାବେଳେ ରାଜନୈତିକ ଟଣାଓଟରା ସହ ଇଚ୍ଛାଶକ୍ତିର ଅଭାବ ଏ ଦିଗରେ କଣ୍ଟା ହୋଇ ଛିଡା ହୋଇଛି। ଫଳରେ ଯାଜପୁରର ଐତିହ୍ୟ ଓ ସାଂସ୍କୃତିକ ଗାରିମା ଦିନକୁ ଦିନ ଅପଚୟ ହେବାରେ ଲାଗିଛି।

ଯାଜପୁର ଜିଲାର ଲୋକସଂଖ୍ୟା ୧୮ଲକ୍ଷକୁ ଟପିଲାଣି। ବର୍ଷସାରା ଏଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗିରହିଛି। ଐତିହ୍ୟ ତଥା ସର୍ବଧର୍ମ ସମନ୍ୱୟର ପ୍ରତୀକ ଏହି ବରାହ–ବିରଜାକ୍ଷେତ୍ରକୁ ଜିଲା ତଥା ଜିଲା ବାହାରୁ ବିଭିନ୍ନ ସମୟରେ ସଭା, ସମିତିରେ ଯୋଗଦେବାକୁ ଲୋକଙ୍କ ସୁଅ ଛୁଟିଥାଏ । ମାତ୍ର ଏଠାରେ ବଡଧରଣର ଅଡିଟୋରିୟମ କିମ୍ବା ଭବନ ନ ଥିବାରୁ ଲୋକଙ୍କ ଭିଡକୁ ଦୃଷ୍ଟିରେ ରଖି ମୁକ୍ତାକାଶରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଯାଜପୁର ଜିଲାର ଷ୍ଟିଲ ସିଟି ଭାବେ ପରିଚିତ ଯାଜପୁର ରୋଡରେ ଗତ ୨୦୦୮ ଅଗଷ୍ଟ ୮ରେ ଏକ ସଂସ୍କୃତି ଭବନର ଭିତ୍ତିପ୍ରସ୍ଥର ସ୍ଥାପନ ହୋଇଥିଲା । ମାତ୍ର ରାଜନୈତିକ ଟଣାଘୋଷରା ଯୋଗୁ ସଂସ୍କୃତିଭବନ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି। ଯାହାକୁ ନେଇ ସହରରେ ଉଦ୍‌ବେଗ ପ୍ରକାଶ ପାଇଆସୁଛି। ବ୍ୟାସନଗର ପୌରପରିଷଦର ବସଷ୍ଟାଣ୍ଡଠାରେ ଏହି ସଂସ୍କୃତି ଭବନ ନିର୍ମାଣ କରିବାକୁ ପ୍ରଥମେ ନିଷ୍ପତ୍ତି ହୋଇଥିଲା। ଏହି ଭବନକୁ ତତ୍କାଳୀନ ଅର୍ଥମନ୍ତ୍ରୀ ପ୍ରଫୁଲଚନ୍ଦ୍ର ଘଡେଇ ଓ ନଗର ଉନ୍ନୟନ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୧କୋଟି ୧୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ସଂସ୍କୃତି ଭବନ ଗତ ୨୦୧୦ ମସିହା ଏପ୍ରିଲ ୨୦ତାରିଖରେ ସରିବ ବୋଲି ଧାର୍ଯ୍ୟ ହୋଇଥିଲା। ୨ବର୍ଷ ତଳେ ଏହାକୁ ସନ୍ତରା ପାଖରେ ବିଧାୟକ ଆକାଶ ଦାସନାୟକ ପୁଣି ଶୁଭାରମ୍ଭ କରିଥିଲେ। ହେଲେ ଆବଶ୍ୟକ ପାଣ୍ଠି ଅଭାବରୁ ଏହି ଭବନ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ଏସଡିଓ ମନୋଜ କୁମାର ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ବ୍ୟୟ ଅଟକଳରୁ ୧କୋଟି ୬ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ତାହା ଶେଷ ହୋଇସାରିଛି। ଭିତ୍ତିଭୂମି ଅନୁସାରେ ଏହାର ବ୍ୟୟ ଅଟକଳ ବଢିଛି । ତେଣୁ ୨କୋଟି ୮୪ଲକ୍ଷ ଟଙ୍କାର ରିଭାଇଜ ବିଲ ପଠାଯାଇଛି । ଏହା ମଞ୍ଜୁର ହେଲେ ସଂସ୍କୃତି ଭବନର ଶେଷ ପର୍ଯ୍ୟାୟ କାର୍ଯ୍ୟ ହେବା ସହ ଏହାର ପାରିପାର୍ଶ୍ୱିକ ଉନ୍ନୟନ ଲକ୍ଷ୍ୟ ରହିଛି ।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ଦାବି ଜୋର ଧରିଲା

**ଜେନାପୁର,୧।୧୦(ଡି.ଏନ.ଏ.)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାବି ନେଇ ଜୋର ଧରିଛି । ସଚେତନ ନାଗରିକ ମଞ୍ଚ ଆବାହକ ସରୋଜକାନ୍ତ ବେହେରାଙ୍କ ନେତୃତ୍ୱରେ ଶତାଧିକ ମହିଳା, ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ସାମିଲ ହୋଇ ଗାଁ ଗାଁ ବୁଲି ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି। ଗାଁରେ ବସବାସ କରୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା କରାଯାଉଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୨୦ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରନ୍ତି। ଏପରିକି ନିକଟସ୍ଥ ଖଣି ଖାଦାନ ଅଞ୍ଚଳରେ କାମ କରୁଥିବା ଶ୍ରମିକମାନେ ଦୁର୍ଘଟଣାର ଶିକାର ହୋଇ ଗୁରୁତରଭାବେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବାବେଳେ ଏଠାରେ ସେମାନଙ୍କ ପାଇଁ ସମସ୍ତ ପ୍ରକାର ଚିକିତ୍ସାର ସୁବ୍ୟବସ୍ଥା ନ ଥିବାରୁ ନିରାଶ ହୋଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବା କଟକ ବଡ ମେଡିକାଲକୁ ଯାଇଥାନ୍ତି । ପୁଣି ରାତ୍ର ସମୟରେ ଏଠାରେ କୌଣସି ଡାକ୍ତର ନ ଥିବାରୁ ସାପ କାମୁଡା, କୁକୁର କାମୁଡା ଓ ଗର୍ଭବତୀ ମହିଳାଙ୍କ ପ୍ରସବ ଇତ୍ୟାଦି ଜରୁରୀକାଳୀନ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ମର୍ମରେ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ ଓ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

## ଚାଷୀ ଆତ୍ମହତ୍ୟାର ତଦନ୍ତ, କ୍ଷତିପୂରଣ ଦାବିରେ ବିକ୍ଷୋଭ

**ବିରଜାକ୍ଷେତ୍ର,୧।୧୦(ଡି.ଏନ୍.ଏ)**



ଚାଷୀ ଆତ୍ମହତ୍ୟା ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଧର୍ମଶାଳା ବ୍ଲକର ଅଭୟପୁର ଗ୍ରାମପଞ୍ଚାୟତର ମଙ୍ଗରାଜପୁର ଗ୍ରାମର ଚାଷୀ ଗୌରାଙ୍ଗ ବଳଙ୍କ ଆତ୍ମହତ୍ୟାର ତଦନ୍ତ ଓ ଉପଯୁକ୍ତ କ୍ଷତିପୂରଣ ଦାବିରେ ମୃତ ଗୌରାଙ୍ଗଙ୍କ ସପରିବାର ଓ ଚାଷୀ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଯାଜପୁର ଜିଲାପାଳ ଅଫିସରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣାରେ ବସିଥିଲେ ଓ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ମୃତ ଗୌରାଙ୍ଗ ସାମାନ୍ୟ ଜମି ସହ ୬ ଏକରରୁ ଅଧିକ ଜମି ଭାଗଚାଷ କରୁଥିଲେ। ଲଗାତର ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ସେ ସମୁଦାୟ ୨ଲକ୍ଷ ୧୪ହଜାରରୁ ଅଧିକ ଋଣ କରିଥିଲେ। ଅଭାବ, ଦାରିଦ୍ର୍ୟ, ଝିଅ ବାହାଘର ଚିନ୍ତା ଏହିଭଳି ମାନସିକ ଚାପ ଅତ୍ୟଧିକ ହେବାରୁ ତାହା ସହି ନ ପାରି ଶେଷରେ ଆତ୍ମହତ୍ୟାର ପଥ ବାଛି ନେଇଥିଲେ। ଆଜକୁ ସାତଦିନ ପରେ ବି ପ୍ରଶାସନ ଉପଯୁକ୍ତ ତଦନ୍ତ କରି ଚାଷୀ ଆତ୍ମହତ୍ୟା ଘୋଷଣା କରିବା ପରିବର୍ତ୍ତେ ନାମକୁ ମାତ୍ର ସହାୟତା ଦେଇ ଘଟଣାକୁ ଚପାଇ ଦେବାକୁ ଚେଷ୍ଟା କରୁଛନ୍ତି। ଶୁକ୍ରବାର ମୃତ ଗୌରାଙ୍ଗଙ୍କ ସପରିବାର ଓ ଚାଷୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ୧୦ଲକ୍ଷ ଟଙ୍କା କ୍ଷତିପୂରଣ, ପରିବାରର ଜଣେ ସଦସ୍ୟଙ୍କୁ ସ୍ଥାୟୀ ନିଯୁକ୍ତି ଆଦି ଦାବି କରି ଧାରଣାରେ ବସିଥିଲେ। ସେହିଦିନ ଧର୍ମଶାଳା ତହସିଲଦାରଙ୍କ ସହ ଆଲୋଚନା ହୋଇଥିଲା। କିନ୍ତୁ ଆଜିକୁ ସାତଦିନ ବିତିଯାଇଥିଲେ ମଧ ପ୍ରଶାସନ ଘଟଣାର ଉପଯୁକ୍ତ ତଦନ୍ତ ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି । ତେଣୁ ଆଗାମୀ ଦିନରେ ଏହି ଆନ୍ଦୋଳନ ଖୁବ୍ ଉଗ୍ର ଓ ଦୁର୍ବାର ରୂପ ଗ୍ରହଣ କରିବ ଓ ସେଥିପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ରହିବ ବୋଲି ଉତ୍ତେଜିତ ଚାଷୀମାନେ ଚେତାବନୀ ଦେଇଛନ୍ତି । ଏହି ଆନ୍ଦୋଳନରେ ଅକ୍ଷୟ ଦାସ, ଚକ୍ରଧର ଖଟୁଆ, ଅଚ୍ୟୁତ ପ୍ରଧାନ, ବିରେନ ପଣ୍ଡା, ଚୈତନ୍ୟ ସାହୁ, ବିନୋଦ ମଲ୍ଲିକ, ବୈରାଗୀ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ।

## ସ୍ଥାୟୀ ନିଯୁକ୍ତି ଦାବିରେ ଊର୍ଦ୍ଧ୍ୱ ଶିକ୍ଷା ସହାୟକଙ୍କ ଦାବିପତ୍ର

**ବିରଜାକ୍ଷେତ୍ର,୧।୧୦(ଡି.ଏନ୍.ଏ)**

ସ୍ଥାୟୀ ନିଯୁକ୍ତିକୁ ନେଇ ଊର୍ଦ୍ଧ୍ୱ ଶିକ୍ଷା ସହାୟକ ସୋମବାର ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅସ୍ଥାୟୀ ଊର୍ଦ୍ଧ୍ୱ ଶିକ୍ଷା ସହାୟକମାନେ ନିୟମ ଅନୁଯାୟୀ ସିଟି ଓ ଓଟିଇଟି ପାସ୍ କରି ଚାକିରି ଆଶାରେ ଅପେକ୍ଷା କରିଛନ୍ତି। ମାତ୍ର ଜିଲାଗୁଡ଼ିକରେ ଊର୍ଦ୍ଧ୍ୱ ଶିକ୍ଷା ସହାୟକ ପଦବୀ ଗତ ନିଯୁକ୍ତି ପ୍ରକ୍ରିୟାରେ ୭ଟି ପଦବୀ ବାହାରିଥିଲା। ଶିକ୍ଷାର୍ଥୀଙ୍କର ବହୁ ଚେଷ୍ଟାରେ ଗଣଶିକ୍ଷା ବିଭାଗ ପକ୍ଷରୁ ବିଇଓ ଓ ଡିଇଓଙ୍କୁ ନୂତନ ଭାବେ କେତେକ ଶିକ୍ଷା ସହାୟକ ପଦବୀ ସୃଷ୍ଟି କରିବାକୁ ନିର୍ଦ୍ଦେଶନାମା ଆସିଥିଲେ ମଧ ଏହାକୁ ଜିଲାସ୍ତରରେ କାର୍ଯ୍ୟକାରୀ କରାଯାଇ ନାହିଁ। ଫଳରେ ବହୁ ବେକାରୀ ଊର୍ଦ୍ଧ୍ୱ ଶିକ୍ଷା ସହାୟକ ନିଯୁକ୍ତି ପାଇବାରୁ ବଞ୍ଚିତ ହୋଇଛନ୍ତି। ଚାକିରିକୁ ଅପେକ୍ଷା କରି ବହୁ ଊର୍ଦ୍ଧ୍ୱ ଶିକ୍ଷା ସହାୟକଙ୍କ ବୟସ ବଢ଼ି ଯାଉଥିବାରୁ ସେମାନେ କ'ଣ କରିବେ ବୋଲି କ୍ଷୋଭର ସହ ପ୍ରକାଶ କରିଥିଲେ। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଅକତାର ଅଲ୍ଲୀଖାଁ, ଜାହିଦ୍ ଖାଁ, ତୋହିଦ୍ ଖାଁ, ମିର୍ ରାଜୁଅଲ୍ଲୀ, ସମୀଉଲ୍ଲା ଖାଁଙ୍କ ସମେତ ଅନ୍ୟ ଊର୍ଦ୍ଧ୍ୱ ଶିକ୍ଷା ସହାୟକମାନେ ଜିଲାପାଳଙ୍କ ନିକଟରେ ନିବେଦନ କରିଥିଲେ।

### ଖବରଦାତାଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ

**ଯାଜପୁର ଅଫିସ,୧।୧୦**

ରାଜ୍ୟରେ ଲାଗି ରହିଥିବା ସାମ୍ବାଦିକ ଆକ୍ରମଣ ଘଟଣାକୁ ସୋମବାର ଯାଜପୁରରେ ଘୋର ବିରୋଧ କରାଯାଇଛି। ଯାଜପୁର ଗାନ୍ଧୀ ଛକ ନିକଟରେ କାର୍ଯ୍ୟରତ ଖବରଦାତାମାନେ ଏକତ୍ର ହୋଇ କଳା ବ୍ୟାଜ ପରିଧାନ କରିଥିଲେ। ରାଜ୍ୟରେ ଯେଉଁଭଳି ଭାବେ ସାମ୍ବାଦିକ ଆକ୍ରମଣ ଘଟଣା ବୃଦ୍ଧି ପାଉଛି ସେଥିପାଇଁ ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ଦାବି କରିଥିଲେ। ଏଥିସହିତ ନିକଟ ଅତିତରେ ସାମ୍ବାଦିକ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ସହ କଠୋର ଦଣ୍ଡ ଦେବାକୁ ଦାବି କରିଥିଲେ। ପରେ ଗାନ୍ଧୀଛକରୁ ଏକ ପ୍ରତିବାଦ ଶୋଭାଯାତ୍ରା ଡିଆରଡିଏ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ ଖବରଦାତାଙ୍କ ସହିତ କିଛି ସମୟ ଆଲୋଚନା କରିବା ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ସ୍ମାରକପତ୍ରକୁ ଗ୍ରହଣ କରିଥିଲେ। ଏହି ଶୋଭାଯାତ୍ରାରେ ଓୟୁଜେ ଓ ଉତ୍କଳ ସାମ୍ବାଦିକ ସଂଘର ମହେଶ୍ୱର ବଳ, କୈଳାସ ଚନ୍ଦ୍ର ନାୟକ, ବେଣୁଧର ପଣ୍ଡା, ହାରାଧନ ବାନାର୍ଜି, ଆନନ୍ଦଚନ୍ଦ୍ର ସାହୁ, କୁମାର ରଣା, ଅଭୟ ପତି, ସମରଜିତ ମହାନ୍ତି, ସୁଜତ ମଲ୍ଲିକ, ସନ୍ଦୀପ୍ତ ରାୟ, ଅରୁଣ କୁମାର ରାଉତରାୟ, ବିରଜା ପ୍ରସାଦ ପାଣି, ପ୍ରମୁଖ ଶତାଧିକ ଖବରଦାତା ସାମିଲ ହୋଇଥିଲେ ।

## ବିଦ୍ୟୁତ, ସମନ୍ୱିତ ମହିଳା ଓ ଶିଶୁ ବିକାଶ ଅଧିକାରୀଙ୍କ ଉପରେ ବର୍ଷିଲେ ବିଧାୟିକା

**ବିଞ୍ଝାରପୁର,୧।୧୦(ଡି.ଏନ.ଏ)**

**ଚତୁର୍ଥ ପଞ୍ଚାୟତ ସମିତି ବୈଠକ**

ବିଞ୍ଝାରପୁର ବ୍ଲକ ପଞ୍ଚାୟତ ସମିତିର ଚତୁର୍ଥ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବିଧାୟିକା ପ୍ରମିଳା ମଲ୍ଲିକ ନେସ୍କୋ ଏସଡିଓ ଅସୀତ ପ୍ରଧାନ ଓ ସମନ୍ୱିତ ମହିଳା ଓ ଶିଶୁ ବିକାଶ ଅଧିକାରୀ ତଥା ସିଡିପିଓ ପ୍ରାଣେଶ୍ୱରୀ ପାଣିଗ୍ରାହୀଙ୍କ ଉପରେ ଖୁବ୍ ବର୍ଷିଥିଲେ। ସୌଭାଗ୍ୟ ଯୋଜନାରେ ହିତାଧିକାରୀଙ୍କୁ ମାଗଣାରେ ଉପକରଣ ଯୋଗାଇ ନ ଦେଇ ବାରମ୍ବାର ହତାଶ କରାଯାଉଥିବା ଅଭିଯୋଗ କରି ବିଧାୟିକା ମଲ୍ଲିକ ଏସଡିଓ ପ୍ରଧାନଙ୍କ ଉପରେ ବର୍ଷିଥିଲେ। ସେହିପରି ସମନ୍ୱିତ ମହିଳା ଓ ଶିଶୁ ବିକାଶ ଅଧୀନରେ ଅଧିକାଂଶ ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ ଓ ଅନ୍ୟାନ୍ୟ ଅନିୟମିତତାକୁ ନେଇ ସିଡିପିଓଙ୍କ ଉପରେ ବର୍ଷିଥିଲେ। ବ୍ଲକ କନିଷ୍ଠଯନ୍ତ୍ରୀ ପ୍ରଶାନ୍ତ ଘଡେଇ ନିୟମିତ ବ୍ଲକ ଆସୁ ନ ଥିବାରୁ ବିଧାୟିକାଙ୍କ କ୍ରୋଧର ଶିକାର ହୋଇଥିଲେ। ସୋମବାର ପୂର୍ବାହ୍ନରେ ବ୍ଲକ ଅଧକ୍ଷ ନନ୍ଦକିଶୋର ସାମଲଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ଏମ୍‌ପି ରୀତା ତରାଇ ଯୋଗଦେଇ ବ୍ଲକର ବିଭିନ୍ନ ସରକାରୀ ଯୋଜନାକୁ ହିତାଧିକାରୀଙ୍କ ପାଖରେ ସହଜରେ ପହଞ୍ଚାଇବାକୁ ସରକାରୀ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ବିଡିଓ ଦାମୋଦର ଖୁଣ୍ଟିଆ ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ବିଭିନ୍ନ ଯୋଜନାରେ ୫କୋଟି ୩୩ ଲକ୍ଷ ଟଙ୍କାର ବ୍ୟୟ ବରାଦ ସମ୍ପର୍କରେ ଏପିଓ ସୁନିତା ନାୟକ ସୂଚନା ଦେଇଥିଲେ। ସେହିପରି ଅରେଇ ସରପଞ୍ଚ ଦେବାନନ୍ଦ ମଲ୍ଲିକ ପାନୀୟଜଳ ପ୍ରକଳ୍ପ ସମ୍ପର୍କରେ ବୈଠକରେ ଅଭିଯୋଗ କରିଥିବା ବେଳେ ବର୍ଷାରେ ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବରୁ ରବି ଫସଲ ପାଇଁ ତୁରନ୍ତ ବିରି ,ମୁଗ ଓ ଚିନା ବାଦାମ ବିହନ ଯୋଗାଇ ଦେବାକୁ ରଣପୁର ସରପଞ୍ଚ ଅଟଳ ନାୟକ ଦାବି କରିଥିଲେ । ବ୍ଲକ ଉପାଧକ୍ଷା କୁମୁଦିନୀ ଦାସ , ଅତିରିକ୍ତ ବିଡିଓ ଜ୍ଞାନେନ୍ଦ୍ର ଲେଙ୍କା, ସହକାରୀ ଯନ୍ତ୍ରୀ ରଞ୍ଜନ ସାମଲଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ଜିଲା ପରିଷଦ ସଭ୍ୟା ସୁଷମା ସେଠୀ ଓ ୨୯ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ଯୋଗଦେଇ ସେମାନଙ୍କ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ ।

■ ପଟ୍ଟା ନାହିଁ ବୋଲି ମିଳୁନି ଘର

## ଗୁହାଳରେ ମା' ସହ ଦିବ୍ୟାଙ୍ଗ ପୁଅ


ବିକଳାଙ୍ଗ ପୁଅ ସହିତ ଗୁହାଳ ଘର ସମ୍ମୁଖରେ ମା'।

**ଯାଜପୁର ଅଫିସ,୧।୧୦**

ରାଜ୍ୟରେ ମା' ପେଟରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ କେବଳ ଯୋଜନା ପ୍ରଣୟନ ହୋଇଛି । କିନ୍ତୁ ବିଡମ୍ବନା ଯେ, ଯୋଜନାର ସଫଳତା ଉପଯୁକ୍ତ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁନାହିଁ । ପଟ୍ଟାହୀନମାନେ ଶତ ପ୍ରତିଶତ ବାସହୀନ ହୋଇଥିଲେ ମଧ ସେମାନଙ୍କୁ ଘରେ ଖଣ୍ଡେ ମିଳି ପାରିବନି ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି। ସୁକିନ୍ଦା ନିର୍ବାଚନମଣ୍ଡଳୀର ଆଦର୍ଶ ପଞ୍ଚାୟତ ଭାବେ ନିଆଯାଇଥିବା ହାତୀବାରି ପଞ୍ଚାୟତର ହାତୀବାରି ଗ୍ରାମରେ ଡାଳିମ୍ବ ମଲିକ(୮୦) ଘର ଖଣ୍ଡେ ପାଇଁ ବାର ଦୁଆର ହେଉଛନ୍ତି । ସେହି ଗ୍ରାମର ବୋଧିରାମ ମଲିକଙ୍କ ଗୁହାଳରେ ସେ ଆଶ୍ରୟ ନେଉଛନ୍ତି। ଡାଳିମ୍ବଙ୍କର ଜଣେ ଦିବ୍ୟାଙ୍ଗ ପୁଅ ଅଛନ୍ତି। ଜମି ନାହିଁ, ପଟ୍ଟାଶୂନ୍ୟ ସେ ଗାଁ ବାଲାଙ୍କ ସହାୟତାରେ ଦୀର୍ଘ ୫ବର୍ଷ ତଳେ ଗୋଟିଏ ଅନାବାଦୀ ଜାଗାରେ ଘର କରିବା ପାଇଁ ଆବାସ ଯୋଜନାରେ ସାମିଲ ହୋଇଥିଲେ। କିନ୍ତୁ ଗାଁର କେତେଜଣ କୁଜିନେତା, ଟାଉଟର ଏବଂ ଦଲାଲ ଘର ନାଁ ରେ ଆସିଥିବା ଅର୍ଥ ହଡପ କରି ଦେଇଥିଲେ ବୋଲି ଅଭିଯୋଗ ହୋଇଛି । ଏନେଇ ବିଧାୟକଙ୍କୁ ଗୁହାରି କରୁଥିଲେ ମଧ ଦୀର୍ଘ ୫ ବର୍ଷ ହେଲା କିଛି ସୁଫଳ ମିଳୁନାହିଁ। ଅସହାୟ ଡାଳିମ୍ବ ପାଇଁ ଆବାସ ଖଣ୍ଡେ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦୃଢ ଦାବି କରିଛନ୍ତି ।

■ ପୁନର୍ବାସ, ଥଇଥାନ ନୀତିକୁ ନେଇ ଅଶାନ୍ତି ବଳବତ୍ତର

## କ୍ଷତିପୂରଣ, ନିଯୁକ୍ତି ଦାବିରେ କ୍ଷତିଗ୍ରସ୍ତ ପରିବାରଙ୍କ ଧାରଣା

**ଯାଜପୁର ଅଫିସ/ଯାଜପୁରରୋଡ (ନି.ପ୍ର.), ୧।୧୦**

କଳିଙ୍ଗନଗରରେ ଗଢି ଉଠିଥିବା ଶିଳ୍ପ ସଂସ୍ଥାଗୁଡିକ ପ୍ରଭାବିତ ଅଞ୍ଚଳବାସୀ ତଥା କ୍ଷତିଗ୍ରସ୍ତ ପରିବାରଙ୍କ ସମସ୍ୟାଠାରୁ ଦୂରେଇ ଯାଇଛନ୍ତି । ଫଳରେ ସେଠାରେ ଜନ ଅଶାନ୍ତି ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରୁଛି। ବିସ୍ଥାପନର ଦୁଃଖ ସାଙ୍ଗକୁ ଶିଳ୍ପ ସଂସ୍ଥାର ଅମାନବୀୟ ବ୍ୟବହାର ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଲୋକଙ୍କୁ ଆନ୍ଦୋଳନମୁଖୀ ତଥା ବିଦ୍ରୋହୀ କରାଉଛି। ଏଭଳି ଅବସ୍ଥା ଏବେ ଯାଜପୁର ଜିଲାର ଦାନଗଦି ବ୍ଲକ ଚାନ୍ଦିଆ ପଞ୍ଚାୟତର କଳାମାଟିଆ ଏବଂ ସୁକିନ୍ଦା ବ୍ଲକ ସାରଙ୍ଗପୁର ପଞ୍ଚାୟତର ଗାଡପୁର ଓ କୁରୁଣ୍ଡି ଗ୍ରାମର ଦେଖିବାକୁ ମିଳିଛି । ଏହି ଗ୍ରାମଗୁଡ଼ିକର ୩୦ଟି ପରିବାର ଟାଟା ଷ୍ଟିଲ ଦ୍ୱାରା ବିସ୍ଥାପିତ ହୋଇଛନ୍ତି। ସେମାନଙ୍କୁ ଏଯାଏ କ୍ଷତିପୂରଣ ଓ ନିଯୁକ୍ତି ମିଳି ପାରିନାହିଁ । ଏହି ମର୍ମରେ ସୋମବାର କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିସ୍ଥାପିତ ପରିବାର ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିସ୍ଥାପିତଙ୍କ ଦୁଃଖ ଲାଘବ ପାଇଁ କମ୍ପାନୀ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ କେହି ବି ଆନ୍ତରିକତା ଦେଖାଉ ନାହାନ୍ତି। ଫଳସ୍ୱରୂପ ପୁଞ୍ଜିଭୂତ ଅଶାନ୍ତି ଓ ବିଦ୍ରୋହର ନିଆଁ ସମଗ୍ର ଅଞ୍ଚଳବାସୀଙ୍କ ମଧରେ କୁହୁଳିବାରେ ଲାଗିଛି।

ରାଜ୍ୟ ସରକାରଙ୍କ ଗତ ୨୦୦୬ ମସିହାରେ ପ୍ରଣୀତ ପୁନର୍ବାସ ଥଇଥାନ ନୀତି ଟାଟା ଷ୍ଟିଲ ପାଇଁ ପ୍ରଯୁଜ୍ୟ ହେଉନାହିଁ। ବିସ୍ଥାପିତ ପରିବାରଗୁଡିକର ଯୋଗ୍ୟ ପ୍ରାର୍ଥୀମାନେ ମଧ ବହୁବିଧ କାରଣରୁ ବର୍ଷ ବର୍ଷ ଧରି ଅପେକ୍ଷା ପରେ ନିଯୁକ୍ତି ପାଇ ନ ପାରି ତାଙ୍କ ମଧରେ ଅସନ୍ତୋଷର ବହ୍ନି ଜଳିବାରେ ଲାଗିଛି। ଯାହାର ପ୍ରତିଫଳନ ଏବେ ଦେଖିବାକୁ ମିଳିଛି। ବିସ୍ଥାପିତ ଲୋକେ ବାରମ୍ବାର କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ନିକଟକୁ ଧାଇଁ ଶେଷରେ ଦାବି ହାସଲ କରି ନ ପାରି ନୟାନ୍ତ ହେଉଛନ୍ତି। ଏପରିସ୍ଥଳେ ଭିଟାମାଟି ଜମି, ଘର, ବୃତ୍ତି ସବୁ କିଛି ହରାଇଥିବା ଲୋକେ ବିଦ୍ରୋହୀ ହୋଇଉଠିଛନ୍ତି। ବାରମ୍ବାର ଆନ୍ଦୋଳନ ଯୋଗୁ ଟାଟା ଷ୍ଟିଲ ଭଳି ବୃହତ କମ୍ପାନୀ ଉପରେ ଲୋକଙ୍କ ନକରାତ୍ମକ ଭାବନା ସୃଷ୍ଟି ହେଉଥିବାବେଳେ ପ୍ରଶାସନ ପାଇଁ ମଧ୍ୟ ମୁଣ୍ଡବ୍ୟଥାର କାରଣ ହେଉଛି। ଏହିସବୁ ଗ୍ରାମର ଚାଷଜମି ସବୁ କମ୍ପାନୀରେ ବ୍ୟବହାର ହୋଇସାରିଲାଣି। ହେଲେ ଜନବସତି କେବଳ ବିସ୍ଥାପନ ଅପେକ୍ଷାରେ ରହିଛି। ଫଳରେ ବିବାଦ ମଧ ଦିନକୁ ଦିନ ବଢି ଚାଲିଛି। ଏଭଳି ପରିସ୍ଥିତିରେ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଲୋକ ଏବଂ ଟାଟା ଷ୍ଟିଲ ମଧ୍ୟରେ ବ୍ୟବଧାନ ବଢି ଚାଲିଛି। ପୁନର୍ବାସ ଓ ଥଇଥାନ ଉପଦେଷ୍ଟା କମିଟି ବସି ସମସ୍ୟାର ଆଲୋଚନା ହୋଇ ନିଷ୍ପତ୍ତି ହେଉଛି ସତ ହେଲେ ତାହା କାର୍ଯ୍ୟକାରୀ ହେଉନାହିଁ। ଫଳରେ ଲୋକଙ୍କ ମଧ୍ୟରେ ଧୈର୍ଯ୍ୟଚ୍ୟୁତି ଘଟିବାରେ ଲାଗିଛି। ଉଚ୍ଚସ୍ତରରେ ପ୍ରତିନିଧିତ୍ୱ କରୁଥିବା ଜନ ପ୍ରତିନିଧିଙ୍କ ଭୂମିକା ମଧ୍ୟ ସନ୍ତୋଷଯୋଗ୍ୟ ଓ ଗ୍ରହଣଯୋଗ୍ୟ ଲୋକଙ୍କ ପାଇଁ ହେଉନାହିଁ। ଏ ସମ୍ପର୍କରେ ଆରପିଡ଼ିଏସି ଓ ଗୃହକମିଟି ନିକଟରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପରିବାରଙ୍କ ମଧ୍ୟରୁ ଶମ୍ଭୁନାଥ ମହାନ୍ତ, ରାଜେନ୍ଦ୍ର ମୁର୍ମୁ, ସନ୍ତୋଷ ମହାନ୍ତ, ଲକ୍ଷ୍ମଣ ହେଂସା, ଶୁନୀଲ ଗାଗରାଇ ପ୍ରମୁଖ ଅତିରିକ୍ତ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଖୁବ୍ ଶୀଘ୍ର ସେମାନଙ୍କୁ କ୍ଷତିପୂରଣ ଓ ନିଯୁକ୍ତି ପ୍ରଦାନ କରାଯିବ ବୋଲି ଅତିରିକ୍ତ ଜିଲାପାଳ ପ୍ରତିଶ୍ରୁତି ଦେବାରୁ ସେମାନେ ଧାରଣାରୁ ଓହରିଥିଲେ। ଏ ସମ୍ପର୍କରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ(ଏଡିଏମ) ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ୧୯୯୬ ଓ ୨୦୦୭ ମସିହାରେ ହୋଇଥିବା ବିସ୍ଥାପନ ତାଲିକାରେ ଏମାନଙ୍କର ନାମ ନାହିଁ। ୫ମ ଆରପିଡ଼ିଏସି ବୈଠକରେ ଏ ସଂପର୍କରେ ଆଲୋଚନା ହୋଇଥିଲା। ବିସ୍ଥାପିତ ପରିବାରମାନଙ୍କୁ ଦରଖାସ୍ତ କରିବା ପାଇଁ କୁହାଯାଇଥିଲା। ସେହି ଦରଖାସ୍ତ ଯାଞ୍ଚ ବା ତନଖି ଚାଲିଛି। ଖୁବ ଶୀଘ୍ର ଆରପିଡ଼ିଏସି ବୈଠକ ଡକାଯାଇ ଏ ସମ୍ପର୍କରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

**କଳିଙ୍ଗନଗର ଏଡିଏମ୍‌ଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ**


ବିସ୍ଥାପିତମାନେ ଧାରଣାରେ ବସିଛନ୍ତି।

## ସଂକ୍ଷେପରେ

### ଅରୁଣ ସ୍ତମ୍ଭ, ଗରୁଡ଼ ସ୍ତମ୍ଭ ନିକଟରୁ ହଟିଲା ଥାଳି

ପୁରୀ ଅଫିସ,୧।୧୦: ଶ୍ରୀମନ୍ଦିରରେ ପ୍ରଥମଥର ପାଇଁ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଛି। ସୁପ୍ରିମକୋର୍ଟଙ୍କ ପ୍ରସ୍ତାବ ଅନୁଯାୟୀ ଦୁଇଟି ସ୍ଥାନରୁ ଦାନ, ଦକ୍ଷିଣା ପାଇଁ ରହିଥିବା ଥାଳି ଉଠିଛି। ଏହା ଶ୍ରୀମନ୍ଦିର ସଂସ୍କାର ପ୍ରକ୍ରିୟାରେ ଏକ ସକାରାତ୍ମକ ଚିତ୍ର ପଦାକୁ ଆଣିଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଧରିତ୍ରୀକୁ କହିଛନ୍ତି।
ମୁଖ୍ୟ ପ୍ରଶାସକ କହିଛନ୍ତି ଯେ, ଧାଡ଼ିଦର୍ଶନ ବ୍ୟବସ୍ଥାରେ କୌଣସି ସମସ୍ୟା ନାହିଁ। ମୁଁ ଧାଡ଼ିଦର୍ଶନ କରି ଉତ୍ତର ଦ୍ୱାର ଦେଇ ଫେରିଲି। କୌଣସି ପରିବର୍ତ୍ତନ ହେଲେ ଲୋକଙ୍କ ମନରେ କିଛି ଅସୁବିଧା ହେବ ବୋଲି ଆଶଙ୍କା ଉପୁଜିଥାଏ। କିନ୍ତୁ ଦର୍ଶନ ବେଳେ ଶ୍ରଦ୍ଧାଳୁଙ୍କ ସହ ଆଲୋଚନା କରିଛି। ବହୁତ ଭଲ ଭାବେ ମହାପ୍ରଭୁଙ୍କ ଦର୍ଶନ ହୋଇଥିବା ସେମାନେ କହିଛନ୍ତି। କେତେଜଣ ଲୋକ ସବୁବେଳେ ଭଲ କାମକୁ ଭଣ୍ଡୁର କରିବାକୁ ଚେଷ୍ଟା କରନ୍ତି। ସକାଳେ ଯେଉଁ ଅପ୍ରୀତିକର ପରିସ୍ଥିତି ଘଟିଛି, ତାହା ସେମାନଙ୍କର ଏକ ଷଡ଼ଯନ୍ତ୍ର। ମହାପ୍ରସାଦ ଆଣିବା ପାଇଁ ଯେଉଁ ସମସ୍ୟା ଥିଲା ତାହା ଦୂର ହୋଇଛି। ମହାପ୍ରସାଦ ପାଇଁ ଆଣିବାକୁ ଇଚ୍ଛୁକ ବ୍ୟକ୍ତି ଉତ୍ତର ଦ୍ୱାର ଦେଇ ଆନନ୍ଦ ବଜାରକୁ ଯାଇପାରିବେ। ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି ରହିଛି। ସେମାନେ ଚାହିଁଲେ ବି ଅନ୍ୟଦ୍ୱାର ଦେଇ ଯାଇପାରିବେ। ସ୍ଥାନୀୟ ଭକ୍ତଙ୍କ ଲାଗି ସିଂହଦ୍ୱାରରେ ଏକ ସ୍ୱତନ୍ତ୍ର ଧାଡ଼ି କରାଯିବା ଲାଗି ପ୍ରସ୍ତାବ ରହିଛି। ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଯାଇଛି। ତିନିଦ୍ୱାରରେ ୩ଟି ବାକ୍ସ ଲଗାଯିବ। ଧାଡ଼ି ଦର୍ଶନ ବ୍ୟବସ୍ଥାରେ ହେଉଥିବା ସମସ୍ୟା ଏବଂ ଏହାର ସୁଧାର ପାଇଁ କ'ଣ ବ୍ୟବସ୍ଥା ଗ୍ରହଣ କରାଯାଇପାରିବ ସେମାନେ ଏଥିରେ ଲିଖିତ ପ୍ରସ୍ତାବ ଦେବେ। ଏହି ପ୍ରସ୍ତାବଗୁଡ଼ିକୁ ତର୍ଜମା କରାଯାଇ ସୁଧାର ଦିଗରେ ପଦକ୍ଷେପ ନିଆଯିବ। ସୁପ୍ରିମ୍‌କୋର୍ଟଙ୍କ ଆଉ ୯ଟି ପ୍ରସ୍ତାବକୁ ସେବାୟତଙ୍କ ସହ ଆଲୋଚନା କରି ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ। ମହାପ୍ରଭୁଙ୍କୁ ଦର୍ଶନ କରିସାରିବା ପରେ ଭକ୍ତ ସିଂହଦ୍ୱାର ପଟେ ନ ବାହାରି ଅନ୍ୟ ତିନିଦ୍ୱାରରେ ବାହାରିବେ। ଶ୍ରୀମନ୍ଦିର ପରିସରରେ ଭକ୍ତଙ୍କ ସୁବିଧା ପାଇଁ ଆବଶ୍ୟକ ଅନୁଯାୟୀ ଶେଡ୍ ତିଆରି ହେବ। ଧାଡ଼ି ଦର୍ଶନ ବ୍ୟବସ୍ଥାକୁ କାର୍ତ୍ତିକ ମାସ ପରେ ନିୟମିତ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

## ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ବ୍ୟବସ୍ଥା

# ଧାଡ଼ିରେ ଯିବ ଅଧିକ ସମୟ

**ପୁରୀ ଅଫିସ, ୧।୧୦**

ଶ୍ରୀମନ୍ଦିରରେ ସୋମବାର ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଛି ଧାଡ଼ିଦର୍ଶନ। ବର୍ତ୍ତମାନ ଏହି ବ୍ୟବସ୍ଥା ସପ୍ତାହକୁ ଗୋଟିଏ ଦିନ ହେବ। ସ୍ଥିତିକୁ ଭଲ ଭାବେ ଅନୁଧ୍ୟାନ କରାଯିବା ପରେ କାର୍ତ୍ତିକ ମାସ ପରେ ଏହାକୁ ନିୟମିତ କରାଯିବ ବୋଲି କହିଛି ଶ୍ରୀମନ୍ଦିର ପ୍ରଶାସନ। ତେବେ ଆରମ୍ଭରୁ ଏହାକୁ ନେଇ ସୃଷ୍ଟି ହୋଇଛି ତୁମୁଳକାଣ୍ଡ। ପ୍ରଶାସନିକ କଟକଣାକୁ ମାନି ନାହାନ୍ତି ଭକ୍ତ। ଧାଡ଼ି ପାଇଁ ହୋଇଥିବା ବ୍ୟାରିକେଡ ଭାଙ୍ଗି ଧସେଇ ପଶିଛନ୍ତି। ଧାଡ଼ି ବ୍ୟବସ୍ଥାକୁ ନେଇ ଶ୍ରୀମନ୍ଦିର ଭଳି ଏକ ଆଧ୍ୟାତ୍ମିକ କେନ୍ଦ୍ର ପରିସରରେ ସୃଷ୍ଟି ହୋଇଛି ଅପ୍ରୀତିକର ପରିସ୍ଥିତି। ଏହି ଧାଡ଼ିଦର୍ଶନ ବ୍ୟବସ୍ଥା ସମ୍ପର୍କରେ ଶ୍ରଦ୍ଧାଳୁଙ୍କ ମତାମତକୁ ନେଇ ଆମର ସ୍ୱତନ୍ତ୍ର ଉପସ୍ଥାପନା।...



ପ୍ରତିଦିନ ବହୁ ସଂଖ୍ୟାରେ ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଆସୁଛନ୍ତି। ଧାଡ଼ିଦର୍ଶନ ହେଲେ ଅନେକ ଭକ୍ତ ଦର୍ଶନରୁ ବଞ୍ଚିତ ହେବେ। ମୋର ବୟସ ୭୦ ଟପିଲାଣି। ମୁଁ କେନ୍ଦ୍ରାପଡ଼ା ଜିଲା ଡେରାବିଶରୁ ଦର୍ଶନ ପାଇଁ ଆସିଥିଲି। ହେଲେ ପହଞ୍ଚିବା ବେଳକୁ ବ୍ୟାରିକେଡ ଭିତରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଯାଇଥିଲା। ତେଣୁ ଏତେ ସମୟ ଧରି ଧାଡିରେ ଠିଆ ହେବାକୁ ମୋର ସାହସ ହେଲା ନାହିଁ। ତେଣୁ ସିଂହଦ୍ୱାରରୁ ପତିତପାବନଙ୍କୁ ମୁଣ୍ଡିଆ ମାରି ଫେରିଯାଉଛି। ଶ୍ରୀମନ୍ଦିର କ୍ଷେତ୍ରରେ ଏହି ବ୍ୟବସ୍ଥା ଲାଗୁ ନ ହେଲେ ଭଲ।

**– ରାଧାଶ୍ୟାମ ପାତ୍ର, ଡେରାବିଶ, କେନ୍ଦ୍ରାପଡ଼ା**



ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦେଖିବା ପାଇଁ ପ୍ରାୟତଃ ଶ୍ରୀମନ୍ଦିରକୁ ଆସିଥାଏ। ହେଲେ ଆଜି ଆସିବା ବେଳକୁ ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ ମଧ୍ୟରେ ବହୁ ସଂଖ୍ୟାରେ ଭକ୍ତ ଧାଡିରେ ଠିଆ ହୋଇଥିଲେ। ଆଗରେ ପୋଲିସ ଭକ୍ତଙ୍କୁ ଅଟକାଇ ଦେଇଥିବାରୁ ଧାଡି ବ୍ୟାରିକେଡ ଶେଷ ପର୍ଯ୍ୟନ୍ତ ଲମ୍ବି ଯାଇଥିଲା। ତେଣୁ ଆଉ ଭିତରକୁ ପ୍ରବେଶ କରିପାରିଲି ନାହିଁ। ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନରୁ ବଞ୍ଚିତ ହେଲି। ପ୍ରଶାସନିକ ଅଧିକାରୀମାନେ ଏହାକୁ ଭଲ ଭାବେ ବୁଝିବା ଦରକାର। ପୂର୍ବରୁ ଆସି ସୁରୁଖୁରରେ ମନ୍ଦିର ଭିତରକୁ ଯାଇ ମଙ୍ଗଳ ଆଳତି ଦର୍ଶନ କରିପାରୁଥିଲି।

**– ରମାମଣୀ, ସିଦ୍ଧମହାବୀର, ପୁରୀ**



ଭାରତର ଅନ୍ୟ ପ୍ରମୁଖରେ ଦର୍ଶନ ବ୍ୟବସ୍ଥା ଅପେକ୍ଷା ଜଗନ୍ନାଥ ମନ୍ଦିରରେ ଦର୍ଶନ ବ୍ୟବସ୍ଥା ବହୁତ ଭଲ। ପୂର୍ବରୁ ଏକାଧିକଥର ଆସି ଦର୍ଶନ କରିଛୁ। କିନ୍ତୁ ଆଜି ଦର୍ଶନ ପାଇଁ ଆସିବା ବେଳକୁ ଧାଡ଼ି ବ୍ୟବସ୍ଥା ଲାଗୁ କରାଯାଇଥିବା ଶୁଣିବାକୁ ପାଇଲୁ। ଏହି ବ୍ୟବସ୍ଥା ଦ୍ୱାରା ଭକ୍ତ ଶୃଙ୍ଖଳିତ ଭାବେ ଦର୍ଶନ ସୁବିଧା ପାଇବେ ସତ କିନ୍ତୁ ଅଧିକ ସମୟ ଦେବାକୁ ପଡିବ। ପୂର୍ବରୁ ଅଧଘଣ୍ଟାଏ ମଧ୍ୟରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଢା ବୁଲି ଫେରି ଯାଉଥିଲୁ। ହେଲେ ଏହି ବ୍ୟବସ୍ଥା ଦ୍ୱାରା ସାଧାରଣ ଦିନରେ ଅତି କମ୍‌ରେ ୨ ଘଣ୍ଟା ସମୟ ଦେବାକୁ ପଡିବ। ତେଣୁ ଭକ୍ତମାନେ କିପରି ବହୁ ସମୟ ଧାଡ଼ିରେ ଠିଆ ନ ହେବେ ପ୍ରଶାସନ ଏ ଦିଗରେ ବିଚାର କଲେ ଭଲ ହୁଅନ୍ତା।

**– କେଦାରନାଥ ଶର୍ମା, ରାଜସ୍ଥାନ**



ମୁଁ ବାଲିଗୁଆଳିରୁ ପ୍ରତ୍ୟେହ ମଙ୍ଗଳ ଆଳତି ଦର୍ଶନ କରିବାକୁ ଆସିଥାଏ। କିନ୍ତୁ ଆଜିର ଏହି ବ୍ୟବସ୍ଥା ଯୋଗୁ ମୁଁ ଦର୍ଶନ କରିପାରିଲି ନାହିଁ। ପହଞ୍ଚିବା ବେଳକୁ ଧାଡ଼ି ଲମ୍ବି ଥିଲା ଏବଂ ପୋଲିସ ଧାଡ଼ିକୁ ଅଟକାଇ ରଖିଥିଲା। ଦୈନିକ ଯେଉଁମାନେ ମନ୍ଦିରକୁ ଆସୁଛନ୍ତି ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ଶ୍ରୀମନ୍ଦିର ପ୍ରଶାସନ ସ୍ୱତନ୍ତ୍ର ଦର୍ଶନ ସୁବିଧା କରିବା ଦରକାର। ମୋଟାମୋଟି ଶ୍ରୀମନ୍ଦିର କ୍ଷେତ୍ରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଲାଗୁ କରାଯିବା ଠିକ୍ ନୁହେଁ। କାରଣ ଏଠାକୁ ଦୈନିକ ବହୁ ସଂଖ୍ୟାରେ ଦର୍ଶନାର୍ଥୀ ଆସୁଛନ୍ତି। ଧାଡ଼ି ଦର୍ଶନ ହେଲେ ଦୈନିକ ହଜାର ହଜାର ଭକ୍ତଙ୍କୁ ନିରାଶ ହେବାକୁ ପଡିପାରେ।

**– ଭାରତୀ ମଲ୍ଲିକ, ବାଲିଗୁଆଳି, ପୁରୀ**

ବାଇଶିପାହାଚରେ ପିତୃ ପୁରୁଷଙ୍କୁ ପିଣ୍ଡଦାନ ଦେବା ପାଇଁ ଆସିଥିଲି। କିନ୍ତୁ ଦୀର୍ଘ ସମୟ ଧାଡିରେ ଠିଆହେଲି। ବାଇଶିପାହାଚରେ ପହଞ୍ଚିବା ବେଳକୁ ସେଠାରେ ବ୍ୟାରିକେଡ ଏଣେତେଣେ ପଡିଥିଲା। ବିଶୃଙ୍ଖଳିତ ବ୍ୟବସ୍ଥା ଦେଖି ପିଣ୍ଡଦାନ କରିପାରିଲି ନାହିଁ। ପୂର୍ବରୁ ଅଧଘଣ୍ଟାଏ ମଧ୍ୟରେ ଦର୍ଶନ ଶେଷ କରି ଫେରିଥିଲୁ। କିନ୍ତୁ ଧାଡ଼ି ଦର୍ଶନ ଦ୍ୱାରା ଭକ୍ତଙ୍କୁ ଅଧିକ ସମୟ ଧାଡ଼ିରେ ହିଁ ଦେବାକୁ ପଡିବ।

**– ରବୀନ୍ଦ୍ର ପ୍ରଧାନ, ପଶ୍ଚିମବଙ୍ଗ**



ଶ୍ରୀମନ୍ଦିରର ଚାରିଦ୍ୱାର ରହିଛି। କେବଳ ସିଂହଦ୍ୱାର ଦେଇ ଭକ୍ତଙ୍କୁ ଛାଡିବା ଦ୍ୱାରା ଘଣ୍ଟା ଘଣ୍ଟା ଧରି ବ୍ୟାରିକେଡ ଭିତରେ ଠିଆ ହେବାକୁ ପଡୁଛି। ଏପରି ହେବା ଅନୁଚିତ। ପୂର୍ବରୁ ଯେମିତି ଭକ୍ତ ଚାରିଦ୍ୱାର ଦେଇ ଯିବାଆସିବା କରୁଥିଲେ ସେମିତି ହେବା ଦରକାର। ଶୃଙ୍ଖଳିତ ଦର୍ଶନ ପାଇଁ ଭିତରେ ପ୍ରଶାସନ ବ୍ୟବସ୍ଥା କରିବାରେ କିଛି ଅସୁବିଧା ନାହିଁ। କିନ୍ତୁ ଧାଡ଼ି ଦର୍ଶନ ହେଲେ ଠାକୁରଙ୍କୁ ମନ ପୂରାଇ ଭକ୍ତଟିଏ ଦର୍ଶନ କରିପାରିବ ନାହିଁ।



**– ସୁଭଦ୍ରା ପୃଷ୍ଟି, ଗଞ୍ଜାମ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୂରକୁ ସୁନ୍ଦର ପରବତ ଲୋ**
**ସ୍ତ୍ରୀକୁ ସୁନ୍ଦର ପତି**
**ବୃକ୍ଷକୁ ସୁନ୍ଦର ଗହଳ ପତର**
**ଗୁମ୍ଫାକୁ ସୁନ୍ଦର ଜତି।**

ଦୂରରେ ଥିବା ବ୍ୟକ୍ତି ବା ବସ୍ତୁ ଯେତେ ଖରାପ ହୋଇଥିଲେ ମଧ୍ୟ ଆଖିକୁ ତାହା ସୁନ୍ଦର ଦିଶିଥାଏ। ପତି ପାଖରେ ଥିଲେ ସ୍ତ୍ରୀ ନିଜକୁ ସୌଭାଗ୍ୟବତୀ ମନେକରିଥାଏ। ବୃକ୍ଷରେ ଅଧିକ ପତ୍ର ରହିଥିଲେ ତା'ର ଶୋଭାରାଜି ବଢ଼ିଯାଇଥାଏ। ସେହିପରି ସନ୍ନ୍ୟାସୀ ବା ଋଷି ଗୁମ୍ଫାରେ ଅବସ୍ଥାନ କରୁଥିଲେ ଗୁମ୍ଫାର ମହତ୍ତ୍ୱ ତଥା ବିଶେଷତ୍ୱ ଦ୍ୱିଗୁଣିତ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଦେ' କଉଡ଼ି ଖା' ପିତା**
**ଏଥିପାଇଁ କିଆଁ ଦାନ୍ତ ନିକୁଟା।**

ସୁସ୍ୱାସ୍ଥ୍ୟ ପାଇଁ ପିତା ଖାଇବା ନିହାତି ଆବଶ୍ୟକ। ପିତା ଦେହ ପକ୍ଷେ ହିତକର ହୋଇଥିବା ଦୃଷ୍ଟିରୁ ଏହାକୁ ଖାଇବା ପାଇଁ ମନରେ ଆଗ୍ରହ ସୃଷ୍ଟିକରିବା ଉଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ସିଂହଦ୍ୱାରରେ ଲୁହ ଗଡ଼ାଇଲେ ଭକ୍ତ

ପୁରୀ ଅଫିସ,୧।୧୦: ଭାବର ଠାକୁର ମହାପ୍ରଭୁ ଜଗନ୍ନାଥ। ମହାବାହୁଙ୍କୁ ଦର୍ଶନ କରିବା ଲାଗି ଭକ୍ତଟିଏ ଭକ୍ତି ଭାବରେ ଶ୍ରୀମନ୍ଦିରକୁ ଆସିଥାଏ। ଠାକୁରଙ୍କୁ ଆଖି ପୂରାଇ ଦର୍ଶନ କରିବ ଆଉ ମନର ଦୁଃଖ ଜଣାଇବ। ହେଲେ ଶ୍ରୀମନ୍ଦିରରେ ପରୀକ୍ଷାମୂଳକ ଭାବେ ସୋମବାର ହୋଇଥିବା ଧାଡ଼ି ଦର୍ଶନ ଯୋଗୁ କେତେଜଣ ଭକ୍ତ ଠାକୁରଙ୍କୁ ଦର୍ଶନ କରିବାରୁ ବଞ୍ଚିତ ହୋଇଛନ୍ତି। ବିଶେଷକରି ଶାରୀରିକ ଅସୁସ୍ଥତା ଥିବା କେତେଜଣ ମହିଳା ଭକ୍ତ ଅରୁଣ ସ୍ତମ୍ଭ ନିକଟ ବ୍ୟାରିକେଡ ବାହାରେ ରହି ଆଖିରୁ ଲୁହ ଗଡ଼ାଉଥିବା ଦେଖିବାକୁ ମିଳିଥିଲା। ଏମିତି ଦୁଇଜଣ ମହିଳା ହେଲେ ସଂଯୁକ୍ତା ପଟ୍ଟନାୟକ ଏବଂ ରଞ୍ଜିତା। ଭିତରେ ଅଧିକ ଭକ୍ତ ରହିଥିବାରୁ ପୋଲିସ ସିଂହଦ୍ୱାର ନିକଟରେ ଧାଡିକୁ ଅଟକାଇ ରଖିଥିଲା। ଫଳରେ ବ୍ୟାରିକେଡ ଭିତରେ ଧାଡି ଲମ୍ବି ଯାଇଥିଲା। ଏହି ସମୟରେ ଅରୁଣ ସ୍ତମ୍ଭ ନିକଟ ବ୍ୟାରିକେଡ ବାହାରେ ଠିଆ ହୋଇ କାନ୍ଦୁଥିଲେ ସଂଯୁକ୍ତା। ସେ କହିଥିଲେ, ମୁଁ ପ୍ରତିଦିନ ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦେଖିବାକୁ ଆସିଥାଏ। ଭିତରେ ହେଉଥିବା ସଂକୀର୍ତ୍ତନ ପାଖରେ କିଛି ସମୟ ବସି ଠାକୁରଙ୍କ ନାମ ଜପ କରିଥାଏ। କିନ୍ତୁ ଆଜି ପହଞ୍ଚିଲା ବେଳକୁ ବ୍ୟାରିକେଡ ଭିତରେ ଶହ ଶହ ଲୋକ ଧାଡିରେ ଠିଆ ହୋଇଛନ୍ତି। ମୋତେ ଜ୍ୱର ହୋଇଥିବା ବେଳେ ଆଣ୍ଠୁ ଅବସ୍ଥା ଭଲ ନାହିଁ। ଏତେ ସମୟ ଧାଡିରେ ଠିଆ ହେବା ମୋ ପକ୍ଷେ ସମ୍ଭବ ନୁହେଁ। କିନ୍ତୁ ଧାଡି ଦର୍ଶନ ହେଲେ ମହାପ୍ରଭୁଙ୍କ ଆଳତି ଦେଖିପାରିବିନି ଏହା ହିଁ ମୋର ଦୁଃଖ। ଏହି ବ୍ୟବସ୍ଥା ଦ୍ୱାରା ପ୍ରଭୁଙ୍କୁ ଆମ ପାଖରୁ ଦୂରେଇ ଦିଆଯାଉଛି। ମହାପ୍ରଭୁ ହେଉଛି ସମସ୍ତଙ୍କର। ସମସ୍ତେ ଠାକୁରଙ୍କୁ ଭଲ ଭାବେ ଦର୍ଶନ କରିବା ଦରକାର। ଆଗରୁ ଭକ୍ତମାନେ ଅନାୟାସରେ ଆସୁଥିଲେ ଓ ଯାଉଥିଲେ। ହେଲେ ବାହାର ମନ୍ଦିର ଭଳି ଏଠି ଏପରି ନିୟମ ବହୁତ କଷ୍ଟଦାୟକ ବୋଲି କାନ୍ଦି କାନ୍ଦି କହିଥିଲେ ସଂଯୁକ୍ତା। ସେହିପରି ଅନ୍ୟ ଜଣେ ଭକ୍ତ ରଞ୍ଜିତା ମଧ୍ୟ ମନ୍ଦିରକୁ ଯାଇ ପାରୁ ନ ଥିବାରୁ ସିଂହଦ୍ୱାର ନିକଟରେ ଠିଆ ହୋଇ କାନ୍ଦୁଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor
Cell: 7873239883

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠ୍‌କରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

SMS JOB
Send SMS. Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ।
(1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ)
1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

ଭାରତର ନଂ.1 କମ୍ପାନୀ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଦେଉଛି ବେରୋଜଗାର ଭାଇମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ ମାତ୍ର 2 ଘଣ୍ଟାରେ ପ୍ରାପ୍ତ କରନ୍ତୁ
ମା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି
1% ସୁଧ, 50% ରିହାତି
6388753739
6399376206
Add :- 41/14, Sec-1 Pushp Vihar, Delhi

Free GOLD COIN Free
A 2 Z FINANCE Ltd.
ଦିପାବଳୀ ଧମାକା
3 ଲକ୍ଷରୁ 5 କୋଟି
ଆଧାରକାର୍ଡ, ମାର୍କଶିଟ, ପ୍ରପର୍ଟି, ସମସ୍ତ ଋଣ ଘରେ ବସି
ସୁଧ 0% ରୁ 6%
9506060250
Add :- 41/14, Sec-1 Pushp Vihar, Delhi

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) ଖାଲି ଜମି ଉପରେ ଡିଜିଟାଲ୍ ଟାୱାର ଲାଗନ୍ତୁ। ଅଗ୍ରିମ ୨୦,୦୦୦,୦୦, ଭଡ଼ା 70,000, 60,000ର ଅନ୍ୟାନ୍ୟ ସୁବିଧା + ଏକ ବାଇକ୍ + 1 ଲାପଟପ୍ ଫ୍ରି। ନୋଟ୍- (ଇଚ୍ଛୁକ ବ୍ୟକ୍ତି ନାମ, document Gmail/ଫୋନ୍ କରନ୍ତୁ।)
7302090964
2/2250, Rambagh Colony, Ramghat Road, Gali No.4 Tehsil- Koil, Dist- Aligarh

FINANCE
No File Charge No Guarantor
KMB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ। 0% ସୁଧ 50% ଛାଡ। ଘରେ ବସି ପାଆନ୍ତୁ
Apply Online From Home
Lane No - 5, MG Road, Bangalore
8445013573
7895667899

M. GROUP FINANCE
freedom Economic Services
• Personal Loan
• Business Loan
• Salary Slip Loan
1% interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
BALASORE
9776040555, 9668427353
GANJAM
8895847878, 9439636215
Email: freedomeconomicservices@gmail.com
Block Chack, Balasore-756027

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

ସାକ୍ଷୀ ଫାଇନାନ୍ସ
ଋଣ ଋଣ ଋଣ
ସରକାରୀ ଜନକଲ୍ୟାଣ ଋଣ ମାତ୍ର 24 ଘଣ୍ଟାରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍‌ଚର, ସୁଧ 1% ବାର୍ଷିକ, ରିହାତି 45% (ମହିଳାଙ୍କ ପାଇଁ ବିଶେଷ ରିହାତି)
At: 208, Jiwan Park, Delhi - 110059
Mob: 07310616779

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଡିଜିଟାଲ ଉପକରଣ
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଗ୍ରୁପ୍। ନିଜର ଖାଲି ଜମି, ଛାତ, ଘର, କ୍ଷେତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ ୨୦,୦୦,୦୦୦, ଭଡ଼ା ୨୦,୦୦୦ + 20,000ର ଅନ୍ୟାନ୍ୟ ସୁବିଧା। କୋର୍ଟ ଏଗ୍ରୀମେଣ୍ଟ। ନୋଟ୍:- (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8810506876
8445779128
Address: House No.2, New Town, St. No.6, Delhi 110053

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି। ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ। 30% ସବସିଡି।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

ବ୍ୟବସାୟ
Regd. Company ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଆଡ୍‌ଭାନ୍ସ 75 ଲକ୍ଷ
ଭଡ଼ା 65,000
ନୋ ଏଗ୍ରିମେଣ୍ଟ ଫିସ୍
7065954352
8802183109
T-51, Gali No.8, Gautampuri, Delhi-110053

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଯୌତୁକ ନିର୍ଯାତନା ଅଭିଯୋଗ: ସ୍ୱାମୀ ଗିରଫ

ଭାପୁର,୧।୧୦(ଡି.ଏନ୍.ଏ.)- ୧୦ବର୍ଷ ଦାମ୍ପତ୍ୟ ଜୀବନ ବିତାଇବା ପରେ ଜଣେ ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯାଇଛି। ଫତେଗଡ ଥାନାରେ ଏ ନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁକରି ସୋମବାର ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ଫତେଗଡ଼ ଥାନା ବିଜିପୁର ଗ୍ରାମ କୁମ୍ଭାରସାହିର କମଳା ମୁଦୁଲି ୧୦ବର୍ଷ ପୂର୍ବେ ଏହି ଥାନା ପଦ୍ମାବତୀ ପଞ୍ଚାୟତ ତଳମାରଡ଼ା ଗ୍ରାମର ଅରକ୍ଷିତ ମୁଦୁଲିଙ୍କୁ ବିବାହ କରିଥିଲେ। ଉଭୟଙ୍କର ୨ ସନ୍ତାନ ମଧ୍ୟ ଅଛନ୍ତି। ଏପରିସ୍ଥଳେ ଅଧିକ ଯୌତୁକ ପାଇଁ ଶାଶୁଘର ଲୋକେ କମଳାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ନିର୍ଯାତନା ଅସହ୍ୟ ହେବାରୁ ନିଜେ କମଳା ତାଙ୍କ ସ୍ୱାମୀଙ୍କ ବିରୋଧରେ ଫତେଗଡ଼ ଥାନାରେ ରବିବାର ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ୧୮୭/୧୮ରେ ମାମଲା ରୁଜୁ କରି ଅରକ୍ଷିତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।

### ଟାଙ୍ଗିଆରେ ଆକ୍ରମଣ କରି ଜଣେ ଗିରଫ

**ଓଡ଼ଗାଁ,୧।୧୦(ସ୍ୱ.ପ୍ର.):** ଓଡ଼ଗାଁ ଥାନା ବାହାଡ଼ାଝୋଲା ଫାଣ୍ଡି ଅନ୍ତର୍ଗତ ବେରୁଆଁବାରୀ ଗ୍ରାମରେ ଜଣେ ଅନ୍ୟଜଣଙ୍କୁ ଟାଙ୍ଗିଆରେ ଆକ୍ରମଣ କରି ଗିରଫ ହୋଇଛନ୍ତି। ଅଭିଯୋଗ ଅନୁସାରେ ଗ୍ରାମର ପ୍ରମୋଦ କୁମାର ସାହୁ (୪୬) ଶିବ ମନ୍ଦିର ନିକଟରେ ଠିଆହୋଇଥିବା ବେଳେ ପ୍ରଭାତ କୁମାର ସାହୁ ପହଞ୍ଚି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପ୍ରମୋଦ କାରଣ ପଚାରିବାରୁ ପ୍ରଭାତ ଉତ୍ତ୍ୟକ୍ତ ହୋଇ ଧରିଥିବା ଟାଙ୍ଗିଆରେ ତାଙ୍କ ଡାହାଣ ହାତକୁ ଚୋଟ ପକାଇଥିଲେ । ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନା ଓ ପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେ ଅଦ୍ୟାବଧି ସେଠାରେ ଚିକିତ୍ସିତ ହେଉଥିବା ପରିବାର ସୂତ୍ରରୁ ପ୍ରକାଶ । ଏ ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ପରେ ପୋଲିସ ପ୍ରଭାତଙ୍କ ବିରୋଧରେ ଏକ ମାମଲା (ନଂ.୧୯୮/୧୮) ରୁଜୁ କରିବା ସହିତ ସୋମବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ହେଲେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

### ଭାଜପା ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**ଖଣ୍ଡପଡା,୧।୧୦(ସ୍ୱ.ପ୍ର.):** ଭାଜପା ପକ୍ଷରୁ ସ୍ୱଚ୍ଛତା ହିଁ ସେବା ସଚେତନତା କାର୍ଯ୍ୟକ୍ରମ ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଶିଖରପୁର,କୋସକା ପଞ୍ଚାୟତ ଅନ୍ତର୍ଗତ ମଧୁପୁର ଓ ସିଧାମୂଳା ପଞ୍ଚାୟତର ରାଜକିଆରୀ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା କ୍ୟାପ୍‌ଟେନ୍ ଶିବପ୍ରସାଦ ଭଞ୍ଜଙ୍କ ନେତୃତ୍ୱରେ ଭାଜପା କର୍ମକର୍ତ୍ତାଙ୍କ ସମେତ ପୂର୍ବତନ ମଣ୍ଡଳ ସଭାପତି ପ୍ରସନ୍ନ କୁମାର ସାହୁ, ଶିଖରପୁର ଇଲେଭେନ୍ ଷ୍ଟାର କ୍ରିକେଟ କ୍ଲବର ସଦସ୍ୟ ମିଳିତ ହୋଇ ଦାଣ୍ଡକୁ ପରିଷ୍କାର ପରିଛନ୍ନ କରିବା ସହ ସାଧାରଣରେ ସଚେତନତା ସୃଷ୍ଟି କରିଥିଲେ। ସ୍ଥାନୀୟ ଅଞ୍ଚଳ ପ୍ରମୁଖ ବ୍ୟକ୍ତିମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ୧୧ରେ ଛାତ୍ରସଂସଦ ନିର୍ବାଚନ

# କଲେଜ କ୍ୟାମ୍ପସ ଚଳଚଞ୍ଚଳ

**ନୟାଗଡ଼ ଅଫିସ,୧।୧୦**

- କ୍ୟାମ୍ପେନିଂରେ ମାତିଲେଣି ପ୍ରାର୍ଥୀ
- ଫୋକସ୍‌ରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ

ଚଳିତମାସ ୧୧ ତାରିଖରେ ହେବ ଛାତ୍ରସଂସଦ ନିର୍ବାଚନ। ହାତରେ ଆଉ ମାତ୍ର କିଛିଦିନ ଥିବାରୁ ଆଶାୟୀ ପ୍ରାର୍ଥୀମାନେ ଏବେ କ୍ୟାମ୍ପେନିଂରେ ମାତିଲେଣି। କଲେଜର ବିଭିନ୍ନ ବିଭାଗକୁ ଯାଇ ଛାତ୍ରୀଛାତ୍ରଙ୍କୁ ନିଜ ସପକ୍ଷରେ ଭୋଟ ଦେବାକୁ କହିବା ଆରମ୍ଭ କରିଦେଲେଣି। ଜିଲାରେ ଥିବା ଅନେକ କଲେଜରେ ଏହି ସମାନ ଦୃଶ୍ୟ। ଜିଲାର ୮ ବ୍ଲକରେ ନାମୀଦାମୀ କଲେଜ ଥିଲେ ମଧ୍ୟ ରାଜନେତାମାନଙ୍କର ପ୍ରଥମ ପସନ୍ଦ ପାଲଟିଛି ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ। ଏଠାରେ କେଉଁ ଦଳର ସମର୍ଥିତ ପ୍ରାର୍ଥୀ ଜିତୁଛନ୍ତି ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ୪ବର୍ଷ ହେଲା ନିର୍ବାଚନ ମାଧ୍ୟମରେ କେହି ସଭାପତି ହୋଇ ନ ଥିବାରୁ ଏହାକୁ ନେଇ ଉତ୍କଣ୍ଠା ବଢ଼ିଯାଇଛି। ୨୦୧୪ ଓ ୨୦୧୫ରେ ମହାବିଦ୍ୟାଳୟରେ ଛାତ୍ରସଂସଦ ନିର୍ବାଚନ ବାତିଲ୍ ହୋଇଥିବା ବେଳେ ୨୦୧୬ ନିର୍ବାଚନରେ ଅନ୍ୟାନ୍ୟ ପଦବୀ ପାଇଁ ନିର୍ବାଚନ ହୋଇଥିଲା। ସଭାପତି ପ୍ରାର୍ଥୀ ମନୋଜ କୁମାର ନାୟକ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ। ପୂର୍ବବର୍ଷ ସେପ୍ଟେମ୍ବର ୧୬ ତାରିଖ ନାମାଙ୍କନ ଦାଖଲ ଦିନ ଉତ୍ତେଜନା ସହ ଗଣ୍ଡଗୋଳ ହୋଇଥିବାରୁ ନିର୍ବାଚନ ବାତିଲ ହୋଇଥିଲା। ଫଳରେ ଚଳିତବର୍ଷ କଲେଜର ସଭାପତି ପ୍ରାର୍ଥୀଙ୍କୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। କେହି ପ୍ରାର୍ଥୀ ନିର୍ବାଚିତ ହେବେ ନା ମନୋନୀତ ହେବେ ସେ ନେଇ ଆଶା ଆଶଙ୍କା ଲାଗିରହିଛି। ଏପରିସ୍ଥଳେ କଲେଜ ଖଟି, କ୍ଲାସ ରୁମ୍ ସହ ଡ଼ୋର୍ ଟୁ ଡ଼ୋର୍ କ୍ୟାମ୍ପେନିଂ ଜୋର୍ ଧରିଲାଣି। ତେବେ ସୋସିଆଲ ମିଡ଼ିଆରେ ସବୁଠାରୁ ଅଧିକ କ୍ୟାମ୍ପେନିଂ ହେଉଥିବା ଦେଖିବାକୁ ମିଳିଛି। ଅନ୍ୟପଟେ କଲେଜ ଆଗରେ ସ୍ୱାଗତ ନାମରେ ପୋଷ୍ଟର ଛାଇଗଲାଣି। ନୟାଗଡ଼ ଜିଲାର ବିଭିନ୍ନ ମହାବିଦ୍ୟାଳୟରେ ଭିନ୍ନ ଭିନ୍ନ ଦଳ କଲେଜକୁ ଅକ୍ତିଆର କରିବା ପାଇଁ ପ୍ରୟାସ କଲେଣି। ସେଥିପାଇଁ ପ୍ରମୁଖ ଦଳର ନେତାମାନେ ପ୍ରାର୍ଥୀ ଚୟନ କରି ସାରିଲେଣି। ପୁଣି ଆଉ କିଛି ଦଳ ସେମାନଙ୍କର ପ୍ରାର୍ଥୀ ଚୟନରେ ଲାଗିଛନ୍ତି। ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସଭାପତି ପ୍ରାର୍ଥୀ ଭାବେ ଦୁଇଜଣ ମଇଦାନକୁ ଓହ୍ଲାଉଥିବା ଶୁଣିବାକୁ ମିଳୁଛି। ଜଣେ ବିଜେଡ଼ି ସମର୍ଥିତ ଓ ଆଉ ଜଣେ ସ୍ୱାଧୀନ ବୋଲି ଚର୍ଚ୍ଚା ହେଉଛି। ସେହିଭଳି ସହରସ୍ଥିତ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ମଧ୍ୟ ରାଜନୈତିକ ଉଷ୍ମତା ବାରି ହୋଇପଡୁଛି। ସୂଚନାଯୋଗ୍ୟ ସୋମବାର କଲେଜ ପକ୍ଷରୁ ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଛି। ୩ ତାରିଖ ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ଭିତରେ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିବେ। ଉକ୍ତଦିନ ଅପରାହ୍ନ ୨ଟାରୁ ୪ଟା ଭିତରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ୪ ତାରିଖ ପୂର୍ବାହ୍ନ ୧୧ଟାରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଉକ୍ତ ଦିନ ଅପରାହ୍ନ ୨ଟାରୁ ୪ଟା ପ୍ରାର୍ଥୀମାନେ ନାମାଙ୍କନ ପତ୍ର ପ୍ରତ୍ୟାହାର କରିପାରିବେ। ସେହିଦିନ ଅପରାହ୍ନ ୫ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୦ ତାରିଖରେ ହ୍ୱାଇ ଆଇ ଷ୍ଟାଣ୍ଡ ଫର ମିଟିଂ ଅନୁଷ୍ଠିତ ହେବ। ୧୧ ତାରିଖ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯିବ। ଅପରାହ୍ନ ୨ଟା ପରେ ଭୋଟଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ୧୨ ତାରିଖରେ ବିଜୟୀ ପ୍ରାର୍ଥୀମାନେ ଶପଥ ଗ୍ରହଣ କରିବେ।


ଛାତ୍ରମାନେ ଆଶାୟୀ ପ୍ରାର୍ଥୀଙ୍କ ଲାଗି କ୍ୟାମ୍ପେନିଂ କରୁଛନ୍ତି।

# ଖବରଦାତାଙ୍କୁ ସୁରକ୍ଷା ଓ ଭତ୍ତା ପ୍ରଦାନ ପାଇଁ ଦାବିପତ୍ର

**ନୟାଗଡ଼ ଅଫିସ,୧।୧୦**

ଖବରଦାତାଙ୍କୁ ସୁରକ୍ଷା ଓ ଅବସରକାଳୀନ ଭତ୍ତା ପ୍ରଦାନ ନେଇ ସୋମବାର ଉତ୍କଳ ସାମ୍ବାଦିକ ସଂଘ ନୟାଗଡ ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଜିଲା ସଭାପତି ଶ୍ରୀକାନ୍ତ କୁମାର ଖଟେଇଙ୍କ ନେତୃତ୍ୱରେ ପ୍ରଥମେ ଏକ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ରାଜ୍ୟରେ ପ୍ରତିଦିନ ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଖବରଦାତାଙ୍କ ଉପରେ ହେଉଥିବା ମାଡ଼ ଘଟଣାକୁ ନିନ୍ଦା କରାଯାଇଥିଲା। କିଛି ରାଜନୈତିକ ବ୍ୟକ୍ତିବିଶେଷ, ଦଳୀୟ ସମର୍ଥକ, ଅସାମାଜିକ ବ୍ୟକ୍ତି ଏପରି କି ପୋଲିସ ମଧ୍ୟ ଆକ୍ରମଣ କରୁଛି। ଏହା ଦ୍ୱାରା ଜଣେ ଖବରଦାତାଙ୍କ କଣ୍ଠରୋଧ କରାଯାଉଛି। ଅନ୍ୟପକ୍ଷରେ ଜଣେ ବ୍ୟକ୍ତି ଦୀର୍ଘଦିନ ସାମ୍ବାଦିକତା କରି ଅବସର ନେବା ପରେ ଦୟନୀୟ ଅବସ୍ଥାରେ ଅବଶିଷ୍ଟ ଜୀବନ ନିର୍ବାହ କରିବା ଘଟଣା ଚିନ୍ତାଜନକ। ତେଣୁ ସେମାନଙ୍କୁ ଅବସରକାଳୀନ ଭତ୍ତା ପ୍ରଦାନ କରିବା ଉପରେ ଆଲୋଚନା କରିଥିଲେ। ପରେ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଡ. ଏନ୍ ତିରୁମାଲା ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ଆଦର୍ଶ କୁମାର ପଟ୍ଟନାୟକ, ଖବରଦାତା ବୈଦ୍ୟଭୂଷଣ ମହାପାତ୍ର, ପ୍ରଦୀପ୍ତ ରଥ, ନବକିଶୋର ମିଶ୍ର, ରିତେନ୍ଦ୍ର ଛାଟୋଇ, ପୁରୁଷୋତ୍ତମ ମହାପାତ୍ର, ନୀଳକଣ୍ଠ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

**ମାଡ଼ ଘଟଣାକୁ ତୀବ୍ର ନିନ୍ଦା**

ସେହିଭଳି ଶରଣକୁଳ ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ମଧ୍ୟ କାର୍ଯ୍ୟରତ ଖବରଦାତାଙ୍କ ପ୍ରତି ହେଉଥିବା ଆକ୍ରମଣକୁ ନିନ୍ଦା କରାଯାଇଛି। ନିକଟରେ ବାଲେଶ୍ୱର ଓ ପୁରୀଠାରେ ଖବରଦାତାଙ୍କୁ ଆକ୍ରମଣ କରିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରାଯାଇଛି। ୪ର୍ଥ ସ୍ତମ୍ଭ କୁହାଯାଉଥିବା ଖବରଦାତାଙ୍କୁ ସୁରକ୍ଷା ଦିଆ ନ ଗଲେ ଗଣତନ୍ତ୍ର ଭୁଶୁଡ଼ିପଡ଼ିବ ବୋଲି ସଂଘର କର୍ମକର୍ତ୍ତାମାନେ ମତପ୍ରକାଶ କରିଥିଲେ। ସଂଘ ସଭାପତି ଭଗବାନ ମହାପାତ୍ରଙ୍କ ସମେତ ଜୟକୃଷ୍ଣ ସାହୁ, ସୁବ୍ରତ କୁମାର ସାହୁ, ସତ୍ୟବାନ ନାୟକ, ସୁଶାନ୍ତ କୁମାର ଜେନା, ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଖବରଦାତାମାନେ।

## ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ

# ବରିଷ୍ଠ ନାଗରିକଙ୍କୁ କୋଣଠେସା



ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ଗଣିଆ,୧।୧୦(ଡି.ଏନ୍.ଏ.)**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସୋମବାର ଗଣିଆ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀକକ୍ଷଠାରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ମାର୍କଣ୍ଡ ପ୍ରଧାନ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ସରୋଜ କୁମାର ନାୟକ, ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା, ସରପଞ୍ଚ ସଂଘର ସଭାପତି ପ୍ରଫୁଲ୍ଲ କୁମାର ବେହେରା, ଛାମୁଣ୍ଡିଆ ସରପଞ୍ଚ ମଙ୍ଗୁଲୁ ସାହୁ, ଆଡ଼କଟା ସମିତି ସଭ୍ୟ ଚନ୍ଦ୍ରଶେଖର ସାହୁ ଓ ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ନାଗରିକମାନଙ୍କ କ୍ଷେତ୍ରରେ ସ୍ୱାସ୍ଥ୍ୟଗତ ସମସ୍ୟା ଓ ପାରିବାରିକ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ସମାଜକୁ ଦିଗ୍‌ଦର୍ଶନ ଦେଉଥିବା ଏହି ବରିଷ୍ଠ ନାଗରିକମାନଙ୍କୁ ଉଚିତ ସମ୍ମାନ ଦେବା ପରିବର୍ତ୍ତେ ନିର୍ଯାତନା ଦିଆଯାଉଛି। ପରିଣତ ବୟସରେ କୋଣଠେସା କରି ରଖାଯାଉଛି ବୋଲି ବରିଷ୍ଠ ନାଗରିକମାନେ ନିଜର ମତପ୍ରକାଶ କରିଥିଲେ।

**ସମ୍ମାନ ପରିବର୍ତ୍ତେ ଦିଆଯାଉଛି ନିର୍ଯାତନା**

ବରିଷ୍ଠ ନାଗରିକମାନଙ୍କ ନିରାପତ୍ତା ପାଇଁ ସରକାର ସେଭଳି କିଛି ଆଖିଦୃଶିଆ ସାହାଯ୍ୟ ସହଯୋଗ କିମ୍ବା ପଦକ୍ଷେପ ଗ୍ରହଣ କରିନାହାନ୍ତି ବୋଲି ବୈକୁଣ୍ଠନାଥ ସାହୁ ମତବ୍ୟକ୍ତ କରିଥିଲେ। ବରିଷ୍ଠ ନାଗରିକଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା, ମାସିକ ୩ ଶହ ଟଙ୍କା ଭତ୍ତା ପରିବର୍ତ୍ତେ ୧ ହଜାର ଟଙ୍କା ପ୍ରଦାନ କରିବା ଓ ସେମାନଙ୍କ ପାଇଁ ରେଳଯାତ୍ରା ବେଳେ ରିହାତି ଭଡ଼ା ଉପଲବ୍ଧ ଥିବା ଭଳି ବସ୍‌ରେ ଯାତ୍ରା କଲା ବେଳେ ରିହାତି ଭଡ଼ା ବ୍ୟବସ୍ଥା କରାଯିବା ଉଚିତ ବୋଲି ଦାବି ଉପସ୍ଥାପନ ହୋଇଥିଲା। ସେହିପରି ଅସହାୟ ବରିଷ୍ଠ ନାଗରିକଙ୍କ ପାଇଁ ବ୍ଲକ ସ୍ତରରେ ଜରା ନିବାସ ବା ବୃଦ୍ଧ ନିବାସ କରାଯିବା ଏକାନ୍ତ ଆବଶ୍ୟକ ବୋଲି ବରିଷ୍ଠ ନାଗରିକମାନେ ଦାବି କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇଥିଲେ।

# ବଳାତ୍କାର ଅଭିଯୋଗରେ ଜଣେ ଗିରଫ,ମହିଳା ଗୁରୁତର

**ରଣପୁର,୧।୧୦(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ଥାନା ଅଞ୍ଚଳରେ ରବିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ବନ୍ଧୁ ଘରକୁ ବୁଲିବାକୁ ଆସିଥିବା ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ବଳାତ୍କାର ଅଭିଯୋଗରେ କେଦାର ପ୍ରଧାନ (୪୩) ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୋଗରୁ ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ଜଣେ ମହିଳା (୪୦) ରଣପୁର ଥାନା ଅଞ୍ଚଳରେ ଥିବା ତାଙ୍କ ବନ୍ଧୁ ଘରକୁ ବୁଲିବା ପାଇଁ ଆସିଥିଲେ । ରାତ୍ର ୯ଟାରେ ନିଜ ଘରକୁ ଯାଉଥିଲା ବେଳେ ଏକୁଟିଆ ଦେଖି କେଦାର ତାଙ୍କୁ ଜୋରଜବରଦସ୍ତି ଉଠାଇ ନେଇ ନିକଟସ୍ଥ ଜଙ୍ଗଲରେ ବଳାତ୍କାର କରି ଫେରାର ହୋଇଯାଇଥିଲେ। ମହିଳାଙ୍କ ଚିତ୍କାର ଶୁଣି କେତେକ ଲୋକ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ମହିଳାଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଏ ନେଇ ସୋମବାର ରଣପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ୨୦୧/୧୮ରେ ଏକ ମାମଲା ରୁଜୁ କରିଛି। ରଣପୁର ଥାନା ଅଧିକାରୀ ଚକ୍ରପତି କହଁର ଚଢାଉ କରି ଅଭିଯୁକ୍ତ କେଦାରଙ୍କୁ ତାଙ୍କ ଗ୍ରାମରୁ ଗିରଫ କରିଛନ୍ତି। ତାଙ୍କୁ ଡାକ୍ତରୀମାଇନା କରାଯାଇଥିବାବେଳେ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ । ସୂଚନାଯୋଗ୍ୟ, ଅଭିଯୁକ୍ତ କେଦାର ବିବାହିତ ଥିବାବେଳେ ତାଙ୍କର ୩ ପୁଅ ଝିଅ ଅଛନ୍ତି। ସେ ପୂର୍ବରୁ ମଧ୍ୟ ୩ରୁ ଉର୍ଦ୍ଧ୍ୱ ବଳାତ୍କାର ମାମଲାରେ ଜେଲ ଯାଇ କିଛିମାସ ହେବ ବେଳରେ ଆସିଛନ୍ତି ।

# ଓଡ଼ଗାଁ କଲେଜରେ ପ୍ରାକ୍ ନିର୍ବାଚନୀ ହିଂସା

**ଓଡ଼ଗାଁ,୧।୧୦(ସ୍ୱ.ପ୍ର.)**

କଲେଜ ନିର୍ବାଚନ ନିମନ୍ତେ ବିଗୁଲ ବାଜୁ ବାଜୁ ସ୍ଥାନୀୟ ରଘୁନାଥ ସମବାୟ ମହାବିଦ୍ୟାଳୟରେ ସୋମବାର ଅପରାହ୍ନ ପ୍ରାୟ ୧ଟାରେ ପ୍ରାକ୍ ନିର୍ବାଚନୀ ହିଂସା ଦେଖାଦେଇଥିଲା। ସୂଚନା ଅନୁସାରେ ଯୁକ୍ତ ୨ର କେତେକ ଛାତ୍ର ହଠାତ୍ ମେଳି ହୋଇ କମନ ରୁମରେ ବିଶୁଦ୍ଧ ପାନୀୟ ଜଳ ନିମନ୍ତେ ଏକ ଆରଓ ମେସିନ ଲଗାଇବା ଦାବିରେ କଲେଜ ଫାଟକରେ ତାଲା ପକାଇଥିଲେ। ଅଧ୍ୟାପକମାନେ ବୁଝାଶୁଝା କରିବା ସହିତ ଲିଖିତ ଭାବେ ଦେବା ପାଇଁ ସେମାନଙ୍କୁ କହିଥିଲେ। ସେମାନେ ଏ ନେଇ ଲେଖା ପ୍ରସ୍ତୁତ କରୁଥିଲେ। ଏହି ସମୟରେ ଆଗାମୀ ନିର୍ବାଚନ ନିମନ୍ତେ ପ୍ରସ୍ତୁତ ହେଉଥିବା କେତେକ ଯୁକ୍ତ ୩ ଛାତ୍ର ସେଠାରେ ପହଞ୍ଚି ଯୁକ୍ତ ୨ ପିଲାଙ୍କୁ ପଚରାଉଚୁରା କରିବା ସହିତ ସେମାନଙ୍କ ଦରଖାସ୍ତକୁ ଚିରି ଫୋପାଡି ଦେଇଥିଲେ। ପରେ ପରସ୍ପର ମଧ୍ୟରେ ଠେଲାପେଲା ହେବା ସହିତ ସାମାନ୍ୟ ମାରପିଟ ହୋଇଥିଲା। ଏତିକି ବେଳକୁ କେହି ଜଣେ ଯୁକ୍ତ ୩ ଛାତ୍ର କଲେଜ ମୁଖ୍ୟ ଫାଟକରେ ପୁଣି ଥରେ ତାଲା ପକାଇଦେବାରୁ ପରିସ୍ଥିତି ଜଟିଳ ହେବାରେ ଲାଗିଥିଲା। ସ୍ଥାନୀୟ ଥାନା ଅଧିକାରୀ ଅନିଲ କୁମାର ପ୍ରଧାନ ସେଠାରେ ପହଞ୍ଚି ମାମଲାର ଆପୋସ ସମାଧାନ କରାଇଥିଲେ । ପରେ କଲେଜରୁ ତାଲା ଖୋଲାଯାଇଥିଲା। ଅନ୍ୟପକ୍ଷେ କଲେଜ କର୍ତ୍ତୃପକ୍ଷ ଘଟଣାରେ ସମ୍ପୃକ୍ତ ସମସ୍ତ ଛାତ୍ରଙ୍କଠାରୁ ଲିଖିତ ଅଣ୍ଡରଟେକିଂ ରଖଥିବା ବେଳେ ସେମାନେ ଏ ନେଇ କୌଣସି ହିଂସା କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିବା ଭାରପ୍ରାପ୍ତ ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ ସୂଚନା ଦେଇଛନ୍ତି।

SIKKIM STATE LOTTERIES
SHRI PUJA BUMPER
1 CRORE
MRP ₹ 100/-
4th Draw on 20.10.2018
1st Prize
2nd Prize 10 Lakhs
And Many More Attractive Prizes
POSTAGE FREE Tickets worth Rs. 1000/- will be sent by Regd. Post. Send BANK DRAFT / MONEY ORDER with full ADDRESS and PIN CODE to the following address
Patrons are requested to give their Mobile nos., So that delivery of tickets are done without hassle
AREA STOCKIST VIRA AGENCY 173 M.G. ROAD, KOLKATA-700007 Ph: 033-22680568 / 9874285573

CLASSIFIED DISPLAY

Puja Offer!
Buy any 4 Passenger CAR Radial Tyres & Get a Wrist Watch Absolutely FREE
* T & C Apply
Offer Period: 1st - 31st Oct, 2018
MICHELIN BRIDGESTONE TRIANGLE CEAT apollo MRF
RAJDHANI TYRES
Shop No.: 3 & 4, Metro Enclave, Cuttack Road (Near Okil Bagh), Bhubaneswar
Branch: PPL Colony, Khandagiri, Bhubaneswar

NON WOVEN BAG & PAPER CUP MACHINE
Full Automatic & Manual Non Woven Bag, Paper Cup & Plate Making Machines are Available Earn Monthly ₹ 20,000/- to ₹ 2,00,000/- with Buy Back Agreement
BLU IMPEX
NEAR BIG BAZAR, PATIA, BHUBANESWAR.
8106447191

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
9650446732 9971793786

ଅଶ୍ୱିନୀ ଅପସ୍ମାର ବାତ କ୍ଲିନିକ୍
ବାରମ୍ବାର ଅପସ୍ମାର ବାତରେ ପୀଡ଼ିତ ରୋଗୀମାନେ ପ୍ରତି ଶନିବାର ଦିବା ୯ଟାରୁ ୧୨ ଘଟିକା ମଧ୍ୟରେ ଅଶ୍ୱିନୀ ହସ୍ପିଟାଲ୍‌ର ଅପସ୍ମାର ବାତ କ୍ଲିନିକ୍‌ରେ ଚିକିତ୍ସା ପରାମର୍ଶ କରିପାରିବେ।
ASHWINI HOSPITAL
ଯୋଗାଯୋଗ - ୭୮୯୪୪୬୦୪୪୩

ଜାତୀୟ ଡିଜାଇନ ସଂସ୍ଥାନ
NATIONAL INSTITUTE OF DESIGN
ଶିକ୍ଷାବର୍ଷ ୨୦୧୯-୨୦ ପାଇଁ, ଜାତୀୟ ଡିଜାଇନ ସଂସ୍ଥାନ ଭାରତୀୟ ଏବଂ ଅନ୍ତର୍ଜାତୀୟ ଆବେଦନକାରୀଙ୍କଠାରୁ ନିମ୍ନଲିଖିତ କାର୍ଯ୍ୟକ୍ରମ ଲାଗି ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରୁଛି:
ବ୍ୟାଚେଲର୍ ଅଫ୍ ଡିଜାଇନ୍
(ବି.ଡିଇଏସ୍. - ୪ବର୍ଷ) ଏନ୍‌ଆଇଡି ଅହମ୍ମଦାବାଦ କ୍ୟାମ୍ପସ୍‌ଠାରେ
ମାଷ୍ଟର୍ ଅଫ୍ ଡିଜାଇନ୍
(ଏମ୍.ଡିଇଏସ୍. - ୨.୫ ବର୍ଷ) ଏନ୍‌ଆଇଡି ଅହମ୍ମଦାବାଦ, ଗାନ୍ଧୀନଗର ଏବଂ ବେଙ୍ଗାଲୁରୁ କ୍ୟାମ୍ପସ୍‌ଠାରେ
ଗ୍ରାଜୁଏଟ୍ ଡିପ୍ଲୋମା ପ୍ରୋଗ୍ରାମ୍ ଇନ୍ ଡିଜାଇନ୍
(ଜିଡିପିଡି - ୪ ବର୍ଷ) ଏନ୍‌ଆଇଡି ବିଜୟୱାଡ଼ା ଓ ଏନ୍‌ଆଇଡି କୁରୁକ୍ଷେତ୍ରଠାରେ
ଜାତୀୟ ଡିଜାଇନ ସଂସ୍ଥାନ ହେଉଛି ଏନ୍‌ଆଇଡି ଅଧିନିୟମ (୨୦୧୪ର ୧୮) ଦ୍ୱାରା ଏକ ଜାତୀୟ ମହତ୍ତ୍ୱଧାରୀ ଅନୁଷ୍ଠାନ ଏବଂ ଡିଆଇପିପି, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ବୈଧାନିକ ଅନୁଷ୍ଠାନ। ଏନ୍‌ଆଇଡି ବିଜୟୱାଡ଼ା ଓ ଏନ୍‌ଆଇଡି କୁରୁକ୍ଷେତ୍ର ଡିଆଇପିପି, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ସ୍ୱାଧୀନ ସ୍ୱୟଂଶାସିତ ଅନୁଷ୍ଠାନ।
ନାମଲେଖା
ଅନ୍‌ଲାଇନ୍ ଦରଖାସ୍ତ ଦାଖଲର ଶେଷ ତାରିଖ
ଶୁକ୍ରବାର, ୦୯ ନଭେମ୍ବର, ୨୦୧୮
ବିଳମ୍ବ ଦେୟ ସହିତ ଅନ୍‌ଲାଇନ୍ ଦରଖାସ୍ତ ଦାଖଲର ଶେଷ ତାରିଖ
ସୋମବାର, ୧୯ ନଭେମ୍ବର, ୨୦୧୮
ଡିଜାଇନ୍ ଆପ୍ଟିଚ୍ୟୁଡ୍ ପରୀକ୍ଷା (ଡିଏଟି) ପ୍ରିଲିମ୍ସ
ରବିବାର, ୦୬ ଜାନୁୟାରୀ, ୨୦୧୯
୨୦୧୯-୨୦
ଅଧିକ ସୂଚନା ପାଇଁ ଦୟାକରି ପରିଦର୍ଶନ କରନ୍ତୁ:
http://admissions.nid.edu
davp 05216/11/0001/1819

## ସଂକ୍ଷେପରେ

### ବୃଉଙ୍ଗ ସେତୁ ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ଦଶପଲ୍ଲା,୧।୧୦(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ କୁଜାମେଣ୍ଡି ପଞ୍ଚାୟତର ବଣି, ପ୍ରଧାନପଡା, ମୁଣ୍ଡୁଲି, ଟିକିଡଇଲା, ପୋଡମ୍ବା, ଦୁଡା ପଞ୍ଚାୟତର ଗାଡିଆପଡା, କୁରୁଚାଙ୍ଗି, ଶିରିଶିରା ଓ କନ୍ଧମାଳ ଜିଲା ଚକାପାଦ ବ୍ଲକ ତଲମୁଣ୍ଡୁଲା, ତିଲାବାଡି, ବାକଟି, ପାଇକଟିରା, ଗଡପଦର, ଲୋକିଡିକିଆ ଗ୍ରାମର ଗ୍ରାମବାସୀ ସୋମବାର ବୃଉଙ୍ଗ ସେତୁ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ନୟାଗଡ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏଥିପାଇଁ ଏହି ୩ ପଞ୍ଚାୟତକୁ ନେଇ ସୁକନ୍ୟା ଆଞ୍ଚଳିକ ମଞ୍ଚ ଗଠନ କରାଯାଇଛି। ଦାବି ପୂରଣ ନ ହେଲେ ଏହି ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଏହାର ସଭାନେତ୍ରୀ ଶୁଶିଳା ସାହୁ ଓ ସମ୍ପାଦିକା ମାମି ନାୟକ ପ୍ରକାଶ କରିଛନ୍ତି। ୨୦୧୭-୧୮ ଆର୍ଥିକ ବର୍ଷରେ ବିଜୁ ସେତୁ ଯୋଜନାରେ ଏହାକୁ ସାମିଲ କରାଯାଇଥିବା ବେଳେ ଏବେ ବି ଏହି ସେତୁ ପାଇଁ ଟେଣ୍ଡର ହୋଇନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

### ଅଙ୍ଗନୱାଡ଼ି ସଂଘର ବୈଠକ



**ନୟାଗଡ଼ ଅଫିସ,୧।୧୦:** ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ରବିବାର ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାନେତ୍ରୀ ଜ୍ୟୋତ୍ସ୍ନାମୟୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ଜିଲା ସମ୍ପାଦିକା ସୁଶ୍ରୀ ସଙ୍ଗୀତା ମହାପାତ୍ର ଯୋଗଦେଇ ସଙ୍ଗଠନର ବିଭିନ୍ନ ସମସ୍ୟା କିପରି ସମାଧାନ ହେବ ସେ ନେଇ ଆଲୋଚନା କରିଥିଲେ। ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସହସମ୍ପାଦକ ତଥା ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ ଯୋଗଦେଇ ଅଙ୍ଗନୱାଡ଼ି କର୍ମୀମାନଙ୍କୁ କେନ୍ଦ୍ର ସରକାର ତାର ଅଂଶଧନ ପାରିଶ୍ରମିକ ନ ଦେଇ ସେମାନଙ୍କୁ ବ୍ୟବହାର କରି ରାଜନୈତିକ ଫାଇଦା ନେବାର ହୀନ ଚକ୍ରାନ୍ତକୁ କଟୁ ସମାଲୋଚନା କରିଥିଲେ। ପାରିଶ୍ରମିକ ବୃଦ୍ଧି, ଗ୍ରୀଷ୍ମକାଳୀନ ଛୁଟି, ପଦୋନ୍ନତି, ଅଙ୍ଗନୱାଡ଼ି ଓ ମିନି ଅଙ୍ଗନୱାଡ଼ିର ସମାନତା, ଗାଁ କଲ୍ୟାଣ ସମିତିର ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଯୁକ୍ତାବାଳା ମହାପାତ୍ର, ସଂଯୁକ୍ତା ଦାସ, ସବିତା ସେଠୀ, ସାବିତ୍ରୀ ମିଶ୍ର, ସବିତା ସ୍ୱାଇଁ, କବିତା ସ୍ୱାଇଁ, କଳ୍ପନା ଦଳେଇ ଆଲୋଚନାରେ ଅଂଶଗ୍ରହଣ କରି ବିଜୁ ଶ୍ରମିକ ସାମ୍ମୁଖ୍ୟ ଭୂମିକାକୁ ପ୍ରଶଂସା କରିବା ସହ ରାଜ୍ୟ ସରକାର ରାଜ୍ୟର ଅଂଶଧନଠାରୁ ଅଧିକ ପାରିଶ୍ରମିକ ବୃଦ୍ଧି କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

### ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ



**ନୟାଗଡ଼ ଅଫିସ,୧।୧୦:** ଜିଲା ବ୍ଲଡ଼ ବ୍ୟାଙ୍କ୍ ଆନୁକୂଲ୍ୟରେ ସୋମବାର ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରଣପୁରର ପୂର୍ବତନ ବିଧାୟକ ତଥା ଜୀବନ ବିନ୍ଦୁର ରାଜ୍ୟ ସଂଯୋଜକ ସତ୍ୟନାରାୟଣ ପ୍ରଧାନ ଏହି ଶୋଭାଯାତ୍ରା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ବ୍ଲଡ଼ ବ୍ୟାଙ୍କ୍ ଅଧିକାରୀ ଡ. ଅଜୟ କୁମାର ବାହିନୀପତି ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରୁ ଶୋଭାଯାତ୍ରା ସହର ପରିକ୍ରମା କରି ଲୋକମାନଙ୍କୁ ରକ୍ତ ଦାନ ବିଷୟରେ ସଚେତନ କରାଇଥିଲେ। ଶୋଭାଯାତ୍ରାରେ ନର୍ସିଂ କଲେଜର ଛାତ୍ରୀ, ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ଛାତ୍ରୀ ଓ ଆଶାକର୍ମୀମାନେ ଯୋଗଦେଇଥିଲେ।

### ଧର୍ମ ପରାୟଣା ମହିଳାଙ୍କ ପରଲୋକ

**ଖଣ୍ଡପଡା,୧।୧୦(ସ୍ୱ.ପ୍ର.):** କଣ୍ଟିଲୋ ଅଞ୍ଚଳର ଧର୍ମପରାୟଣା ମହିଳା ଲାବଣ୍ୟ ଦେଈ(୯୦)ଙ୍କ ସୋମବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ ମହିଳା ଭାବେ ପରିଚିତା ଥିଲେ। ଦୀର୍ଘ ବର୍ଷ ଧରି ସେ ସ୍ଥାନୀୟ କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟକରି ଛାତ୍ରୀ ଓ ଶିକ୍ଷକମାନଙ୍କର ପ୍ରିୟ ଭାଜନ ହୋଇ ପାରିଥିଲେ। ପିଲାମାନେ ତାଙ୍କୁ ସ୍ନେହରେ ନାନୀ ବୋଲି ଡାକୁଥିଲେ। ସ୍ଥାନୀୟ ମହାନଦୀ କୂଳ ମହିମା ଆଶ୍ରମ ପାଖ ଶ୍ମଶାନ ଘାଟରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଗାନ୍ଧୀ ସ୍ମୃତି ଚାରଣ କରୁଛି ବାଣପୁରର ବରଗଛ

## ଗାନ୍ଧୀ ଜୟନ୍ତୀରେ ବୋଲଗଡରେ ସ୍ମୃତି ଚାରଣ

**ଖୋର୍ଦ୍ଧା ଅଫିସ,୧।୧୦**

ଜାତିର ପିତା ମହାତ୍ମା ଗାନ୍ଧୀ ଖୋର୍ଦ୍ଧା ଜିଲାର ବୋଲଗଡ ଓ ବାଣପୁରକୁ ଆସିଥିଲେ। ଗାନ୍ଧୀ ନାହାନ୍ତି, ହେଲେ ବଞ୍ଚି ରହିଛି ସ୍ମୃତି। ବାଣପୁରରେ ଗାନ୍ଧୀ କରିଥିବା ସଭାର ମୂକ ସାକ୍ଷୀ ସେଇ ବରଗଛ ଏଯାବତ ସ୍ମୃତିଚାରଣ କରୁଛି। ସେହିପରି ବୋଲଗଡରେ ଗାନ୍ଧୀ ଜୟନ୍ତୀରେ ସ୍ମୃତିଚାରଣ କରି ଗାନ୍ଧୀଙ୍କ ବୋଲଗଡ ଆଗମନର ବାର୍ତ୍ତାକୁ ଏଯାବତ ବଣ୍ଟନ ଚାଲିଛି। ବୋଲଗଡର ନାରାୟଣ ସେବା ସଂଘ ପକ୍ଷରୁ ନିଶା ନିବାରଣ ସଚେତନତା ପ୍ରତିବର୍ଷ କରାଯାଉଛି। ୧୯୨୭ ଡିସେମ୍ବର ୮ ର ଘଟଣା। ଗାନ୍ଧୀ ଅବିଭକ୍ତ ପୁରୀ ଜିଲାରେ ପାଦ ଦେଇ ବାଣପୁରକୁ ଆସିଥିଲେ। ପଣ୍ଡିତ ଗୋଦାବରୀଶ ମିଶ୍ର ଓ ତାଙ୍କ ସହକର୍ମୀ ତାଙ୍କୁ ପାଛୋଟି ବାଣପୁରର ଅସ୍ଥାୟୀ ଆଶ୍ରମରେ ରଖାଇଥିଲେ। ସେହି ଆଶ୍ରମ ସ୍ଥାନରେ ଥିଲା ଏକ ବରଗଛ। ସମ୍ପୃକ୍ତ ସ୍ଥାନରେ ଗାନ୍ଧୀ ସଭା କରି କହିଥିଲେ ଭଗବାନଙ୍କ ବ୍ୟତୀତ ଅନ୍ୟ କାହାକୁ ଭୟ କର ନାହିଁ। ସଭାରେ ଇଂରେଜଙ୍କ ଦମନଲୀଳା ଓ ଆତଙ୍କରାଜ ସ୍ଥାନ ପାଇଥିଲା। ସବୁ ଶୁଣି ଗାନ୍ଧୀ ଭୟଭୀତ ନ ହୋଇ ନିର୍ଭୀକ ହେବାକୁ ପରାମର୍ଶ ଦେଇ କହିଥିଲେ। ସେଦିନର ଗାନ୍ଧୀଙ୍କ ଭାଷଣ ସ୍ଥାନୀୟ ବାସିନ୍ଦାଙ୍କୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରିଥିଲା। ସେହି ସଭାରେ ୨୨୫ ଟଙ୍କା ସଂଗ୍ରହ କରାଯାଇ ଗାନ୍ଧିଜୀଙ୍କୁ ଦିଆଯାଇଥିଲା। ବାଣପୁରର ଆଦିବାସୀମାନେ ଭେଟି ଦେଇଥିବା ପନିପରିବା ସଭାରେ ନିଲାମ ହୋଇଥିଲା। ସେହିଦିନ ରାତ୍ରୀ ଯାପନ କରି ୯ ତାରିଖ ଅପରାହ୍ନ ୨ଟା ପର୍ଯ୍ୟନ୍ତ ରହିଥିଲେ। ତେବେ ଗାନ୍ଧୀ ଅସୁସ୍ଥ ହୋଇପଡିବାରୁ ଗସ୍ତ କାର୍ଯ୍ୟରେ କାଣ୍ଟଛାଟ କରି ବୋଲଗଡ ରଖାଯାଇଥିଲା। ୯ ତାରିଖରେ ଗାନ୍ଧିଜୀ ପହଞ୍ଚିବା ପରେ ଅସୁସ୍ଥତା ଅନୁଭବ କରିବାରୁ ୩ଦିନ ବୋଲଗଡରେ ରହି ଯାଇଥିଲେ। ରହଣି ସମୟରେ ଲୋକଙ୍କର ସୁବିଧା ଅସୁବିଧା ପଚାରି ବୁଝିଥିଲେ। ନିକଟସ୍ଥ ଚୁଡା ଗାଁକୁ ଯାଇ ସେଠାରେ ମହିଳାଙ୍କୁ ଅରଟରେ ସୂତା କାଟିବାକୁ କହିଥିଲେ। ଏଠାରେ ହିନ୍ଦୁ ମୁସଲମାନ ଏକାଠି ରହୁଥିବା ଦେଖି ଖୁସି ବ୍ୟକ୍ତ କରିଥିଲେ। ଛୁଆଁ ଅଛୁଆଁ ଭେଦଭାବ ନ ରଖିବା ପାଇଁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଏଭଳିସ୍ଥଳେ ଖୋର୍ଦ୍ଧା ଜିଲାରେ ଦୁଇବର୍ଷ ଧରି ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ହେବ। ଏ ଅବସରରେ ଏକ ପ୍ରସ୍ତୁତି ଉତ୍ସବ ଶନିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜୟନ୍ତୀ ପାଳନ ଉତ୍ସବ ଅବସରରେ ଜିଲାର ବିଭିନ୍ନ ବିଦ୍ୟାଳୟଗୁଡିକରେ ପ୍ରଭାତ ଫେରୀ, ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଓ ଦେଶାତ୍ମବୋଧକ ସଙ୍ଗୀତ ଆଦି ପ୍ରତିଯୋଗିତା କରାଯିବ। ଛୋଟ ଛୋଟ ପିଲାମାନଙ୍କୁ ଗାନ୍ଧିଜୀଙ୍କ ଉପରେ କାହାଣୀମାନ କୁହାଯିବା ସହ ଗାନ୍ଧୀ ବେଶ ପ୍ରତିଯୋଗିତା ବିଦ୍ୟାଳୟରେ ହେବ। ସେହିପରି ପୌରପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବିଭିନ୍ନ ସ୍ଥାନ ସଫେଇ, ବୃକ୍ଷରୋପଣ, ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସଫେଇ, ରଙ୍ଗ ଦେବା, ମାଲ୍ୟାର୍ପଣ କରାଯିବ ବୋଲି ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ତେବେ ଗାନ୍ଧୀଙ୍କ ସ୍ମୃତିଚାରଣ କରୁଥିବା ବରଗଛ ମୂଳେ ଏକ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଗଲେ ଭଲ ହୁଅନ୍ତା ବୋଲି ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ ଗାନ୍ଧୀଙ୍କ ସ୍ମୃତି ଚାରଣ ପାଇଁ ଆଲୋଚନା ଭିତ୍ତିରେ କାର୍ଯ୍ୟ କରିବାକୁ ଗାନ୍ଧୀ ଜୟନ୍ତୀ ଉପଯୁକ୍ତ ଦିବସ ବୋଲି କୁହାଯାଇଛି।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି

# ୧୬୩ଟି ମାମଲାର ଫଇସଲା



ଜିଲାପାଳଙ୍କ ଅଭିଯୋଗ ଶୁଣାଣି ବେଳେ ଫାଟକ ନିକଟରେ ଭିଡ଼।

**ନୟାଗଡ଼ ଅଫିସ,୧।୧୦**

ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ଏନ. ତିରୁମାଲା ନାୟକ୍‌ଙ୍କ ଦ୍ୱାରା ହୋଇଥିବା ଏହି ଶିବିରରେ ଏସ୍‌ପି ଶଶୀଭୂଷଣ ଶତପଥୀ ଯୋଗ ଦେଇ ବିଭିନ୍ନ ଅଭିଯୋଗ ଉପରେ ଶୁଣାଣି କରିଥିଲେ। ବ୍ୟକ୍ତିଗତ ଭାବେ ୧୪୫ଟି ଅଭିଯୋଗ ଶୁଣି ତାହାର ଫଇସଲା କରିଥିଲେ। ଗ୍ରାମ ସମସ୍ୟା ୧୮ ଅଭିଯୋଗର ଶୁଣାଣି କରିଥିଲେ। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୧୬ଜଣଙ୍କୁ ମୋଟ ୧ ଲକ୍ଷ ୬୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ (ପିଡ଼ି) ଅନାମ ଚରଣ ପାତ୍ର, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ଲାଇନ ବିଭାଗର ସମସ୍ତ ଅଧିକାରୀ ଯୋଗ ଦେଇଥିଲେ। ଅଭିଯୋଗ ଶୁଣାଣି ଚାଲିଥିବାବେଳେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଟ୍ରାଫିକ୍ ସମସ୍ୟା ଦେଖିବାକୁ ମିଳିଥିଲା। ପାଖାପାଖି ମାସେ ହେଲା ଜିଲାପାଳଙ୍କ ଫାଟକ ମରାମତି ହେଉଥିବାରୁ ତହସିଲ୍ କାର୍ଯ୍ୟାଳୟ ଆଗରେ ଏକ ରାସ୍ତା ଖୋଲାଯାଇଛି।

# ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନରେ ସାମିଲ ହେଲା ବାଳିକା ଉଚ୍ଚ ବିଦ୍ୟାଳୟ

**ନୟାଗଡ଼ ଅଫିସ,୧।୧୦**

ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନରେ ସାମିଲ ହୋଇଛି ନୟାଗଡ଼ ସହରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀମାନେ ସୋମବାର ଦୈନିକ ଓଡ଼ିଆ ଖବର କାଗଜ ଧରିତ୍ରୀ ଓ ଇଂରାଜୀ ଖବର କାଗଜ ଓଡ଼ିଶା ପୋଷ୍ଟର ପ୍ଲାଷ୍ଟିକ୍ ମୁକ୍ତ ଓଡ଼ିଶା ଅଭିଯାନରେ ସାମିଲ ହୋଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀମାନେ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଅଭିଯାନକୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶିକ୍ଷକ କୈଳାସ ଚନ୍ଦ୍ର କର, ଯୋଗେନ୍ଦ୍ର ନାୟକ, ଶିକ୍ଷୟିତ୍ରୀ ସୁକାନ୍ତି ମହାନ୍ତି, ପ୍ରଭାସିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ପ୍ଲାଷ୍ଟିକ ଜିନିଷଠାରୁ ଦୂରେଇରହିବା ପାଇଁ ଛାତ୍ରୀମାନେ ଶପଥ ନେଇଥିଲେ।



ପ୍ଲାଷ୍ଟିକ ମୁକ୍ତ ଅଭିଯାନରେ ସାମିଲ ହୋଇଥିବା ଛାତ୍ରୀ ଓ ଶିକ୍ଷୟିତ୍ରୀଶିକ୍ଷକ।

# ପିତୃଋଣ ଶୁଝିବା ଲକ୍ଷ୍ୟରେ ଆରମ୍ଭ ହୋଇଛି ପିଣ୍ଡଦାନ

**ଖଣ୍ଡପଡା,୧।୧୦(ସ୍ୱ.ପ୍ର.)**

ଭାଦ୍ରବ ମାସ ପୂର୍ଣ୍ଣମୀ ପରେ ଆରମ୍ଭ ହୋଇଛି ଅପରପକ୍ଷ(ପିତୃପକ୍ଷ)। ପିତୃଋଣ ଶୁଝିବା ଲକ୍ଷ୍ୟରେ କରାଯାଉଛି ଶ୍ରାଦ୍ଧ,ତର୍ପଣ ଓ ପିଣ୍ଡଦାନର କାର୍ଯ୍ୟକ୍ରମ। ଜଣେ ଗୃହସ୍ଥ ପକ୍ଷରେ ଜୀବଦଶା ମଧ୍ୟରେ ପାଞ୍ଚଗୋଟି ଋଣ ଶୁଝିବାର ବ୍ୟବସ୍ଥା ରହିଛି। ସେଥିମଧ୍ୟରୁ ପିତୃଋଣ ଅନ୍ୟତମ । ମାତା ପିତାଙ୍କ ଋଣ ଶୁଝିବା ପୁତ୍ର ପକ୍ଷେ ଆଦୌ ସମ୍ଭବ ନୁହେଁ । ତେଣୁ ମାତା ପିତାଙ୍କ ତୃପ୍ତି ବିଧାନ ପାଇଁ ଏହି ଦିନଠାରୁ ପିତୃ ପୁରୁଷଙ୍କ ନାମରେ ଶ୍ରାଦ୍ଧ, ତର୍ପଣ ଓ ପିଣ୍ଡଦାନର କାର୍ଯ୍ୟକ୍ରମ ପାଳନ କରାଯାଉଛି । ଏହି ଅବସରରେ ସ୍ଥାନୀୟ ଅଞ୍ଚଳର କେତେକ ବ୍ୟକ୍ତି ଶ୍ରାଦ୍ଧ ଦେଉଥିବା ବେଳେ ଜୀବର ମୃତ୍ୟୁ ପରେ ସେହି ଆତ୍ମା ଦେବତା,ମନୁଷ୍ୟ,ପଶୁପକ୍ଷୀ,ଭୂତ ପ୍ରେତ,ବୃକ୍ଷଲତା ଆଦି ଯେ କୌଣସି ଦେହ ପାଇଥାଏ ବୋଲି ପୁରୋହିତ କାର୍ଯ୍ୟ ସମ୍ପନ୍ନ କରୁଥିବା ପ୍ରଦୀପ୍ତ କୁମାର କର କହିଥିଲେ। ବେଦର ପରାମର୍ଶ ଅନୁସାରେ ମାତା ଓ ପିତା ଦେବତା ଅଟନ୍ତି। ଆଉ ଦେବ ପିତୃ କାର୍ଯ୍ୟରେ ଅବହେଳା କରିବା ଆଦୌ ଉଚିତ ନୁହେଁ। ଏଣୁ ପ୍ରତ୍ୟେକ ଜ୍ୟେଷ୍ଠପୁତ୍ର ନିଜ ପିତୃଗଣଙ୍କ ତୃପ୍ତି ଓ ନିଜର କଲ୍ୟାଣ ପ୍ରାପ୍ତି ପାଇଁ ଶ୍ରାଦ୍ଧ, ତର୍ପଣ ଆଦି କରିବା ଜରୁରୀ ଅଟେ ବୋଲି ଅନେକ ବୁଦ୍ଧି ଜୀବୀ ମତ ପ୍ରକାଶ କରିଛନ୍ତି ।



ଜନୈକ ବ୍ୟକ୍ତି ପିଣ୍ଡଦାନ କରୁଛନ୍ତି।

## ଦୁର୍ଗାପ୍ରସାଦରେ ଆମ ପୋଲିସ ସମିତି ବୈଠକ

**ନୟାଗଡ଼ ଅଫିସ,୧।୧୦:** ରବିବାର ସନ୍ଧ୍ୟାରେ ଟାଉନ ଥାନା ପୋଲିସ ପକ୍ଷରୁ ଦୁର୍ଗାପ୍ରସାଦ ଗ୍ରାମରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏଏସ୍‌ପି ଦିଲୀପ କୁମାର ସାହାଣୀ, ଏସ୍‌ଡ଼ିପିଓ ରାମଚନ୍ଦ୍ର ସାହୁ, ଏସ୍‌ଆଇ ପ୍ରଦୀପ କୁମାର ସାମଲ ପ୍ରମୁଖ ଯୋଗଦେଇଥିଲେ। ଏଏସ୍‌ପି ସାହାଣୀ ତାଙ୍କ ବକ୍ତବ୍ୟରେ ପୋଲିସ ଓ ଜନତା ମଧ୍ୟରେ କିପରି ସୁସମ୍ପର୍କ ସୃଷ୍ଟି ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ସାଧାରଣ ଜନତା ପୋଲିସର ଆଖି ଓ ପୋଲିସ ଲୋକଙ୍କ ସୁରକ୍ଷା କବଚ ବୋଲି କହିଥିଲେ।

# ବିଶ୍ୱାବସୁଙ୍କ ଗଡ଼ରେ ସନାତନ ଧର୍ମ ମହାସଭା ପାଇଁ ପ୍ରସ୍ତୁତି ବୈଠକ

**ଖଣ୍ଡପଡା,୧।୧୦(ସ୍ୱ.ପ୍ର.)**

ଆସନ୍ତା ୧୩ ତାରିଖ ନଂ ପଞ୍ଚମୀ ଅବସରରେ ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଶ୍ରୀ ନୀଳମାଧବ ଜୀଉଙ୍କ ଆଦ୍ୟ ସେବକ ଭକ୍ତ ବିଶ୍ୱାବସୁ ଶବର ରାଜାଙ୍କ ଗଡ କାଳିଆପଲ୍ଲୀଠାରେ ଗହଣ ଦଳ ଆନୁକୂଲ୍ୟରେ ଏକ ବିଶାଳ ସନାତନ ଧର୍ମ ମହାସଭା ଅନୁଷ୍ଠିତ ହେବ । ଏହି ଅବସରରେ ପ୍ରଶାସିକା ସଞ୍ଜୁକ୍ତା ରାଉତଙ୍କ ଆବାହକତ୍ୱରେ ରବିବାର ଅପରାହ୍ନରେ ଗହଣ ଦଳର ପ୍ରଶାସନିକ ବିଭାଗ ପକ୍ଷରୁ କାଳିଆପଲ୍ଲୀଠାରେ ଏକ ପ୍ରସ୍ତୁତି ବୈଠକ ତଥା ସମ୍ମଳନୀ ଅନୁଷ୍ଠିତ ହୋଇ ଯାଇଛି । ଖୋର୍ଦ୍ଧା ଅଯୋଦ୍ଧା ମଣ୍ଡଳ ଗହଣ ଦଳର ସଭାପତି ସ୍ନେହଲତା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଗହଣ ଦଳ ପ୍ରଶାସନିକ ବିଭାଗ କଟକର ନିନେସ କୁମାର ମାଝି, ଗଜେନ୍ଦ୍ର ବେହେରା, ସୁଦର୍ଶନ ମହାନ୍ତି, ଲକ୍ଷ୍ମଣ ମହାପାତ୍ର, ଧାନଚେଙ୍ଗଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଚନ୍ଦ୍ରମଣି ପ୍ରଧାନ ଓ ରତନପୁରର ଶିବାଜୀ ରାଉତ ପ୍ରମୁଖ ଯୋଗଦେଇ ଆଗାମୀ କାର୍ଯ୍ୟକ୍ରମର ସଫଳତା ତଥା ଶୃଙ୍ଖଳିତ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ । ସୂଚନା ଯୋଗ୍ୟ ଯେ, ଗତ ୧୦ ବର୍ଷ ପୂର୍ବରୁ ଶ୍ରୀନୀଳମାଧବ ପୀଠରେ ଗହଣ ଦଳର ଏକ କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବରେ ସମ୍ପନ୍ନ ହୋଇଥିଲା ।

# ନିଜକୁ ଅସହାୟ ମଣୁଛନ୍ତି ବରିଷ୍ଠ ନାଗରିକ

**ରଣପୁର,୧।୧୦(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ବ୍ଲକ ପ୍ରଶାସନ ତରଫରୁ ସୋମବାର ଅର୍ନ୍ତଜାତୀୟ ବରିଷ୍ଠ ନାଗରିକ ଦିବସ ବ୍ଲକ ସଭାଗୃହରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଡିଓ ମାନସ ରଞ୍ଜନ ସାମଲଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ରବିନାରାୟଣ ମହାପାତ୍ର ,ସମ୍ମାନିତ ଅତଥି ଭାବେ ରଣପୁର ଥାନା ଅଧିକାରୀ ଚକ୍ରପତି କହଁର ,ଚାନ୍ଦପୁର ଜିଲା ପରିଷଦ ସଭ୍ୟ ବିଜୟ କୁମାର ସାହୁ ,ରଣପୁର ବରିଷ୍ଠ ନାଗରିକ ବ୍ଲକ କମିଟିର ଉପଦେଷ୍ଟା ପ୍ରଶନ୍ନ କୁମାର ରଥ,ଏମପିଙ୍କ ବ୍ଲକ ପ୍ରତିନିଧି କିଶୋର କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ଅତିଥିମାନଙ୍କ ପରିଚୟ ବ୍ଲକ ଏସିଇଓ ନିବେଦିତା ଜାନି ଅତିଥି ପରିଚୟ ପ୍ରଦାନ କରିଥିଲେ । ରାଜ୍ୟ ସରକାର ବରିଷ୍ଠ ନାଗରିକ ମାନଙ୍କ ପାଇଁ ବିଭିନ୍ନ ଯୋଜନା ମାନ କରୁଛନ୍ତି । ସେଥିମଧ୍ୟରୁ ପ୍ରତ୍ୟେକ ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରାରେ ବୁଲାଇବା ଅନ୍ୟତମ ବୋଲି ମୁଖ୍ୟ ଅତିଥି ବିଧାୟକ କହିଥିଲେ । ପ୍ରତ୍ୟେକ ବ୍ଲକରେ ବରିଷ୍ଠ ନାଗରିକଙ୍କ ପାଇଁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ଗୃହ ନିର୍ମାଣ କରାଯିବ ବୋଲି କହିଥିଲେ। ଏହି ଅବସରରେ ୩୭ ପଞ୍ଚାୟତର ଶତାଧିକ ବରିଷ୍ଠ ମହିଳା ପୁରୁଷ ଯୋଗ ଦେଇଥିଲେ । ବୃନ୍ଦାବନପୁର ପଞ୍ଚାୟତର ବରିଷ୍ଠ ନାଗରିକ ସଂଘର ସଭାପତି ବସନ୍ତ କୁମାର ବାରିକ ଧନ୍ୟବାଦ ଦେଇଥିଲେ।

**ନୂଆଗାଁ, (ଡି.ଏନ.ଏ.):** ନୟାଗଡ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ସଭାଗୃହ ମଧ୍ୟରେ ସୋମବାର ବରିଷ୍ଠ ନାଗରିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନୂଆଗାଁ ବିଡିଓ ଶିରିୟାଲ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମକୁ ବ୍ଲକ ଏସିଓ ନରେଶ କୁମାର ସ୍ୱାଇଁ ପରିଚାଳନା କରିଥିଲେ। ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବନମାଳୀ ପ୍ରଧାନ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟସେବା ଓ ବିଭିନ୍ନ ରୋଗ ବିଷୟରେ ସଚେତନ କରାଇଥିଲେ। ବର୍ତ୍ତମାନ ସମାଜର ବିଭିନ୍ନ କ୍ଷେତ୍ରରେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ଅଣଦେଖା କରାଯିବା ସହ ସେମାନଙ୍କୁ ସେମାନଙ୍କ ମୌଳିକ ସୁବିଧାରୁ ବଞ୍ଚିତ କରାଯାଉଛି। ଏପରିକି ନିଜ ପରିବାର ଲୋକମାନେ ମଧ୍ୟ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ଅଲୋଡା ବୋଲି ବିବେଚନା କରି ନାନାପ୍ରକାର ହଇରାଣ କରୁଛନ୍ତି । ଖାଇବାକୁ ମଧ୍ୟ ଦେଉନାହାନ୍ତି । ଫଳରେ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ନିଜକୁ ଅସହାୟ ମଣୁଛନ୍ତି । ତେଣୁ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ସରକାର ବିଭିନ୍ନ ଆଇନ ପ୍ରଚଳନ କରି ଅବହେଳିତ ଲୋକଙ୍କୁ ନିଜର ଅଧିକାର ବିଷୟରେ ଅବଗତ କରାଉଛନ୍ତି । ଏହି ସଚେତନତା କାର୍ଯ୍ୟକ୍ରମରେ ନୂଆଗାଁ ଥାନା ଅଧିକାରୀ, ତହସିଲଦାର, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କୁ ଡକାଯାଇଥିଲେ ମଧ୍ୟ କେବଳ ଚିକିତ୍ସାଧିକାରୀଙ୍କ ବ୍ୟତୀତ ଅନ୍ୟ କେହି ଯୋଗ ଦେଇ ନ ଥିଲେ । ଫଳରେ ଯୋଗ ଦେଇଥିବା ବରିଷ୍ଠ ନାଗରିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

**ଓଡ଼ଗାଁ,(ସ୍ୱ.ପ୍ର.):** ଚଳିତ ବର୍ଷ ପ୍ରଥମ କରି ଓଡଗାଁ ବ୍ଲକ ସମ୍ମିଳନୀ ଗୃହରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଛି। ବ୍ଲକ ଅଧ୍ୟକ୍ଷା ମମତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଅତିରିକ୍ତ ବିଡିଓ ପରମାନନ୍ଦ ଜେନା, ଜିଲା ପରିଷଦ ସଦସ୍ୟ ବିଭୁ ପ୍ରସାଦ ସାହୁ ଓ ଥାନା ଆଇଆଇସି ଅନିଲ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଅଂଶଗ୍ରହଣ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରି ଏହାକୁ ପରିଚାଳନା କରିଥିଲେ। ସମାରୋହରେ ଶତାଧିକ ବରଷ୍ଠ ନାଗରିକ ଅଂଶ ଗ୍ରହଣ କରିଥିଲେ। ପ୍ରଥମେ ଥାନା ଅଧିକାରୀ ପ୍ରଧାନ ବରିଷ୍ଠ ନାଗରିକଙ୍କ ନିମନ୍ତେ ସରକାରୀ ସ୍ତରରେ ଥିବା ବିଭିନ୍ନ ଅଧିକାର ସମ୍ପର୍କରେ ସୂଚନା ଦେଇଥିଲେ। ଏ ନେଇ ବ୍ୟାପକ ଜନ ସଚେତନତାର ଆବଶ୍ୟକତା ରହିଥିବା ବ୍ଲକ ଅଧକ୍ଷା ବେହେରା ମତବ୍ୟକ୍ତ କରିଥିଲେ ।

**ଦଶପଲ୍ଲା,(ଡି.ଏନ.ଏ.):** ଦଶପଲ୍ଲା ତାଲୁକ ଆଇନ ସେବା କମିଟି ପକ୍ଷରୁ କୋର୍ଟ ପରିସରରେ ସୋମବାର ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଜେଏମଏଫସି ବିଚାରପତି ଶରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ଆଇନଜୀବୀ ଶରତ ଚନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ଦାଶ, ଆଲୋକ ସେନାପତି, ଜୟ ମହାବୀର ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରାଣକୃଷ୍ଣ ବେହେରା ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଚାରପତି ସାହୁ ବରିଷ୍ଠ ନାଗରିକଙ୍କ ପାଇଁ ଥିବା ବିଭିନ୍ନ ଆଇନ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା, ସଂରକ୍ଷଣ ବ୍ୟବସ୍ଥା ଉପରେ ମତ ଦେଇଥିଲେ। ଶେଷରେ ଆଇନଜୀବୀ ଆଲୋକ ସେନାପତି ଧନ୍ୟବାଦ ଦେଇଥିଲେ। ସେହିପରି ଦଶପଲ୍ଲା ପଞ୍ଚାୟତ ସମିତି ପକ୍ଷରୁ ସଦ୍‌ଭାବନା ସଭାଗୃହ ମଧ୍ୟରେ ଏହି ଦିବସ ପାଳିତ ହୋଇଯାଇଛି। ଏଥିରେ ଏବିଡିଓ ଦିବ୍ୟସିଂହ କହଁର, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।



ରଣପୁରଠାରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବରିଷ୍ଠ ନାଗରିକ।



ରଣପୁରଠାରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବରିଷ୍ଠ ନାଗରିକ।

## ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**ନୂଆଗାଁ,୧।୧୦ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ସଭାଗୃହ ମଧ୍ୟରେ ସୋମବାର ଜୀବିକା ମିଶନ ଆନୁକୂଲ୍ୟରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଅନୁଷ୍ଠିତ ହୋଇଯାଇଛି । ସମାଜରୁ ବେକାରି ଓ ଦାରିଦ୍ର୍ୟ ଦୂରୀକରଣ ଜୀବିକା ମିଶନର ମୂଳ ଲକ୍ଷ୍ୟ ଥିବାବେଳେ କିଭଳି ଭାବେ ତାହାକୁ ତ୍ୱରାନ୍ୱିତ କରାଯିବ ସେ ନେଇ ଉକ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ତେଣୁ କିଭଳି ଭାବରେ ବେକାର ଯୁବତୀଯୁବକ ତଥା ମହିଳାମାନଙ୍କୁ ବୁଝାଇ ସ୍ୱାବଲମ୍ବୀ କରାଯାଇପାରିବ ସେନେଇ ଆଲୋଚନା କରାଯାଇଥିଲା। ନୟାଗଡରୁ ଆସିଥିବା ଜିଲା ସ୍ତରୀୟ ପ୍ରଶିକ୍ଷକ (ଡିଏଲଟି) ସୁରଞ୍ଜନ ରଥ, ନିରଞ୍ଜନ ସାହୁ, ପ୍ରୋଜେକ୍ଟ ଆସିଷ୍ଟାଣ୍ଟ ଶ୍ରୀକାନ୍ତ ସାହୁ ଉପସ୍ଥିତ ମହିଳାମାନଙ୍କୁ ବିଶଦ୍ ଭାବେ ବୁଝାଇଥିଲେ । ନୂଆଗାଁ ବ୍ଲକ ଜୀବିକା ମିଶନ କୋ-ଅର୍ଡିନେଟର ଜୟନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ନୂଆଗାଁ ବିଡିଓ ଶିରିୟାଲ ଏସ୍ ପଟେଲ, ନୂଆଗାଁ ବ୍ଲକ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ , ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ।

## ସଂକ୍ଷେପରେ

### ମଦ ଜବତ, ୨ ଗିରଫ

ଗୋପାଳପୁର,୧।୧୦: ଆରୁଆପଲ୍ଲୀ ଓ ଗଉଞ୍ଜୁ ଛକ ନିକଟରେ ଚୋରା ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ଗୋପାଳପୁର ଥାନା ପୋଲିସ ଦୁଇଟି ଗ୍ରାମରେ ଚଢ଼ାଉ କରି ମଦ ପାଉଚ ଜବତ ସହ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି । ସେମାନେ ହେଲେ ଅରୁଆପଲ୍ଲୀ ଗ୍ରାମର ଚନ୍ଦନ ସାହୁ (୨୦), ଗଉଞ୍ଜୁ ଛକର ନରସିଂହ ସାହୁ (୪୦)। ଚୋରା ଦେଶୀମଦ ବିକ୍ରି କରୁଥିବା ରବିବାର ରାତିରେ ପୋଲିସ ଖବର ପାଇ ଚଢ଼ାଉ କରି ଚନ୍ଦନଙ୍କଠାରୁ ୬୫ଟି ମଦ ପାଉଚ ଓ ନରସିଂହଙ୍କଠାରୁ ୨୩ଟି ମଦ ପାଉଚ ଜବତ କରିଛି । ଉଭୟଙ୍କୁ କାବୁ କରିବା ସହ ଏନେଇ ନଂ. ୧୨୨/୧୮ ଓ ୧୨୩/୧୮ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।

### ଏସିଆନ୍ ବଡି ବିଲ୍ଡିଂ ଚାମ୍ପିୟନଶିପରେ ଭାଗନେବେ ବଲାଲ



ଛତ୍ରପୁର,୧।୧୦(ଡି.ଏନ.ଏ.): ମହାରାଷ୍ଟ୍ର ପୁଣେର ବାଲେୱାଡି ମହାଲୁଙ୍ଗିଠାରେ ୫୨ତମ ଏସିଆନ୍ ବଡି ବିଲ୍ଡିଂ ଚାମ୍ପିୟନଶିପ (ମିଷ୍ଟର ଏସିଆ-୨୦୧୮) ମଙ୍ଗଳବାରଠାରୁ ଆରମ୍ଭ ହେବ। ଏହାକୁ ଇଣ୍ଡିଆନ୍ ବଡି ବିଲ୍ଡର୍ସ ଫେଡେରେଶନ ଆୟୋଜନ କରୁଛି। ଏଥିରେ ଭାଗ ନେବା ପାଇଁ ଗଞ୍ଜାମ ଜିଲା ଛତ୍ରପୁରର ବଲାଲ ଖାନ୍ ସୋମବାର ପୁଣେ ଅଭିମୁଖେ ଯାତ୍ରା କରିଛନ୍ତି। ରେଲୱେ ଷ୍ଟେଶନଠାରେ ସ୍ଥାନୀୟ ଲୋକେ ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ପୋଲିସ କର୍ମଚାରୀ ଥିବା ବଲାଲ ଚାମ୍ପିୟନଶିପରେ ୬୫ କି.ଗ୍ରା ବିଭାଗରେ ଭାଗ ନେବେ। ପୂର୍ବରୁ ବଲାଲ ବିଭିନ୍ନ ଚାମ୍ପିୟନଶିପରେ ଭାଗ ନେଇ ସଫଳ ହୋଇଛନ୍ତି। ବଲାଲ ବ୍ରହ୍ମପୁରଠାରେ ଅନୁଷ୍ଠିତ ସିନିୟର ମିଷ୍ଟର ଓଡିଶା ବଡିବିଲଡିଂ ଚାମ୍ପିୟନଶିପରେ ଭାଗ ନେଇ ସ୍ୱର୍ଣ୍ଣ ପଦକ, ପାଟଣାରେ ଅନୁଷ୍ଠିତ ଫେଡେରେଶନ କପ୍ ବଡି ବିଲ୍ଡିଂ ନ୍ୟାଶନାଲସରେ ବ୍ରୋଞ୍ଜ ଓ ଇଷ୍ଟର୍ଣ୍ଣ ଇଣ୍ଡିଆ ବଡି ବିଲ୍ଡିଂ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ପଦକ ପାଇଥିଲେ ।

### କେନାଲରେ ଭାସିଯାଇ ବୃଦ୍ଧାଙ୍କ ମୃତ୍ୟୁ

ଧରାକୋଟ,୧।୧୦(ଡି.ଏନ୍.ଏ.): ଧରାକୋଟ ଥାନା ଜାନବିଲି ଗ୍ରାମର ନିକଟସ୍ଥ ଋଷିକୂଲ୍ୟା କେନାଲରେ ଭାସିଯାଇ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେହେଲେ ତଅପୋଇ ସାହୁ (୭୦)। ସୋମବାର ପୂର୍ବାହ୍ନ ୧୧ଟାରେ ତଅପୋଇ କେନାଲକୁ ଗାଧୋଇବାକୁ ଯାଇଥିବାବେଳେ ଅସାବଧାନତାରୁ ଗୋଡ଼ ଖସିଯିବାରୁ ସେ ଭାସିଯାଇଥିଲେ। ପ୍ରାୟ ଶହେ ମିଟର ପରେ ଜାନବିଲି ନିକଟରେ କାର୍ଯ୍ୟ କରୁଥିବା ବ୍ରହ୍ମପୁର ପିଇବା ପାଣି ପ୍ରକଳ୍ପର କର୍ମଚାରୀମାନେ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସ ଯୋଗେ ଆସିକା ମେଡିକାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଧରାକୋଟ ପୋଲିସ ପହଞ୍ଚି ନଂ. ୧୦/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।



ଧରିତ୍ରୀ, ଓଡ଼ିଶା ପୋଷ୍ଟ ପକ୍ଷରୁ ଚାଲିଥିବା ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନରେ ସିଆରପିଏଫ୍ ଯବାନମାନେ ସାମିଲ ହୋଇଛନ୍ତି ।

## ଧରିତ୍ରୀ, ଓଡ଼ିଶା ପୋଷ୍ଟର ପ୍ଲାଷ୍ଟିକ୍ ମୁକ୍ତ ଓଡ଼ିଶା ଅଭିଯାନ

# ସାମିଲ ହେଲେ ସିଆରପିଏଫ୍ ୧୨୭ ବାଟାଲିୟନ ଯବାନ

ଭଞ୍ଜନଗର,୧।୧୦(ଡି.ଏନ.ଏ.)

ଗାନ୍ଧୀ ଜୟନ୍ତୀରୁ ଓଡ଼ିଶାରେ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲାଗିବ। ଏହାକୁ କଡ଼ାକଡ଼ି ପାଳନ କରିବା ପାଇଁ ସରକାରଙ୍କ ପକ୍ଷରୁ ଯୋଜନା ହୋଇଛି। ସେହିପରି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ମଧ୍ୟ ପ୍ଲାଷ୍ଟିକ୍‌ମୁକ୍ତ ଓଡ଼ିଶା ଅଭିଯାନ ଚାଲିଛି । ଏଥିରେ ପୂର୍ବରୁ ଭଞ୍ଜନଗରର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବୈଜ୍ଞାନିକମାନେ ସାମିଲ ହୋଇଥିବା ବେଳେ ସୋମବାର ସିଆର୍‌ପିଏଫ୍ ୧୨୭ ବାଟାଲିୟନର ଯବାନମାନେ ମଧ୍ୟ ସାମିଲ ହୋଇଛନ୍ତି। ସକାଳେ ଯବାନମାନେ କଲେଜ ରୋଡ଼, ବାଇପାସ୍ ଛକ ଅଞ୍ଚଳରେ ସଫେଇ କରିଥିଲେ। ପରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଚାଲିଥିବା ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନକୁ ସମର୍ଥନ ଜଣାଇବା ସହ ଏପରି କାର୍ଯ୍ୟକ୍ରମକୁ ସିଆରପିଏଫ୍ ଅଧିକାରୀମାନେ ସ୍ୱାଗତ କରିଥିଲେ। କମାଣ୍ଡିଂ ଅଫିସର ଜି.କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋମବାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ହୋଇଥିଲା। ଡେପୁଟି କମାଣ୍ଡିଂ ଅଫିସର ରବିନ୍ ବିଶ୍ୱାସ,ଡେ଼ପୁଟି କମାଣ୍ଡାଣ୍ଟ ଶ୍ରୀଜନ ଆର, ଇନ୍ସପେକ୍ଟର ଏସ୍.ନାଗରାଜୁ ପ୍ରମୁଖ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇ ଯବାନମାନଙ୍କୁ ଉତ୍ସାହିତ କରିଥିଲେ ।

## ଫାଟୁଆ ରୋଗର ନିରାକରଣ ପାଇଁ ଠାକୁରାଣୀଙ୍କୁ ଭରସା କଲେ ଗ୍ରାମବାସୀ

ବୁଗୁଡ଼ା,୧।୧୦(ଡି.ଏନ.ଏ.)

ଆଜିକାଲି ବିଜ୍ଞାନ ଯୁଗରେ ବିଭିନ୍ନ ଅସାଧ୍ୟ ରୋଗର ପ୍ରତିକାର ପାଇଁ ବିଭିନ୍ନ ଔଷଧ ବାହାରୁଥିବା ବେଳେ ବୁଗୁଡ଼ା ବ୍ଲକର ଗୋଲିଆ ଗ୍ରାମର ଗୋରୁ ଗାଈଙ୍କୁ ସଂକ୍ରମିତ ହୋଇଥିବା ଫାଟୁଆ ରୋଗର ପ୍ରତିକାର ପାଇଁ ଗ୍ରାମବାସୀ ଔଷଧ ଅପେକ୍ଷା ଗ୍ରାମର ଗ୍ରାମଦେବତୀଙ୍କ ଉପରେ ଅଧିକ ଭରସା କରୁଛନ୍ତି। କେତେକଙ୍କ ମତରେ ଔଷଧ ଦ୍ୱାରା କିଛି ସୁଫଳ ମିଳୁନଥିବା ବେଳେ ଠାକୁରାଣୀଙ୍କ ପୂଜାର୍ଚ୍ଚନା ଦ୍ୱାରା ଏହି ରୋଗର ପ୍ରତିକାର ହୋଇପାରୁଛି। ଗୋଲିଆ ଗ୍ରାମରେ ପ୍ରାୟତଃ ୫୦୦ରୁ ଉର୍ଦ୍ଧ୍ୱ ଗୋରୁ ଗାଈ, ଛେଳି, ମେଣ୍ଢା ଆଦି ପ୍ରାଣୀମାନେ ଅଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରାୟ ୧ ମାସ ଧରି ଶତାଧିକ ଗୋରୁ ଗାଈଙ୍କୁ ଫାଟୁଆ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ପ୍ରାଣୀଧନ ସହାୟକ ଚିକିତ୍ସା କରୁଥିଲେ ମଧ୍ୟ ଗ୍ରାମବାସୀ ଏହି ରୋଗର ପ୍ରତିକାର ପାଇଁ ଠାକୁରାଣୀଙ୍କ ପୂଜାର୍ଚ୍ଚନା ପ୍ରତି ବିଶେଷ ଧ୍ୟାନ ଦେଇଛନ୍ତି। ସେମାନେ ଗ୍ରାମର ଗ୍ରାମଦେବତୀଙ୍କୁ ସସମ୍ମାନେ ଆଣି ଗ୍ରାମର ବଡ଼ଦାଣ୍ଡରେ ବିଜେ କରାଇ ୧ ମାସ ହେଲା ପୂଜାର୍ଚ୍ଚନା କରୁଛନ୍ତି । ପରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବାଦ୍ୟ ବାଜଣା ସହ ଗ୍ରାମଦେବତୀଙ୍କୁ ପୂଜାର୍ଚ୍ଚନା ସହ ଝୁଣା ଧୂପ ଦୀପ ଦେଇ ଗ୍ରାମର ପ୍ରତ୍ୟେକ ସାହିରେ ପରିକ୍ରମା କରନ୍ତି । ଏଭଳି ପୂଜାର୍ଚ୍ଚନା ଫଳରେ ଫାଟୁଆ ରୋଗ କମିବାର ସମ୍ଭାବନା ଦେଖାଦେଇଛି ବୋଲି ଗ୍ରାମବାସୀ ବିଶ୍ୱାସ କରନ୍ତି । ଗ୍ରାମଦେବତୀଙ୍କ ସାହି ପରିକ୍ରମା କାର୍ଯ୍ୟ ରୋଗ ନିରାକରଣ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଛି । ଏଥିପ୍ରତି ପ୍ରାଣୀ ସମ୍ପଦ ବିଭାଗ ବିଶେଷ ଧ୍ୟାନ ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି ।

## ଶ୍ରେଣୀ ଗୃହରେ ୩ ଛାତ୍ରୀ ଅସୁସ୍ଥ



ଅସୁସ୍ଥ ୩ ଛାତ୍ରୀ।

ଛତ୍ରପୁର,୧।୧୦(ଡି.ଏନ.ଏ.)

ଛତ୍ରପୁର ବ୍ଲକ କଣମଣା ଉଚ୍ଚ ପ୍ରାଥମିକ ସ୍କୁଲର ୩ ଛାତ୍ରୀ ସୋମବାର ପୂର୍ବାହ୍ନରେ ଶ୍ରେଣୀଗୃହରେ ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନେ ହେଲେ ଏସ୍. ଶ୍ରାବଣୀ, ଇତିଶ୍ରୀ ବେହେରା ଓ ରାଜଶ୍ରୀ ପ୍ରଧାନ। ସମସ୍ତେ ୫ମ ଶ୍ରେଣୀ ଛାତ୍ରୀ । ସ୍କୁଲ କର୍ତ୍ତୃପକ୍ଷ ୧୦୮ ଆମ୍ବୁଲାନ୍ସରେ ସେମାନଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ବର୍ତ୍ତମାନ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡିଛି । ସୂଚନାଯୋଗ୍ୟ, ୨୮ ତାରିଖରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନଙ୍କୁ କୃମିନାଶକ ଔଷଧ ଦିଆଯାଇଥିଲା। ଔଷଧ ଖାଇବା ପରେ ଉପରୋକ୍ତ ୩ ଛାତ୍ରୀ ସେତେବେଳେ ଅସୁସ୍ଥ ହୋଇଥିଲେ । ସ୍କୁଲରେ ଡାକ୍ତର ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସୋମବାର ବିଦ୍ୟାଳୟରେ ପୁଣି ଏମାନେ ଅସୁସ୍ଥ ହୋଇପଡିଥିଲେ ।

## ରାସ୍ତା ନିର୍ମାଣ ଲାଗି ଉଚ୍ଛେଦ ଅଭିଯାନ ଆରମ୍ଭ



ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଉଚ୍ଛେଦ ଚାଲିଛି।

ପୁରୁଷୋତ୍ତମପୁର,୧।୧୦(ଡି.ଏନ୍.ଏ.)

ପୁରୁଷୋତ୍ତମପୁରର ରାସ୍ତାନିର୍ମାଣ ଲାଗି ଦୀର୍ଘ ଦିନରୁ ଦାବି ହେଉଥିବାବେଳେ ଏଥିପାଇଁ ସୋମବାର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ତହସିଲଦାର ଅରୁଣ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆର୍‌ଆଇ ଓ ଅମିନମାନେ ରାସ୍ତାର ଉଭୟ ପାର୍ଶ୍ୱରେ ମାପ ଚୁପ କରିଥିଲେ। ପରେ ପୋଲିସ ଫୋର୍ସ ଉପସ୍ଥିତିରେ ଜେସିବି ମେଶିନ୍ ମାଧ୍ୟମରେ ଜବରଦଖଲ ହୋଇଥିବା ଘରକୁ ଉଚ୍ଛେଦ କରାଯାଇଛି। ପ୍ରଥମ ଦିନରେ କୁମାରୀଠାରୁ ଏହି ଅଭିଯାନ ଆରମ୍ଭ ହୋଇଛି। କୁମାରୀଠାରୁ ପୁରୁଷୋତ୍ତମପୁର କୋଳାସିଙ୍ଗି ଛକ ପର୍ଯ୍ୟନ୍ତ ୪ ଥାକିଆ ରାସ୍ତା ନିର୍ମାଣ କରାଯିବ। ରଥସାହି ଛକ, କାଳିମନ୍ଦିର ଛକ ସହରର ଗୁରୁତ୍ୱପୂର୍ଣ୍ଣ ଛକ। ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସେହି ଛକ ରାସ୍ତାରେ ଟ୍ରାଫିକ୍ ପୋଷ୍ଟ ନିର୍ମାଣ ଲାଗି ଜାଗା ଅଧିଗ୍ରହଣ କରିବାକୁ ଜନସାଧାରଣ ଦାବି କରିଛନ୍ତି। ଉଚ୍ଛେଦ ପ୍ରକ୍ରିୟାରେ ନିରପେକ୍ଷତା ଅବଲମ୍ବନ କରିବାକୁ ଜନସାଧାରଣ ଦାବି କରିଛନ୍ତି। ଏହାକୁ ନେଇ ତହସିଲଦାର ନାୟକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ସମ୍ପୂର୍ଣ୍ଣ ନିରପେକ୍ଷ ଭାବେ ସହର ଜାଗାର ମ୍ୟାପ ଓ ଜନସାଧାରଣଙ୍କ ଘର, ଜମିର ପଟ୍ଟା ମ୍ୟାପ୍‌କୁ ଦେଖି ସେହି ପ୍ରକାରେ ଜମି ଚିହ୍ନଟ କରି ଉଚ୍ଛେଦ ପ୍ରକ୍ରିୟା କରାଯାଉଛି। କୌଣସି ଲୋକଙ୍କ ପ୍ରତି ଅନ୍ୟାୟ କରାଯିବ ନାହିଁ।

# ବିଶ୍ରାମାଗାର ନିର୍ମାଣ ଦାବି ଜୋର ଧରିଲା



ପ୍ରଶାସନ, ଆଞ୍ଚଳିକ ଉନ୍ନୟନ କମିଟିର ସଦସ୍ୟମାନେ ଆଲୋଚନା କରୁଛନ୍ତି ।

- ଉପଜିଲାପାଳଙ୍କ ନିକଟରେ ଫେରାଦ
- ମିଳିଲା ନିର୍ମାଣ କାର୍ଯ୍ୟ ପ୍ରତିଶ୍ରୁତି

ଦାରିଙ୍ଗବାଡ଼ି,୧।୧୦(ଡି.ଏନ.ଏ.)

ଦାରିଙ୍ଗବାଡ଼ି ବ୍ଲକ ଚାରିଛକରେ ଥିବା ପୂର୍ବ ନିର୍ଦ୍ଧାରିତ ଜମିରେ ଶୀଘ୍ର ବିଶ୍ରାମାଗାର ନିର୍ମାଣ କରାଯାଉ ବୋଲି ସୋମବାର ଦାରିଙ୍ଗବାଡ଼ି ଆଞ୍ଚଳିକ ଉନ୍ନୟନ କମିଟି ସଭାପତି ଚକ୍ରଧର ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ବିଡିଓଙ୍କ ପ୍ରକୋଷ୍ଠରେ ବାଲିଗୁଡ଼ା ଉପଜିଲାପାଳ ସତ୍ୟକ କ୍ରିଷ୍ଣନ୍ କେପିଙ୍କୁ ଭେଟି ଦାବି କରିଛନ୍ତି । ସେଠାରେ ଦୀର୍ଘ ବର୍ଷ ତଳେ ବିଧାୟକ ପାଣ୍ଠିରୁ ଏକ ବିଶ୍ରାମାଗାର ନିର୍ମାଣ କରାଯାଇଥିଲା, ଏବେ ଏହା ଭାଙ୍ଗି ଯାଇଛି। ନୂତନ ବିଶ୍ରମାଗାର ନିର୍ମାଣ ପାଇଁ ପ୍ରଶାସନ ଜମି ମାପି ସାରିଛି । ଏଥିଲାଗି ଅନୁଦାନ ମଧ୍ୟ ପହଞ୍ଚିଛି। କାହିଁକି ଏହି ନିର୍ମାଣ ବିଳମ୍ବ ହେଉଛି ବୋଲି କମିଟି ପକ୍ଷରୁ ଉପଜିଲାପାଳଙ୍କୁ ପଚରା ଯାଇଥିଲା । ଉକ୍ତ ଜମିପଟ୍ଟା ଦେବୋତ୍ତର କମିଟି ନାମରେ ରହିଥିବା ଉପଜିଲାପାଳ କହିଥିଲେ । ଆଗକୁ ଦୁର୍ଗାପୂଜା ରହିଛି। ଏହା ପରେ ଏହି କାର୍ଯ୍ୟ ନିଶ୍ଚିତ ପ୍ରଶାସନ ହାତକୁ ନେବ ବୋଲି ସେ କହିଥିଲେ । ବିଡିଓ ତ୍ରିଲୋଚନ ପାତ୍ର ମଧ୍ୟ କମିଟି ସଦସ୍ୟଙ୍କୁ କହିଥିଲେ, ଉକ୍ତ ବିଶ୍ରାମାଗାର ନିର୍ମାଣ ପାଇଁ ଜିଲାପାଳ ଅନୁଦାନ ଦେଇସାରିଛନ୍ତି, ନିଶ୍ଚିତ କାର୍ଯ୍ୟ କରାଯିବ । ଏବେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଏହି କାର୍ଯ୍ୟ ପାର୍ବଣ ପରେ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ସହିତ ପାର୍ବଣର କୌଣସି ସମ୍ପର୍କ ନାହିଁ । ବିଶ୍ରାମାଗାର ନିର୍ମାଣ ହେଉ ବୋଲି କମିଟି ସଦସ୍ୟମାନେ ଜିଦ୍‌ରେ ଅଟଳ ରହିଥିଲେ। ବହୁ ସୁଝାଶୁଝା ପରେ କମିଟି ସଦସ୍ୟମାନେ ଏଥିରେ ରାଜି ହୋଇଥିଲେ । ପୂଜା ପର୍ଯ୍ୟନ୍ତ ଅପେକ୍ଷା କରିବ, ନ ହେଲେ ଆନ୍ଦୋଳନ କରିବ ବୋଲି କମିଟି ସଭାପତି ଚକ୍ରଧର ମଲ୍ଲିକ କହିଛନ୍ତି । ସମ୍ପାଦକ ସନ୍ତୋଷ କୁମାର ଦିଗାଳ ଉପଜିଲାପାଳଙ୍କୁ କହିଥିଲେ, ପୂଜା ପରେ ଯଦି ଦେବୋତ୍ତର କମିଟି ସେଠାରେ ବିଶ୍ରାମାଗାର ନିର୍ମାଣକୁ ବିରୋଧ କରେ ତେବେ ପ୍ରଶାସନର ଆଭିମୁଖ୍ୟ କ'ଣ ରହିବ ଉପଜିଲାପାଳ ତାଙ୍କ କହିଥିଲେ, ସେଠାରେ ହିଁ ବିଶ୍ରମାଗର ନିର୍ମାଣ କରାଯିବ ।

ବିଡିଓ ପାତ୍ର କହିଥିଲେ, ସେ ରବିବାର ସନ୍ଧ୍ୟାରେ ଦେବୋତ୍ତର କମିଟି, ବଣିକ ସଂଘକୁ ଡକାଇ ଆଲୋଚନା କରିଛନ୍ତି । ସେମାନେ ମଧ୍ୟ ସେଠାରେ ବିଶ୍ରାମାଗାର କରିବାକୁ ରାଜି ହୋଇଥିବା ଜଣାଇଥିଲେ । ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ଆଇଆଇସି ଅଲେଖ ଗରଡ଼ିଆ, ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ, ଉପସଭାପତି ପ୍ରକାଶ ପ୍ରଧାନ, ନହ ପ୍ରଧାନ, କାଳୀପ୍ରସାଦ ମଲ୍ଲିକ, ପ୍ରଦୀପ ମଲ୍ଲିକ, ବିଦ୍ୟାଧର ମଲ୍ଲିକ, ମହେଶ୍ୱର ପ୍ରଧାନ, ଅଜିତ କୁମାର ପ୍ରଧାନ, ସୁନିଲ ପ୍ରଧାନ ଓ ଜ୍ୟୋତିରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ।

DADLS-124

ଓଡ଼ିଶା ସରକାର

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ନିମନ୍ତେ ରାଜ୍ୟସ୍ତରୀୟ ସମାରୋହ

୦୨ ଅକ୍ଟୋବର, ୨୦୧୮



ସମୟ – ସକାଳ ଘ.୧୦.୧୦ମି. ସ୍ଥାନ : ବିଧାନସଭା ପ୍ରାଙ୍ଗଣ, ଭୁବନେଶ୍ୱର

ପ୍ରାର୍ଥନା ସଭା

ପ୍ରଫେସର ଗଣେଶୀ ଲାଲ, ମାନ୍ୟବର ରାଜ୍ୟପାଳ, ଓଡ଼ିଶା
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ପ୍ରତାପ ଜେନା, ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ
ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ
ଏବଂ ମନ୍ତ୍ରିମଣ୍ଡଳର ମାନ୍ୟବର ସଦସ୍ୟବୃନ୍ଦ, ମାନ୍ୟବର ସାଂସଦ ଓ ମାନ୍ୟବର ବିଧାୟକବୃନ୍ଦ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବେ ।

ପୂର୍ବାହ୍ନ ଘ.୧୧.୩୦ ମି. ଜୟଦେବ ଭବନ ଗାନ୍ଧିଜୀ ଓ ଓଡ଼ିଶା ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀ ।
ଅପରାହ୍ନ ଘ.୪.୩୦ ମି. ରାଜ୍ୟ ଅଭିଲେଖାଗାର ଗାନ୍ଧୀ ଚର୍ଚ୍ଚା
ସନ୍ଧ୍ୟା ଘ.୬.୩୦ ମି. ଜୟଦେବ ଭବନ
ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର ତରଫରୁ ବିଶିଷ୍ଟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ, ହରପ୍ରିୟା ସ୍ୱାଇଁ, ପ୍ରତିଭା ଦାଶ, ପୁଷ୍ପଲତା ମହାଳିକ, ସୁଲଗ୍ନା ରଥ, ପ୍ରଦୀପ ପଲେଇ, ପ୍ରଭାତ ପାତ୍ର, ନଳିନୀକାନ୍ତ ରଥ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ କୁମାର ଦାସ, ଅଧ୍ୟାପକ ଚନ୍ଦନ କୁମାର ଜେନା ଏବଂ ସ୍ୱାଇଲ ମହାନ୍ତି, ସୋନାଲି କର ଓ ବସୁନ୍ଧରା ପରିଡ଼ାଙ୍କ ଦ୍ୱାରା ଗାନ୍ଧୀ ଭଜନ ପରିବେଷଣ ।
ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବାକୁ ଅନୁରୋଧ ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଏବଂ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0269/1819